

# ଆତ୍ମ ପର୍ବ

## (କିପରି ପାଳିବା ଜାଣନ୍ତି ?)


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଚାଞ୍ଚଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅନୁବାଦକ : **ରଘୁନାଥ ମାନସିଂହ**






ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 45 ପ୍ରଥମ ମୁଦ୍ରଣ : March 2023

ସଂଖ୍ୟା : 1000 ମୂଲ୍ୟ : 100/-

# ଯୋଗୀଶ୍ୱରଙ୍କ ଗ୍ରନ୍ଥଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)


୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱର ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ !!
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ× ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ !!
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ କ୍ରୈସ୍ତବ ?
୫୮. ନାସ୍ତିକ-ଆସ୍ତିକ

## ଯୋଗୀଶ୍ୱରଙ୍କ ଶୃଙ୍ଖଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତୈତ ସିଦ୍ଧାନ୍ତ
୬୨. ବାର୍ତ୍ତକ - ବର୍ତ୍ତକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଢିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କଲ୍ମା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଂଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତଂ
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ଶୁନ
୧୦୫. ତତ୍ତ୍ୱାର୍ଥ ଛବିଲ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗ୍ରନ୍ଥାଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୧. ଗୁର୍ତିମ୍ପବଡନିବାଡୁ ଗୁରବୁ
୨. ପୁଟିନରୋଜୁ ଏବରିକି ରାଦୁ
୩. ଦ୍ୱିତୀୟୁଡୁ-ଅଦ୍ୱିତୀୟୁଡୁ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍
୫. ମାୟକୁଡୁ-ଅମାୟକୁଡୁ
୬. ତଲ୍ଲି ତଣ୍ଡ୍ରି-ଗୁରୁ ଦୈବମୁ
୭. ଗୁରୁବୁଲେନି ବିଦ୍ୟା ଗୁଡ୍ଡିବିଦ୍ୟା
୮. ମତମୁଲଲୋ ପବିତ୍ରଯୁଦ୍ଧମୁ
୯. ପ୍ରପଂଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶଂ ମୋସଂ-ଦେହଂ ମୋହଂ
୧୧. ଏଦମିଦା ମୁଦ୍ରା-ତଲ୍ଲିତଣ୍ଡ୍ରି ଗୁର୍ତୁ
୧୨. ମୁଡୁ ପୁଟକାଲୁ-ରେଣ୍ଡୁ ଜାଗାଲୁ
୧୩. ଯୋଗୀଶ୍ୱରୁଲ ଜନ୍ମଦିନ ସଂଦେଶମ୍
୧୪. ତେଲୁଗୁଲୋ ମୁଡୁ-ଆରୁ-ତୁମ୍ମିଦି
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬-ବାୟିଟି ସମାଜମ୍-ଲୋପଲି ସମାଜମ୍
୧୭. ଦେଉନି ଜ୍ଞାନଂ-ମାୟା ମାହାତ୍ମ୍ୟମ୍
୧୮. ମୁଡୁ ନିର୍ମାଣାଲୁ-ଓକ ପରିଶୁଭ୍ରତା
୧୯. ସହଜ ମରଣମ୍-ତାହାଳିକ ମରଣମ୍
୨୦. ମେଘଂ ଓକ ଭୂତଂ-ରୋଗଂ ଓକ ଭୁତଂ
୨୧. କର୍ମ ଲେନି କୃଷ୍ଣୁଡୁ-କର୍ମ ଉନ୍ନା କୃଷ୍ଣୁଡୁ
୨୨. ସ୍ୱାର୍ଥ ରାଜକୀୟଂ (ସ୍ୱ+ଅର୍ଥ ରାଜକୀୟଂ)
୨୩. ଶ୍ରୀକୃଷ୍ଣୁଡୁ ଚନିପୋୟାଡା ? ଗ୍ରମ୍ପବଡ୍ଡାଡା ?
୨୪. ଅନ୍ତିମ ଗ୍ରନ୍ଥମୁଲୋ ପ୍ରଥମ ବାକ୍ୟମୁଲୁ
୨୫. ଇଚ୍ଛାଧିନକାର୍ୟମୁଲୁ-ଅନ୍ନିଚ୍ଛାଧିନ କାର୍ୟମୁଲୁ
୨୬. ଟକ୍କୁଟମାରା,ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮-ତାତା
୨୯. ତଲ୍ଲି , ୩୦-ଭୟଂ
୩୧. ଆତ୍ମାପନି ୩୨-ବଛତଲା
୩୩. ୟାଦବ୍, ୩୪-ଜ୍ଞାନଶକ୍ତି
୩୫. ସମାଧି , ୩୬-୬-୩=୬
୩୭. ସନ୍ତକମ୍ , ୩୮-ପ୍ରଭୂ-ପ୍ରଜା
୩୯. ତ୍ରୈତଶକମ୍, ୪୦. ତୋଲେବାଡୁ
୪୧. ତଲ୍ଲି ତଣ୍ଡ୍ରି, ୪୨. ନଟିଂଚେ ଆତ୍ମା
୪୩. ସଂଚିତ କର୍ମ, ୪୪. ଗୁରୁ ଚିହ୍ନଂ
୪୫. ଆସ୍ତି- ଦୋସ୍ତି, ୪୬. ବେଲୁଗୁବଂଟୁ
୪୭. ଧର୍ମଚକ୍ରଂ, ୪୮. ଦୈବଗ୍ରନ୍ଥମୁ
୪୯. ଭକ୍ତି-ଶ୍ରଦ୍ଧାଲୁ
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷମୁ, ୫୨. ଗ୍ରହୀତଶକ୍ତି
୫୩. ଆଡିଂଚେ ଆତ୍ମା
୫୪. ଏଦି ଶାସ୍ତ୍ରମୁ ?, ୫୫. ଭଗବନ୍ତୁଡୁ
୫୬. ଏଦି ଧର୍ମମୁ ?, ୫୭. ଗୁରୁ ପୌର୍ଣ୍ଣମୀ
୫୮. ଶ୍ରୀକୃଷ୍ଣାଷ୍ଟମୀ, ୫୯. ଗୋରୁ - ଗୁରୁ
୬୦. ଦଶ- ଦିଶାଲୁ, ୬୧. ମାଟା-ମନ୍ଦୁ
୬୨. ସୃଷ୍ଟି - ସୃଷ୍ଟିକର୍ତା
୬୩. କଲିୟୁଗମୁ, ୬୪. ସେବା ଶାତମୁ
୬୫. ପ୍ରକୃତି-ବିକୃତି, ୬୬. ପୈତ୍ୟଂ-ସୈତ୍ୟଂ
୬୭. ନୈଜଂ-ସହଜଂ, ୬୮. ଭକ୍ତି-ଭୟମୁ
୬୯. ସାମ୍ପ୍ରଦାୟମୁ, ୭୦. ଅଦୁରୁ-ବେଦୁରୁ
୭୧. ନି ବେନୁକାବାଡୁ, ୭୨. ଶବମୁ-ଶିବମୁ
୭୩. ଶୈବମୁ-ବୈଷ୍ଣବମୁ,
୭୪. ଧର୍ମମୁ-ଅଧର୍ମମୁ
୭୫. ଦ୍ରାବିଡୁଲୁ-ଆର୍ୟୁଲୁ
୭୬. କାୟି-ପଣ୍ଡୁ-କାୟି, ୭୭. ୟୁଗମୁ-ଯୋଗମୁ
୭୮. ଦେଉନିକି ମତମୁନ୍ନାଦା ?
୭୯. କର୍ମ ମର୍ମମୁ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଚଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

| | |
|---|---|
| ୮୦. ପୁଟ୍ଟୁଟା-ଗିଟ୍ଟୁଟା, ୮୧. ଏକତା-ଏକାଗ୍ରତା | ୧୧୫. ସୁଖମୁ-ଆନନ୍ଦମୁ |
| ୮୨. ଚମତ୍କାର ଆତ୍ମା, ୮୩. ନିଦର୍ଶ-ନିରୂପ | ୧୧୬. କାଲଜ୍ଞାନ ବାକ୍ୟମୁଲୁ |
| ୮୪. ଗୁରୁବୁ ଏବରୁ ?, ୮୫. ତ୍ରୈତ ସିଦ୍ଧାନ୍ତମୁ | ୧୧୭. ଭୌତିକମୁ-ଅଭୌତିକମୁ |
| ୮୬. ସ୍ତ୍ରୀ/ପୁଂ - ଲିଙ୍ଗମୁ, ୮୭. ଜୀର୍ଣ୍ଣ+ଆଶୟମୁ | ୧୧୮. ଦେଉନି ଆଜ୍ଞା-ମରଣମୁ |
| ୮୮. ଶ୍ରୀକୃଷ୍ଣୁଡୁ ଏବରୁ ? | ୧୧୯. ଜ୍ଞାନମୁ ଦଗ୍ଗରା ଜାଗ୍ରତା |
| ୮୯. ଆଟା-ଦୋବୁଚଲାଟା | ୧୨୦. ଚନ୍ଦ୍ରାକାରମୁ(ବଟ୍ଟତଲା) |
| ୯୦. ପ୍ରଜାଲୁ-ମାନବୁଲୁ | ୧୨୧. ଜ୍ଞାନମୁ କଵ୍ଵା ଆଇନ୍ଦି ! |
| ୯୧. ଦନ୍ତମୁ-ଅନ୍ତମୁ, ୯୨. ମତମୁ-ପଥମୁ | ୧୨୨. ଦେଉଡୁ-ଇଦ୍ଦରା ! ଓକରା !! |
| ୯୩. ଏଡୁ ଆକାଶମୁଲୁ, ୯୪. ଅର୍ଥମୁ-ଅପାର୍ଥମୁ | ୧୨୩. ମତ ସାମରସ୍ୟଂ |
| ୯୫. ମୁଡୁ ଗ୍ରନ୍ଥମୁଲୁ, ୯୬. ଗ୍ରନ୍ଥମୁ-ବୋଧା | ୧୨୪. ମୋକ୍ଷମୁ-ମୋସମୁ |
| ୯୭. ପ୍ରଭୁବୁ-ପ୍ରଭୁତ୍ୱଂ | ୧୨୫. ଅକ୍ଷର ଜ୍ଞାନମୁ |
| ୯୮. ଜ୍ଞାନମୁ-ବିଜ୍ଞାନମୁ | ୧୨୬. ଲାଲା ଜଲମୁ |
| ୯୯. ବାର-ମାସ-ବତ୍ସର | ୧୨୭. ଦୈବ ଧର୍ମମୁଲୁ-ମତ ସାମ୍ପ୍ରଦାୟଲୁ |
| ୧୦୦. ଭୂତଂ-ମହାଭୂତଂ | ୧୨୮. ଆହାରମୁ ନିକା ! ନି ଆତ୍ମାକା ! |
| ୧୦୧. ସେକୁବଲି-କୁଲିସେବା | ୧୨୯. ମାତ୍ରା-ମନ୍ଦୁ |
| ୧୦୨. ଆତ୍ମାକୁ ବେଂଟ୍ରକୁଲୁ ଗୁର୍ତ୍ତୁ | ୧୩୦. କାଲଚକ୍ରଂ |
| ୧୦୩. କୋଡିପୁଞ୍ଜୁ-ପାଦରସମ୍ | ୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି |
| ୧୦୪. ଇନ୍ଦୁ ମହାସମୁଦ୍ରମୁ | ୧୩୩. ପୌର୍ଣ୍ଣମୀ-ଅମାବାସ୍ୟା |
| ୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା | ୧୩୪. ଈଶ୍ୱର-ପରମେଶ୍ୱର |
| ୧୦୬. ଅଧର୍ମ ଆରାଧନାଲୁ | ୧୩୫. ପୁରୁଷୋତମ-ଶ୍ରୀରାମ |
| ୧୦୭. ପୁସ୍ତକମୁ-ଗ୍ରନ୍ଥମୁ | ୧୩୬. ଦେଉନିକି ଓକଡେ କୁମାରୁଡୁ-ଦେଉନିକି ଅନେକମନ୍ଦି କୁମାରୁଲୁ |
| ୧୦୮. ହରିକାଲୁ-ହରିଚେୟି | ୧୩୭. ଜଲଂ,୧୩୮- ଅଧିପତି |
| ୧୦୯. ପୁଟଗୋସି-ମୁଲତ୍ରାଡୁ | ୧୩୯. ଗ୍ରହାନ୍ତର ବାସୁଲୁ |
| ୧୧୦. ୧୨୩ ଗୁରୁପୌର୍ଣ୍ଣମୀ | ୧୪୦. ଦେଉଡୁ ଦ୍ୱିତୀୟୁଡା ? ଅଦ୍ୱିତିୟୁଡା ? |
| ୧୧୧. କ୍ଷମିଂଚରାନି ପାପମୁ | ୧୪୧. ଆଧ୍ୟାତ୍ମିକ ପ୍ରଶ୍ନଲୁ-ଜବାବୁଲୁ |
| ୧୧୨. ମରଣମୁ -ଶରୀରମୁ | ୧୪୨. ଗଶରୀରମୁଲୋ ରକ୍ତମୁ-ଗ୍ରନ୍ଥମୁଲୋ ଜ୍ଞାନମୁ |
| ୧୧୩. ଦିବ୍ୟ ଖୁରାନ୍-ହଦୀସୁ | |
| ୧୧୪. ଇନ୍ଦୁ-ହିନ୍ଦୁ | |

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)

ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା

ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

୧.କଳ୍ପନା ସୁନ୍ଦରାୟ:7978498668, ୨.ଏସ୍. ବିଶ୍ୱେଶ୍ୱର ରାଓ:9437527499.

୩.ତେଜସ୍ୱିନୀ ମାନସିଂହ:9777075446, ୪.ଦିପ୍ତିରଞ୍ଜନ ପଣ୍ଡା : 7873229092.

୫.ଲକ୍ଷ୍ମୀଧର ପାଇକରାୟ:9692557801, ୬.ରଘୁନାଥ ମାନସିଂହ : 6371487960.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)

ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)

୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499

୨. ଇ. ଅଶୋକ କୁମାର : 6370043490

୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563

୪. ଡି.ରବି (ପାରଲାଖେମୁଣ୍ଡି) : 8248683055

୫. ଏସ୍. ଗୌରିଶଙ୍କର ରାଓ : 9348538123

୬. ଇ. ସିହାଂଚଲମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**

Youtube : thraitha siddantham

# ଯୋଗୀଶ୍ୱରଙ୍କ ଶୃଙ୍ଖଲ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ କ୍ଷୟ, ଅକ୍ଷୟ ସମାଗ୍ରର ଏବଂ ପରମାତ୍ମା ସମାଗ୍ରର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଅଭୌତିକ ଭାବରେ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଳବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଶୃଙ୍ଖଲ୍ୟ ସୃଷ୍ଟି କରୁଛି । ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୃଷ୍ଟଶକ୍ତିମାନେ ଭୟରେ ଗ୍ଲଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହି ନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଗଲାପରେ ତାହା ଦୈବଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣା ପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣି ପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା  ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବବାକୁ ବାଧ୍ୟ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦୂପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ    ପ୍ରଥମ ଦୈବଗ୍ରନ୍ଥ    ପାଠକରାନ୍ତୁ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଳୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଚାଞ୍ଚଲ୍ୟାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଳବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୧୬୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ ପାଠକରାନ୍ତୁ

# ଶ୍ରୀକୃଷ୍ଣ ଈଶ୍ୱର (ପରମାତ୍ମା) ? କି ଭଗବାନ ?

ଏହି ଗ୍ରନ୍ଥ ଦ୍ୱାରା କୃଷ୍ଣ କହିଲେ କଅଣ ଏବଂ କିଏ ବୋଲି ଜଣାପଡିଥାଏ । ଈଶ୍ୱର ମାନବରୂପ ଧାରଣ କରିଥାନ୍ତି କହିବାକୁ ଏହା ଏକ ନିଦର୍ଶନ । ଏହା ଦ୍ୱାରା କେତେ ମହାନ ଜ୍ଞାନ ଜଣାପଡିବା ସହିତ, ଏପର୍ଯ୍ୟନ୍ତ ଜଣା ନଥିବା ଅନେକ ଆଧ୍ୟାତ୍ମିକ ରହସ୍ୟ ଜଣାପଡିଥାଏ । ଏହି ଜ୍ଞାନ ଦ୍ୱାରା ଈଶ୍ୱର ଅଲଗା, ଭଗବାନ ଅଲଗା ବୋଲି ଜଣାପଡିଥାଏ । କୃଷ୍ଣ ମଣିଷ ହେଲେହେଁ ତାଙ୍କ ମରଣରେ ଘଟିଥିବା ରହସ୍ୟ ଏପର୍ଯ୍ୟନ୍ତ କାହାକୁ ମଧ୍ୟ ଜଣା ନାହିଁ । କୃଷ୍ଣଙ୍କ ମରଣ ରହସ୍ୟ ଏହି ଗ୍ରନ୍ଥ ଦ୍ୱାରା ଜାଣି ପାରିଲେ ଭୂପୃଷ୍ଠରେ କୌଣସି ମତଭେଦ ରହିବ ନାହିଁ, ମତକଳହ ରହିବ ନାହିଁ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

## ସୂଚିପତ୍ର


| | | | |
|---|---|---|---|
| 1. | ଆମ ପର୍ବ | --- | 11 |
| 2. | ଯୁଗାଦି | --- | 19 |
| 3. | ଭୋଗି - ନିଆଁ | --- | 26 |
| 4. | ସଂକ୍ରାନ୍ତି | --- | 33 |
| 5. | ଦଶରା ବା ଦଶହରା | --- | 37 |
| 6. | ଶିବରାତ୍ରି | --- | 47 |
| 7. | ଶ୍ରୀରାମ ନବମୀ | --- | 59 |
| 8. | ଶ୍ରୀକୃଷ୍ଣାଷ୍ଟମୀ ବା ଜନ୍ମାଷ୍ଟମୀ | --- | 65 |
| 9. | ନାଗଲ ଚତୁର୍ଥୀ | --- | 78 |
| 10. | ବିନାୟକ ଚତୁର୍ଥୀ (ଗଣେଶ ପୂଜା) | --- | 82 |
| 11. | ପାରସ ପର୍ବ (କନୁମା) (ସଂକ୍ରାନ୍ତିର ପରଦିନ) | --- | 102 |
| 12. | ଦୀପାବଳୀ | --- | 108 |

# ଆମ ପର୍ବ

ଅନନ୍ତ ବିଶ୍ୱରେ ଶତକୋଟି ଜୀବରାଶି ଅଛନ୍ତି ବୋଲି କେତେକ କହୁଥିବା ଶୁଣାଯାଏ । ଏହା କେଉଁ ପୁରାକାଳର କଥା ହୋଇପାରେ । ଏବେ କେବଳ ଭାରତଦେଶରେ ଶହେକୋଟିରୁ ଅଧିକ ଲୋକେ ବାସ କରୁଛନ୍ତି । ସର୍ବଜୀବରାଶିଙ୍କୁ ମିଶାଇ ଶତକୋଟି କହିଥିବା କଥାଟି ବହୁଶା ସତ୍ୟଯୁଗର କଥା ହୋଇଥିବ । ସତ୍ୟଯୁଗରେ ବହୁ କମ୍ ସଂଖ୍ୟକ ମଣିଷ ଥିବା କାଳରେ ମଧ୍ୟ ମଣିଷଠାରେ ଜ୍ଞାନ କମ୍‌ହୋଇ ଅଜ୍ଞାନ ବଢିଯାଇଥିଲା । ମଣିଷ ଅନ୍ତର୍ମୁଖ ଜ୍ଞାନ ଭୂଲି, ବାହ୍ୟ ଧ୍ୟାନରେ ପଡିଥିଲା । 'ପେଟପାଇଁ ନାଚ' କହିବା ଭଳି ଯେଉଁ କାର୍ଯ୍ୟ କରୁଥିଲା ତାହା ପେଟପାଇଁ ହିଁ କରୁଥିଲା । ସେତେବେଳେ ଆଖିକୁ ଦେଖାଯାଉଥିବା ଫଳ ଉପରେ ତା'ର ଧ୍ୟାନକୁ କେନ୍ଦ୍ରିକୃତ କଲା ସିନା, ଦେଖାଯାଉ ନଥିବା ଫଳ ପାପପୁଣ୍ୟ ଉପରେ ଧ୍ୟାନଦେଲା ନାହିଁ । ସେହିଭଳି ସମୟରେ ମଣିଷ ଭିତରେ ଆଧ୍ୟାତ୍ମିକ ଦୃଷ୍ଟି ତଥା ପାପଭୀତି ବଢାଇବା ପାଇଁ ସେଦିନର ଜ୍ଞାନୀମାନେ ନାନା  ଚେଷ୍ଟା କରିଥିଲେ । ସେହି ଚେଷ୍ଟାରେ ମଣିଷ ତା' ଜୀବନକୁ ଫେରିଦେଖିବା ପାଇଁ, ସେ ଚଳିତ ଜୀବନର ଗତକାଳରେ କ'ଣ କ'ଣ କରିଛି, କ'ଣ ସାଧନ କରିଛି ଆଉ କ'ଣ କରିବା ଉଚିତ୍ ଥିଲା ତାହା ତୁଳନା କରିବା ପାଇଁ ଏକ ଉପାୟକୁ ଜ୍ଞାନୀମାନେ ସମାଜରେ ରଖିଥିଲେ । କୌଣସି ବିଷୟ ହେଉ ମଣିଷ ତାହା ଭଲରେ ବୁଝିପାରିବା ପାଇଁ ତାହାକୁ ଅନ୍ୟ ଏକ ବିଷୟ ସହିତ ତୁଳନା କରି ଦେଖାଇଲେ ଭଲହେବ  ଭାବି ସେତେବେଳର  ବଡମାନେ (ଜ୍ଞାନୀମାନେ)  ସମାଜରେ ପର୍ବ ନାମକ ଏକ ଆଚରଣ  ରଖିଥିଲେ, ସେହି ପର୍ବରେ  ମଣିଷ ଜୀବନର ମୁଖ୍ୟାଂଶ ହୋଇଥିବା ଦୈବଜ୍ଞାନକୁ ଜାଣିପାରିବା ସହିତ କର୍ମବନ୍ଧନରୁ ମୁକ୍ତ ହୋଇ ପାରିବ, ଏହା ଥିଲା ସେମାନଙ୍କ  ଉଦ୍ଦେଶ୍ୟ, ସେହି ଉଦ୍ଦେଶ୍ୟରେ ସେତେବେଳର ଜ୍ଞାନୀମାନେ ଯେଉଁ  ପ୍ରକ୍ରିୟାକୁ  ସମାଜରେ ରଖିଲେ ତାହା ପର୍ବ ନାଆଁରେ ଆଚରିତ ହେବାଭଳି ମଧ୍ୟ କରିଥିଲେ । ଦିନେ ଏକୈକ ମତ ଭାବରେ ଥିବା ଇନ୍ଦୁମତର ମଣିଷ ଆଜି ଅନେକ ମତରେ ପରିଣତ ହୋଇଥିଲେ ହେଁ ପୂର୍ବେ

ସତ୍ୟଯୁଗରେ ସେମାନଙ୍କ ଦ୍ୱାରା ଆଚରିତ ଆଚରଣଗୁଡିକ ଆଜି ପର୍ଯ୍ୟନ୍ତ ସେହିଭଳି ରହିଆସିଛି । ଆଜି ସେହି ଆଚରଣଗୁଡିକ ମଣିଷ ଭିତରେ ଥିଲେ ମଧ୍ୟ ସେଗୁଡିକର ଭାବ କ'ଣ ତାହା ମଣିଷ ଭୂଲିଯାଇଛି । ଅର୍ଥହୀନ ଆଚରଣ ଦ୍ୱାରା କୌଣସି ଲାଭ ନଥାଏ । ତେଣୁ ମଣିଷ ସେସବୁ କରି କାଳକୁ ହିଁ ବ୍ୟର୍ଥ କରୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

କାଳ ଅତି ପବିତ୍ର ଏବଂ ଦୈବ ସ୍ୱରୂପ । ଗୋଟିଏ ବାକ୍ୟରେ 'ମୁଁ କାଳ' ବୋଲି ଭଗବଦ୍ଗୀତାରେ ପରମାତ୍ମା "କାଳୋସ୍ମି" କହିଛନ୍ତି । କାଳ କେତେ ମହାନ ହୋଇଥିଲେ ମଧ୍ୟ ଆମେ ତାହାକୁ ସାଧାରଣ ଭାବୁଛେ, ତା'ର ମୂଲ୍ୟ ଆମକୁ ଦେଖାଯାଉ ନାହିଁ । କେତେକ ମହାନ ଲୋକମାନେ ସେହି କାଳର ମହାନତାକୁ ବୁଝି 'ଟାଇମ୍ ଇଜ୍ ମନି'(କାଳ ଟଙ୍କା ସହିତ ସମାନ) ବୋଲି କହିଛନ୍ତି, କିନ୍ତୁ ଏହି କଥାଠାରୁ ମଧ୍ୟ କାଳ ଆହୁରି ଅଧିକ ମହାନ ବୋଲି ଆମେ କହୁଛୁ । କାରଣ ! ଚାଲିଯାଇଥିବା ଟଙ୍କାକୁ ଆମେ ପୁଣି ଫେରି ପାଇପାରିବା, କିନ୍ତୁ ବିତିଯାଇଥିବା କାଳକୁ ଆଉ ଫେରି ପାଇପାରିବା ନାହିଁ ।

ପ୍ରତ୍ୟେକ ଜୀବରାଶି କାଳକୁ ଅନୁଭବ କରିଥା'ନ୍ତି । ପ୍ରତ୍ୟେକ ମଣିଷ ତାର ଭଲମନ୍ଦ କାର୍ଯ୍ୟରେ କାଳକୁ ହିଁ ବିନିଯୋଗ କରୁଛି । ବିତିଯାଇଥିବା କାଳରେ ଭଲକାର୍ଯ୍ୟ ହୋଇଥାଉ କି ଖରାପକାର୍ଯ୍ୟ ହୋଇଥାଉ, କରିଥିବା ମଣିଷ ତା'ର ଫଳକୁ ଏବଂ ଅନୁଭୂତିକୁ ପାଇଛି ସିନା, କାଳ ସହିତ ଭଲମନ୍ଦର କୌଣସି ସମ୍ପର୍କ ନାହିଁ । ତେଣୁ କାଳ ଯେ, ଦୈବସ୍ୱରୂପ ଏଥିରେ କୌଣସି ସନ୍ଦେହ ନାହିଁ । କାଳ ଗୋଟିଏ ଜାତି ପାଇଁ କି ଗୋଟିଏ ମତ(ଧର୍ମ) ପାଇଁ ବିନିଯୋଗ ହେବାରେ ସୀମିତ ରହି ନଯାଇ ସର୍ବଜଗତ ପାଇଁ ବିନିଯୋଗ ହୋଇଥାଏ । ଉଦାହରଣସ୍ୱରୂପ କହିଲେ ଭାରତରେ ରହିଥିବା ବ୍ୟକ୍ତି ଏବଂ ଆମେରିକାରେ ରହିଥିବା ବ୍ୟକ୍ତି ପାଇଁ କାଳ ଗୋଟିଏ ପ୍ରକାରର ହିଁ ରହିଥାଏ ।

ସମସ୍ତଙ୍କ ପାଇଁ ସମାନ ହୋଇଥିବା କାଳରେ ସେମାନେ ସେମାନଙ୍କର କାର୍ଯ୍ୟ, ସେମାନଙ୍କର ଅନୁଭବ ଅଲଗା ଅଲଗା ପାଉଥିଲେହେଁ କାଳ ସେମାନଙ୍କ ପାଇଁ ଗୋଟିଏ ହୋଇ ରହିଛି ।

ଜନ୍ମରୁ ଆରମ୍ଭ ହୋଇଥିବା କାଳ ମରଣରେ ଅନ୍ତ ହୋଇଥାଏ । ଜନ୍ମ ଆଉ ମରଣର ମଝିରେ ରହିଥିବା କାଳକୁ ଜୀବନକାଳ କୁହାଯାଏ । ଜୀବନକାଳରେ କିଛିଲୋକ ଭଲକାର୍ଯ୍ୟ, କିଛିଲୋକ ଖରାପକାର୍ଯ୍ୟ କରି ଜୀବନ ବିତାଇଥା'ନ୍ତି । ଅନନ୍ତ କାଳରେ କିଏ କେଉଁଭଳି ବଞ୍ଚିଲେ ମଧ୍ୟ ଶେଷରେ ଦିନେ ସମସ୍ତେ କାଳଗର୍ଭରେ ଲୀନ ହୋଇଥାନ୍ତି ।

ଜୀବନରେ ବିଶେଷତା ବହନ କରି ବଞ୍ଚୁଥିବା ଲୋକମାନଙ୍କୁ ଚିରଞ୍ଜିବୀ କୁହାଯମାଏ, ସେମାନଙ୍କ ଜୀବନ ମାତ୍ର କିଛିକାଳର ହୋଇଥିଲେ ମଧ୍ୟ ସେମାନଙ୍କ ଜୀବନବିଧି ମହାନ ହୋଇଥାଏ । ସମସ୍ତଙ୍କଭଳି ନ ବଞ୍ଚି ଜୀବନରେ ଯେଉଁମାନେ କିଛି ମହତ କାର୍ଯ୍ୟ କରି ଦେଖାଇଥା'ନ୍ତି ସେମାନଙ୍କ ଜନ୍ମକୁ କାରଣଜନ୍ମ କୁହାଯାଏ, ଚିରଞ୍ଜିବୀ ମଧ୍ୟ କୁହାଯାଏ ।

ଆଜିର କାଳରେ କାଳ କହିଲେ କ'ଣ ? ବୋଲି ବିଚାର ନକରି ବୃଥା କାଳାତୀପାତ କରି ଅନେକ ଲୋକ ଜୀବନକୁ ମୁଲ୍ୟହୀନ କରି ଦେଇଥା'ନ୍ତି । କ୍ଷଣ କ୍ଷଣରେ ଆମ ଶରୀର ବଦଳୁଛି । କ୍ଷଣ କ୍ଷଣର ଏହି ପରିବର୍ତ୍ତନରେ ଶରୀର ବାଲ୍ୟଦଶାରୁ ବାର୍ଦ୍ଧକ୍ୟ ଦଶାରେ ପହଞ୍ଚିଛି । ଦିନ ଦିନ ହୋଇ କାଳ ବିତିଯାଉଥିବା କ୍ରମରେ ଦିନେ ମୃତ୍ୟୁ ମଧ୍ୟ ଆସି ଉପସ୍ଥିତ ହୋଇଯାଉଛି । ଭବିଷ୍ୟତ କାଳରେ ଗୋଟିଏ ଦିନ ମୃତ୍ୟୁ ନିଶ୍ଚୟ ଆସିବ; ତଥାପି ବିତିଯାଉଥିବା କାଳକୁ ଦୃଷ୍ଟିଦେଇ ମରଣ ମୋର ନିକଟ ହେଉଛି ପରା ! ବୋଲି କେହି ଭାବୁ ନାହାନ୍ତି । ଆମେ ଭାବିଲେ ନ ଭାବିଲେ କ'ଣ ହେବ ! କାଳ ଅଟକିଯିବ ନାହିଁ କି ମରଣ ଦିନେ ନ ଆସି ରହିବ ନାହିଁ ।

ମାନବର ଦୃଷ୍ଟିରେ ମୂଲ୍ୟହୀନ କାଳର ମୂଲ୍ୟକୁ ବୁଝାଇବା ପାଇଁ, ବିତିଯାଇଥିବା କାଳ ଆଉ ଫେରିଆସିବ ନାହିଁ, ତୋ'ର ଜୀବନ ଖୁବ୍ ସ୍ୱଳ୍ପକାଳର, ସେହି କମ୍ କାଳ ମଧ୍ୟ ଖର୍ଚ୍ଚ ହୋଇଯାଉଛି, ତା' ବାବଦରେ ତୁ ଆଲୋଚନା କର୍, ବିଚାର କର୍ ବୋଲି ମଣିଷ ଜୀବନର ଗୋଟିଏ ଗୋଟିଏ ଅଧ୍ୟାୟ ହୋଇଥିବା ପ୍ରତ୍ୟେକ ବର୍ଷରେ ଥରେ "ଅଧ୍ୟାୟ" ବା "ଖଣ୍ଡ"ର ଏକାର୍ଥ ଶବ୍ଦ "ପର୍ବ"କୁ ମଣିଷ ଜାଣି, ଜ୍ଞାନକରି, ତଦନୁଯାୟୀ ଆଚରଣରେ ଆଣି ଜୀବନର ପରମଲକ୍ଷ୍ୟ ହୋଇଥିବା ଦୈବତ୍ୱରେ ପ୍ରବେଶ କରିପାରିବ ବୋଲି ଜ୍ଞାନୀମାନେ ସମାଜରେ ପର୍ବର ଆଚରଣକୁ ରଖିଥିଲେ । ବର୍ଷକୁ ଥରେ ଆସୁଥିବା ଏହି ପର୍ବଦିନକୁ ଦିନେ "ପକ୍ୱଦିନ" କୁହାଯାଉଥିଲା । ଗଛରେ ବର୍ଷକୁ ଥରେ ଫଳ ପାଚିବା ସମୟ ଆସିଥାଏ । ସେହିଭଳି ବର୍ଷକରେ ଥରେ ପର୍ବ ଆସିଥାଏ । ତେଣୁ ଗଛର ଫଳ ପାଚିବା ସମୟକୁ ପର୍ବଦିନର ସମୟ ସହିତ ସମାନ କରି ପକ୍ୱଦିନ କହୁଥିଲେ । ଏବେ ସେହି ପକ୍ୱଦିନ ହୋଇଥିବା ଆଜିର ପର୍ବଦିନ ବାବଦରେ ବିଷଦ ଭାବରେ ଜାଣିବା ।

ଗଛ ବର୍ଷକୁ ଥରେ ନିଜର ସାର ଜିନିଷ ହୋଇଥିବା ଫଳ ପ୍ରଦାନ କରି ଅନ୍ୟର ଉପକାରରେ ଆସିଥାଏ । ସେହିଭଳି ତୁ ଅନ୍ୟମାନଙ୍କର କି ଉପକାରରେ ଆସିଛୁ ବୋଲି ମନେ ପକାଇବା ପାଇଁ, ସାରା ବର୍ଷରେ ଆମ ସାଧନାର ଫଳ କ'ଣ ବୋଲି ବିଚାର କରିବା ଭଳି ବର୍ଷର ଗୋଟିଏ ଦିନକୁ ପକ୍ୱଦିନ ଭାବରେ ରଖିଥିଲେ । ନିତ୍ୟ ଜୀବନରେ ମଜ୍ଜିଯାଇଥିବା ମଣିଷ କାଳକୁ ଭୂଲିଯାଇଛି । ତେଣୁ ତୋ ଜୀବନର କିଛି ପର୍ବ ବା କିଛି ଅଧ୍ୟାୟ ବିତିଯାଇଛି ବୋଲି ମନେ ପକାଇବା ପାଇଁ ବର୍ଷକୁ ଥରେ ପର୍ବ ବା ପକ୍ୱଦିନକୁ ସମାଜରେ ରଖିଥିଲେ ।

ଉଦାହରଣ ଭାବରେ ଯୁଗାଦି ପର୍ବ (ସୃଷ୍ଟିର ଆରମ୍ଭ ଦିବସ ବା ତେଲୁଗୁ ନୂତନ ବର୍ଷ)କୁ ନେବା । ଗତବର୍ଷ ଏହି ଯୁଗାଦି ପର୍ବ ବାବଦରେ

ଜାଣିଥିବା ଲୋକେ ସମସ୍ତେ ପାଳନ କରିଥିଲେ, ଏ ବର୍ଷ ମଧ୍ୟ ଜାଣିଥିବା, ଜାଣି ନଥିବା ଲୋକମାନେ ପାଳନ କରୁଛନ୍ତି, ଆମେ ଏହାକୁ ନବବର୍ଷ ମଧ୍ୟ କହୁଛେ । ପୂର୍ବପୁରୁଷମାନେ ସେମାନଙ୍କ ଜୀବନର ଗୋଟିଏ ବର୍ଷ ବିତିଗଲା, ଆଉ ଗୋଟିଏ ନୂଆ ବର୍ଷ ମଧ୍ୟ ଆସୁଛି, ଏବର୍ଷ ମଧ୍ୟ ବିତିଯିବ, ଜୀବନକାଳର ଗୋଟିଏ ଗୋଟିଏ ବର୍ଷ ମୋର କମିଆସୁଛି, କର୍ମ ଅନୁସାରେ ଦିନ ଗଡିଆସୁଛି, ହେଲେ ଗତବର୍ଷରେ ମୁଁ କ'ଣ ଜ୍ଞାନ ଆହରଣ କଲି, କେଉଁଠି ଅଜ୍ଞାନ ଆଚରଣ କଲି ବୋଲି ଗତବର୍ଷର ବିତାଦିନଗୁଡିକୁ ମନେ ପକାଉଥିଲେ । ତେଣୁ ଏହି ଯୁଗାଦି ପର୍ବରେ ନିତ୍ୟ ଜୀବନଚର୍ଯ୍ୟାରେ ଲିପ୍ତ ନରହି, କାମଧନ୍ଦା ଛାଡି ବିଶ୍ରାମ ନେଇ, ଗତକାଳ ସମ୍ବନ୍ଧୀୟ ଆଲୋଚନା କରି ସେହି ଦିନ ଗୁଡିକରେ ମୁଁ କ'ଣସବୁ କରିଥିଲି, କେଉଁ କେଉଁ ସନ୍ଦର୍ଭରେ କ'ଣ ଜ୍ଞାନ ଆହରଣ କରିଥିଲି, କେଉଁ ସନ୍ଦର୍ଭରେ କେତେ ଖରାପ କାର୍ଯ୍ୟ କରିଥିଲି ତାହାର ଏକ ହିସାବ କରୁଥିଲେ, ସେଥିଲାଗି ଯୁଗାଦି ପର୍ବକୁ ସଂପୂର୍ଣ୍ଣ ଆଧ୍ୟାତ୍ମିକ ଚର୍ଚ୍ଚାରେ ବିତାଇ ଦେଉଥିଲେ । ଅନ୍ୟ ଦିନଗୁଡିକରେ ଆହାର, ବସ୍ତ୍ରାଦି ବିଷୟରେ ବିଚାର କରିବା ଭଳି ସେଦିନ କୌଣସି ଭୌତିକ ବିଷୟ ଆଲୋଚନାରେ ନ ଆସୁ ସେଥିଲାଗି କିଛିଦିନ ଆଗରୁ ସେଦିନ ପାଇଁ ଉନ୍ନତ ଆହାର,ବସ୍ତ୍ରାଦି ପ୍ରସ୍ତୁତକରି ରଖୁଥିଲେ । କାହିକିନା ! ସେଦିନ ଏଭଳି ଆଲୋଚନା ନ ଆସିଲେ ହିଁ ଆଧ୍ୟାତ୍ମିକ ଆଲୋଚନା କରିପାରିବେ । କାର୍ଯ୍ୟ, ଆହାର, ବସ୍ତ୍ରର ଚିନ୍ତା କିମ୍ବା ଅନ୍ୟ କୌଣସି ଚିନ୍ତା ନକରି ସେଦିନ କେବଳ ବିତାଦିନର ଘଟଣାବଳୀରୁ ଆଧ୍ୟାତ୍ମିକ ବିଷୟକୁ ଏକାଠିକରିବା ସେଦିନ ପୂର୍ବଜମାନଙ୍କର କର୍ତ୍ତବ୍ୟ ଥିଲା । ଏହି ଦିନଟିକୁ ମହାନ ଜ୍ଞାନସମ୍ପନ୍ନ ଦିନଭାବରେ ସେମାନେ ଭାବନା କରୁଥିଲେ । ମୋ ଜୀବନକାଳ ଆଯିଯାଏଁ ଏଇଭଳି ବିତିଗଲା, ଆଗତ ବର୍ଷରେ ମୋ ଜୀବନର ସାରାଂଶ ହୋଇଥିବା ଦୈବ ସମ୍ବନ୍ଧୀୟ ଜ୍ଞାନମୟ ଜୀବନ ଆସିଯାଉ ନାମକ କାମନା କରି ମନ୍ଦିରରେ କିମ୍ବା ଘରେ ଦୈବାରାଧନା କରୁଥିଲେ ।

ଜୀବନ କିଛି କଞ୍ଚାଫଳରୁ ପକ୍ୱଫଳ ଭଳି ହୋଇଯାଇଛି, ତାହା କେବେ ଖସିପଡିବ କହିପାରିବା ନାହିଁ,ତେଣୁ ଜୀବନଲକ୍ଷ୍ୟ ବାବଦରେ ବିଚାର କରିବା ଉଚିତ୍ ବୋଲି ଏକ ଶୁଭଦିନକୁ ବିଚାର ଦିବସର ସଂକେତ ଭାବରେ ପକ୍ୱଦିନ ବା ପର୍ବଦିନ  କହି ବଡମାନେ କେତେକ ଆଚରଣକୁ ସମାଜରେ ରଖିଥିଲେ । ନିତ୍ୟ ଜୀବନରେ ଲଗ୍ନ ହୋଇ ରହିଥିବା ମାନବକୁ  ତୋ' ଆୟୁଷରୁ କିଛିକାଳ ବିତିଗଲାଣି, ଗତକାଳରେ ଜନ୍ମହୋଇ ଆଜି ପର୍ଯ୍ୟନ୍ତ କ'ଣ ସାଧନା କରିଛୁ, କ'ଣ ସାଧନା କରିବା ଉଚିତ୍ ଥିଲା ସେହି ବିଷୟରେ ଜଣାଇବା ପାଇଁ ସେମାନେ ସମାଜରେ ପକ୍ୱଦିନକୁ (ପର୍ବକୁ) ରଖିଥିଲେ । ଏହି ପର୍ବ କେବଳ ଗୋଟିଏ ମତ(ଧର୍ମ)ରେ ନରହି ପ୍ରତ୍ୟେକ ମତରେ ରହିଥିବା ଜଣାଯାଏ । ପ୍ରତ୍ୟେକ ମତରେ ସ୍ୱତନ୍ତ୍ର ସ୍ୱତନ୍ତ୍ର ପର୍ବଦିନ ରହିଥାଏ । ପୂର୍ବର ଲୋକମାନେ ପ୍ରତ୍ୟେକ ମତ ପାଇଁ ସମାନ ହୋଇଥିବା ପର୍ବ ରଖିଥିଲେ କି ନାହିଁ ତାହା  ଆମକୁ  ଜଣା ନାହିଁ, ହେଲେ ପର୍ବ କହିଲେ ପକ୍ୱଦିନ ବା କଞ୍ଚାଫଳ ଭଳି ଥିବା ତୋ ଜୀବନକାଳରେ କିଛି ପକ୍ୱତା ଆସିଯାଇଛି ବୋଲି ଜାଣିବା ଉଚିତ୍ ।

କଞ୍ଚାଫଳ କହିଲେ ଯେଉଁଫଳ ପାକଳ ହୋଇ ନାହିଁ କି ପାଚି ନାହିଁ, ଯେଉଁ ଫଳ କଞ୍ଚା ଅଛି ତାହା ନିଶ୍ଚୟ ଦିନେ ପାଚିବ । ସେତେବେଳେ ତାକୁ ପାଚିଲା ଫଳ କହିବା । ଫଳ ଖାଲି ଗଛରେ ପାଚେ ନାହିଁ, ମଣିଷଗଛରେ ମଧ୍ୟ ପାଚେ । ଜୀବନ ନାମକ କଞ୍ଚାଫଳ ଦିନେ ମୋକ୍ଷ ନାମକ ପାଚିଲା ଫଳ ହେବ । ଏକ ଜୀବ ମୋକ୍ଷ ନାମକ ଫଳ ହୋଇ ନପାରିଲେ ଜୀବନ ନାମକ କଞ୍ଚାଫଳ ହୋଇ ରହିଯିବ । ଏହିଭଳି ପୂର୍ବଜମାନେ ଜୀବ ନିବାସ କରୁଥିବା ଶରୀରକୁ କଞ୍ଚାଫଳ ଭଳି ତୁଳନା କରିଥିଲେ । ଏହିଭଳି ଶରୀରକୁ କଞ୍ଚାଫଳ ସାଥିରେ ତୁଳନା କରିବା ସହିତ ସେଦିନର ବଡମାନେ ମୋକ୍ଷକୁ ପାଚିଲା ଫଳ ସହିତ ତୁଳନା  କରି  ଆମକୁ ପାଚିବାକୁ ହେବ ନାମକ ଭାବାର୍ଥରେ ଆମ ମଝିରେ ପକ୍ୱଦିନଟିଏ ରଖିଥିଲେ । ତାହା ଆଜି ପର୍ବଦିନ ଭାବରେ

ବଦଳି ଯାଇଥିଲେ ମଧ୍ୟ ସମାଜରୁ ସଂପୂର୍ଣ୍ଣ ଭାବରେ ଉଚ୍ଛେଦ ହୋଇଯାଇ ନାହିଁ । ପକ୍ୱ (ପର୍ବ) ଦିନରେ ବିତାଦିନର କାର୍ଯ୍ୟକଳାପରୁ ମୋକ୍ଷପାଇଁ କରାଯାଇଥିବା ଚେଷ୍ଟାଗୁଡିକୁ ଏକାଠି କରି, ସେଥିରେ ଥିବା ଦୋଷାଦୋଷକୁ ମାର୍ଜନ କରି ଆଗତ ବର୍ଷ ପାଇଁ କିଭଳି ଉନ୍ନତ ଯୋଜନା କରାଯିବା ଉଚିତ୍, ଏପରି କରିବା ହିଁ ମୋକ୍ଷ ପାଇଁ ଦୃଢଭାବରେ ଆଶାୟିତ ହେବା । ମୋକ୍ଷ ପାଇଁ ଦୃଢାଶା ରଖିବା ହିଁ ମୋକ୍ଷର ଦିନ ଭଳି । ସେଥିପାଇଁ ପର୍ବ କହିଲେ ପାଚିଲା ଫଳ (ମୋକ୍ଷ) ଭଳି । ଏହିଭଳି ସେଦିନର ସୁଚିନ୍ତକମାନେ ଆମ ପାଇଁ ସମାଜରେ ପର୍ବକୁ ସ୍ଥାନ ଦେଇଥିଲେ ।

ଆଜିର କାଳରେ ଥିବା ପ୍ରତ୍ୟେକ ମତରେ ପାଳିତ ହେଉଥିବା ପର୍ବଗୁଡିକ ଗୋଟିଏ ଭାବ ଆଉ ଗୋଟିଏ ପଦ୍ଧତିରେ ହେଉଛି ବୋଲି ଭାବିପାରିବା । ପର୍ବଦିନରେ ସମସ୍ତ ମତାବଲମ୍ବୀମାନେ ନୂଆ ବସ୍ତ୍ର ପିନ୍ଧିବା, ଭଲ ଜିନିଷ ରାନ୍ଧି ଖାଇବା, କୌଣସି ଏକ ଆରାଧ୍ୟର ଆରାଧନା କରିବା, କିଛି ଭୌତିକସୁଖ କାମନା କରିବା ସାଧାରଣ ହୋଇଯାଇଛି । ଆଉକିଛି ଲୋକ ପର୍ବଦିନକୁ ଆଉକିଛି ନୂଆରୀତିରେ ପାଳନ କଲେଣି, ସେଦିନ ବୁଲିଯିବା, ଖେଳିବା ଏଭଳି କିଛି ଗୋଟିଏ କରି ସନ୍ତୋଷ ଅନୁଭଭ କରୁଛନ୍ତି । କେତେକ ପର୍ବ କହିଲେ ପିଇବାଦିନ ଆସିଗଲା ବୋଲି ଆଗରୁ ତୟାର ହୋଇଥା'ନ୍ତି । ଅନ୍ୟ ଦିନରେ ନହେଲେ ଚଳିବ ହେଲେ ଏତେବଡ ପର୍ବଟାରେ ଟୋପାଏ (ମାଦକ ଦ୍ରବ୍ୟ) ନହେଲେ କେମିତି ହେବ ବୋଲି କହିଥା'ନ୍ତି । କିଛିଲୋକ ପର୍ବଦିନର ଛୁଟିରେ ପଶା, ତାସ୍ ଇତ୍ୟାଦି ଖେଳକୁ ଭାରି ଅନନ୍ଦରେ ଖେଳିଥା'ନ୍ତି । ଆଉକିଛି ଲୋକ କାମନା କରିବାର ଲାଇସେନ୍ସ ମିଳିଥିବା ଦିନ କହିବାଭଳି ସେଦିନ ଇଚ୍ଛାଥାଉ କି ନଥାଉ କାମନା କରି ମୁଣ୍ଡିଆଟା ମାରିଦେଲେ କାମ ସରିଗଲା ବୋଲି ଭାବିଥାନ୍ତି । ଚାକିରିଆମାନେ ପର୍ବପାଇଁ ନୁହେଁ ଛୁଟିଦିନଟା ଆସିଗଲା କହି ଖୁସି ହୋଇଥା'ନ୍ତି । କିଛି ବେପାରିମାନେ

ଗତବର୍ଷରେ  କେତେ ପାପ, କେତେ ପୁଣ୍ୟ କରିଥିଲେ ବିଚାର ନକରି ଗଲାବର୍ଷରେ କେତେ ଲାଭ ହୋଇଥିଲା ତାର ହିସାବ କରିବା ଦିନ ଆସିଗଲା ବୋଲି ଭାବିଥା'ନ୍ତି ।

ପୂର୍ବେ ପୂର୍ବପୁରୁଷମାନେ ଜୀବମଙ୍ଗଳ ପାଇଁ ସମାଜରେ ରଖିଥିବା ସେମାନଙ୍କ ଭାବରାଜି ଆଜି ମାଟିରେ ମିଶିଯାଇ ଶେଷରେ ପର୍ବର ଅର୍ଥ ମଧ୍ୟ ଅନର୍ଥ ହୋଇଯାଇଛି ।  ଗତକାଳରେ  ବର୍ଷକରେ ଥରେ ମାତ୍ର ପର୍ବଦିନ ରହିଥିଲା । ତା'ପରେ କିଛିକାଳ ବିତିଯାଆନ୍ତେ ମଣିଷ ଜ୍ଞାନୀ ହେବାପାଇଁ ସମାଜରେ ଆଉ କିଛି ପର୍ବର ଆବଶ୍ୟକ ବୋଲି ବିଚାରକରି ବଡମାନେ ହିଁ କେତେଗୋଟି ମୁଖ୍ୟପର୍ବ ସମାଜରେ ରଖିଥିଲେ, ଆଜି ବାରମାସରେ ତେର ପର୍ବ କହିଲେ ମଧ୍ୟ, ତେରପର୍ବ ନୁହେଁ! ମାସକ ଭିତରେ  କେତେକେଉଁ ପର୍ବ ପାଳନ କରୁଛନ୍ତି । ପୂର୍ବର ଜ୍ଞାନୀମାନେ ଅର୍ଥଯୁକ୍ତ ପର୍ବଗୁଡିଏ ସମାଜରେ ରଖିଥିବା ବେଳେ, ଆଜି ସେମାନେ ରଖିନଥିବା ପର୍ବରେ ପର୍ବାଣୀ ଯୋଗକରି  ଆମର ନାନା ପର୍ବପର୍ବାଣୀ ଅଛି କହି ନିଜ ଇଚ୍ଛା  ଅନୁସାରେ ଆଚରଣ କରୁଛନ୍ତି, ତଦନୁଗୁଣ ଆଜି ବର୍ଷର ସବୁଦିନ ଏକ ଏକ ପର୍ବଦିନ ହେବାକୁ ବସିଛି । ପୂର୍ବେ ଈଶ୍ୱର ଜଣେ ବୋଲି ସମସ୍ତଙ୍କର ଭାବନା ଥିଲା, ଏକେଶ୍ୱର  ଉପାସନା ଥିଲା । କାଳକ୍ରମେ ବଦଳି ବଦଳି  ଆଜି  ଅନେକ ଦେବଦେବୀ ସମାଜରେ ପୂଜିତ ହେଉଛନ୍ତି, ଅନେକ ପର୍ବପର୍ବାଣୀ ପାଳନ ହେଉଛି । ମାନବ ଜୀବନ ଛାଡିବା  ପରେ ହିଁ ଆମର  ପ୍ରକୃତ ପର୍ବଦିନ ଆସିବ ବୋଲି ବିଚାର କରିନଥିବା ସ୍ଥିତିରେ ଆମେ ନାନା ପର୍ବପର୍ବାଣୀ ପାଳନ କରି ଆସିଛେ,ଆଗକୁ ଆହୁରି ଅନେକ ନୂଆ ପର୍ବପର୍ବାଣୀ ସମାଜରେ ଦେଖାଦେବ । ଏବେ ସମାଜରେ ରହିଥିବା ପର୍ବଗୁଡିକୁ  ଆମେ କିଭଳି ପାଳନ କରିବା ଉଚିତ୍ ତାହା ବିଚାରକରି ପାଳନ କରନ୍ତୁ ।

*****

# ଯୁଗାଦି

## (ସୃଷ୍ଟିର ଆଦ୍ୟ ଦିବସ, ରାଷ୍ଟ୍ରିୟ ନବବର୍ଷ)

ଆଖିକୁ ଦେଖାଯାଉଥିବା ଏହି ଜଗତ ଦିନେ ଆରମ୍ଭହୋଇ ସେହି ଦିନରୁ ଅଧାବଧି ରହିଆସୁଛି । ପ୍ରପଞ୍ଚରେ ବା ସାରାଦୁନିଆରେ ଥିବା ସମସ୍ତ ଜୀବରାଶିର ଜନ୍ମମରଣ ଥାଏ । ସେଥିଲାଗି ଏହି ଜୀବରାଶିଙ୍କୁ ଜଗତ କୁହାଯାଏ । **'ଜ'** କହିଲେ ଜନ୍ମ, **'ଗତ'** କହିଲେ ମରଣ । ଜଗତ ନାମକ ଏହି ଶାଶ୍ୱତ ନାମ ଧାରଣ କରି ଦେଖାଯାଉଥିବା ଜୀବସମୂଦାୟ ଦିନେ ଜନ୍ମହୋଇଛି ଆଉ କୌଣସି ଦିନେ ଅଦୃଶ୍ୟ ହୋଇଯିବ ବୋଲି ଜାଣିବା ଉଚିତ୍ । ଜଣେ ମଣିଷ ଜନ୍ମହୋଇ କିଛିଦିନ ପରେ ମୃତ୍ୟୁବରଣ କରିଥାଏ, ଏହା ସମସ୍ତେ ଜାଣିଥିବା ସତ୍ୟ । ମଣିଷ ବଞ୍ଚୁଥିବା ସେହି କିଛିକାଳକୁ ତାର ଆୟୁଷ କୁହାଯାଏ । ମଣିଷର ଆୟୁଷ ମାପଭାବରେ ନିମିଷରୁ ଆରମ୍ଭହୋଇ ବର୍ଷ ବର୍ଷ ପର୍ଯ୍ୟନ୍ତ ରହିଥାଏ । ସେହିଭଳି ଦିନେ ଜନ୍ମହୋଇ କିଛିକାଳ ପରେ ରହୁନଥିବା ପ୍ରପଞ୍ଚ (ପଞ୍ଚଭୂତ)ର ମଧ୍ୟ ଆୟୁଷ ରହିଛି, ତାର ମାପ ଯୁଗ ନାମରେ ଅଛି । ମଣିଷ ଜନ୍ମ ହେଉଥିବା ଦିନକୁ ଜନ୍ମଦିନ, ଜାତକ ନାମରେ କହିଥା'ନ୍ତି । ସେହିଭଳି ପ୍ରପଞ୍ଚ ଜନ୍ମ ହୋଇଥିବା ଦିନକୁ ଯୁଗ ଆଦି ବୋଲି ପୂର୍ବେ କୁହାଯାଉଥିଲା । ସେହି 'ଯୁଗ ଆଦି'କୁ କିଛିକାଳ ପରେ **'ଯୁଗାଦି'** କୁହାଗଲା । ଆଜି ତାହା ମଧ୍ୟ ବଦଳି କେତେକାଞ୍ଚଳରେ 'ଉଗାଦି' କୁହାଯାଉଛି । ଆଗତ କାଳରେ ଆଉ କେଉଁଭଳି ବଦଳିବ କିଛି କହିପାରିବା ନାହିଁ ।

ଆଜିର କାଳରେ ସମସ୍ତେ ନିଜର ଜନ୍ମଦିନକୁ ଏକ ଉତ୍ସବ(ପର୍ବ) ଭାବରେ ପାଳନ କରିଥା'ନ୍ତି । ସେଦିନ ଘରେ ପିଠା, ମିଠାଦି ତିଆରି କରି ସାଙ୍ଗସାଥିଙ୍କୁ ଡାକି ଆଜି ମୋର ଜନ୍ମଦିନ ବୋଲି ଜଣାଇଥା'ନ୍ତି । ଏହି

ଜନ୍ମଦିନ ଉତ୍ସବ ଆଜି କିଭଳି ପାଳନ କରନ୍ତି ତାହା ସମସ୍ତେ ଜାଣନ୍ତି । ତେଣୁ ଏହାଠାରୁ ଆଉ ଅଧିକ କହିବା ଦରକାର ନାହିଁ, ହେଲେ ପୂର୍ବେ ଏଭଳି ଜନ୍ମଦିନ ଉତ୍ସବ ପାଳନ କରୁଥିବା ଇତିହାସ ନାହିଁ । ଶ୍ରୀକୃଷ୍ଣାଷ୍ଟମୀ, ଶ୍ରୀରାମନବମୀକୁ ସେମାନେ (ଶ୍ରୀକୃଷ୍ଣ, ରାମ) ବଞ୍ଚିଥିବା ବେଳେ ଏକ ଏକ ଉତ୍ସବ ଭାବରେ ପାଳନ କରିଥିବା ପ୍ରମାଣ ମଧ୍ୟ ନାହିଁ । ପୂର୍ବେ ଜନ୍ମ ଦିନକୁ କେହି ମଧ୍ୟ ବ୍ୟକ୍ତିଗତ ଭାବରେ ପାଳନ ନକରି ସମଷ୍ଟିଗତ ଭାବରେ ପ୍ରପଞ୍ଚର ଜନ୍ମଦିନ ହୋଇଥିବା ଯୁଗାଦି ଉତ୍ସବ ପାଳନ କରୁଥିଲେ । ସେହି ଦିନକୁ **"ଯୁଗ ଆଦି"** ଭାବରେ ନାମିତ କରି ସବୁଠାରୁ ସ୍ୱତନ୍ତ୍ର ଭାବରେ, ତାଠାରୁ ବଳି ଆଉ ଉତ୍ସବ ନାହିଁ ନାମକ ଭାବନେଇ ପାଳନ କରୁଥିଲେ । କାଳକ୍ରମେ ନାନା ପର୍ବ ସମାଜରେ ଦେଖାଦେଲା । ସବୁ ପର୍ବ ଭଳି ଏହା ମଧ୍ୟ ଏକ ପର୍ବ ବୋଲି ଆଜି ସମସ୍ତେ ଭାବୁଛନ୍ତି । ଏହା ଏକ ସାଧାରଣ ପର୍ବ ବୋଲି ଭାବନା କରିବା ସହିତ ଏହି ପର୍ବ ସମାଜରେ ଅଛି ବୋଲି ମଧ୍ୟ କେତେକ ଜାଣିନାହାନ୍ତି । ଆଉ କିଛିକାଳ ପରେ ଯୁଗ ଆଦି ବା ଯୁଗାଦି ନାମକ ଏକ ପର୍ବ ହୁଏତ ସମାଜରେ ରହିବ ନାହିଁ । ଆଜିକୁ ଏହି ପର୍ବରେ ଅନେକ ପରିପବର୍ତ୍ତନ ଆସି ସାରିଛି । ପର୍ବର ଆଚରଣରେ ମଧ୍ୟ ଅନେକ ପରିବର୍ତ୍ତନ ଆସି ସାରିଛି, ବିଦେଶୀ ପରମ୍ପରାକୁ ଆପଣାରକରି ଜାନୁଆରି ମାସର ୧ ତାରିଖଟି ବର୍ଷର ଆରମ୍ଭଦିନ ଭାବରେ ବଡ ଧୂମ୍‌ଧାମ୍‌ରେ ଆଜି ପାଳିତ ହେଉଛି । ଭବିଷ୍ୟତରେ ଏହି ଯୁଗ ଆଦି ପର୍ବକୁ ହିନ୍ଦୁ ସମାଜ ଦିନେ ହରାଇ ନଦେବ ବୋଲି କହି ପାରିବା ନାହିଁ ।

ଇନ୍ଦୁମାନେ ହିନ୍ଦୁ ଭାବରେ ବଦଳି ନିଜର ସଂସ୍କୃତିକୁ ଭୂଲିଯାଇଥିଲେ ମଧ୍ୟ, ଆଦିରେ ଜନ୍ମ ହୋଇଥିବା ଇନ୍ଦୁଜାତି ଆଜି କୌଣସି ଜାତିର ହୋଇଯାଇଥିଲେ ମଧ୍ୟ, ଇନ୍ଦୁ ସଂସ୍କୃତିକୁ ମଣିଷ ଭୂଲିଗଲେ ମଧ୍ୟ, ସେହି ସଂସ୍କୃତି ମଣିଷକୁ ଛାଡି ନାହିଁ କହିବାପାଇଁ ମଧ୍ୟ କେତେକ ପ୍ରମାଣ ଅଦ୍ୟାବଧି ବଞ୍ଚିରହିଛି, ସେଗୁଡିକ ଭିତରେ ମୁଖ୍ୟ ହୋଇଥିବା କେତୋଟି ବାବଦରେ ଆଲୋଚନା କରିବା ।

ଆଜି ଭୂପୃଷ୍ଠରେ ଅନେକ ଦେଶ ରହିଛି । ସେହିଭଳି ଅନେକ ମତ (ଧର୍ମ) ରହିଛି, ନାନା ସଂସ୍କୃତି, ନାନା ଭାଷା, ନାନା ପରମ୍ପରା ମଧ୍ୟ ରହିଛି । ଏଭଳି ଭୂପୃଷ୍ଠର ମାନବ କେତେ କେଉଁ ପ୍ରକାରର ରହିଲେ ମଧ୍ୟ ସମସ୍ତଙ୍କ-ପାଇଁ ଦିନରାତି ଗୋଟିଏ ହୋଇ ରହିଛି । ତା'ଛଡା ସପ୍ତାହକ ସାତଦିନ, ମାସକ ତିରିଶି ଦିନ, ବର୍ଷକ ବାରମାସ ସର୍ବସାଧାରଣ ହୋଇ ରହିଛି । ଆଉ ମୁଖ୍ୟଭାବରେ ଜାଣିବାକଥା ହେଉଛି ! ସାରା ଦୁନିଆରେ ବାସକରୁଥିବା ସମସ୍ତଙ୍କପାଇଁ ସପ୍ତାହର ଦିନଗୁଡିକ ଗୋଟିଏ ହୋଇ ରହିଛି । ବିଶେଷ କଥା ହେଉଛି କୌଣସି ଦେଶବାସୀ ପାଇଁ, କୌଣସି ମତାବଲମ୍ବୀ ପାଇଁ ସପ୍ତାହର ଦିନଗୁଡିକ ଆଦି (ରବି), ସୋମ, ମଙ୍ଗଳ, ବୁଧ, ଗୁରୁ, ଶୁକ୍ର, ଏବଂ ଶନି ହୋଇ ରହିଛି । ସାରା ଦୁନିଆରେ ସର୍ବ ପ୍ରଥମେ ଦିନେ ଇନ୍ଦୁମାନେ ତିଆରି କରିଥିବା ଦିନଗୁଡିକ ହିଁ ପ୍ରଚଳିତ ଅଛି । ଏଥିପାଇଁ ଏହା ଇନ୍ଦୁମାନଙ୍କର ଏକ ଗର୍ବକରିବା ବିଷୟ କହିଲେ ଅତ୍ୟୁକ୍ତି ହୁଏ ନାହିଁ ।

ସୃଷ୍ଟିର ଆରମ୍ଭ ଦିନ ହେଉଛି ଆଦ୍ୟ (ଆରମ୍ଭ) ବାର (ଆଦିବାର ବା ରବିବାର) । ଆଦ୍ୟବାର ବା ଆଦିବାର ସର୍ବପ୍ରଥମ ଦିନ ହୋଇଥିବାରୁ ସେହି ଦିନକୁ ପ୍ରତି ସପ୍ତାହରେ ଏକ ଛୋଟ ପର୍ବ ଭାବରେ ପାଳନ କରୁଥିଲେ । ପ୍ରପଞ୍ଚ ଆଦିରେ ଆରମ୍ଭ ହୋଇଥିବା ଦିନକୁ ( ସୃଷ୍ଟ୍ୟାରମ୍ଭକୁ) ଆଦ୍ୟବାର ଭାବରେ କୁହାଯାଉଥିଲା । ଆଦି କହିଲେ ପ୍ରଥମ । ଯେଉଁଦିନ ସୃଷ୍ଟି ପ୍ରାରମ୍ଭ ହୋଇଥିଲା ତାହା ହିଁ ଆଦ୍ୟ ବା ପ୍ରଥମ ଦିନ ହୋଇଥିବାରୁ ସମସ୍ତେ ସେହି ଦିନକୁ ଏକ ଛୋଟ ପର୍ବ ଭାବରେ ପାଳନ କରୁଥିଲେ, ସେଦିନ କାମଧନ୍ଦା ନକରି ସନ୍ତୋଷରେ କାଳକାଟି, ଚୂନାଚଉଳରେ ଭଲ ରାନ୍ଧଣା କରି, ଈଶ୍ୱରଙ୍କୁ ତାହା ନୈବେଦ୍ୟ ଭାବରେ ସମର୍ପଣ କରି ନିଜେ ଖାଉଥିଲେ । ସପ୍ତାହର ସାତ ଦିନରୁ ଅନ୍ୟ ଛଅଦିନକୁ କାର୍ଯ୍ୟ କରିବା ଦିନ ଭାବରେ ହିସାବ କରି, କଠିନ ପରିଶ୍ରମ କରି ଆଦ୍ୟବାର ଦିନ କିଛି ନକରି ଏକ ପର୍ବଦିନ ଭାବରେ ପାଳନ କରୁଥିଲେ । ପ୍ରତି ଆଦ୍ୟବାର ବା

ରବିବାର ଏକ ପର୍ବଭଳି ହୋଇ ରହିଥିଲା, ସେହି ପର୍ବଦିନ ଆଜିର କାଳରେ ଛୁଟିଦିନ ହୋଇ ମାଂସାହାରୀ ଲୋକମାନଙ୍କର ପର୍ବରେ ପରିଣତ ହୋଇଯାଇଛି । ପୂର୍ବେ ଏହି ଦିନକୁ ସୃଷ୍ଟିର ଆରମ୍ଭ ଦିନ କହି ସମସ୍ତେ ଏହାକୁ ଏକ ପବିତ୍ରଦିନ ଭାବନା କରୁଥିଲେ, ପବିତ୍ରତାର ସହିତ ଦିନଟି ଅତିବାହିତ କରୁଥିଲେ । ଆଜି ସବୁ ତା'ର ବିପରୀତ ହୋଇଯାଇଛି । ଆଜି ଯାହା ବି ହେଉ ପୂର୍ବର ବିଶେଷତା ବଜାୟ ରହିଛି, ଆଦିବାର (ରବିବାର) ଏକ ଛୁଟିଦିନ ବୋଲି ଆଜି ପ୍ରମାଣ ଦେଉଛି । ତା'ଛଡା ସପ୍ତାହକ ସାତଦିନ ହୋଇ, ଆଦିବାର ପ୍ରଥମଦିନ ହୋଇ, ଆଜି ପ୍ରତ୍ୟେକ ଦେଶବାସୀ ପାଇଁ ରହିଥିବାରୁ କିଏ କିଭଳି ବଦଳିଥିଲେ ମଧ୍ୟ ଇନ୍ଦୁମାନଙ୍କର ପବିତ୍ର ଦିନ ଆଜି ବି ସମସ୍ତଙ୍କର ଛୁଟିଦିନ ହୋଇ ପର୍ବ ଭଳି ବଞ୍ଚିରହିଛି । ତେଣୁ ମଣିଷ ନିଜର ପରମ୍ପରାକୁ ଭୂଲିଯାଇଥିଲେ ମଧ୍ୟ, ପରମ୍ପରା ମଣିଷକୁ ଭୂଲି ନାହିଁ ବୋଲି କହିପାରିବା । ସାରା ଦୁନିଆରେ ଇନ୍ଦୂମାନଙ୍କର ପରମ୍ପରା ଏହିଭଳି ସମସ୍ତଙ୍କ ପାଖରେ ଏବେ ବି ରହିଛି । ସୃଷ୍ଟି ଆଦିରେ ସାରା ଦୁନିଆରେ ଇନ୍ଦୁମାନେ ବ୍ୟାପିରହିଥିଲେ, ପରେ ପରେ ସେମାନେ ନାନା ମତରେ ବଦଳିଯାଇଛନ୍ତି, ହୋଲି ବିତିଯାଇଥିଲେ ମଧ୍ୟ ଦେହରେ ରଙ୍ଗ ବଳକା ରହିଯାଇଥିବା ଭଳି, ମଣିଷଠାରୁ ଇନ୍ଦୁତ୍ୱ ଗ୍ଲଲିଯାଇଥିଲେ ମଧ୍ୟ ଇନ୍ଦୁତ୍ୱର ବାସନା ଏବେବି ଅଛି ବୋଲି ଜଣାଯାଉଛି ।

ଆଦିରେ ପରମେଶ୍ୱର ବା ପରମାତ୍ମାଙ୍କ ଦ୍ୱାରା ଆସିଥିବା ଜ୍ଞାନରେ ତିଆରି ହୋଇଥିଲା ଇନ୍ଦୁତ୍ୱ । ଏତେ ବିଶାଳ ଭୂଖଣ୍ଡରେ, ଥିବା ଦେଶଗୁଡିକ ଭିତରେ ଆଜି ଆମେ ବାସ କରୁଥିବା ଦେଶରେ ହିଁ ଇନ୍ଦୁତ୍ୱ ଦିନେ ପ୍ରକାଶିତ ହୋଇଥିଲା । ସେଥିଲାଗି ଏ ଦେଶ ଇନ୍ଦୁଦେଶ ହୋଇପାରିଥିଲା । ଏଇ ଭୂଖଣ୍ଡରେ ଆମେ ଆମ ପୂର୍ବପୁରୁଷଙ୍କ ବଂଶଧର ଭାବେ ନିବାସ କରି ମଧ୍ୟ ଆମ ପୂର୍ବ ପଦ୍ଧତିଗୁଡିକୁ ଭୂଲିଯିବା, ସୃଷ୍ଟ୍ୟାଦିରେ ଯେଉଁଦିନ ଥିଲା ତାର ବିଶେଷତାକୁ ନ ଜାଣିବା, ଶେଷରେ ସପ୍ତାହରେ ଥରେ ଆସୁଥିବା ଆଦିବାର

ବା ରବିବାର ମଧ୍ୟ କ'ଣ ନଜାଣି ତାକୁ ଏକ ଛୁଟିଦିନ ଭାବିବା, ରବିବାର କେବଳ ଏକ ବିଶ୍ରାମଦିନ ଭାବିବା, ରବିବାରକୁ କାହିଁକି ଛୁଟିଦିନ ଭାବରେ ରଖିଛନ୍ତି ଅତି କମରେ ତା ବାବଦରେ ବିଚାର ନ କରିବା, ଏ ବାବଦରେ ସ୍ୱାମିଜୀମାନେ, ଗୁରୁମାନେ, ପିଠାଧିପତିମାନେ ମଧ୍ୟ ଆମକୁ ନ ଜଣାଇବା ଇତ୍ୟାଦି ବିଷୟଗୁଡିକୁ ଦେଖିଲେ ଆମ ପୂର୍ବପୁରୁଷମାନେ ନିଶ୍ଚୟ ଦୁଃଖିତ ହେବେ, ସେମାନଙ୍କ ବଂଶଧର ହୋଇଥିବା ଆମକୁ ମଧ୍ୟ ନିଶ୍ଚୟ ଲାଜ ଲାଗିବା ଉଚିତ୍ ।

ଏବେ ବି ଆମ ପାଖରେ ସମୟ ଅଛି । ଆଦିରୁ ଆରମ୍ଭ ହୋଇଥିବାରୁ ଏହି ଦିନର ନାମ ଆଦିବାର ହୋଇଛି ବୋଲି ଜାଣି, ସୃଷ୍ଟି ଆଦିରେ ଆରମ୍ଭ ହୋଇଥିବା ଆଦିବାର ହିଁ ଯୁଗାଦି ଭାବରେ ଆମପାଇଁ ବେଳେବେଳେ ଫେରି ଆସୁଛି, ଅନ୍ୟ ବାରଗୁଡିକରେ ପଡୁଥିବା ଯୁଗାଦିପର୍ବ ଅପେକ୍ଷା ଆଦିବାର ଦିନ ପଡୁଥିବା ଯୁଗାଦି ପର୍ବ ଅତି ସ୍ୱଚ୍ଛ ବୋଲି ଜାଣି, ଅନ୍ୟକୁ ଜଣାଇବାକୁ ଚେଷ୍ଟା କରିବା ଉଚିତ୍ । ତୁ ଯଦି ପ୍ରକୃତ ଇନ୍ଦୁମାନଙ୍କର ବଂଶଧର ତେବେ ଆଦିବାରରୁ ଆରମ୍ଭ ହୋଇଥିବା ଯୁଗାଦି ଏବେ ମଧ୍ୟ ଆସୁଥିବାରୁ ସେହି ଦିନକୁ ଏକ ପବିତ୍ରଦିନ ଭାବରେ ଗଣନା କରି ପବିତ୍ରତାର ସହିତ ବିତାଇବା ଉଚିତ୍, ସେଦିନ ଆଦିର ରହସ୍ୟକୁ ଜାଣିବାକୁ ଚେଷ୍ଟା କରିବା ଉଚିତ୍ । ଗପ କରିବାରେ, କବିତା ଲେଖିବାରେ, ଗୀତ ଗାଇବାରେ, ନାଟକରେ, ପାଞ୍ଜି ଶୁଣିବାରେ କାଳବ୍ୟର୍ଥ ନକରି ଦୈବଜ୍ଞାନରେ ବିତାଇବା ଉଚିତ୍ । ପ୍ରକୃତ ଇନ୍ଦୁର ବଂଶଧର ହେବାକୁ, ଇନ୍ଦୁ ଭାବରେ ବଞ୍ଚିବାକୁ, ତୋଠାରେ କିଛି ଇନ୍ଦୁତ୍ୱ ସଜୀବ ଅଛି ବୋଲି ପ୍ରମାଣ ଦେବାକୁ, ଆଦିବାର ଏବଂ ଯୁଗାଦିର ଅର୍ଥ ବ୍ୟର୍ଥ ହୋଇଯାଇଥିବା ଆଜିର କାଳରେ ସେହି ଦିନର ବିଶେଷତାରେ କାଳ କାଟିବାକୁ ହେବ । ସେଦିନ (ଯୁଗାଦି ପର୍ବ) ନୂଆବସ୍ତ୍ର ପିନ୍ଧି, ଏହା ସୃଷ୍ଟିର ନୂଆଦିନ, ସୃଷ୍ଟି ଆରମ୍ଭ ହୋଇଥିବା ଦିନ ବୋଲି ଜାଣିନଥିବା ଲୋକମାନଙ୍କୁ ଜଣାଇବା ଉଚିତ୍ ।

ଇନ୍ଦୁ (ହିନ୍ଦୁ) ଭାବରେ ଥିବା କିଛିଲୋକ ଆଜି ମଧ୍ୟ ଏହି ପର୍ବକୁ ବଡ ଆଡମ୍ବରରେ ପାଳନ କରୁଛନ୍ତି । ଯୁଗାଦି ପର୍ବରେ ଶୁଚିଶୁଭ୍ରତାର ସହିତ ରହି ଖାଇବା ଆଗରୁ ସେଦିନ କରାଯାଇଥିବା ଯୁଗାଦି ଆଚ୍ଛରକୁ (ଯୁଗାଦି ପର୍ବର ପ୍ରସାଦ ଭାବରେ କେତେକାଞ୍ଚଳରେ ଏହି ଆଚ୍ଛର (ଖଟା)କୁ ଘରେ ଘରେ ତିଆରି କରାଯାଇଥାଏ । ବିଶେଷତଃ ଦକ୍ଷିଣରେ ଥିବା ଆନ୍ଧ୍ର, ତାମିଲନାଡୁରେ) ନୈବେଦ୍ୟ ଭାବରେ ଈଶ୍ୱରଙ୍କୁ ସମର୍ପଣ କରି ପ୍ରସାଦ ଭାବରେ ଗ୍ରହଣ କରିଥା'ନ୍ତି । ସେଦିନ ଏହି ଯୁଗାଦି ଆଚ୍ଛରକୁ ନିହାତି ଖାଇବା ଉଚିତ୍ ବୋଲି ପୂର୍ବଜମାନେ ନିର୍ଣ୍ଣୟ କରିଥିଲେ । ଏବେ ଯୁଗାଦିର ଅର୍ଥ କ'ଣ ଆମେ ଜାଣି ସାରିଛେ, କିନ୍ତୁ ଯୁଗାଦି ପର୍ବରେ ଘରେ ଘରେ ଏହି ଆଚ୍ଛର (ନୈବେଦ୍ୟ) କାହିଁକି ତିଆରି କରାଯାଏ, ଏଥିରେ ମଧ୍ୟ କିଛି ବିଶେଷତା ଅଛି କି କ'ଣ ବୋଲି ଦେଖିଲେ, ଆଜି କୁହାଯାଉଥିବା ଏହି ଯୁଗାଦି ଆଚ୍ଛରକୁ ପୂର୍ବେ କେତେକାଞ୍ଚଳରେ ପଚନଡକା ବା (ପ୍ରସାଦ ) କୁହାଯାଉଥିଲା, ଆଜି ତାହାକୁ ପ୍ରସାଦ ନକହି ଆଚ୍ଛର (ପଛଡି) କହୁଛନ୍ତି । ବାସ୍ତବରେ ତାହାକୁ ସେଦିନ ଦୈବପୂଜାରେ ରଖି, ନିଜ ଭିତରେ ମହାନ ଭାବ ରଖି, ପ୍ରସାଦ ଭାବରେ ଗ୍ରହଣ କରୁଥିଲେ, ଏହି ଭାବ ସେତେବେଳେ ସେମାନଙ୍କଠାରେ କିପରି ଥିଲା ଜାଣିବା ।

ଯୁଗାଦି ପର୍ବ ସୃଷ୍ଟ୍ୟାଦିର ସଙ୍କେତ ବୋଲି ଜାଣିଛେ । ସୃଷ୍ଟ୍ୟାଦିରେ ସମସ୍ତେ ଜନ୍ମ ହୋଇଥିଲେ ବୋଲି ମନେ ପକାଇବା ପାଇଁ ଭୂପୃଷ୍ଠରେ ଥିବା ଆମ୍ବଗଛ, ଲିମ୍ବଗଛ ଇତ୍ୟାଦି ଅନେକ ଗଛରେ ନୂଆ ନୂଆ ଫୁଲ, କଢ ହୋଇଥାଏ । ଫୁଲ ବା ବକୁଳ ହୋଇ ସେଥିରୁ ଛୋଟଛୋଟ ଫଳ ଧରିବା ଠିକ୍ ଯୁଗାଦିପର୍ବ ସମୟରେ ହୋଇଥାଏ । ଏଭଳି ନୂଆଫୁଲ ଆଉ ଛୋଟ ଛୋଟ କଷିଫଳ ନବସୃଷ୍ଟିର ନିଦର୍ଶନ ଭାବରେ ଈଶ୍ୱର ହିଁ ରଖାଇଛନ୍ତି । ଫୁଲରୁ ଫଳ ହୋଇଥାଏ, ଗର୍ଭରୁ ଶରୀର ହୋଇଥାଏ । ଏଭଳି ନୂଆ ଫଳ ହେଉ ବା ନୂଆ ଶରୀର ହେଉ ତାହା ସୃଷ୍ଟିଆଦିରେ ଈଶ୍ୱରଙ୍କ ଦ୍ୱାରା ତିଆରି

ହୋଇଥିଲା । ତେଣୁ ଦୈବସୃଷ୍ଟି ହୋଇଥିବା ଜଗତ ଏହି ଯୁଗାଦିରେ ଜନ୍ମ ହୋଇଥିଲା ବୋଲି ଏକ ସଂକେତ ଭାବରେ ଜଣାଇବାପାଇଁ ସେହି ସମୟରେ ହିଁ ଗଛଗୁଡିକରେ ଏଭଳି ନୂଆ ନୂଆ ଫୁଲ, ଫଳ ହେବାଭଳି ଈଶ୍ୱର କରାଇଛନ୍ତି । ଈଶ୍ୱର ସୃଷ୍ଟି କରିଥିବା ଜୀବ ଶରୀରରେ ଛଅଗୋଟି ଭଲ ଗୁଣ, ଛଅଗୋଟି ମନ୍ଦଗୁଣ ରହିଥାଏ । ଜୀବ କହିଲେ ମଣିଷ ହୋଇପାରେ ଗଛ ମଧ୍ୟ ହୋଇପାରେ । ମଣିଷଠାରେ ଛଅ ସଂଖ୍ୟକ ଗୁଣ ରଖାଇଥିବା ଈଶ୍ୱର ସେହି ଛଅ ସଂଖ୍ୟକ ରୁଚିକୁ ମଧ୍ୟ ଗଛରେ ରଖାଇଛନ୍ତି । ଲିମ୍ବ ଗଛରେ ପିତା, ତେନ୍ତୁଳି ଗଛରେ ଖଟା, ପିଜୁଳି ଗଛରେ କଷା, ଲଙ୍କା ଗଛରେ ରାଗ ଇତ୍ୟାଦି ଛଅଗୋଟି ରୁଚି ବା ସ୍ୱାଦକୁ ଈଶ୍ୱର ହିଁ ଗଛରେ ରଖାଇଛନ୍ତି । ଯୁଗାଦିପର୍ବ ସମୟରେ ଏହି ସ୍ୱାଦର ଫୁଲଗୁଡିଏ ଗଛରେ ହୋଇଥାଏ । ସେଥିଲାଗି ଜ୍ଞାନ ଜାଣିଥିବା ପୂର୍ବଜମାନେ ଛଅଗୋଟି ସ୍ୱାଦର ଫୁଲକୁ ଆଣି ଦୈବପୂଜାରେ ରଖି ତାହାକୁ ହିଁ ପ୍ରସାଦ ଭାବରେ ଗ୍ରହଣ କରୁଥିଲେ । ଏହିଭଳି ଗଛରେ ଥିବା ଜ୍ଞାନ ସେଦିନର ଲୋକମାନଙ୍କ ଭାବରେ କିଭଳି ରହିଥିଲା ବୋଲି ଦେଖିଲେ ! ଆମଠାରେ ଥିବା ଗୁଣଗୁଡିକର ପ୍ରତୀକ ହୋଇଥିବା ଛଅଗୋଟି ସ୍ୱାଦର ଫୁଲକୁ ସମସ୍ତଙ୍କର ଈଶ୍ୱର ହୋଇଥିବା ତୁମକୁ ଦେଖାଉଛୁ । ଏହି ଛଅ ପ୍ରକାରର ସ୍ୱାଦକୁ ଆମେ ଖାଇ ହଜମ କରୁଛୁ । ସେହିଭଳି ଆମଠାରେ ଥିବା ଛଅଗୁଣକୁ ଆଜିଠାରୁ ରହିବାକୁ ଦେବୁ ନାହିଁ, ଆମ ଭିତରେ ଥିବା ଏହି ଭାବକୁ ଭାବଗ୍ରାହୀ ହୋଇଥିବା ତୁମେ ଗ୍ରହଣ କର । ଏହିଭଳି ଛଅ ଗୁଣର ପ୍ରତୀକ ଭାବରେ ଛଅ ସ୍ୱାଦର ଫୁଲକୁ ପ୍ରସାଦ ଭାବରେ ଗ୍ରହଣ କରି ଜୀର୍ଣ୍ଣାଶୟର ଜଠରାଗ୍ନି ପୋଡିଦେଉଥିବା ଭଳି, ଛଅଗୁଣର କର୍ମକୁ ମୁଣ୍ଡର ଜ୍ଞାନଗ୍ନିରେ ଆଜିଠାରୁ ଜଳାଇବା ଶକ୍ତି ଦିଅ ବୋଲି ଭାବବ୍ୟକ୍ତ କରୁଥିଲେ । ଏହି ଷଡରୁଚିର ପ୍ରସାଦ କାଳକ୍ରମେ ବଦଳି କେବଳ ଏକମାତ୍ର ଲିମ୍ବଫୁଲକୁ ରଖି ଅନ୍ୟ ରୁଚି ପାଇଁ ଗୁଡ,ତେନ୍ତୁଳି ଇତ୍ୟାଦି ମିଶାଇ ଆଜି ଯୁଗାଦି ଆଚ୍ଚର ତିଆରି କରୁଛନ୍ତି । କିଛିଲୋକ ନାମକୁମାତ୍ର ଲିମ୍ବଫୁଲ ପକାଇ ଅଧିକମାତ୍ରାରେ


ଗୁଡ, ଚିନି ମିଶାଇ ପାଏସ ଭଳି କରି ତାହାକୁ ଦିନତମାମ ଖାଉଛନ୍ତି । ଏଭଳି କରିବାଦ୍ୱାରା ଯୁଗାଦିପର୍ବର ପ୍ରସାଦ ଆଜି ଯୁଗାଦି ଆଚ୍ଚର ହୋଇ ଶେଷରେ ଯୁଗାଦିପାଏସ ହୋଇଯାଇଛି । ସନାତନ ଭାବରେ ରହିଥିବା ଯୁଗାଦି ନାମକ ପର୍ବ ଇନ୍ଦୁସମାଜର ଏକ ମୁଖ୍ୟପର୍ବ । ଇନ୍ଦୁ ସମାଜର ପ୍ରତ୍ୟେକ କାର୍ଯ୍ୟରେ ନାନା ଅର୍ଥ ରହିଥାଏ ।  ପୂର୍ବଜମାନେ ତିଆରି କରି ସମାଜରେ ରଖାଇଥିବା ଆଚରଣଗୁଡିକର ଅର୍ଥ ନଜାଣି ଯଦି ଆମେ ଆମ ମନଇଚ୍ଛା ଆଚରଣ କରିବା ତେବେ ତାହା ଇନ୍ଦୁରୀତି (ହିନ୍ଦୁମାନଙ୍କ ପୂର୍ବ ପ୍ରଥା) ହେବ ନାହିଁ । ତେଣୁ ପୂର୍ବଜମାନେ ଯୁଗାଦି ପର୍ବକୁ ଯେଉଁ ଉଦ୍ଦେଶ୍ୟରେ ରଖିଥିଲେ ସେମାନଙ୍କର ଉଦ୍ଦେଶ୍ୟକୁ  ଆମେ  ସମ୍ମାନ ଦେବା ଉଚିତ୍, ସେମାନେ କରି ଦେଖାଇଥିବା ଆଚରଣକୁ ଯଥାବିଧ  ଆଚରଣରେ ଆଜିଠାରୁ ଆଣିବା ଉଚିତ୍ । ଯୁଗାଦି ପର୍ବରେ ଫୁଲର ବିଶଷେତାକୁ ଜାଣି, ଏହା ହିଁ ସୃଷ୍ଟିର ଜନ୍ମ ଦିବସ ବୋଲି ମନେପକାଇ ପବିତ୍ରଭାବର ସହିତ ପାଳନକଲେ ଆମେ ପ୍ରକୃତ ଯୁଗାଦିପର୍ବକୁ ପାଳନ କରିବା ଭଳି ହେବ । ନଚେତ ଯୁଗାଦି ଉଗାଦି ହୋଇଯିବ, ଆଚ୍ଚର ଅନାଚ୍ଚର ହୋଇଯିବ ।

*****

# ଭୋଗି - ନିଆଁ

ଭୋଗିନିଆଁ ନାମକ ଶବ୍ଦଟି ମକରସଂକ୍ରାନ୍ତି ପର୍ବ ସନ୍ଦର୍ଭରେ କେତେକାଞ୍ଚଳରେ ଶୁଣିବାକୁ ମିଳିଥାଏ । ଯୁଗାଦି ପର୍ବର ବିଶେଷତା ଥିବା ଭଳି ଭୋଗିପର୍ବ ଏବଂ ମକରସଂକ୍ରାନ୍ତି ପର୍ବର ମଧ୍ୟ ବିଶେଷତା ରହିଛି । ଯୁଗାଦି ପର୍ବ ହେଉ, ସଂକ୍ରାନ୍ତି ପର୍ବ ହେଉ ଏହି ଦିନଗୁଡିକରେ ଆଧାତ୍ମିକ ଦୃଷ୍ଟିରୁ ଗ୍ରହମାନଙ୍କ ପରିକ୍ରମଣ ଅନୁସାରେ ବିଶେଷତା ରହିଥାଏ । ସୂର୍ଯ୍ୟ କାଳଚକ୍ରରେ କର୍କଟ ରାଶିରେ ପ୍ରବେଶ କରିବାବେଳେ କର୍କଟ ସଂକ୍ରମଣ

(ସଂକ୍ରାନ୍ତି), ସେହିଭଳି ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ବେଳେ ମକର ସଂକ୍ରାନ୍ତି ବୋଲି ବୋଲି ଜ୍ଞାନୀମାନେ କହିଥା'ନ୍ତି । ଏହି ରାଶିଗୁଡିକ କ'ଣ ? କାହିଁକି ରହିଥାଏ ? ବୋଲି ପ୍ରଶ୍ନର ଜବାବ ଖୋଜିଲେ, କିଛି ଭଲ ସମାଚାର ଆମକୁ ମିଳିଥାଏ । ମଣିଷର ଆଧ୍ୟାତ୍ମିକ ପାଠରେ ଏହି କାଲଚକ୍ର ଅତି ପ୍ରାମୁଖ୍ୟତା ବହନ କରିଥାଏ । କାଲଚକ୍ର ମୋଟ ୧୨ଗୋଟି ଭାଗରେ ବିଭକ୍ତ ହୋଇ ରହିଥାଏ । ମାନବର ଜ୍ୟୋତିଷ୍ୟ ଏହି ୧୨ଗୋଟି ଭାଗକୁ ଆଧାର କରି ରହିଥାଏ । କାଲଚକ୍ର ଅନୁସାରେ କର୍ମକୁ ଅମଳ କରୁଥିବା ନବଗ୍ରହମାନେ ନିର୍ଣ୍ଣୀତ କାଲ ଅନୁସାରେ ଏହି କାଲଚକ୍ରରେ ଘୂରିଥା'ନ୍ତି । ସବୁଠାରୁ ମୁଖ୍ୟ ଏବଂ ପ୍ରଥମ ଗ୍ରହ ହୋଇଥିବା ସୂର୍ଯ୍ୟ ଅଧିକତଃ କାଲଚକ୍ର ପାଇଁ ପ୍ରସିଦ୍ଧ । ସୂର୍ଯ୍ୟ ସମସ୍ତଙ୍କଠାରୁ ପ୍ରଥମ ହୋଇଥିବାରୁ ତା'ର ନାମ ମଧ ଆଦିତ୍ୟ ହୋଇଛି । ଜ୍ୟୋତିଷ୍ୟଶାସ୍ତ୍ରରେ ସୂର୍ଯ୍ୟ ଅନୁସାରେ ଗ୍ରହାଚାର ନିର୍ଣ୍ଣୀତ ହୋଇଥାଏ । କାଲଚକ୍ରରେ ଥିବା ୧୨ଗୋଟି ଭାଗର (ରାଶିର) ନାମ କ୍ରମାନ୍ୱୟରେ ୧) ମେଷ ୨) ବୃଷଭ ୩) ମିଥୁନ ୪) କର୍କଟ ୫) ସିଂହ ୬) କନ୍ୟା ୭) ତୁଲା ୮) ବୃଶ୍ଚିକ ୯) ଧନୁ ୧୦) ମକର ୧୧) କୁମ୍ଭ ୧୨) ମୀନ । କାଲଚକ୍ରର ଏହି ଭାଗଗୁଡିକୁ ନିମ୍ନ ଚିତ୍ରରେ ଦେଖିପାରିବେ ।



କର୍ମଚକ୍ର




କାଳଚକ୍ରର ଅର୍ଦ୍ଧେକ ଭାଗରେ ସୂର୍ଯ୍ୟର ସଞ୍ଚାର ଥିବାବେଳେ ତାହାକୁ 'ଆୟଣ' କୁହାଯାଏ, ଏହି ଆୟଣ ଦୁଇଗୋଟି ରହିଥାଏ, ତନ୍ମଧ୍ୟରୁ ଗୋଟିଏ ଉତ୍ତରାୟଣ ଏବଂ ଆଉ ଗୋଟିଏ ହେଉଛି ଦକ୍ଷିଣାୟନ । ସୂର୍ଯ୍ୟ କାଳଚକ୍ରର ଗୋଟିଏଭାଗ ଅତିକ୍ରମ କରିବାକୁ ଏକମାସ ଲାଗିଥାଏ । ସେହି ଅନୁସାରେ ଆମପାଇଁ ଜ୍ଞାନୀମାନେ ୧୨ଗୋଟି ମାସ ନିର୍ଣ୍ଣୟ କରିଛନ୍ତି । କ୍ରମାନୁଯାୟୀ ସେଗୁଡିକ ହେଉଛନ୍ତି ୧) ଚୈତ୍ର ୨) ବୈଶାଖ ୩) ଜ୍ୟେଷ୍ଠ ୪) ଆଷାଢ ୫) ଶ୍ରାବଣ ୬) ଭାଦ୍ରବ ୭) ଆଶ୍ୱିନ ୮) କାର୍ତ୍ତିକ ୯) ମାର୍ଗଶୀର ୧୦) ପୌଷ ୧୧) ମାଘ ୧୨) ଫାଲ୍‌ଗୁନ ୧) କାଳଚକ୍ରରେ ସୂର୍ଯ୍ୟ ମେଷ ରାଶିରେ ଅତିକ୍ରମ କରୁଥିବା ୩୦ ଦିନର ସମୟକୁ ଚୈତ୍ରମାସ କୁହାଯାଏ । ୨) ସେହିଭଳି ବୃଷଭ ରାଶିରେ ରହୁଥିବା କାଳକୁ ବୈଶାଖମାସ କୁହାଯାଏ । ୩) ମିଥୁନରେ ରହୁଥିବା କାଳକୁ ଜ୍ୟେଷ୍ଠମାସ କୁହାଯାଏ । ୪) କର୍କଟରେ ଥିବା କାଳକୁ ଆଷାଢମାସ କୁହାଯାଏ । ୫) ସିଂହ ରାଶିରେ ଥିବା କାଳକୁ ଶ୍ରାବଣମାସ କୁହାଯାଏ । ୬) କନ୍ୟା ରାଶିରେ ଥିବା କାଳକୁ ଭାଦ୍ରବମାସ କୁହାଯାଏ । ୭) ତୁଳା ରାଶିରେ ଥିବା କାଳକୁ ଆଶ୍ୱିନମାସ କୁହାଯାଏ । ୮) ବୃଶ୍ଚିକରେ ଥିବା କାଳକୁ କାର୍ତ୍ତିକମାସ କୁହାଯାଏ । ୯) ଧନୁରେ ଥିବା କାଳକୁ ମାର୍ଗଶିରମାସ କୁହାଯାଏ । ୧୦) ମକରରେ ଥିବା କାଳକୁ ପୌଷମାସ କୁହାଯାଏ । ୧୧) କୁମ୍ଭରେ ଥିବା କାଳକୁ ମାଘମାସ କୁହାଯାଏ । ୧୨) ମୀନରାଶିରେ ଥିବା କାଳକୁ ଫାଲ୍ଗୁନମାସ କୁହାଯାଏ ।

କାଳଚକ୍ରର ୧୨ ଭାଗରୁ ଛଅଗୋଟି ଭାଗକୁ ଉତ୍ତରାୟଣ, ବାକି ଛଅ ଭାଗକୁ ଦକ୍ଷିଣାୟନ ଭାବରେ ହିସାବ କରାଯାଏ । ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରୁଥିବା ପୌଷମାସଠାରୁ ମିଥୁନ ରାଶିରେ ଥିବା ଜ୍ୟେଷ୍ଠମାସ ପର୍ଯ୍ୟନ୍ତ ଥିବା କାଳକୁ ଉତ୍ତରାୟଣ କୁହାଯାଏ । ସେହିଭଳି ସୂର୍ଯ୍ୟ କର୍କଟ ରାଶିରେ ପ୍ରବେଶ କରୁଥିବା ଆଷାଢ ମାସଠାରୁ ଧନୁରାଶିରେ ଥିବା ମାର୍ଗଶିରମାସ ପର୍ଯ୍ୟନ୍ତ ଥିବା କାଳକୁ ଦକ୍ଷିଣାୟନ କୁହାଯାଏ । କାଳଚକ୍ରର

ଆରମ୍ଭ ହୋଇଥିବା ମେଷରାଶିକୁ ପ୍ରଥମ ଭାବରେ ନେଲେ ଶେଷରେ ଥିବା ମୀନରାଶି ଦ୍ୱାଦଶ ରାଶି ହୋଇଥାଏ । ଜ୍ୟୋତିଷ୍ୟ ଅନୁସାରେ ପ୍ରଥମ ରାଶି ମାନବର ଜନ୍ମରାଶି ହୋଇଥାଏ, ସେହିଭଳି ଦ୍ୱାଦଶତମ ରାଶି ମରଣରାଶି ହୋଇଥାଏ । ମଣିଷର ଜନ୍ମ ବା ଶରୀରଲାଭ ପ୍ରଥମ ସ୍ଥାନରେ ଥିବାବେଳେ, ମରଣ ବିଷୟ ଦ୍ୱାଦଶ ସ୍ଥାନରେ ରହିଥାଏ । ମଣିଷର ଜନ୍ମମରଣ ବିଷୟଗୁଡିକ ଉତ୍ତରାୟଣ ଭାଗରେ ରହିଥାଏ । ଉତ୍ତରାୟଣ ଭାଗ ଜ୍ଞାନ ସମ୍ବନ୍ଧୀୟ ଏବଂ ଦକ୍ଷିଣାୟନ ଅଜ୍ଞାନ ସମ୍ବନ୍ଧୀୟ ବୋଲି ମଧ୍ୟ କୁହାଯାଏ । ଉତ୍ତରାୟଣ କାଳରେ ଜନ୍ମହେବା, ମୃତ୍ୟୁବରଣ କରିବାରେ ମଣିଷର ମୋକ୍ଷ ହେବା ସୁଯୋଗ ରହିଥାଏ । ତା'ଛଡା ଉତ୍ତରାୟଣ କାଳରେ ଯେଉଁମାନେ ଜନ୍ମ ହୋଇଥାନ୍ତି ସେମାନେ ଦୈବସମ୍ବନ୍ଧୀୟ ଜ୍ଞାନପ୍ରାପ୍ତ ହୋଇ ଉନ୍ନତ ଜନ୍ମ ପାଇବା ପାଇଁ ସୁଯୋଗ ମଧ୍ୟ ଥାଏ । ସୂର୍ଯ୍ୟ ଉତ୍ତରାୟଣରେ ପ୍ରବେଶ କରି ରହୁଥିବା ଛଅମାସ କାଳ ଦୈବସମ୍ବନ୍ଧୀତ ପ୍ରାମୁଖ୍ୟତା ନେଇ ରହୁଥିବାରୁ ସେହିକାଳକୁ ଉତ୍ତରାୟଣ ଉତ୍ତମକାଳ ବୋଲି ପୂର୍ବେ ଜ୍ଞାନୀମାନେ ଜଣାଇଥିଲେ । କାଳକ୍ରମେ ଏହି ଉତ୍ତରାୟଣ ଉତ୍ତମକାଳ ଭାବରେ ନରହି ଉତ୍ତରାୟଣ ପୁଣ୍ୟକାଳ ଭାବରେ କଥିତ ହେଉଛି ।

ମେଷ, ବୃଷଭ, ମିଥୁନ, ଏହି ତିନି ରାଶିର ତିନିମାସ କାଳକୁ, ସେହିଭଳି ମକର, କୁମ୍ଭ, ମୀନରାଶିର ତିନିମାସ କାଳକୁ ଉତ୍ତରାୟଣ କୁହାଯାଏ ବୋଲି ଜାଣିଲେ । ତା'ଛଡା ଅନ୍ୟ ଛଅଗୋଟି ରାଶିର କାଳକୁ ଦକ୍ଷିଣାୟନ ଭାବରେ ହିସାବ କରାଯାଏ ବୋଲି ଜାଣିଲେ । ଉତ୍ତରାୟଣକୁ ଉତ୍ତମ ଏବଂ ଦୈବ ସମ୍ବନ୍ଧୀୟ କାଳ ଭାବରେ ହିସାବ କରି, ଦକ୍ଷିଣାୟନକୁ ଭୌତିକ ସମ୍ବନ୍ଧୀୟ କାଳ ହୋଇଥିବା ଭୋଗର ପ୍ରତୀକ ଭାବରେ ହିସାବ କରିଥିଲେ । ସେହି ଅନୁସାରେ ଦକ୍ଷିଣାୟନ ପ୍ରକୃତି ଭାଗର ସଂକେତ ହୋଇ ରହିଛି । ଭୌତିକ ଅନୁଭବଗୁଡିକୁ ଭୋଗକରିବା ବୋଲି କହନ୍ତି । ଭୌତିକ ଅନୁଭବକୁ ଭୋଗ କୁହାଯିବା ସ୍ଥଳେ, ଦୈବ ସମ୍ବନ୍ଧୀୟ ଆତ୍ମାର ଅନୁଭବକୁ




**କର୍ମ ଚକ୍ର**

ଯୋଗ କୁହାଯାଏ । ଭୋଗରେ କର୍ମକୁ ଅନୁଭବ କରିବାକୁ ହୋଇଥାଏ, କିନ୍ତୁ ଯୋଗରେ କର୍ମ ଜଳିଯାଇଥାଏ ।  ଦକ୍ଷିଣାୟନକୁ ଭୋଗର ସଂକେତ ଭାବରେ କହି, ଭୋଗ ଅଜ୍ଞାନର ସଂକେତ, ତେଣୁ ଦକ୍ଷିଣାୟନକୁ ଭୌତିକ ଭୋଗର ସଂକେତ ବୋଲି ଜ୍ଞାନୀମାନେ ହିଁ ବ୍ୟକ୍ତ କରିଥିଲେ, ସେହିମାନେ ହିଁ ଉତ୍ତରାୟଣକୁ ଦୈବ ସମ୍ବନ୍ଧୀୟ ଯୋଗର ସଂକେତ ଭାବରେ କହିଥିଲେ । ଏକଥା ସେମାନେ କହି ଆମଠାରୁ କୁହାଇବା ବ୍ୟତୀତ ଆମର ସବୁବେଳେ ମନେ ରହିବା ଭଳି ମଧ୍ୟ କରିଥିଲେ । ପ୍ରତ୍ୟେକ ମଣିଷ ଭୋଗ କରିବା ଅଭ୍ୟାସରେ ପଡିଥା'ନ୍ତି । ଭୋଗ କହିଲେ ସମସ୍ତେ ସୁଖ ଭାବନ୍ତି, କିନ୍ତୁ ଭୋଗ

କହିଲେ କେବଳ ସୁଖ ନୁହେଁ ଦୁଃଖକଷ୍ଟ ମଧ୍ୟ ଭୋଗିବାକୁ ହୋଇଥାଏ । ତେଣୁ ଦୁଃଖ ଏବଂ ସୁଖ ଦୁଇଟିଯାକକୁ ମିଶାଇ ଭୋଗ ବୋଲି ସେମାନେ କହିବା ଦ୍ୱାରା, ଆଜି ଆମେମାନେ ମଧ୍ୟ ଦୁଃଖସୁଖ ଉଭୟକୁ ଭୋଗ କହୁଛେ, ଭୋଗ କହିଲେ ଅନୁଭବ, ତାହା ଦୁଃଖ ହୋଇପାରେ, ସୁଖ ହୋଇପାରେ ବୋଲି ଜାଣିବା ଉଚିତ୍ ।

ସେହିଭଳି ପ୍ରତ୍ୟେକ ମଣିଷ ଯୋଗପ୍ରାପ୍ତି ହୋଇପାରେ ନାହିଁ । ଯୋଗ ଭୋଗର ବିପରୀତ ହୋଇ ରହିଥାଏ । ଯୋଗରେ କର୍ମକୁ ଅନୁଭବ କରାଯାଇ ନଥାଏ । କର୍ମକୁ ଜଳାଇଥା'ନ୍ତି ଯୋଗୀମାନେ । ଜ୍ଞାନ ନାମକ ଅଗ୍ନିର ନିଳୟ ହେଉଛି ଯୋଗ । କର୍ମକୁ କେବଳ ଜ୍ଞାନାଗ୍ନି ଜାଳିଦିଏ ବୋଲି କଦାପି ଭୂଲନ୍ତୁ ନାହିଁ । ଜ୍ଞାନାଗ୍ନିର ନିଳୟ ଯୋଗର ସଂକେତ ଭାବରେ ଉତ୍ତରାୟଣ, ଅନୁଭବ ନିଳୟ ହୋଇଥିବା ଭୋଗର ସଂକେତ ଭାବରେ ଦକ୍ଷିଣାୟନ ରହିବା ଭଳି ବର୍ଷକୁ ଥରେ ଏକ ପର୍ବ ବା ପର୍ବଦିନକୁ ଜ୍ଞାନୀମାନେ ହିଁ ସମାଜରେ ରଖିଥିଲେ । ତାହା ହିଁ ମକରସଂକ୍ରାନ୍ତି ପର୍ବ ।

ମକର ରାଶିରେ ସୂର୍ଯ୍ୟ ରହିଲେ ମକର ସଂକ୍ରାନ୍ତି ଆସିଥାଏ । ସାଧାରଣତଃ ପ୍ରାୟ ସବୁବର୍ଷ ଜାନୁଆରୀ ମାସର ୧୪ତାରିଖରେ ମକର ସଂକ୍ରାନ୍ତି ପଡିଥାଏ । ବହୁଶା ଅନେକ ବର୍ଷ ପରେ ଜାନୁଆରୀ ୧୫ ତାରିଖରେ ମକର ସଂକ୍ରାନ୍ତି ପଡେ । ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଦକ୍ଷିଣାୟନ ରହିଥିବା ବେଳେ, ୧୪ ତାରିଖଠାରୁ ଉତ୍ତରାୟଣ ଆରମ୍ଭ ହୋଇଥାଏ । ଦକ୍ଷିଣାୟନ ଭୋଗର ସଂକତେ ହୋଇଥିବାରୁ ସେହି ବିଷୟ ମନେ ରଖିବା ପାଇଁ ଜାନୁଆରି ୧୩ ତାରିଖରେ ଅର୍ଥାତ୍ ସଂକ୍ରାନ୍ତିର ପୂର୍ବଦିନ ଏହି ଭୋଗୀ ପର୍ବ ପାଳନ କରିଥା'ନ୍ତି । ଭୋଗୀପର୍ବ ପରେ ଆସିଥାଏ ମକରସଂକ୍ରାନ୍ତି । ତେଣୁ ସଂକ୍ରାନ୍ତିର ପୂର୍ବଦିନ ରାତିରେ ନିଆଁ ଜଳାଇ ଏକ ଉତ୍ସବ (ପର୍ବ) ଭାବରେ ପାଳନ କରିବାକୁ ଜ୍ଞାନୀମାନେ ଭୋଗି ନିଆଁ କହୁଥିଲେ । ଏହିଭଳି

ନିଆଁ ଜଳାଇ ଭୋଗୀପର୍ବ କହି ପର୍ବକୁ ପାଳନ କରିବା ବିଷୟ ସମସ୍ତେ ଜାଣନ୍ତି ସିନା, କାହିଁକି ଜଳାଯାଏ, ଭୋଗୀନିଆଁ ବୋଲି କାହିଁକି କହନ୍ତି, ଏହି ପର୍ବର ବିଶେଷତା କ'ଣ ବୋଧହୁଏ ଅନେକଙ୍କୁ ଜଣାନାହିଁ ।

ଦକ୍ଷିଣାୟନ ଅଜ୍ଞାନ ସମ୍ବନ୍ଧୀୟ ବା ଭୌତିକ ସମ୍ବନ୍ଧୀୟ ସଂକେତ ବୋଲି ଆଗରୁ ଜାଣିଛେ । ସେଦିନ ଭୌତିକତାର ଅନୁଭବ ଅର୍ଥରେ ରହିଥିବା ଦକ୍ଷିଣାୟନର ଶେଷଦିନକୁ ଭୋଗୀପର୍ବ ଭାବରେ ମନେ ପକାଇ, ଆମ ଜୀବନରେ ଆଜିଠାରୁ ଭୌତିକ ଭୋଗକୁ ଛାଡି ଯୋଗରେ ରହିବୁ ବୋଲି କାମନା କରୁଥିଲେ । ଭୋଗ ଅର୍ଥାତ୍ ଭୌତିକ ଦୁଃଖସୁଖର କାରଣ ହୋଇଥିବା କର୍ମ ଆମର ଆଉ ନରହୁ ବୋଲି, ଭଗବଦ୍ଗୀତାରେ କହିବା ଭଳି କର୍ମକୁ କାଠ ଭାବରେ, ଜ୍ଞାନକୁ ଅଗ୍ନି ଭାବରେ ତୁଳନା କରି ସେହି ରାତିରେ ନିଆଁ ଜଳାଉଥିଲେ । ଅନୁଭବରେ ଆସିବାକୁ ଥିବା କର୍ମ ନିଖୋଜ କରିବା ଉଦ୍ଦେଶ୍ୟକୁ ମନେରଖିବା ପର୍ବଭାବରେ ରଖିଥିଲେ ଏହି ଭୋଗୀପର୍ବ । ଦକ୍ଷିଣାୟନର ଶେଷଦିନରେ ଭୋଗକୁ ସ୍ୱସ୍ତି କହିବା ହିଁ ଭୋଗୀନିଆଁ ଜଳାଇବାର ଉଦ୍ଦେଶ୍ୟ, ସେହିଭଳି ଉତ୍ତରାୟଣର ପ୍ରଥମ ଦିନରେ ଯୋଗକୁ ଆହ୍ୱାନ କରିବା ଜ୍ଞାନପ୍ରଦ ବିଷୟ, ତେଣୁ ସେହି ଦିନଟିକୁ ସଂକ୍ରାନ୍ତି କହିବା ପୂର୍ବରୁ ପରମ୍ପରା ହୋଇ ରହି ଆସିଛି । ଏହି ପର୍ବକୁ ପୂର୍ବଜମାନେ ଭାବର ସହିତ କରୁଥିବା ବେଳେ, ତାହା ଆଜି ଆମେ ପାଳନ କରୁଥିଲେ ମଧ୍ୟ ତାହାକୁ କାହିଁକି ଭୋଗୀ କହୁଛେ, ଭୋଗୀନିଆଁ କାହିଁକି ଜଳାଉଛେ, ସଂକ୍ରାନ୍ତି ପର୍ବ କାହିଁକି ପାଳନ କରୁଛେ ଆମକୁ ଜଣା ନାହିଁ ।

"ଜ୍ଞାନାଗ୍ନି ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା" ଅର୍ଥାତ୍ ଜ୍ଞାନ ନାମକ ଅଗ୍ନି ସମସ୍ତ କର୍ମକୁ ଭସ୍ମ କରିଦିଏ ବୋଲି ଗୀତାରେ ଭଗବାନ କହିଛନ୍ତି । ଭୋଗୀର ଥିବା କର୍ମକୁ ଜ୍ଞାନ ନାମକ ଅଗ୍ନିରେ ଜଳାଇବା ହିଁ ଭୋଗିନିଆଁ ଜାଳିବା । ମକର ସଂକ୍ରାନ୍ତିର ପୂର୍ବଦିନ ଅଜ୍ଞାନର ଶେଷଦିନ ହେଉ, ସଂକ୍ରାନ୍ତି

ହିଁ ପ୍ରଥମ ଦିନ ଭାବରେ ଜ୍ଞାନର ଆରମ୍ଭ ଦିନ ହେଉ ବୋଲି ରହିଥିବା ଅନ୍ତରାର୍ଥକୁ ବାହ୍ୟାର୍ଥରେ ଜଣାଇ ପୂର୍ବେ ଭୋଗିନିଆଁ ଜଳାଇଥିବା ବେଳେ, ସେହି ଦିନର ଆଚରଣ ଏବେ ମଧ୍ୟ ଆମ ପାଖରେ କେତେକ ଅଞ୍ଚଳରେ ରହିଛି । ଆଚରଣ ରହିଛି ସିନା ତାର ଅର୍ଥ ଆମକୁ ଜଣା ନାହିଁ । ଆଜିର ଏହି ଆଚରଣରେ ସେଦିନର ଅର୍ଥକୁ ମିଶାଇ ଯଦି ଆମେ ପର୍ବ ପାଳନ କରନ୍ତେ ତାହେଲେ ଆମ ଆଚରଣର କେତେ ମୂଲ୍ୟ ରହିପାରନ୍ତା । ଆଜି ଆମର ଉଦ୍ଦେଶ୍ୟ ରହିଲେ ଦିନେ ତାହାର ଫଳ ମିଳିପାରନ୍ତା । ଉଦ୍ଦେଶ୍ୟହୀନ କାର୍ଯ୍ୟ ବ୍ୟର୍ଥ ହୋଇଥାଏ । ତେଣୁ ବଜାରରେ ଭୋଗୀନିଆଁ ଜଳାଇ କିଛି ଲାଭ ନାହିଁ ! ଆମ ମୁଣ୍ଡରେ ଥିବା ଭୋଗର କାରଣ କର୍ମକୁ ଜ୍ଞାନନିଆଁରେ ଜଳାଇବା ଉଚିତ୍ । ଏବେ ବି ସମୟ ଅଛି ଜ୍ଞାନ ଜାଣି ଭୋଗୀପର୍ବ କରିପାରିବା । ଶରୀରରେ ଜ୍ଞାନ ନାମକ ଅଗ୍ନିକୁ ଜଳାଇ କର୍ମକୁ ଜାଳିପାରିବା ଅର୍ଥରେ ବାହାରେ ଭୋଗୀନିଆଁ ଜାଳିବା ।

*****

# ସଂକ୍ରାନ୍ତି

ସଂକ୍ରାନ୍ତି ନାମକ ଶବ୍ଦଟି ଦୁଇ ଭାଗର । ଦୁଇ ଭାଗରେ ଅର୍ଥ ଥାଏ । "ସଂ" କହିଲେ ଭଲ ବୋଲି ଅନେକ ଶବ୍ଦରୁ ଜଣାଯାଏ । ସଂସାର ଭଲ ସାର, ସଂବନ୍ଧ କହିଲେ ଭଲ ବନ୍ଧ, ସଂଗୀତ କହିଲେ ଭଲ ଗୀତ ବୋଲି ଆମେ ଜାଣିଛେ । ସେହି ଅନୁସାରେ ସଂକ୍ରାନ୍ତି କହିଲେ ଭଲକ୍ରାନ୍ତି ବୋଲି କହିପାରିବା । କ୍ରାନ୍ତି କହିଲେ ବିପ୍ଳବ, ବିଦ୍ରୋହ, ଆକ୍ରମଣ, ଶାସନର ବିରୁଦ୍ଧ ବା ଆମୂଳ ପରିବର୍ତ୍ତନକୁ ବୁଝାଏ । ଏଠାରେ କ୍ରାନ୍ତିର ପ୍ରକୃତ ଅର୍ଥକୁ ବିପ୍ଳବ ଭାବରେ ନେଲେ କ୍ରାନ୍ତିବୀର କହିଲେ ବିପ୍ଳବୀ ବୀର ହୋଇଥାଏ । ଏହି ପଦ୍ଧତି ଅନୁସରଣ କରି ସଂକ୍ରାନ୍ତି କହିଲେ ଭଲବିପ୍ଳବ ବା ଉନ୍ନତ ରୀତିର

ବିପ୍ଳବ ବୋଲି କହିପାରିବା । ସଂକ୍ରାନ୍ତି ଆମର ଏକ ପର୍ବ ହୋଇଥିବା ବେଳେ ଆପଣ ଉନ୍ନତବିପ୍ଳବ କହୁଛନ୍ତି ? ବୋଲି କେତେକ ଆମକୁ ପ୍ରଶ୍ନ କରି ପାରନ୍ତି । ତା'ର ସମାଧାନ ହେଉଛି ! ସଂକ୍ରାନ୍ତିକୁ ଏକ ଉନ୍ନତ ବିପ୍ଳବ କହିବା ସତ୍ୟ ବିଷୟ । ଏହାର ଅର୍ଥରେ ବାହାରେ କାହା ବିରୁଦ୍ଧରେ ବିପ୍ଳବ କରିବା ବୋଲି ଆପଣ ଭାବନ୍ତୁ ନାହିଁ କି କେତେଜଣ ମିଶି କାହା ଉପରେ ଆକ୍ରମଣ କରିବା ବୋଲି ବୁଝନ୍ତୁ ନାହିଁ । ବାହାରେ ଏହି ବିପ୍ଳବ ଭଲ ହୋଇପାରେ, ମନ୍ଦ ହୋଇପାରେ, କିନ୍ତୁ ସର୍ବଦା ଭଲଫଳ ଦେଇଥାଏ ସଂକ୍ରାନ୍ତିର ଅନ୍ତରାର୍ଥ । ସଂକ୍ରାନ୍ତି ଏକ ବ୍ୟକ୍ତିଗତ ବିପ୍ଳବ, ସାମୂହୀକ ବିପ୍ଳବ ନୁହେଁ ! ସଂକ୍ରାନ୍ତି ପୂର୍ବରୁ ଭୋଗୀନିଆଁ ଦେଖାଇଥିବା ପାତ୍ର ଦକ୍ଷିଣାୟନର ଶେଷ ଦିନରେ ମୋ କାମନାକୁ ମୁଁ ଜଳାଇଦେଉଛି ନାମକ ଉଦ୍ଦେଶ୍ୟକୁ ପ୍ରକଟିତ କରିବା ପରେ ତା ପରଦିନ ଉତ୍ତରାୟଣ ପ୍ରାରମ୍ଭରେ, ମୁଁ ଆଜିଠାରୁ ଭୋଗୀ ଭାବରେ ନ ରହି ଯୋଗୀ ଭାବରେ ବଦଳିବି ବୋଲି ସଂକ୍ରାନ୍ତିକୁ ପ୍ରକଟିତ କରିଥାଏ । ଶରୀରରେ ଥିବା ଅହଂ ଉପରେ, ମନ ଉପରେ ହେଉ ଜୀବ ଯେଉଁ ବିପ୍ଳବ ପ୍ରକଟିତ କରିଥାଏ ତାହାକୁ ଉନ୍ନତ ବିପ୍ଳବ ବା ସଂକ୍ରାନ୍ତି କୁହାଯାଏ । **ମଣିଷ ମନଉପରେ ବିପ୍ଳବ ଘୋଷଣାକଲେ ବ୍ରହ୍ମଯୋଗୀ ହୋଇପାରେ, ଅହଂ ଉପରେ ବିପ୍ଳବ ଘୋଷଣା କଲେ କର୍ମଯୋଗୀ ହୋଇପାରେ ।** ଏହାକୁ ବ୍ୟକ୍ତିଗତ ଆକ୍ରମଣ ବା ବିପ୍ଳବ କହିପାରିବା, ଏହା ହିଁ ଜୀବ ନିଜ ଶରୀରରେ ରହି ବ୍ୟକ୍ତିଗତ ଭାବରେ କରୁଥିବା ବିପ୍ଳବ । ଏପର୍ଯ୍ୟନ୍ତ ଜୀବ ଶରୀରରେ ମନ କହିବା ଭଳି, ଅହଂ କହିବା ଭଳି କାର୍ଯ୍ୟ କରିଥାଏ । ଏଭଳି ସ୍ଥିତିରେ ରହିବା ଜୀବର ଅଜ୍ଞାନ ସ୍ଥିତିରେ ରହିବା ଭଳି । ତା'ଛଡା ଏଭଳି ମନ, ଅହଂକୁ ବଶୀଭୂତ କରିନଥିବା ମଣିଷ କେବେ ଯୋଗୀ ହୋଇପାରିବ ନାହିଁ, ସେ କେବଳ ଭୋଗୀହୋଇ ରହିଯିବ ବୋଲି ବଡମାନେ କହିଥା'ନ୍ତି । ଏପର୍ଯ୍ୟନ୍ତ ଯିଏ ମନ ଆଉ ଅହଂର କଥା ଶୁଣିଥାଏ ସେ ଯଦି ଏକକାଳୀନ ଛାଡିଦେବ ତାହେଲେ ସେ କ'ଣ ମନ, ଅହଂ ଉପରେ

ଯୁଦ୍ଧ ଘୋଷଣା କରିବା ଭଳି ହୋଇନଥାଏ ? ମନ ଆଉ ଅହଂ ଦୁଇଟିର କଥା ନଶୁଣିବା ଭଳି କରିବା କେତେ ବଳଶାଳୀ ଚେଷ୍ଟା ! ସେମାନଙ୍କ କଥା ନଶୁଣିବା କ'ଣ ବିପ୍ଳବ ନୁହେଁ ?

ଅହଂ ଉପରେ ହେଉ କିମ୍ବା ମନ ଉପରେ ହେଉ ବିପ୍ଳବ କରିବା କହିଲେ ମନ ଆଉ ଅହଂର ବିରୁଦ୍ଧାଚରଣ କରିବା । ମନ, ଅହଂର କଥା ନ ଶୁଣିବା ବାସ୍ତବରେ ବଡ ମହାନ କାର୍ଯ୍ୟ ହୋଇଥାଏ, ଏହାକୁ ଖୁବ୍ ଭଲକାର୍ଯ୍ୟ କହିପାରିବା । ସେଥିଲାଗି ଏହି କ୍ରିୟାର ନାମକୁ **'ସଂକ୍ରାନ୍ତି'** କହିଛନ୍ତି । ଦେଖିଲେତ ! ସଂକ୍ରାନ୍ତିର ଅର୍ଥରେ କେତେ ରହସ୍ୟ ରହିଛି !! **ଭଗବଦ୍ଗୀତା ଶାସ୍ତ୍ରରେ ସାରାଂଶରେ ଯୋଗୀ ହେବାପାଇଁ ହିଁ ସଂଦେଶ ରହିଛି ।** ଯୋଗୀକୁ ଦୁଇଭାଗରେ ବିଭାଜନ କରି ବ୍ରହ୍ମଯୋଗୀ, ଏବଂ କର୍ମଯୋଗୀ ବୋଲି ଭଗବଦ୍ଗୀତା କହିଛି । ଦୈବଧର୍ମ ବା ପରମାତ୍ମାଙ୍କ ଧର୍ମର ଆଚରଣ କଲେ କେହି ମଧ୍ଯ ଯୋଗୀ ହୋଇପାରିବ । ଭୋଗୀପର୍ବ ଦିନ ଭୋଗଗୁଡିକୁ ପରିତ୍ୟାଗ କରିବା ପୂର୍ବକ ଭୋଗୀନିଆଁ ଜଳାଇବା, ସଂକ୍ରାନ୍ତି ପର୍ବରେ ଯୋଗ ଆଚରଣ କରିବା ପୂର୍ବକ କିଛି ସମୟ ଯୋଗସାଧନରେ ରହିବା ଭୋଗୀ ଆଉ ସଂକ୍ରାନ୍ତି ପର୍ବରେ କରାଯାଉଥିବା ମୁଖ୍ୟ ଆଚରଣ ବୋଲି ଜାଣିବା ଉଚିତ୍ । ପୂର୍ବେ ଏହି ଦୁଇପର୍ବକୁ ଜୋଡିପର୍ବ କହି, ସେହି ଦୁଇ ପର୍ବରେ ଆଧ୍ୟାତ୍ମିକ ଅର୍ଥକୁ ଖଞ୍ଜି ରଖିବା କାର୍ଯ୍ୟକୁ ଜ୍ଞାନୀ ହୋଇଥିବା ଇନ୍ଦୁମାନେ ହିଁ କରି ଦେଖାଇଥିଲେ । ଯେହେତୁ ଆମେ ଇନ୍ଦୁର ବଂଶଧର ସେମାନେ ଅର୍ଥଜାଣି ଆଚରଣ କରିଥିବା ଭଳି ଆମେ ମଧ୍ଯ ସେହି ପର୍ବ ଦୁଇଟିର ଅର୍ଥକୁ ଜାଣି ପାଳନ କରିବା ଉଚିତ୍ । **କର୍ମ ଅନୁଭବକୁ ଭୋଗୀର ସଂକେତ ଭାବରେ, କର୍ମ ବିନାଶକୁ ଯୋଗର ସଂକେତ ଭାବରେ ପ୍ରତି ବର୍ଷ ପୂର୍ବଜମାନେ ଆଚରଣରେ ଆଣୁଥିଲେ ।** ଭୋଗକୁ ପରିତ୍ୟାଗ କର, ଯୋଗ ଆଚରଣ କର ବୋଲି ସେଦିନର ସ୍ୱାମିଜୀମାନେ, ମହର୍ଷିମାନେ, ବୋଧକମାନେ ସମସ୍ତଙ୍କୁ କହୁଥିଲେ । କୁଟୁମ୍ବରେ ଜନ୍ମ ହୋଇଥିବା ଛୋଟ

ପିଲାମାନଙ୍କୁ ମଧ୍ୟ ଭୋଗୀ,ସଂକ୍ରାନ୍ତିର ଅର୍ଥ ଜଣାଇ ସେମାନଙ୍କୁ ସତ୍‌ପଥରେ ପରିଚାଳିତ କରୁଥିଲେ । ଏହିଭଳି ଏହି ଦୁଇଟି ପର୍ବ ଦ୍ୱାରା ପ୍ରଜାମାନେ କିଛି ଦୈବଜ୍ଞାନ ଆହରଣକରି ତାକୁ ଜୀବନର ଆଚରଣରେ ଆଣୁଥିଲେ । ଯଦି କେବେ ଅଜ୍ଞାନ ଦେଖାଯାଉଥିଲା; ତଥାପି ଏହି ଆଚରଣ ଦ୍ୱାରା ସେମାନେ ନିଜକୁ ସଂଯତ କରିନେଉଥିଲେ । ତେଣୁ ସେମାନଙ୍କର ଜୀବନ ଶାନ୍ତି ଏବଂ ସୁଖମୟ ହୋଇ ବିତୁଥିଲା ।

ଭୋଗୀ, ସଂକ୍ରାନ୍ତିର ଅର୍ଥ ଜଣାନଥିବା ହିନ୍ଦୁସମାଜ ଆଜି ତିଆରି ହୋଇଯାଇଛି । ଏକଥା ସାଧାରଣ ଲୋକେ କାହିଁକି ! ଆଜି ହିନ୍ଦୁ ସମାଜରେ ଆମେ ବଡ, ଆମେ ଆଧ୍ୟାତ୍ମିକ ଜାଣିଛୁ ବୋଲି ଭାବୁଥିବା ଲୋକମାନଙ୍କୁ ମଧ୍ୟ ଜଣା ନାହିଁ । ଆଜି କାହାକୁ ଅର୍ଥ ଜଣାନଥିଲେ ମଧ୍ୟ ସମାଜରେ କିଛି ଆଚରଣ ବଞ୍ଚିରହିଛି । କେତେକାଞ୍ଚଳରେ ଭୋଗୀପର୍ବର ରାତିରେ ନିଆଁ ଜଳାଇ ପର୍ବପାଳନ କରିଥା’ନ୍ତି, ସେମାନେ ଏହି ଭୋଗୀପର୍ବ କାହିଁକି ପାଳନ କରନ୍ତି ନଜାଣିଲେ ମଧ୍ୟ ସେଦିନ ନିଶ୍ଚୟ ମଦ୍ୟପାନ କରି ନାନା ହଙ୍ଗାମା କରିଥା’ନ୍ତି । ଭୋଗକୁ ତ୍ୟାଗ କରିବା ବଦଳରେ ମଦମାଂସରେ କାଳକାଟିଥା’ନ୍ତି, ତା ପର ଦିନ ଆସୁଥିବା ସଂକ୍ରାନ୍ତିର ନିୟମ ଅନୁସାରେ କେହି ଜଣେ ମଧ୍ୟ ମନ କିମ୍ବା ଅହଂ ଉପରେ ଗୋଟିଏ ମିନିଟ୍ ମଧ୍ୟ **“କ୍ରାନ୍ତି”** ଆଣିବା ଦେଖିବାକୁ ମିଳୁନାହିଁ । ସଂକ୍ରାନ୍ତି କହିଲେ ସ୍ତ୍ରୀଲୋକମାନେ ଦାଣ୍ଡଦୁଆରେ ଝୋଟି ତିଆରି କରିବା ହିଁ ପର୍ବ ଭାବୁଛନ୍ତି । ସଂକ୍ରାନ୍ତିରେ ମନ, ଅହଂ ବାବଦରେ ଆଲୋଚନା କରିବା ଦୂରେଥାଉ ରଙ୍ଗ ବେରଙ୍ଗର ମୂରୁଜରେ ଝୋଟି ପକାଇ, ରଙ୍ଗବେରଙ୍ଗର ବସ୍ତ୍ର ପିନ୍ଧି ନାନା ବିନୋଦ କ୍ରିୟା କରୁଛନ୍ତି । ଆଜିର ଏହି ଆଚରଣକୁ ଦେଖିଲେ ପୂର୍ବପୁରୁଷମାନେ ରଖିଯାଇଥିବା ଆଚରଣ ଟିକିଏ ମଧ୍ୟ ନାହିଁ ବୋଲି ଲାଗୁଛି । ଏବେ ଆମଦ୍ୱାରା ଏହି ବିବରଣୀ ପାଠକରୁଥିବା ଆପଣମାନେ ନିଜଠାରେ କିଛି ପରିବର୍ତ୍ତନ ଆଣିବେ ବୋଲି ଭାବୁଛୁ । ଆମ ଲେଖା ଦ୍ୱାରା ଆପଣ ବଦଳନ୍ତୁ କିମ୍ବା ନବଦଳନ୍ତୁ କିନ୍ତୁ ଆମକୁ ଆପଣ ହିନ୍ଦୁ

ନୁହନ୍ତି, ଅନ୍ୟଧର୍ମର ବୋଲି କହନ୍ତୁ ନାହିଁ । ଆମେ ଯାହା କହୁଛୁ ତାହା ଆଧ୍ୟାତ୍ମିକ ଅର୍ଥଯୁକ୍ତ ବିଷୟ । ଏହା ସମସ୍ତେ ବୁଝିନପାରନ୍ତି, କିନ୍ତୁ ନିନ୍ଦା କରନ୍ତୁ ନାହିଁ ।

*****

# ଦଶରା ବା ଦଶହରା

ଦଶହରା ଶବ୍ଦ ବା ଦଶରା ଶବ୍ଦ ଦିନେ 'ଦଶର' ନାମରେ କୁହାଯାଉଥିଲା । ଆଜି ଦଶ ପାଖରେ ର ନକହି ରା କହୁଛନ୍ତି । ପୂର୍ବେ ରା ନଥାଇ ର ଥିଲା । ତେଣୁ ପୂର୍ବେ ଯାହାକୁ ଦଶର କୁହାଯାଉଥିଲା ତାହା ଏବେ ଦଶରା କୁହାଯାଉଛି ବୋଲି ମନେ ରଖନ୍ତୁ । ଆଜି ଆମେମାନେ ଯେଉଁସବୁ ପର୍ବ ପାଳନ କରୁଛେ ତାହା ସେତେବେଳେ ବ୍ରହ୍ମଜ୍ଞାନୀମାନେ ସୁ ଉଦ୍ଦେଶ୍ୟ ନେଇ ସମାଜରେ ରଖିଥିଲେ । ପର୍ବଗୁଡିକରେ ଆଧ୍ୟାତ୍ମିକ ଅର୍ଥ ଥିଲା ବୋଲି ଆମେ ଜାଣି ସାରିଛେ, ତେଣୁ ପର୍ବଗୁଡିକରେ ଆଧ୍ୟାତ୍ମିକ ଅର୍ଥ ରହିଥାଏ ବୋଲି ସଂକୋଚହୀନ ଭାବରେ କହିପାରିବା । ଏହି ଦଶହରା ବା ଦଶରା ବାବଦରେ ମଧ୍ୟ ଆମେ ଯେଉଁ ଆଲୋଚନା କରିବା ସେଥିରେ କେଉଁ ଆଧ୍ୟାତ୍ମିକ ଅର୍ଥ ରହିଥିଲା ତାହା ଜାଣିବା ଏବଂ ମନେ ରଖି ଆଚରଣରେ ଆଣିବା । ପୂର୍ବର ଦଶର ଆଜିର ଦଶରା; ତଥାପି ଦଶରାରେ କଳ୍ପିତ ପୁରାଣର ପ୍ରଭାବ ପଡି କିଛି ପରିବର୍ତ୍ତନ ଆସି ଦଶରାକୁ 'ବିଜୟଦଶମୀ' କୁହାଗଲାଣି । ଏହାଦ୍ୱାରା ପୂର୍ବଜମାନଙ୍କର ଦଶର ଭାବ ସଂପୂର୍ଣ୍ଣ ବଦଳି ବିଜୟଦଶମୀ ଅନ୍ୟ ଅର୍ଥ ଦେଖାଉଛି, ସେମାନଙ୍କ ଭାବର ସଂପୂର୍ଣ୍ଣ ପରିବର୍ତ୍ତନ ଆସିଯାଇଛି । ଦଶର ଶବ୍ଦର ଆଧ୍ୟାତ୍ମିକ ଅର୍ଥ ମାତ୍ର ଗୋଟିଏ ଥିଲା । ତା'ପରେ ଦଶରା ଶବ୍ଦର ମଧ୍ୟ ପ୍ରାୟ ସେହି ଅର୍ଥ ରହିଥିଲା, ଦଶହରା ଶବ୍ଦର ମଧ୍ୟ ଅର୍ଥ ଦଶର ଅର୍ଥ ସହ ସମାନ

ହୋଇ ରହିଛି, କିନ୍ତୁ ବିଜୟଦଶମୀ (ଦୂର୍ଗାପୂଜା)ର ଅର୍ଥରେ ତାହା ସଂପୂର୍ଣ୍ଣ ରୂପରେଖକୁ ହରାଇଛି ।

ଶତ କହିଲେ ଶହେ, ଦଶ କହିଲେ ତାହା କ'ଣ କହିବା ଦରକାର ନାହିଁ । ଏଠାରେ 'ଦଶର' ଶବ୍ଦରୁ 'ର' କୁ ବାହାର କରି ଅର୍ଥକଲେ 'ର' ହେଉଛି  ବିନାଶ ସୂଚକ । ମନ୍ତ୍ର ଉଚ୍ଚାରଣରେ ମଧ୍ୟ 'ରଂ' ନାମକ ଅକ୍ଷରକୁ ବିନାଶ ଶବ୍ଦ ବଦଳରେ ବୀଜାକ୍ଷର କରି ବ୍ୟବହାର କରାଯାଇଥାଏ । ହର ବା ହରା ନାମକ  ଶବ୍ଦର  ଅର୍ଥ  ମଧ୍ୟ  ହରାଇବା  ବା  ବିନାଶ ନାମକ ଅର୍ଥ  ରହିଛି ।  ସେଥିଲାଗି  ଦଶହରାର  ଅର୍ଥ  ଅଛି ବୋଲି କହିଛୁ, କିନ୍ତୁ ଆଜି ସମସ୍ତେ ଦଶହରା ନକହି ଦଶରା କହିଲେଣି, ସେଥିରେ ମଧ୍ୟ ଅର୍ଥ  ଅଛି ବୋଲି  ଜଣାଇଛୁ ।  ତେଣୁ  ଦଶରା  ଶବ୍ଦର  ଶେଷ  ଅକ୍ଷର ହୋଇଥିବା  'ର'  ବିନାଶକୁ  ବା  ହଜାଇଦେବାକୁ ସୂଚିତ କରିଥାଏ । "ହରା" କହିଲେ ମଧ୍ୟ ଅନ୍ୟ ଏକ ଅର୍ଥ ରହିଥିବା ଜଣାଯାଏ । ର ନାଶନ ବା ବିନାଶର ସୂଚକ ହୋଇଥିବା ବେଳେ ତା ପୂର୍ବରୁ ଥିବା 'ହ' ଅକ୍ଷରର ଅର୍ଥ ହେଉଛି କର୍ତ୍ତା ବା ଯିଏ କରେ । ସେହିଭଳି 'ରି' କହିଲେ ପାଳନ, 'ହରି' କହିଲେ  ପାଳନକର୍ତ୍ତା ବା ଯିଏ ପାଳନ କରିଥାଏ ।  ଏଠାରେ ର  ବିଷୟ ଉପରକୁ ଫେରିଲେ ତାର ଅର୍ଥ ଅନୁସାରେ ହରାଇବା ବା ଥିବା ଜିନିଷକୁ ନିଖୋଜ କରିବା  କିମ୍ବା  ବିନାଶ କରିବା ବୋଲି କହିପାରିବା । ଦଶରା ଶବ୍ଦରେ ର ଅକ୍ଷରର ଅନୁସନ୍ଧିତ ଭାବରେ ପୂର୍ବରୁ ଦଶ ନାମକ ଶବ୍ଦଟିଏ ରହିଛି । ସେହି  ଅନୁସାରେ  ଅର୍ଥକଲେ  ଦଶଗୋଟି ଜିନିଷକୁ ହରାଇବା ବା ବିନାଶ  କରିବା  ବୋଲି  ଅର୍ଥ  ମିଳିଥାଏ । ଏହି ଅର୍ଥକୁ ବୁଝିବାରେ କାହାର ଅସୁବିଧା ନାହିଁ, କିନ୍ତୁ ସେହି ଦଶଗୋଟି ଜିନିଷ କ'ଣ ଯେ,  ଆମେ ତାକୁ ହରାଇବା ?  କେଉଁ  ଦଶଗୋଟିକୁ  ବିନାଶ  କରିବା  ?  ବୋଲି ପ୍ରଶ୍ନ ନଆସି  ରହିବ  ନାହିଁ  ।  ଏହି  ପ୍ରଶ୍ନର  ସମାଧାନ  ହେଉଛି !  ଆମ ସୂତ୍ର ଅନୁସାରେ ପର୍ବଗୁଡିକରୁ ଆଧ୍ୟାତ୍ମିକ ଅର୍ଥ ଖୋଜିଲେ ସର୍ବପ୍ରଥମେ

ଆଧ୍ୟାତ୍ମିକର ଅର୍ଥ କ'ଣ ବୋଲି ପ୍ରଶ୍ନ ଆସିଥାଏ । ତା ବାବଦରେ ଟିକିଏ ଜାଣିବା । ଆତ୍ମା ବିଷୟରେ ଜାଣିବାକୁ ଆଧ୍ୟାତ୍ମିକ କୁହାଯାଏ । ଆତ୍ମା ଶରୀରରେ ଜୀବାତ୍ମା ସହିତ ରହିଥାଏ । ତେଣୁ ଆଧ୍ୟାତ୍ମିକ ଶରୀରରେ ହିଁ ରହିଥାଏ । ଚୋର ଥିଲେ ପୋଲିସ୍ ଥାଆନ୍ତି, ପୋଲିସ୍ ଥିଲେ ଚୋର ନିଶ୍ଚୟ ଥିବା ଭଳି ଶରୀରରେ ଜୀବାତ୍ମା ଥିଲେ ଆତ୍ମା ଥାଏ, ଆତ୍ମା ଥିଲେ ଜୀବାତ୍ମା ନିଶ୍ଚୟ ଥାଏ । ଯେଉଁଭଳି ପୋଲିସ୍ ସହିତ ଚୋରର ସମ୍ବନ୍ଧ ଥାଏ, ସେହିଭଳି ଜୀବାତ୍ମା ସହିତ ଆତ୍ମାର ସମ୍ପର୍କ ଥାଏ । ତେଣୁ ଜୀବାତ୍ମା, ଆତ୍ମା ଦୁହିଁଙ୍କୁ ଜୁଗଳାତ୍ମା ବା ଜୋଡିଆତ୍ମା କୁହାଯାଏ । ଜୁଗଳାତ୍ମା ରହିଥିବା ଶରୀରରେ ବାହାରକୁ ଦେଖାଯିବା ଭଳି ୧୦ଗୋଟି ଅବୟବ ରହିଥାଏ, ସେଗୁଡିକୁ ହିଁ ଦଶେନ୍ଦ୍ରିୟ କୁହାଯାଏ, ସେଗୁଡିକ ବାବଦରେ କହିଲେ ସେମାନେ ପାଞ୍ଚଗୋଟି କର୍ମେନ୍ଦ୍ରିୟ ଏବଂ ପାଞ୍ଚଗୋଟି ଜ୍ଞାନେନ୍ଦ୍ରିୟ ଭାବରେ ବିଭାଜିତ ହୋଇ ରହିଥା'ନ୍ତି । କର୍ମେନ୍ଦ୍ରିୟଗୁଡିକ କ୍ରମାନ୍ୱୟରେ ୧) ହାତ ୨) ଗୋଡ ୩) ମୁଖ ୪) ଗୁହ୍ୟ ୫) ଉପସ୍ଥ (ଗୁଦ) । ସେହିଭଳି ଜ୍ଞାନେନ୍ଦ୍ରିୟଗୁଡିକ ହେଉଛନ୍ତି ୧) ଆଖି ୨) ନାକ ୩) କାନ ୪) ଜିଭ ୫) ଚର୍ମ । ଏହିଭଳି କର୍ମେନ୍ଦ୍ରିୟ, ଜ୍ଞନେନ୍ଦ୍ରିୟଗୁଡିକ ୧୦ଗୋଟି । ଏହି ଦଶଗୋଟିକୁ 'ର' (ବିନାଶ) କରିବାକୁ ହେବ । ଏହି ଦଶଗୋଟିକୁ ବିନାଶ କରିବାକୁ ଦଶର କୁହାଯାଏ । ଏବେ କେହି ମଧ୍ୟ ତୁରନ୍ତ ଏକ ପ୍ରଶ୍ନ କରି ଆପଣ ଦଶଗୋଟି ଇନ୍ଦ୍ରିୟକୁ ବିନାଶ କରିବାକୁ କହୁଛନ୍ତି ! କ'ଣ ଆମ ଆଖିକୁ ଫୁଟାଇଦେବା ? କାନକୁ କାଟିଦେବା ? ଜିଭକୁ ଛିଣ୍ଡାଇଦେବା ? ନାକ କାଟିଦେବା ? ଚର୍ମକୁ ଉତ୍ତାରିଦେବା ? ସେସହିଭଳି ହାତଗୋଡକୁ ଟାଙ୍ଗିଦେବା ? ନା କଣ୍ ! ଏହି ପ୍ରଶ୍ନର ସମାଧାନ ହେଉଛି !

ଆଖି ଇତ୍ୟାଦି ଜ୍ଞାନେନ୍ଦ୍ରିୟଗୁଡିକ ହୁଅନ୍ତୁ, ହାତଗୋଡ ଇତ୍ୟାଦି କର୍ମେନ୍ଦ୍ରିୟଗୁଡିକ ହୁଅନ୍ତୁ ସେଗୁଡିକୁ ନଷ୍ଟକରିଦେବା ବୋଲି କେହିବି ଉତ୍ତର କହିବେ ନାହିଁ । ସେଗୁଡିକୁ ନଥିବା ଭଳି କରିବା କହିଲେ ବା ବିନାଶ କରିବା

କହିଲେ ସେଗୁଡିକର କାର୍ଯ୍ୟ ବନ୍ଦ କରିଦେବା ବୋଲି କହିପାରିବା । ସେଗୁଡିକର କାର୍ଯ୍ୟକୁ ବନ୍ଦ କରିଦେଲେ ସେଗୁଡିକୁ ବିନାଶ କରିଦେବା ଭଳି ହେବ ବା ସେଗୁଡିକ ଥାଇ ନଥିବାଭଳି ହେବ । ଏବାବଦରେ ଛୋଟ ଉଦାହରଣଟିଏ କହିଲେ ! ଗୋଟିଏ ଘରେ ଛୋଟ, ବଡ ହୋଇ ୧୦ଗୋଟି ବିଦ୍ୟୁତ୍ ବଲ୍‌ବ ଅଛି ବୋଲି ଭାବିବା । ବଲବ୍‌ଗୁଡିକ ରାତିରେ ଜଳିଥାଏ ସିନା, ଦିନବେଳେ ସେଗୁଡିକ ଜଳିବା ଆବଶ୍ୟକ ନଥାଏ । ଏହା ସମସ୍ତଙ୍କ ଘରେ ସମସ୍ତେ ଦେଖିଥିବେ । ଜଣେ ଘରମାଲିକର ଘରେ ରାତିରେ ମଧ୍ୟ ଏହି ବଲବ୍‌ଗୁଡିକ ଜଳିବା ଆବଶ୍ୟକ ନାହିଁ ବୋଲି ଭାବିବା । ସେତେବେଳେ ସେ ବଲବ୍‌ଗୁଡିକର କାର୍ଯ୍ୟକୁ ବନ୍ଦ କରିବ ? ନା ତା ସହିତ ସଂଯୋଜିତ ହୋଇଥିବା ତାରକୁ ଛିଣ୍ଡାଇ, ବଲବ୍‌ଗୁଡିକୁ ଫୁଟାଇ ଦେବ ? ବୋଲି ପଚାରିଲେ କେହି ବି କହିବ ଯେ, ବଲବ୍‌ଗୁଡିକୁ ଭାଙ୍ଗିବା ଦରକାର ନାହିଁ କି ତାରକୁ ଛିଣ୍ଡାଇବା ଦରକାର ନାହିଁ, ସେଗୁଡିକର କାର୍ଯ୍ୟକୁ ବନ୍ଦ୍ କରିଦେଲେ, ଅର୍ଥାତ୍ ସୁଇଚ୍ ବନ୍ଦ କରିଦେଲେ ଯଥେଷ୍ଟ ହେବ । ତେଣୁ ଅନ୍ଧାରରେ ରହିବାକୁ ଇଚ୍ଛାକଲେ ବଲ୍‌ବ୍‌ଗୁଡିକର ସୁଇଚ୍ ବନ୍ଦ କରିଦେଲେ ହେବ । ଏହା ଗୋଟିଏ ବିଧାନ ହୋଇଥିବା ସ୍ଥଳେ, ଆଉ ଗୋଟିଏ ବିଧାନରେ ମଧ୍ୟ ଅନ୍ଧାରରେ ରହିପାରିବା, ତାହା କିପରି କି ! ଘରେ ବଲବ୍ ଜଳିଲେ ଜଳୁ ତା ଆଲୁଅରେ ନରହି ଅନ୍ଧାରରେ ରହିବାକୁ ଚାହିଁଲେ ଆଖିକୁ ଜୋରକରି ବନ୍ଦକରି ବସିଲେ ହେବ ! ଏଭଳି କଲେ ଆଲୁଅରେ ନରହି ଅନ୍ଧାରେ ରହିବାଭଳି ହେବ । ତେଣୁ ଏଠାରେ ଦୁଇଟି ଉପାୟରୁ ଗୋଟିଏ ଉପାୟରେ ବଲ୍‌ବ୍‌ର କାର୍ଯ୍ୟକୁ ବନ୍ଦ୍ କରିଦେଇ ପାରିବା, ତେଣୁ ସେଗୁଡିକୁ ନଥିବା ଭଳି କରିବା ଦରକାର ନାହିଁ । ସେହିଭଳି ଆଉଗୋଟିଏ ଉପାୟରେ ବଲ୍‌ବ୍‌ଗୁଡିକ ସେମାନଙ୍କ କାର୍ଯ୍ୟ କରୁଥିଲେ ମଧ୍ୟ ସେଗୁଡିକରୁ ମିଳୁଥିବା ଆଲୁଅରେ ନ ରହିଲେ ଅନ୍ଧାରରେ ରହିବା ଭଳି ହେବ, ସେତେବେଳେ ମଧ୍ୟ ବଲ୍‌ବ୍‌କୁ ଫୁଟାଇବା ଦରକାର

ନାହିଁ କି ତାର ଛିଣ୍ଡାଇବା ଦରକାର ନାହିଁ! ଏଠାରେ ମଧ୍ୟ କେହି ଏକ ପ୍ରଶ୍ନ କରିପାରିବ । ତାହା କ'ଣନା! ଅନ୍ଧାରରେ ରହିବା ପାଇଁ ବଲବ୍‌ଗୁଡିକ ଫୁଟାଇଦେଲେ କିମ୍ବା ଖୋଲିଦେଲେ ମଧ୍ୟ ଆଉ ଏକ ଉପାୟରେ ରହିପାରିବା । ତେଣୁ ଆଉ ଏକ ଉପାୟ ନାହିଁ ବୋଲି କିପରି କହିବା? ତା'ର ସମାଧାନ ହେଉଛି ! ଘରମାଲିକ ତା' ଘରେ ଆଲୁଅର ବ୍ୟବସ୍ଥା ରହିବା ପାଇଁ ତ ବଲ୍‌ବ୍‌ଗୁଡିକ ଲଗାଇଛି, କିନ୍ତୁ ସେ ଅନ୍ଧାରରେ ରହିବାକୁ ଇଚ୍ଛାକଲା ବେଳେ ଦୁଇଟି ଉପାୟରେ ରହିପାରିବ । ବଲବ୍‌ଗୁଡିକର ସୁଇଚ୍ ବନ୍ଦ୍ କରିବା ଗୋଟିଏ ଉପାୟ ହୋଇଥିବା ସ୍ଥଳେ, ନିଜର ଆଖି ବନ୍ଦ୍ କରି ରହିବା ଆଉଏକ ଉପାୟ ମଧ୍ୟ ଅଛି । ଆପଣ କହୁଥିବା ତୃତୀୟ ଉପାୟରେ ସେ ତା' ଘରର ବଲ୍‌ବ୍‌ଗୁଡିକୁ ନଷ୍ଟ କରିବା ମଧ୍ୟ ଏକ ଉପାୟ ହେବ, କିନ୍ତୁ ସେ ତାହା କଦାପି କରିବ ନାହିଁ । କାରଣ! ଅନ୍ଧାରରେ ରହିବାକୁ ଇଚ୍ଛା କରୁଥିବା ଘରମାଲିକ ବେଳେବେଳେ ରାତିରେ ମଧ୍ୟ କାମପଡିଲେ କାମ କରିବାକୁ ପଡିଥାଏ । ସେତେବେଳେ ବଲବ୍‌ଗୁଡିକ ଥିଲେ ସିନା ଜଳାଇବ! ନଥିଲେ କିପରି ଜଳାଇବ? ତେଣୁ ଆଲୁଅ ଦରକାର ହେବାବେଳେ ଆଲୁଅ ଦେଉଥିବା ଉପକରଣ ବଲବ୍‌ଗୁଡିକ ନିହାତି ରହିବା ଦରକାର । ଅନ୍ଧାରରେ ରହିବାକୁ ଇଚ୍ଛାକଲେ ଘରୁ ବଲବ୍‌ଗୁଡିକ ଖୋଲିବା ଦରକାର ନାହିଁ, ଫୁଟାଇଦେବା ଦରକାର ନାହିଁ କି ତାର ଛିଣ୍ଡାଇବା ଦରକାର ନାହିଁ ବୋଲି ଜାଣିବା ଉଚିତ୍ ।

ଏହିଭଳି ଶରୀର ନାମକ ଘରେ କାର୍ଯ୍ୟକରୁଥିବା ଅବୟବ ୧୦ଗୋଟି ରହିଥାଏ । ବଲବ୍‌ଗୁଡିକର କାର୍ଯ୍ୟ ଦିନବେଳା ନଥିବା ଭଳି ୧୦ଗୋଟି ଅବୟବର ମଧ୍ୟ ରାତିରେ କାର୍ଯ୍ୟ ନଥାଏ । ରାତିରେ ବଲବ୍‌ଗୁଡିକର କାର୍ଯ୍ୟ ଥିବା ଭଳି ଦିନବେଳେ ୧୦ଗୋଟି ଅବୟବର କାର୍ଯ୍ୟ ରହିଥାଏ । ଶରୀରରେ ଥିବା ଜୀବର ୧୦ଗୋଟି ଅବୟବର କାର୍ଯ୍ୟକୁ ବନ୍ଦ କରିଦେବାକୁ ଇଚ୍ଛାକଲେ ଗୋଟିଏ ଉପାୟ ଅନୁସାରେ ଘରର ବଲବ୍‌ଗୁଡିକର କାର୍ଯ୍ୟକୁ ବନ୍ଦ୍ କରିବା

ପୂର୍ବକ ସୁଇଚ୍ ବନ୍ଦ୍ କରିଦେବା ଭଳି, ଜୀବ ଅବୟବଗୁଡିକର କାର୍ଯ୍ୟକୁ ବନ୍ଦ କରିଦେଇ ପାରିବ । ଦ୍ୱିତୀୟ ଉପାୟରେ ଆଲୁଅ ଆବଶ୍ୟକ ନାହିଁ ଭାବି ଆଖି ବନ୍ଦକରି ରହିବା ଭଳି, ଜୀବର ୧୦ଗୋଟି ଅବୟବ କାର୍ଯ୍ୟ କରୁଥିଲେ ମଧ୍ୟ, ସେଗୁଡିକ କରୁଥିବା କାର୍ଯ୍ୟର ଫଳ ଉପରେ ଧ୍ୟାନ ନଦେଇ ରହିଗଲେ ହେବ । ୧୦ଗୋଟି ବଲବ୍ ଜଳୁଥିଲେ ମଧ୍ୟ ଯିଏ ଆଖି ବନ୍ଦ କରିଛି ତାକୁ ବଲବ୍‌ର ଆଲୁଅ ଦେଖା ନଯିବା ଭଳି, ୧୦ଗୋଟି ଅବୟବ କାର୍ଯ୍ୟ କରୁଥିଲେ ମଧ୍ୟ ସେଗୁଡିକ ଉପରେ ଧ୍ୟାନ ନଦେଇ, ସେମାନେ କରୁଥିବା କାର୍ଯ୍ୟର ଫଳ ହୋଇଥିବା କର୍ମକୁ ଜୀବ ଛାଡିଦେଇ ପାରିବ । ଏହିଭଳି ଦୁଇଟି ପଦ୍ଧତିରେ ଜୀବ ତାର ୧୦ଗୋଟି ଅବୟବର ଆବଶ୍ୟକତାଠାରୁ ଦୂରରେ ରହି ପାରିବ । ଆବଶ୍ୟକ ହେଲେ ବେଳେବେଳେ ଜୀବ ତା'ର ଅବୟବଗୁଡିକ ଦ୍ୱାରା କାର୍ଯ୍ୟ କରିଥାଏ । ସେଥିଲାଗି ସେଗୁଡିକ ଶରୀରରେ ରହିବା ଦରକାର ।

ଏକ ପଦ୍ଧତିରେ ୧୦ ଅବୟବର କାର୍ଯ୍ୟକୁ ଅଟକାଇବାକୁ ବ୍ରହ୍ମବିଦ୍ୟା ଶାସ୍ତ୍ର ଭଗବଦ୍ଗୀତାରେ **ବ୍ରହ୍ମଯୋଗ** କୁହାଯାଇଛି । ଦ୍ୱିତୀୟ ପଦ୍ଧତି ଅନୁସାରେ ୧୦ଗୋଟି ଅବୟବ କାର୍ଯ୍ୟ କରୁଥିବା ବେଳେ ଜୀବ ସେଗୁଡିକ ସହିତ ସମ୍ପର୍କ ନରଖିବା ସଦୃଶ ସେଗୁଡିକ କରୁଥିବା କାର୍ଯ୍ୟର ଫଳ ଉପରେ ଧ୍ୟାନ ନଦେଇ ରହିବାକୁ ଭଗବଦ୍ଗୀତାରେ **କର୍ମଯୋଗ** କୁହାଯାଇଛି । ଏହି ଦୁଇଟି ଉପାୟରେ ବା ଦୁଇ ଯୋଗରେ ୧୦ଗୋଟି ଅବୟବ ସହିତ ସମ୍ପର୍କ ନରଖି ରହିହେବ । ସେଥିଲାଗି ଏହି ୧୦ ଅବୟବର ଫଳକୁ ନଥିବା ଭଳି କର ବୋଲି ସଂଦେଶ ଜଣାଉଥିବା ପର୍ବ ହେଉଛି **'ଦଶର ବା ଦଶହରା'** । ଏହାକୁ ବୁଝିବିଚାରି ଜ୍ଞାନୀମାନେ ହିଁ ସମାଜରେ ରଖିଥିଲେ । କାଳକ୍ରମେ ଅଜ୍ଞାନ ବଢିଯାଇ ଧର୍ମ ଅଧର୍ମରେ ପରିଣତ ହୋଇଯାଇଛି । ସେଥିଲାଗି ଆଜି ଦଶହରା ବା ଦଶର ପର୍ବର ଅର୍ଥ କେହି ଜାଣନ୍ତି ନାହିଁ । ବ୍ରହ୍ମଯୋଗ ଏବଂ କର୍ମଯୋଗର ପ୍ରତୀକ ଭାବରେ ଏହି ପର୍ବ ସମାଜରେ ରହିଛି । ଜ୍ଞାନୀମାନେ ଏହି ଦୁଇ ଯୋଗର

ଅସ୍ତିତ୍ୱକୁ ପର୍ବରୂପରେ ସୂଚିତ କରିଥିଲେ । ଆଜିର କାଳରେ ତାହା ସମସ୍ତେ ଭୂଲିଯାଇଛନ୍ତି । ଯଦି ର ଅକ୍ଷରର ଅର୍ଥ ଜଣା ନାହିଁ ତେବେ ଦଶ ବୋଲି ଶବ୍ଦ ବାବଦରେ ତ ସମସ୍ତେ ଜାଣନ୍ତି ! ସେହି ଦଶ କ'ଣ ବୋଲି ଟିକିଏ ବିଚାର କରିବା ଉଚିତ୍ ।

ଦଶହରା ବା ଦଶରା କହିଲେ ଏଥିରେ କିଛି ଅର୍ଥ ଥାଇପାରେ ବୋଲି କେହି ଭାବୁନାହାନ୍ତି । ଦଶରା କହିଲେ ଦଶରାଭେଟି ଆଦାୟ କରିବା ବେଳ ଆସିଗଲା ବୋଲି କେତେକ ଖୁସି ହୋଇଯା'ନ୍ତି । ଦଶରା ଆସିଲେ ଅନେକ ଲୋକ ଦଶହରା ଭେଟି ଆଦାୟରେ ଲାଗିଯା'ନ୍ତି । ମାଗୁଥିବା ଲୋକକୁ କିଛି ନଦେଲେ ଭଲନୁହେଁ ବୋଲି ଦେବାଲୋକ ଦେଇଥା'ନ୍ତି । ଟଙ୍କା ନଥିବା ଲୋକ କରଜ ଆଣି ମଧ୍ୟ ଦେବା ଲୋକକୁ ଦେବାକୁ ପଡିଥାଏ । ଆଉ କେତେକ ବାକି ରଖିବା ଉଚିତ୍ ନୁହେଁ ତେଣୁ ବାକିଦାରମାନଙ୍କୁ ଆଗୁଆ ସୂଚିତ କରିଥା'ନ୍ତି । ବାକିଦାର ମଧ୍ୟ ଆଗରୁ ସତର୍କ ରହିଥାଏ । ଏହିଭଳି ପୁରୁଣା ବାକିଦାରମାନେ ବାକି ସୁଜିବାକୁ ଯାଇ ନୂଆ ବାକି ମଧ୍ୟ କରିଥାନ୍ତି । ଏହିଭଳି ପୂର୍ବର ଭାବ ବଦଳିଯାଇ ସମାଜରେ ନୂଆ ଭାବ ପ୍ରବେଶ କରିଯାଇଛି, ଅଭ୍ୟାସ ଦୂରାଭ୍ୟାସରେ ପରିଣତ ହୋଇଯାଇଛି । ସର୍ବଦା ହିନ୍ଦୁ ସଂସ୍କୃତିକୁ ରକ୍ଷାକରିବା ପାଇଁ ଅନ୍ୟ ମତାବଲମ୍ବୀମାନଙ୍କ ଉପରେ ବିଚାର କରୁଥିବା ହିନ୍ଦୁ ସଂସ୍ଥାର ଲୋକମାନେ ନିଜ ମତର ପର୍ବରେ ଥିବା ସଂସ୍କୃତିରେ ପୋଡିଯାଉଛନ୍ତି ବୋଲି ଜାଣିପାରୁନାହାନ୍ତି । ଦଶରାରେ ଆଜି କରାଯାଉଥିବା ଆଚରଣ ଏଭଳି କରିବା ଉଚିତ୍ ନୁହେଁ ବୋଲି ଜଣାଇ ପାରୁନାହାନ୍ତି । ହିନ୍ଦୁ ସମାଜର କୌଣସି ସ୍ୱାମିଜୀ ମଧ୍ୟ ଏଇ ଦଶରାମାମୁଲି ମାଗିବାକୁ ପରୋକ୍ଷରେ ହେଉ କି ପ୍ରତ୍ୟକ୍ଷରେ ଖଣ୍ଡନ କରିପାରୁ ନାହାନ୍ତି । କେହି ନ କଲେ ମଧ୍ୟ ଗତ କିଛି ବର୍ଷହେଲା ଆମେ ଏହି ବିଷସଂସ୍କୃତିକୁ ଖଣ୍ଡନ କରୁଛୁ । ହିନ୍ଦୁ ସଂସ୍କୃତିର ମଙ୍ଗଳ କାମନାକରି ଆମେ କରୁଥିବା ଚେଷ୍ଟାକୁ ଦେଖି ପ୍ରଜାମାନେ ଏଇହିଁ ପ୍ରକୃତ ଜ୍ଞାନ ବୋଲି ସନ୍ତୋଷତା ବ୍ୟକ୍ତ

କରୁଛନ୍ତି, ହେଲେ ହିନ୍ଦୁମତରେ ଆମେ ମୁଖ୍ୟ ବୋଲି କହୁଥିବା କେତେକ ନାମଧାରୀମାନେ ଆମକୁ ଦେଖି ସହି ନପାରି ଆମେ କୁଆଡେ ହିନ୍ଦୁ ନୋହୁଁ, ଆମେ ପରମତ (ପରଧର୍ମ) ପ୍ରଚାର କରୁଛୁ ବୋଲି ଆରୋପଣ କରୁଛନ୍ତି, ସେମାନେ ଏଭଳି କେତେ ପ୍ରଚାର କଲେ ମଧ୍ୟ, ଆମେ କିଏ ଆଉ କ'ଣ କରୁଛୁ ଜାଣୁଥିବା ପ୍ରଜାମାନେ ଦେଖୁଛନ୍ତି !

ପୂର୍ବେ ଦଶର ନାଆଁ କାଳକ୍ରମେ କହିବାରେ ଦଶରା ହୋଇଯାଇଛି ବୋଲି ଜାଣିଲେ । ତା'ଛଡା ଦଶରା ମଧ୍ୟ ବିଜୟଦଶମୀ ନାମକ ଦୂର୍ଗା ପୂଜାରେ ବଦଳିଯାଇଛି ବୋଲି ଜାଣିଲେ । ପୂର୍ବେ ଜ୍ଞାନୀମାନେ ରଖିଥିବା ଦଶର ନାମରେ ବିନାଶ କରାଯାଉଥିବା, ୧୦ଗୋଟି ବିଷୟକୁ ହରାଉଥିବା ୧୦ଗୋଟି ଜିନିଷ ଏହିଭଳି ଥିବା ସ୍ଥଳେ, ଆଜି ଥିବା ବିଜୟଦଶମୀ ନାମରେ ମଧ୍ୟ ୧୦ଗୋଟି ବିଷୟ ଉପରେ ବିଜୟ ହାସଲ କରିବାକୁ ହୋଇଥାଏ ବୋଲି ଅର୍ଥ ମିଳିଥାଏ । **ଦଶ କୁହ କି ଦଶମୀ କୁହ ତାହା ୧୦କୁ ସୂଚିତ କରିଥାଏ,** କିନ୍ତୁ ର ଅକ୍ଷରର ଅର୍ଥରେ ବିନାଶ ଥିବାବେଳେ, ବିଜୟ କହିଲେ ବିଶେଷ ଭାବରେ ଜୟ କରିବା, ଜିତିବା ବୋଲି ସମସ୍ତେ ଜାଣନ୍ତି । ଯୁଦ୍ଧରେ ଜଣେ ଜିତିଲେ ଜଣେ ହାରିଥାଏ ବା ବିନାଶ ହୋଇଥାଏ । **ପୂର୍ବେ ଦଶଗୋଟି ଇନ୍ଦ୍ରିୟର ବିଷୟକୁ ବିନାଶ କରିବା ଅର୍ଥରେ ଜ୍ଞାନୀମାନେ ଦଶର କହିଥିବା ସ୍ଥଳେ, ଆଜି ବିଜୟହାସଲ କରିଥିବା ଦିନକୁ ବିଜୟଦଶମୀ କହୁଛନ୍ତି** । ଏହି ଦୁଇଟି ବିଷୟରୁ କେଉଁ ବିଷୟଟି ସତ୍ୟ ଆପଣମାନେ ବିଚାର କରନ୍ତୁ । କିଛିଲୋକ ଆଧ୍ୟାତ୍ମିକ ନଥିବା ପୁରାଣ ସୃଷ୍ଟିକରି, ଏହା ଦୂର୍ଗାଦେବୀ ବିଜୟ ହାସଲ କରିଥିବା ଦିନ ବୋଲି କହି, ଦୂର୍ଗାଦେବୀ ପାଇଁ ନବରାତ୍ରି ପୂଜାକରି ଦଶମ-ରାତ୍ରିକୁ ବିଜୟଦଶମୀ କହୁଛନ୍ତି । ମହିଷାସୁର ନାମକ ରାକ୍ଷସକୁ ଦୂର୍ଗା ଦେବୀ ନଅ ଥର ମାରିଥିଲେ ମଧ୍ୟ ସେ ବାରମ୍ବାର ବଞ୍ଚିଯାଉଥିଲା, ତେଣୁ ଦଶମ ଥର ତାକୁ ଆଉ ବଞ୍ଚିବାକୁ ନଦେଇ ସଂପୂର୍ଣ୍ଣ ମାରିଦେଇଥିଲେ, ସେଥିଲାଗି

ରାକ୍ଷସ ଦାଉରୁ ଆମକୁ ରକ୍ଷା କରିଥିବାରୁ, ରାକ୍ଷସ ଉପରେ ବିଜୟ ସାଧନ କରିଥିବାରୁ ସେହି ଦିନକୁ ବିଜୟଦଶମୀ କହି ଦୂର୍ଗାଦେବୀଙ୍କର ପୂଜା କରୁଛୁ ବୋଲି କହୁଛନ୍ତି । ଦେବତାମାନେ ତାଙ୍କୁ ଦେଇଥିବା ୧୦ ପ୍ରକାରର ଅସ୍ତ୍ରରେ (ଆୟୁଧରେ) ସେ ମହିଷାସୁରକୁ ବଧ କରିଥିବାରୁ ତାହାକୁ ବିଜୟ ଦଶମୀ ବୋଲି କେତେକ କହୁଛନ୍ତି । ଯିଏ ଯାହା କହିଲେ ମଧ୍ୟ ସେମାନଙ୍କର ଏହିଭଳି କଥାରେ ମଣିଷର ମଙ୍ଗଳ ସାଧନ କରୁଥିବା କୌଣସି ଆଧ୍ୟାତ୍ମିକ ନାହିଁ, ମଣିଷ ନିଜ ବାବଦରେ ବିଚାର ନକରି ଦଶରକୁ ଦୂର୍ଗାଦେବୀର ବିଜୟ ଭାବୁଛି ସିନା, ତାକୁ ଦିନେ ଜ୍ଞାନୀମାନେ ଦେଇଥିବା ଜ୍ଞାନସଂଦେଶ ବୋଲି ଭାବୁ ନାହିଁ ।

ଦଶହରା ସମୟରେ ଆଜି ଘରେ ଥିବା ନାନା ଆୟୁଧର ପୂଜା ମଧ୍ୟ କରୁଛନ୍ତି । କିଛିଲୋକ ସେମାନେ କାର୍ଯ୍ୟ କରୁଥିବା ସାଧନ ଯଥା କୋଡି, ଫାରୁଡା, ଟାଙ୍ଗିଆ, ଦାଆ, ଶାବଳକୁ ପୂଜା କରୁଥିବା ବେଳେ, ଗୁଣ୍ଡାମାନେ, ଦଳପତିମାନେ ଏକାବେଳେ ସେମାନଙ୍କର ମାରଣାୟୁଧକୁ ପୂଜା କରୁଛନ୍ତି । ଏଭଳି ଆୟୁଧ ପୂଜା ଭାବରେ ଦଶହରା ବା ଦଶର ଆଜି ବଦଳିବା ବଡ ବିଚିତ୍ର ବୋଧହେଉଛି । ଏଭଳି ମାରଣାୟୁଧକୁ ପୂଜା କରିବା ବିଷୟରେ କେତେକ କେତେ କଥା ଗଢି କହୁଛନ୍ତି । ଆଜି ଦଶର ପର୍ବରେ ଆଧ୍ୟାତ୍ମିକ ଭାବ ହଜିଯାଇ, କଳ୍ପିତ ପୁରାଣ ଧାରାରେ ପାଳିତ ହେଉଛି । ଆଜି ଆମେ କରୁଥିବା ଦଶରପର୍ବ ଆମ ଆଗରେ କେଉଁ ରୂପରେ ଅଛି ସମସ୍ତେ ଜାଣନ୍ତି । ପୂର୍ବେ ବ୍ରହ୍ମବିଦ୍ୟା ଜାଣିଥିବା ଜ୍ଞାନୀମାନେ, ପ୍ରଜାମାନେ ଅଜ୍ଞାନରେ ପଡିବା ଉଚିତ୍ ନୁହେଁ ବୋଲି କିଛି ଭଲବାଟ ଦେଖାଇବା ପୂର୍ବକ ସମାଜରେ କେତୋଟି ପର୍ବକୁ ରଖିଥିବା ବେଳେ, ଆଜି ସେମାନଙ୍କ ଭାବର ବ୍ୟତିରେକ ଭାବରେ ନାନା ପର୍ବପର୍ବାଣୀ ତିଆରି ହୋଇଗଲାଣି । ତଥାପି ଏବେଠାରୁ ମଧ୍ୟ ଆମେ ଆମକୁ ସଂଯତ କରିପାରିବା । ମହାପୁରୁଷମାନେ ଦେଖାଇଥିବା ଜ୍ଞାନମାର୍ଗ ଅନୁସାରେ ଚାଲି, ସେମାନେ କହିଥିବା କଥାର ଅର୍ଥକୁ ଜାଣି ଦଶର

ପର୍ବ କରି, ଦଶ ବିଷୟକୁ ହରାଇ ନିଜକୁ ଦଶହରା ମଣିଷ କରିବା । ଏହି ପର୍ବର ରହସ୍ୟକୁ ଜାଣିନଥିବା ଲୋକମାନଙ୍କୁ ଜଣାଇ ସେମାନଙ୍କୁ ମଧ୍ୟ ଉଚିତ୍ ମାର୍ଗରେ ଚଲି ଶିଖାଇବା ।

ଦଶରା ପର୍ବ ବର୍ଷାକାଳର ଶେଷରେ, ଶୀତକାଳର ଆରମ୍ଭରେ ଆସିଥାଏ । ଶରୀର ଉପରୁ ଦେଖାଯାଉଥିବା ସ୍ଥୁଳଶରୀରର ଦଶଗୋଟି ଅବୟବ ଏହି କାଳରେ ସମସ୍ତଙ୍କର ମନେ ପଡେ । ଶୀତ ମଧ୍ୟ ଏହି ଦଶଗୋଟି ଅବୟବକୁ ହୋଇଥାଏ । ଏହି ସମୟରେ ପାମର, ପଣ୍ଡିତ ବାଳବୃଦ୍ଧ ସମସ୍ତେ ଶରୀରକୁ ଜାଣନ୍ତୁ (ଶରୀର ସୁରକ୍ଷା କରନ୍ତୁ) ବୋଲି ଶୀତକାଳ ମନେ ପକାଇଥାଏ । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଦଶ ଅବୟବକୁ ଶୀତବସ୍ତ୍ରରେ ସମସ୍ତେ ଘୋଡାଇବାକୁ ଚେଷ୍ଟା କରିଥା'ନ୍ତି । ତେବେ ଶୀତ ଦାଉରୁ ଦଶ ଅବୟବକୁ ରକ୍ଷା କରିବା ପାଇଁ ଉଷୁମ ନାମକ ସୁଖକୁ ସମସ୍ତେ ଆଶା କରିଥା'ନ୍ତି । ସେହିଭଳି ଦଶ ଅବୟବର କାର୍ଯ୍ୟକୁ ନିରୋଧ କରି ସେଗୁଡିକୁ ଜ୍ଞାନବସ୍ତ୍ରରେ ଢାଙ୍କିବା ଭଳି, ଦଶ ବିଷୟକୁ ନିରୋଧ କରି ମୋକ୍ଷ ନାମକ ସୁଖ ପାଇଁ ଚେଷ୍ଟା କରିବା ଉଚିତ୍ ବୋଲି ଏହି ଦଶରା ପର୍ବ ଶୀତକାଳର ଆରମ୍ଭରୁ ଆସିଥାଏ । ଶୀତକାଳର ଆରମ୍ଭରୁ ଶୀତଦାଉରୁ ରକ୍ଷା ପାଇବା ପାଇଁ ଶୀତବସ୍ତ୍ର ଖୋଜିବା ଭଳି, ଶରୀରର ଦଶ ଅବୟବକୁ କାର୍ଯ୍ୟ ସହିତ ସମ୍ବନ୍ଧୀତ ନକରିବା ପାଇଁ ଜ୍ଞାନ ଖୋଜିବା ଆବଶ୍ୟକ ।ଏହିଭଳି ଆମ ଦଶର (ଦଶହରା ବା ଦଶରା) ଉନ୍ନତ ଜ୍ଞାନମାର୍ଗକୁ ଦେଖାଇଥାଏ । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଯେମିତି ଶୀତବସ୍ତ୍ର ଦରକାର, ସେହିଭଳି କର୍ମଯନ୍ତ୍ରଣାରୁ ମୁକୁଳିବା ପାଇଁ ଜ୍ଞାନ ଦରକାର ବୋଲି ଶୀତକାଳର ଆରମ୍ଭରେ ଦଶରପର୍ବ ଆମପାଇଁ ବାରମ୍ବାର ଆସିଥାଏ । ଏବେ ଏବର୍ଷ ମଧ୍ୟ ଆସିବ । ଆମ ପାଖରେ ସମୟ ଏବେ ମଧ୍ୟ ଅଛି । ଶୀତପାଇଁ ବସ୍ତ୍ର ବିନିଯୋଗ କରିବା ଭଳି କର୍ମନିବାରଣ ପାଇଁ ଜ୍ଞାନକୁ ବିନିଯୋଗ କରିବା ।

*****

# ଶିବରାତ୍ରି

ଆଧ୍ୟାତ୍ମିକ ଭାବର ସହିତ ଆଚରିତ ହେଉଥିବା ପର୍ବଗୁଡିକ ଭିତରୁ ଯୁଗାଦି (ଜାତୀୟ ନବବର୍ଷ), ଦଶହରା, ସଂକ୍ରାନ୍ତି ଏବଂ ଶିବରାତ୍ରି ମଧ୍ୟ ମୁଖ୍ୟ ପର୍ବ ଭାବରେ ପୂର୍ବରୁ ରହିଆସିଛି । ଯୁଗାଦି ପରେ ସମସ୍ତ ପର୍ବଗୁଡିକ ଅପେକ୍ଷା ପ୍ରାଚୀନ ପର୍ବ ହେଉଛି ଶିବରାତ୍ରି ! ଭୂପୃଷ୍ଠରେ ସର୍ବପ୍ରଥମ ଦେବସ୍ଥାନ ହେଉଛି ଈଶ୍ୱରଲିଙ୍ଗ ଥିବା ସ୍ଥାନ । କୌଣସି ଅନ୍ୟ ପ୍ରତିମା ନଥିବାବେଳେ ସର୍ବ ପ୍ରଥମ ପ୍ରତିମା ହେଉଛି ଆଜି କୁହାଯାଉଥିବା ଏହି ଶିବଲିଂଗ (ଈଶ୍ୱର ଲିଂଗ) । ସାରା ଦୁନିଆର ଏକୈକ ଭାରତ ଦେଶରେ ସର୍ବପ୍ରଥମେ ଲିଙ୍ଗପ୍ରତିଷ୍ଠା ସତ୍ୟଯୁଗରେ ହୋଇ ସାରିଥିଲା । ଈଶ୍ୱରଲିଙ୍ଗ ଅନେକ ଅର୍ଥର ଏବଂ ମହାନ ଆଧ୍ୟାତ୍ମିକ ଭାବର ସହିତ ନିର୍ମିତ ହୋଇଥିଲା, ହେଲେ ସେତେବେଳେ ବଡମାନଙ୍କର ଯେଉଁ ଭାବ ଥିଲା ତା'ର ଆଜି ଚିହ୍ନ ନାହିଁ । ଲିଙ୍ଗକୁ କେହି ମଧ୍ୟ ଫୁଲ ଦେଇ ନମସ୍କାର କରିପାରନ୍ତି, କିନ୍ତୁ ଆରାଧନା କରିବା ଉଚିତ ନୁହେଁ, ଅଭିଷେକ ମଧ୍ୟ କରିବା ଉଚିତ ନୁହେଁ ବୋଲି ନିୟମ ସେତେବେଳେ ଥିଲା । ଆଜି ଈଶ୍ୱରଲିଙ୍ଗକୁ ଅଭିଷେକ, ଆରାଧନାର ନିୟମ ନଜାଣି କରୁଛନ୍ତି । ମୁଖ୍ୟତଃ ଈଶ୍ୱରଲିଙ୍ଗ ଗର୍ଭମନ୍ଦିରରେ ରହିବା ଉଚିତ୍ ନୁହେଁ । ପୂର୍ବେ ବଡମାନେ ଯେଉଁ ଉଦ୍ଦେଶ୍ୟରେ ଶିବଲିଙ୍ଗକୁ ରଖିଥିଲେ ସେହି ଉଦ୍ଦେଶ୍ୟ ଆଜି ନାହିଁ । ଈଶ୍ୱରଲିଙ୍ଗ ସହିତ ଧାରାପାତ୍ର ବ୍ୟତୀତ, ସିଂହଲଲାଟ (ଶିବଲିଙ୍ଗର ପଛରେ ରହିଥିବା ସୁସଜ୍ଜିତ ନିର୍ମାଣ) ମଧ୍ୟ ରହିବା ଉଚିତ ନୁହେଁ । ସେହିଭଳି ଲିଙ୍ଗ ବ୍ୟତୀତ କୌଣସି ପ୍ରତିମାର ଅଭିଷେକ, ଆରାଧନା କରାଯାଇ ପାରିବ, କିନ୍ତୁ ଆଜି ନାନା ପ୍ରତିମା ସହିତ ଲିଙ୍ଗପାଇଁ ମଧ୍ୟ ଗର୍ଭମନ୍ଦିର ତିଆରିକରି ଅଭିଷେକ କରାଯାଉଛି । ଏହି ଅନୁସାରେ ଲିଙ୍ଗର ବିଶେଷତା ଆଜିର କାଳରେ ସମସ୍ତଙ୍କୁ ଅଜଣା ରହିଯାଇଛି ବୋଲି କହି ପାରିବା । ପୂର୍ବେ ଲିଙ୍ଗକୁ ବାହାର ଜାଗାରେ ପ୍ରତିଷ୍ଠା କରୁଥିଲେ, ହେଲେ ଲିଙ୍ଗକୁ ମନ୍ଦିର ଭିତରେ ରଖିବା ଦ୍ୱାରା, ଅଭିଷେକ କରିବା ଦ୍ୱାରା, ଆରାଧନା କରିବା ଦ୍ୱାରା, ଲିଙ୍ଗର ଆଧ୍ୟାତ୍ମିକ ଭାବ ସଂପୂର୍ଣ୍ଣ ଲୁଚିଯାଇଛି । ଅଜ୍ଞାନତା

ଦ୍ୱାରା ଭବିଷ୍ୟତରେ କେହି ମଧ୍ୟ ଏଭଳି କରିବେ ବୋଲି ବ୍ରହ୍ମଜ୍ଞାନୀମାନେ ଜାଣି, ସେମାନେ ସେଭଳି ଆଚରଣ ନ କରିବାପାଇଁ ପୂର୍ବେ ଶିବରାତ୍ରି ପର୍ବକୁ ଉଦ୍ଦେଶ୍ୟ ପୂର୍ବକ ରଖିଥିଲେ; ତଥାପି ଶିବରାତ୍ରିର ଉଦ୍ଦେଶ୍ୟ ମଧ୍ୟ ଜାଣିନଥିବା ଲୋକମାନେ ପୂର୍ବ ଜ୍ଞାନୀମାନଙ୍କର ଭାବର ବ୍ୟତୀରେକ ବାଟରେ ଚାଲୁଛନ୍ତି । ଶିବରାତ୍ରି ଦିନ ଅଧିକାଂଶ ଅଭିଷେକ, ଆରାଧନା କରାଯାଉଛି । ଆଜିର କାଳରେ ଅଜଣା ରହିଯାଇଥିବା ପୂର୍ବଜମାନଙ୍କର ସେହି ଉଦ୍ଦେଶ୍ୟ କ'ଣ ଥିଲା ଟିକିଏ ଜାଣିବା ।

ଭୂପୃଷ୍ଠରେ କୌଣସି ଦେବାଳୟ (ମନ୍ଦିର) ନଥିବା ଦିନସର୍ବପ୍ରଥମେ ଈଶ୍ୱରଙ୍କ ଅସ୍ତିତ୍ୱକୁ ପ୍ରଜାମାନଙ୍କୁ ଜଣାଇବା ପାଇଁ ବା ଈଶ୍ୱର ଯେ ରୂପହୀନ ଏହା ଜଣାଇବାପାଇଁ ମୁଖାକୃତି ନଥିବା ଏକ ଗୋଲାକାର ପଥରକୁ ଦେଖାଇଥିଲେ । ଯେଉଁ ଦିଗରୁ ଦେଖିଲେ ମୁଖ ନଥିବା ଲିଙ୍ଗକୁ ଈଶ୍ୱରଙ୍କ ଚିହ୍ନଭାବରେ ରଖିଥିଲେ । ପୂର୍ବେ ଈଶ୍ୱରଲିଙ୍ଗ ବର୍ହିପ୍ରଦେଶରେ ରହିଥିଲା । ଈଶ୍ୱର ଜନ୍ମରହିତ ତେଣୁ ସେ ଗର୍ଭରୁ ଜନ୍ମହେବା ଦରକାର ନାହିଁ । ତେଣୁ ଈଶ୍ୱର ଜନ୍ମ ହୁଅନ୍ତି ନାହିଁ ବୋଲି ଜଣାଇବା ପାଇଁ ଗର୍ଭ ମନ୍ଦିରରେ ଅର୍ଥାତ୍ ମନ୍ଦିର ଭିତରେ ଲିଙ୍ଗକୁ ରଖୁନଥିଲେ । ରୂପ ନଥିବା ଈଶ୍ୱରଙ୍କର ମଣିଷ ଭଳି ସ୍ତ୍ରୀ ନାହିଁ । ପରମେଶ୍ୱରଙ୍କର ସ୍ତ୍ରୀ ହେଉଛି ପ୍ରକୃତି ତେଣୁ ପ୍ରକୃତିକୁ ଲିଙ୍ଗ ତଳେ ସ୍ତ୍ରୀର ପ୍ରତୀକ ଯୋନିଭାବରେ ରଖିଥିଲେ । ସେଥିଲାଗି ଏକ ଆକାର ଥିବା ନିର୍ମାଣକୁ ଲିଙ୍ଗ ପାଖରେ ପ୍ରତିଷ୍ଠା କରୁନଥିଲେ । ସତ୍ୟଯୁଗରେ ସଂପୂର୍ଣ୍ଣ ଦୈବି ସମ୍ବନ୍ଧୀୟ ବିଷୟ ଜାଣିପାରିବା ଭଳି ପ୍ରକୃତି, ପରମାତ୍ମା, ସେମାନଙ୍କ ଦ୍ୱାରା ସୃଷ୍ଟି ହେଉଥିବା ଜୀବମାନଙ୍କୁ ଲିଙ୍ଗପ୍ରତିଷ୍ଠାରେ ଦେଖିବା ଅର୍ଥରେ ରଖିଥିଲେ । ପୂର୍ବେ ଜ୍ଞାନୀମାନେ କେତେ ଜ୍ଞାନ ସହକାରେ ଲିଙ୍ଗ ପ୍ରତିଷ୍ଠା କରି ତାହା ବର୍ହିପ୍ରଦେଶରେ ଏବଂ ପାଖରେ କୌଣସି ପ୍ରତିମା ବିହୀନ ଭାବରେ ରଖିଥିଲେ । ଈଶ୍ୱରଙ୍କର କୌଣସି ବାହାନ ନାହିଁ ତେଣୁ ଆଜିର କାଳରେ ନନ୍ଦିବାହନ ଥିବା ଭଳି ପୂର୍ବେ ନଥିଲା । କାଳକ୍ରମେ ମାୟା ପ୍ରଭାବ ଅଧିକ

ହେବାଦ୍ୱାରା ଅଜ୍ଞାନତା ବଢିଗଲା । ତା'ଦ୍ୱାରା ଲିଙ୍ଗକୁ ଆଜି ମନ୍ଦିର ଭିତରେ ରଖିବା, ଲିଂଙ୍ଗ ପାଖରେ ପାର୍ବତୀକୁ ରଖିବୋ, ଆଗରେ ମଧ୍ୟ ନନ୍ଦିକୁ ରଖିବା କାର୍ଯ୍ୟ ହୋଇଯାଇଛି । ଏହିସବୁ କଥାକୁ ସମର୍ଥନ କରିବା ପାଇଁ କେତେକ ପୁରାଣ ନାମରେ ଗପଗୁଡିଏ ମଧ୍ୟ କଳ୍ପନା କରିଛନ୍ତି । ଗଳାରେ ସାପ ଥିବା ଶଙ୍କରମହର୍ଷି ଶାପଦ୍ୱାରା ପଥର ପାଲଟି ଯାଇଥିଲେ, ସେହି ପଥରହିଁ ଲିଙ୍ଗ ବୋଲି ପ୍ରଚାର ହୋଇଯାଇଛି । ସରଳ ପ୍ରଜାମାନେ ତାହାକୁ ହିଁ ସତ ବୋଲି ବିଶ୍ୱାସ କରିଛନ୍ତି ।

ଗଳାରେ ସାପଥିବା ନଟରାଜ ଶଂକରଙ୍କ ସହିତ ଲିଙ୍ଗ ରୂପରେ ଥିବା ଈଶ୍ୱର ବା ପରମାତ୍ମାଙ୍କର କୌଣସି ସଂପର୍କ ନାହିଁ । ଶଙ୍କରଙ୍କ ସ୍ତ୍ରୀ ଥିଲେ ପାର୍ବତୀ, ତାଙ୍କର ସନ୍ତାନମାନେ ମଧ୍ୟ ଥିଲେ । ଈଶ୍ୱରଙ୍କର କୌଣସି ଆକାର ନାହିଁ, ଶଙ୍କରଙ୍କର ଥିବାଭଳି ପରିବାର ନାହାନ୍ତି । ସମସ୍ତେ ଶଙ୍କର, ଈଶ୍ୱର ଏବଂ ଶିବଙ୍କୁ ଏକ ଭାବନ୍ତି । ଏଭଳି ଭାବନାକୁ ସ୍ୱୀକାର କରିବା ଭ୍ରାନ୍ତ ଧାରଣା ହୋଇଥାଏ । ଶଙ୍କର ତ୍ରିମୂର୍ତ୍ତିଙ୍କ ଭିତରୁ ଜଣେ ହୋଇଥିବା ବେଳେ ଈଶ୍ୱର ବା ଶିବ ସାରା ବିଶ୍ୱରେ ବ୍ୟାପୀରହିଥିବା ପରମାତ୍ମା ବା ପରମେଶ୍ୱର ବୋଲି ଜାଣିବା ଉଚିତ୍ । ପରମାତ୍ମାଙ୍କର ରୂପ  ନାହିଁ କି ନାମ ମଧ୍ୟ ନାହିଁ । ସେହିଭଳି 'ଈଶ୍ୱର' କିମ୍ବା 'ଶିବ' ମଧ୍ୟ ଏକ ଏକ ନାଆଁ ନୁହେଁ । ପରମାତ୍ମାଙ୍କର ମହାନତାକୁ ଜଣାଇବା ନିମନ୍ତେ ଏକ ଏକ ଅର୍ଥଦାୟୀ ଉପାଧି ହେଉଛି ଈଶ୍ୱର ଏବଂ ଶିବ । ଏହା ଗୋଟିଏ ଗୋଟିଏ ନାମ ନୁହେଁ । ଈଶ୍ୱର କହିଲେ ଅଧିପତି ବୋଲି ଅର୍ଥ ମିଳିଥାଏ । ସର୍ବେଶ୍ୱର କହିଲେ ଯିଏ ସର୍ବସ୍ୱର ଅଧିପତି । ସର୍ବ ପ୍ରପଞ୍ଚର ଅଧିପତି ହେଉଛନ୍ତି ପରମାତ୍ମା, ତେଣୁ ସେ ପରମେଶ୍ୱର । ଶିବ ଶବ୍ଦରେ ଥିବା ଦୁଇଟି ଅକ୍ଷର ହେଉଛି ଦୁଇଗୋଟି ପ୍ରକୃତି ଭାଗର ବିଜାକ୍ଷର । ଅଗ୍ନି ଏବଂ ଜଳ ପ୍ରକୃତିର ପାଞ୍ଚଭାଗରୁ ଦୁଇଗୋଟି ଭାଗ । ଅଗ୍ନି ଏବଂ ଜଳର ବୀଜାକ୍ଷର ହେଉଛି 'ଶି' ଏବଂ 'ବ' । **"ଓଁ ନମଃ ଶିବାୟ"** ନାମକ ଶବ୍ଦ ଲିଂଗ ନିକଟରେ ଉଚ୍ଚାରଣ କରିବା ଉଚିତ୍ । ଆକାର ଥିବା

ଶଙ୍କରଙ୍କ ନିକଟରେ ଓଁ ନମଃ ଶିବାୟ ଉଚ୍ଚାରଣ କରିବା ଅନୁଚିତ୍ । ଶଙ୍କରଙ୍କ ପାଇଁ କୁହାଯାଉଥିବା ପଞ୍ଚାକ୍ଷରୀ ସହିତ ଶଙ୍କରଙ୍କର କୌଣସି ସମ୍ପର୍କ ନାହିଁ । ପରମାତ୍ମା ପ୍ରକୃତି ଦ୍ୱାରା ମଧ୍ୟ ବିନାଶ ହୋଇ ନଥା'ନ୍ତି ବୋଲି ଜଣାଉଥିବା ବାକ୍ୟ ହେଉଛି 'ଓଁ ନମଃଶିବାୟ' । ଏହି ବାକ୍ୟରେ ପ୍ରକୃତି କୁହାଯାଉଥିବା ପଞ୍ଚଭୂତ ଦ୍ୱାରା ପରମାତ୍ମା ବିନାଶ ହୋଇ ନଥା'ନ୍ତି ତେଣୁ **'ଓଁ'** ନାମକ ଶବ୍ଦକୁ ପରମାତ୍ମାଙ୍କର ବୀଜାକ୍ଷର ଭାବରେ ରଖାଯାଇଥିଲା । ସେହିଭଳି **'ନ'** ହେଉଛି ଆକାଶର ବୀଜାକ୍ଷର, **'ମଃ'** ହେଉଛି ବାୟୁର ବୀଜାକ୍ଷର, **'ଶି'** ଅଗ୍ନିର ବୀଜାକ୍ଷର, **'ବ'** ଜଳର ବୀଜାକ୍ଷର **'ୟ'** ଭୂମିର ବୀଜାକ୍ଷର ଅର୍ଥାତ୍ ପାଞ୍ଚ ଅକ୍ଷର ଦ୍ୱାରା ମଧ୍ୟ ଯାହା ବିନାଶ ହୋଇନଥାଏ ତାହା ପଂଚାକ୍ଷରୀ ।

ପଞ୍ଚ ଅର୍ଥାତ୍ ପାଞ୍ଚ ଅକ୍ଷର, ସେହି ପାଞ୍ଚଗୋଟି 'ନମଃଶିବାୟ' ହୋଇଥିବା ବେଳେ, ଷଷ୍ଠତମ ଅକ୍ଷର ଭାବରେ 'ଓଁ' ରଖାଯାଇଥିଲା । ପଞ୍ଚଭୂତର ଅତୀତ ହୋଇଥିବା ଈଶ୍ୱରଙ୍କ ସଂକେତ ଭାବରେ 'ଓଁ' ରହିବା ସ୍ଥଳେ, ପଞ୍ଚଭୂତର ସଂକେତ ଭାବରେ ନମଃଶିବାୟ ରହିଛି । ସଂପୂର୍ଣ୍ଣ ଜ୍ଞାନ ଜାଣିଥିବା ଜ୍ଞାନୀମାନେ ପରମାତ୍ମାଙ୍କର ଉପାସନା କରିଥା'ନ୍ତି । ଯେଉଁମାନେ ଜ୍ଞାନ ଜାଣିନଥା'ନ୍ତି ସେମାନେ ପ୍ରକୃତିର ଆଶ୍ରୟ ନେଇଥା'ନ୍ତି (ଉପାସନା କରିଥାନ୍ତି) । ପ୍ରକୃତିକୁ ଆଶ୍ରୟ କରିଥିବା ଅଜ୍ଞାନୀମାନେ ମଧ୍ୟ ଜ୍ଞାନ ଜାଣିପାରିବା ଭଳି ରହସ୍ୟ ଭାବକୁ ସଲଗ୍ନ କରି ପ୍ରକୃତିର ଅଗ୍ନି ଏବଂ ଜଳର ବୀଜାକ୍ଷର ଅନୁସାରେ "ଶିବ' କହିଥିଲେ । ଏହା ଦ୍ୱାରା ଜ୍ଞାନୀମାନେ ଈଶ୍ୱର କହିଲେ ଯାହା ବୁଝିହୁଏ, ଅଜ୍ଞାନୀମାନେ ଶିବ କହିଲେ ମଧ୍ୟ ତାହା ବୁଝିବା ପାଇଁ ସୁଯୋଗ ମିଳିଥାଏ । ଏହି ଦୁଇ ଶବ୍ଦ ଦ୍ୱାରା ଜ୍ଞାନୀ, ଅଜ୍ଞାନୀ ଉଭୟେ ସର୍ବେଶ୍ୱର ପରମାତ୍ମାଙ୍କୁ ଭାବନା କରିବା ଭଳି ହୋଇଥାଏ । **'ଶି'** ଅଗ୍ନିର ବୀଜାକ୍ଷର, । **'ବ'** ଜଳର ବୀଜାକ୍ଷର । ଏଇଠାରେ ପ୍ରଶ୍ନ ଆସେ ଯେ କେବଳ ଅଗ୍ନି ଆଉ ଜଳର ବୀଜାକ୍ଷରକୁ କାହିଁକି ନିଆଯାଇ **'ଶିବ'** କୁହାଯାଇଛି ? ଏହାର ସମାଧାନ ଦେଖିଲେ ! ଅଗ୍ନିକୁ ଜଳ ତଳେ ରଖିଲେ ଅଗ୍ନିର ଉତ୍ତାପରେ

ଜଳ ବାଷ୍ପରେ ପରିଣତ ହୋଇଥାଏ ଏବଂ ବାଷ୍ପରେ ପରିଣତ ହୋଇ ଆଖିକୁ ଦେଖାଯାଇ ନଥାଏ । ଯଦି ଜଳକୁ ଅଗ୍ନି ଉପରେ ଢାଳିବା ତେବେ ଜଳ ବାଷ୍ପରେ ପରିଣତ ନହୋଇ ଅଗ୍ନି ଲିଭିଯାଇଥାଏ । ଏହିଭଳି ଜଳ ଦ୍ୱାରା ଅଗ୍ନି, ଅଗ୍ନି ଦ୍ୱାରା ଜଳ ବିନାଶ ହୋଇଯାଇ ପାରେ, କିନ୍ତୁ ସେଭଳି ଭୂମି ବାୟୁକୁ, ବାୟୁ ଭୂମିକୁ ବିନାଶ କରି ପାରିବ ନାହିଁ । ଦେଖାଯାଉ ନଥିବା ଆକାଶ କାହା ଦ୍ୱାରା ମଧ୍ୟ ବିନାଶ ହୋଇ ନଥାଏ । ପ୍ରକୃତିର ସଂକେତ ହୋଇଥିବା ଅଗ୍ନି, ଏବଂ ଜଳ ପରସ୍ପରକୁ ବିନାଶ କରିପାରିବା ସାମର୍ଥ୍ୟ ନେଇ ରହିଛନ୍ତି । କୌଣସି ଜ୍ଞାନ ଜାଣିନଥିବା ଲୋକ ମଧ୍ୟ ଜ୍ଞାନ ଜାଣିବା ପାଇଁ, ସେମାନେ ମଧ୍ୟ ପରମାତ୍ମାଙ୍କ ଉପାସନା କରିବାକୁ ସକ୍ଷମ ହୋଇପାରିବା ପାଇଁ ବଡମାନେ ନିର୍ଣ୍ଣୟ କରି ରଖିଥିବା ଶବ୍ଦ ହେଉଛି "ଶିବ" । ତେଣୁ ପୂର୍ବେ ଭଲ ଭାବରେ ଜ୍ଞାନ ଜାଣିଥିବା ପଣ୍ଡିତମାନେ ପରମାତ୍ମାଙ୍କୁ ଈଶ୍ୱର ବୋଲି ସମ୍ବୋଧନ କରିବା ସ୍ଥଳେ, କିଛି ଜାଣି ନଥିବା ଲୋକେ ଶିବ ବୋଲି ପରମାତ୍ମାଙ୍କୁ ବା ଈଶ୍ୱରଙ୍କୁ ଭାବନା କରୁଥିଲେ । ତେଣୁ ସମ୍ବୋଧନ କରୁଥିବା ଶବ୍ଦ ଅନୁଯାୟୀ ଏମାନେ ଜ୍ଞାନୀ କି ଅଜ୍ଞାନୀ ତାହା ଶୁଣୁଥିବା ଲୋକମାନେ ଜାଣି ପାରୁଥିଲେ । ପୂର୍ବକଥା ଏହିଭଳି ଥିବାବେଳେ ଆଜି କାହାକୁ କେଉଁଠି ଶିବ କହିବା ଉଚିତ୍, କେଉଁଠି ଈଶ୍ୱର କହିବା ଉଚିତ୍ ତାହା ଜନସମାଜରେ ଅଜଣା ରହିଯାଇଛି । କର୍ଣ୍ଣାଟକରେ ଜ୍ଞାନୀ, ଅଜ୍ଞାନୀ ସମସ୍ତେ ଶିବ ଶବ୍ଦର ବ୍ୟବହାର ଅଧିକ କରିଥା'ନ୍ତି ।

ପୂର୍ବେ 'ଓଁ ନମଃଶିବାୟ' ନାମକ ଛଅ ଅକ୍ଷର ବିଶିଷ୍ଟ ଶବ୍ଦକୁ ପଞ୍ଚାକ୍ଷରୀ କହିବାରେ ପ୍ରକୃତିର ଭାଗ ହୋଇଥିବା ଆକାଶ, ବାୟୁ, ଅଗ୍ନି, ଜଳ, ଭୂମିଗୁଡିକ ପ୍ରଥମ ଅକ୍ଷର ହୋଇଥିବା ପରମାତ୍ମାଙ୍କୁ ବିନାଶ କରି ପାରେ ନାହିଁ ବୋଲି ଭାବ ଦେଉଥିବା ଭଳି ପଞ୍ଚାକ୍ଷରୀ କହିଥିଲେ । କିନ୍ତୁ ଏହି ଓଁ ନମଃଶିବାୟ ନାମକ ପଞ୍ଚାକ୍ଷରୀ ସ୍ଥୁଳତଃ ପାଞ୍ଚଗୋଟି ଅକ୍ଷର ନୁହେଁ ଛଅଗୋଟି ଅକ୍ଷର ବୋଲି ଜଣାଯାଉଛି । ଦୈବଦିଗରୁ କୁହାଯାଉଥିବା ଈଶ୍ୱର, ପ୍ରକୃତି

ଦିଗରୁ କୁହାଯାଉଥିବା ଶିବ କହିବାପାଇଁ ରହିଥିବା ଅର୍ଥକୁ ଯେମିତି କେହି ଜାଣିପାରି ନଥିଲେ, ସେମିତି ପଞ୍ଚାକ୍ଷରୀରେ ଛଅଗୋଟି ଅକ୍ଷର ଅଛି, ତା'ର ଅର୍ଥ ପଞ୍ଚଭୂତ ଭାବରେ ୫ଭାଗ ହୋଇ ରହିଛି ପ୍ରକୃତି, ଏକ ଭାଗର ହୋଇ ରହିଛନ୍ତି ପରମାତ୍ମା, ପରମାତ୍ମା ପ୍ରକୃତି ଦ୍ୱାରା ବିନାଶ ହୋଇନଥା'ନ୍ତି, ଏହି ଭାବକୁ କେହି ମଧ୍ୟ ଜାଣିପାରିଲେ ନାହିଁ । ଏହିଭଳି ସଂପୂର୍ଣ୍ଣ ବିବରଣ ଜାଣି ନଥିବା ସ୍ଥିତିରେ ମାନବ ରହିଯିବା ବେଳେ, ଶିବରାତ୍ରିର ଅର୍ଥ ଆଉ ତା'ର ଉଦ୍ଦେଶ୍ୟକୁ ମାନବ କିପରି ଜାଣିବ ? ସେତେବେଳେ ଶିବରାତ୍ରି ପର୍ବ ପାଇଁ ମଣିଷ ସମ୍ପୂର୍ଣ୍ଣ ନ୍ୟାୟ ଦେଇପାରିବ ? ଅର୍ଥଯୁକ୍ତ ଆଚରେ ଥିବା ଏହି ପର୍ବଦିନକୁ ମଣିଷ ଆଚରଣରେ ଆଣିପାରିବ ? ତେଣୁ ପଞ୍ଚାକ୍ଷରୀ କହିବା ପାଇଁ, ଈଶ୍ୱର କହିବା ପାଇଁ, ଶିବ ନାମକ ଶବ୍ଦର ଅର୍ଥକୁ ଏଠାରେ ବିବରଣାତ୍ମକ କହିବାକୁ ପଡିଛି । ତା'ଛଡା **ଶଙ୍କରଙ୍କ ସହିତ ଶିବଙ୍କର କୌଣସି ସମ୍ପର୍କ ନାହିଁ, ଶଙ୍କରଙ୍କର ଶରୀର ଅଛି, ପରମେଶ୍ୱରଙ୍କର ଶରୀର ନାହିଁ ବୋଲି କହିବାକୁ ପଡିଛି** । ଆଉ ଟିକିଏ ଅଧିକ କହିବାକୁଗଲେ, ଶଙ୍କର ମଧ୍ୟ ଈଶ୍ୱରଙ୍କ ଧ୍ୟାନ କରୁଥିଲେ, ମୋକ୍ଷ ଥିଲା ତାଙ୍କର କାମନା, ସେ ଯୋଗଦଣ୍ଡକୁ ଉପଯୋଗ କରି, ଚର୍ମାଶନରେ ବସି ବ୍ରହ୍ମଯୋଗ ଆଚରଣ କରୁଥିଲେ । ଏହିସବୁ ବିବରଣୀକୁ ଆଗୁଆ ଜାଣି ପାରିଲେ ବାସ୍ତବ ଶିବରାତ୍ରି କଣ ସହଜରେ ବୁଝିହୋଇଥାଏ । ଏବେ ଆମେ ଯାହା କହୁଛୁ ତାହା ନୂଆ ବିଷୟ ହୋଇଥିବାରୁ, ନୂଆ ଖାଦ୍ୟ ଖାଇଥିବା ଲୋକ ଜୀର୍ଣ୍ଣକରି ନପାରିବା ଭଳି କେତେକ ଜୀର୍ଣ୍ଣ କରିପାରିବେ ନାହିଁ । ଆପଣ ନ ବୁଝିଲେ ମଧ୍ୟ, ଆପଣଙ୍କୁ ଏହା ପସନ୍ଦ ହେଉନଥିଲେ ମଧ୍ୟ, ଆପଣ ଆମକୁ ନିନ୍ଦାକଲେ ମଧ୍ୟ, ଅଜ୍ଞାନୀ କହିଲେ ମଧ୍ୟ, ଆଉ କିଛି କହିଲେ ମଧ୍ୟ ସାମାନ୍ୟ ମାନବ ହୋଇଥିବା ମୁଁ ସହ୍ୟ କରିପାରିବି, କିନ୍ତୁ ମୋଠାରେ ମୁଁ ହୋଇନଥିବା ଦ୍ୱିତୀୟ ପାତ୍ର ଆତ୍ମା ତାହାକୁ କଦାପି ସହ୍ୟ କରିପାରିବ ନାହିଁ । ବଡ ପାପବନ୍ଧନରେ ସେ ଆପଣଙ୍କୁ ପକାଇପାରେ । ଏହା ଦୈବଜ୍ଞାନ

ସମ୍ବନ୍ଧୀୟ ପାପ ହୋଇଥିବାରୁ ଅତି ଭୟଙ୍କର ହୋଇଥାଏ ସେଥିଲାଗି ସତର୍କ ରହିବା ଉଚିତ୍ ।

ଜୀବ ଯଦିଓ ଶରୀରରେ ନିବାସ କରିଥାଏ ତା'ର ପାପପୁଣ୍ୟ ନାମକ କର୍ମ ରହିଛି ବୋଲି ଜଣାଯାଇଥାଏ । ଯେତେବେଳେ ଜୀବର କର୍ମ ନିଖୋଜ ହୋଇଯାଏ ସେ ସେତେବେଳେ ଜୀବ ପଦରୁ ମୁକ୍ତି ପାଇ ପରମାତ୍ମାରେ ଲୀନ ହୋଇଯାଇଥାଏ । ମୁକ୍ତି ବା ମୋକ୍ଷ ପାଇଁ ଆମେ ଜ୍ଞାନାର୍ଜନ କରିବାକୁ ପଡୁଛି । ଜ୍ଞାନ ଜାଣିବା ପାଇଁ ହିଁ ଆମ ସମାଜରେ ପର୍ବଗୁଡିଏ ଆମେ ପାଳନ (ଆଚରଣ) କରୁଛେ । ଜୀବର କର୍ମ କାଠଭଳି । କାଠ ନଥିବା ଜୀବ ମୁକ୍ତି ନାମକ ଗୃହରେ ପ୍ରବେଶ କରିପାରେ ସିନା, ଯାହା ପାଖରେ କାଠ ଅଛି ସେ ମୁକ୍ତିଘରେ ପ୍ରବେଶ କରିପାରିବ ନାହିଁ । **ତେଣୁ ଜ୍ଞାନ ନାମକ ଅଗ୍ନି ଦ୍ୱାରା କର୍ମ ନାମକ କାଠକୁ ଜଳାଇ ନିଖୋଜ କରିବାକୁ ହେବ । ଜୀବ ତାର ମୁକ୍ତି ପାଇଁ ଜ୍ଞାନ ନାମକ ଅଗ୍ନି ଯୋଗାଡ କରିବାକୁ ପଡିବ** । ସେଥିଲାଗି ପ୍ରକୃତିଭାଗ ହୋଇଥିବା ପଞ୍ଚଭୂତଗୁଡିକ ଭିତରୁ ଜଳାଇବା ଶକ୍ତି ଥିବା ଅଗ୍ନିର ବୀଜାକ୍ଷର 'ଶି' ନାମକ ଅକ୍ଷରକୁ ନେଇ, କାଠ ଜଳିଯାଉଥିବା ଭଳି ବାଷ୍ପ ହୋଇଯାଉଥିବା ଜଳର ବୀଜାକ୍ଷରଭାବେ 'ବ' ନାମକ ଅକ୍ଷରକୁ ନେଇ 'ଶିବ' କହିଥିଲେ । ଏହି ଅନୁସାରେ ଶିବ କହିବାରେ ଜ୍ଞାନାଗ୍ନିରେ କର୍ମ ନାମକ କାଠକୁ ନିଖୋଜ କରିବା ନାମକ ଅର୍ଥ ମିଳିଥାଏ । ଜ୍ଞାନ ଦ୍ୱାରା କର୍ମ ଭସ୍ମିଭୂତ ହୋଇଗଲେ ମୁକ୍ତି ମିଳିଥାଏ, ଅର୍ଥାତ୍ ପରମାତ୍ମା ମିଳିଥା'ନ୍ତି ବା ଜୀବର ମୋକ୍ଷ ହୋଇଥାଏ ବୋଲି କହିପାରିବା । ପରମାତ୍ମା ହେଉଛନ୍ତି ତ୍ରିଗୁଣାତୀତ । ଗୁଣ ଦିନବେଳେ ଜାଗ୍ରତାବସ୍ଥାରେ କାର୍ଯ୍ୟ କରିଥାଏ, ରାତିର ନିଦ୍ରାରେ ଗୁଣ କାର୍ଯ୍ୟ କରିନଥାଏ । ତେଣୁ ମାୟାର ସଂକେତ ଦିନବେଳ, ପରମାତ୍ମାଙ୍କ ସଂକେତ ରାତିବେଳ ବୋଲି '**ସୁବୋଧ**' ନାମକ ଗ୍ରନ୍ଥରେ ବିପୁଳ ଭାବରେ ବର୍ଣ୍ଣନା କରିଛୁ । ଜ୍ଞାନ ନାମକ ଅଗ୍ନିରେ କର୍ମ ନାମକ ସମୀଧକୁ ଆହୁତି ଦେଇ, ତିନିଗୁଣ ନଥିବା ରାତି ନାମକ ପରମାତ୍ମାଙ୍କୁ

ପାଇବି ବୋଲି ଭାବର ସହିତ ସବୁକିଛିକୁ ପୋଡିଦେଉଥିବା ଅଗ୍ନିର ସଂକେତ ଭାବରେ 'ଶି', ଜଳୁଥିବା କର୍ମର ସଂକେତ ଭାବରେ 'ବ' ଏବଂ ମିଳିବାକୁ ଥିବା ପରମାତ୍ମାଙ୍କ ସଂକେତ 'ରାତି'କୁ ମିଶାଇ ପୂର୍ବର ଜ୍ଞାନୀମାନେ ମହାନ ପର୍ବ ଭାବରେ ଯୁଗାଦି ପରେ ସର୍ବପ୍ରଥମ ପର୍ବ 'ଶିବରାତ୍ରିକୁ' ସମାଜରେ ରଖିଥିଲେ । ଏଇଭଳି ମହାନ ଅର୍ଥଦାୟୀ ପଦ ହୋଇ ରହିଛି 'ଶିବରାତ୍ରି' । ଏହା ସମାଜରେ ରହିବା ଦ୍ୱାରା ସମାଜରେ ବାସକରୁଥିବା ମଣିଷ (ଜୀବ) ଏହି ଶିବରାତ୍ରିର ଅନ୍ତରାର୍ଥ ଜାଣି ତଦନୁଗୁଣ ଆଚରଣ କରି, ଆଚରଣର ଭାବକୁ ମାନସପଟ୍ଟରେ ସର୍ବଦା ବଜାୟ ରଖି, ଦିନେ ପରମାତ୍ମାରେ ଲୀନ ହୋଇପାରିବ ବୋଲି ସେଦିନ ବଡମାନଙ୍କର ଉଦ୍ଦେଶ୍ୟ ଜନାରଣ୍ୟରେ ସ୍ଥାନ ପାଇଥିଲା । ଦେଖିଲେ ତ ! ଶିବରାତ୍ରିରେ ଲୁଚିଥିବା ଅର୍ଥ କି ମହାନ ! !

ମାନବର ମୋକ୍ଷକୁ ସୂଚିତ କରୁଥିବା ଶିବରାତ୍ରିକୁ ସେଦିନର ମହାମାନବ ସମାଜର ଏକ ପର୍ବ ଭାବରେ ରଖିଥିବା ବେଳେ, ସତ୍ୟ ଯୁଗରୁ ତ୍ରେତାଯୁଗ, ତ୍ରେତାଯୁଗରୁ ଦ୍ୱାପରଯୁଗ, ଦ୍ୱାପରରୁ କଳିଯୁଗ ଆଜି ଆସି ପହଞ୍ଚିଥିଲେ ମଧ୍ୟ ମାୟା ପ୍ରଭାବ ଦ୍ୱାରା ଶିବରାତ୍ରିର ଅର୍ଥ ଆଜି ମଣିଷ ଭୂଲିଯାଇଛି । ଶିବରାତ୍ରି କହିଲେ ଶଙ୍କରଙ୍କ ପୂଜାଦିନ, ଓଁ ନମଃଶିବାୟ ହିଁ ଶଙ୍କରଙ୍କ ପାଇଁ କୁହାଯାଉଥିବା ମନ୍ତ୍ର ବୋଲି ସମସ୍ତେ ଭାବୁଛନ୍ତି ସିନା, ଏହା ପରମେଶ୍ୱରଙ୍କ ଉପାସନା, ଏହି ଉପାସନା ଦ୍ୱାରା ମଣିଷ ମୋକ୍ଷ ପାଇପାରିବ ବୋଲି କେହି ଜାଣିପାରୁ ନାହାନ୍ତି ।

ରୁଦ୍ର କୁହ କି ଶଙ୍କର କୁହ ଉଭୟ ଜଣେ । ଶଙ୍କର ମୁଁ ଜ୍ଞାନୀ ବୋଲି ଜଣାଇବା ଭଳି ଜ୍ଞାନର ଚିହ୍ନ ହୋଇଥିବା ଅର୍ଦ୍ଧଚନ୍ଦ୍ର ଚିହ୍ନକୁ ନିଜ ମୁଣ୍ଡରେ ଧାରଣ କରୁଥିଲେ, ତାଙ୍କୁ ଜ୍ଞାନ ଜଣାଥିବାରୁ ଯୋଗର ଉପଯୋଗୀ ଚର୍ମକୁ ଆସନକରି, ଯୋଗଦଣ୍ଡର ବ୍ୟବହାର କରି ନିଶ୍ଚଳ ଭାବରେ ନିର୍ଜନ ପ୍ରଦେଶରେ ବସି ପରମାତ୍ମାଙ୍କଠାରେ ତାଙ୍କ ମନକୁ ଲଗ୍ନ କରାଉଥିଲେ ।

ଏହିଭଳି ରୂଦ୍ର ହୋଇଥିବା ଶଙ୍କର, ଈଶ୍ୱରଙ୍କୁ ପାଇବାପାଇଁ ଚେଷ୍ଟା କରୁଥିବା ବେଳେ, ତାଙ୍କରି ବାଟରେ ଆମେ ଚାଲିବାକୁ ଇଚ୍ଛା ନକରି ଶିବରାତ୍ରିକୁ ପ୍ରକୃତ ଅର୍ଥ ଦ୍ୱାରା ଆଚରଣ ନକରି, ଏହା ଶଙ୍କରଙ୍କ ଦିନ ଭାବିବା କ'ଣ ଭୂଲ୍ ନୁହେଁ? ପୂର୍ବରୁ ଥିବା ଆଚାର ଅନୁସାରେ ଈଶ୍ୱରଲିଂଗକୁ ସମ୍ମୁଖରେ ରଖି ତାଙ୍କୁ ଶଙ୍କର ଭାବିବା କ'ଣ ଭୂଲ୍ ନୁହେଁ? ସୃଷ୍ଟି ରହସ୍ୟକୁ ଜଣାଉଥିବା ଈଶ୍ୱରଲିଙ୍ଗ ନିକଟରେ ପାର୍ବତୀଙ୍କୁ ସ୍ତ୍ରୀଭାବରେ ରଖି, ନନ୍ଦିକୁ ବାହାନ ଭାବରେ ରଖି ଆମ ଇଚ୍ଛା ଅନୁସାରେ ପୂଜା, ଅଭିଷେକ (ଜଳଶାୟି) କରିବା କ'ଣ ଭୂଲ୍ ନୁହେଁ? ଏସବୁର ମୂଳକାରଣ ହେଉଛି ଅଜ୍ଞାନତା । କଟୁକଥାରେ ପୂର୍ଣ୍ଣ ପୁରାଣକାହାଣୀକୁ କେତେଜଣ ପ୍ରଚାର କରିବା ଦ୍ୱାରା ସୃଷ୍ଟି ହୋଇଥିବା ମୌଢ଼ତା ଦ୍ୱାରା, ବିଶେଷ ଅର୍ଥର ସହିତ ଆମ ଆଗରେ ଈଶ୍ୱରଲିଙ୍ଗ ଥିଲେ ମଧ୍ୟ ତାହା ଅଭିସାପ ଦ୍ୱାରା ପଥର ହୋଇଯାଇଥିବା ଶଙ୍କର ବୋଲି ଭାବୁଛେ । ରୂପ ନଥିବା ଲିଙ୍ଗ ଦେହରେ ଅଜ୍ଞାନୀମାନେ ଜାଣି ନପାରି ଶଙ୍କରଙ୍କ ମୁଖାକୃତିକୁ କଳ୍ପନା କରୁଛନ୍ତି, ଲିଙ୍ଗଟି ସେତେବେଳେ ମୁଖାକୃତି ନେଉଥିବାରୁ ଲିଙ୍ଗର ବାସ୍ତବତା ଭଙ୍ଗ ହେଉଛି । ଏପର୍ଯ୍ୟନ୍ତ ନାନା ଅଜ୍ଞାନରେ ସୃଷ୍ଟିର ମୂଳ କାରଣ ହୋଇଥିବା ଦୈବଙ୍କୁ ଲିଙ୍ଗାକାର ଭାବରେ ନଦେଖି ଶଙ୍କର ବୋଲି ଭାବିଛେ । ଏବେ ମଧ୍ୟ ସମୟ ଅଛି, ଈଶ୍ୱରଙ୍କୁ ଲିଙ୍ଗତଃ ଆଉ ଶଙ୍କରଙ୍କୁ ରୂଦ୍ରଭୂମିରେ ସଞ୍ଚରଣ କରୁଥିବା ରୂଦ୍ର ଭାବରେ ଦେଖିବା ଉଚିତ୍ । ଶିବରାତ୍ରିକୁ କର୍ମ ବିନାଶନ ମୋକ୍ଷରାତ୍ରି ଭାବରେ ଦେଖିବା ଉଚିତ୍ ।

ଆଜିର କାଳରେ ଦେଶବ୍ୟାପ୍ତ ଭାବରେ ଶିବରାତ୍ରି ଏକ ମହାନ ପର୍ବ ଦିନ ଭାବରେ ଆଚରିତ ହେଉଥିଲେହେଁ କୌଣସି ଏକ ଅଂଚଳରେ ମଧ୍ୟ ପୂର୍ବେ ଥିବା ଭାବ ଅନୁସାରେ ଆଚରିତ ହେଉ ନାହିଁ । ପୂର୍ବେ ଇନ୍ଦୁତ୍ୱ (ହିନ୍ଦୁତ୍ୱ) ଜ୍ଞାନଯୁକ୍ତ ହୋଇ ରହିଥିଲା, କିନ୍ତୁ ଆଜି ତାହା ରାଜକୀୟ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଦୈବଜ୍ଞାନହୀନ ରାଜନୀତି ହିନ୍ଦୁତ୍ୱର ମୁଖା

ପିନ୍ଧି ଆମଭଳି ଲୋକମାନଙ୍କୁ ମଧ୍ୟ ଆତ୍ମଜ୍ଞାନ କହିବାରେ ଅବରୋଧ ହେଉଛି । ମଣିଷ ଚାଲୁଥିବା ଅଜ୍ଞାନମାର୍ଗରେ ଅବରୋଧ ହୋଇ ମଣିଷକୁ ଜ୍ଞାନମାର୍ଗରେ ଚଲାଇବାକୁ ଆମର କର୍ତ୍ତବ୍ୟ ବୋଲି ଭାବୁଛୁ । ହିନ୍ଦୁମାନେ ସଠିକ ଦୈବମାର୍ଗରେ ନ ରହିବା ଦ୍ୱାରା ଅଜ୍ଞାନମାର୍ଗରେ ଚାଲୁଛନ୍ତି । ପରମାତ୍ମା କହିଥିବା ଗୀତାର ବ୍ୟତିରେକ ହୋଇ ଆମେ ଚାଲୁଛେ, ତେଣୁ ଏହା ଠିକ୍ ନୁହଁ ବୋଲି କହିବା ଆମର କର୍ତ୍ତବ୍ୟ । ବେଦାନ୍ତିମାନେ ମଧ୍ୟ ଜ୍ଞାନମାର୍ଗର ବ୍ୟତିରେକ ହୋଇ ଚାଲୁଛନ୍ତି । ଆମେ ସେମାନଙ୍କୁ ମଧ୍ୟ ବେଦ ପ୍ରକୃତି ଜନିତ ଆଉ ଭଗବଦ୍ଗୀତା ସମସ୍ତଙ୍କର ଆମୋଦ ଯୋଗ୍ୟ, ତାହା ହିଁ ପ୍ରକୃତ ଜ୍ଞାନ ବୋଲି କହୁଛୁ । ସେହିଭଳି ହିନ୍ଦୁମାନଙ୍କୁ ମଧ୍ୟ ଭଗବଦ୍ଗୀତା ଅନୁସାରେ ଜୀବନ ବଞ୍ଚନ୍ତୁ ବୋଲି କହି ସେମାନଙ୍କୁ ଆମ ପୂର୍ବଜମାନେ କ'ଣ କହିଥିଲେ ତାହା ଦେଖନ୍ତୁ ଏବଂ ଆଚରଣରେ ଆଣନ୍ତୁ ବୋଲି ପ୍ରକୃତ ଜ୍ଞାନ ଜଣାଉଛୁ । ଜ୍ୟୋତିଷ୍ୟଶାସ୍ତ୍ର ଅନୁସାରେ ଏବଂ ଆମ ଜାତକ ଅନୁସାରେ ଭୂପୃଷ୍ଠରେ ଆମେ କରିବାକୁ ଥିବା କାର୍ଯ୍ୟ ହେଉଛି ଜଣାନଥିବା ତଥ୍ୟକୁ ଜଣାଇବା । ଆମେ ଶାସ୍ତ୍ରବଦ୍ଧ ରୀତିରେ ଏବଂ ପୁରାଣରହିତ ଭାବରେ ଜ୍ଞାନ କହୁଥିବା ବେଳେ, କେତେ ଅଜଣା ରହସ୍ୟ ଏହାଙ୍କ ଦ୍ୱାରା ଜଣାପଡୁଛି ପରା ! ବୋଲି ଖୁସି ନହୋଇ ଆମକୁ ଜ୍ଞାନ କହିବା ଦରକାର ନାହିଁ ବୋଲି ଧମକ ଦେଉଥିବା ହିନ୍ଦୁମାନଙ୍କୁ ଦେଖିଲେ ମଣିଷ ସମାଜରେ ହିନ୍ଦୁର ସ୍ଥାନ କେତେ ଅଜ୍ଞାନରେ ଛନ୍ଦି ହୋଇଯାଇଛି ତାହା ସ୍ପଷ୍ଟ ଜଣାପଡିଯାଉଛି । ମୁଁ ଇନ୍ଦୁ (ହିନ୍ଦୁ) ହୋଇ ଜନ୍ମ ହୋଇଥିବାରୁ ହିନ୍ଦୁମାନଙ୍କୁ ସଂପୂର୍ଣ୍ଣ ଜ୍ଞାନ ଜଣାଇବା ମୋର ଉଦ୍ଦେଶ୍ୟ ବୋଲି ଭାବିନେଇଛି । ସେହି ଚେଷ୍ଟାରେ ମୋ' ଭିତରର ଆତ୍ମା ମୋତେ ଯେଉଁ ପଥ ଦେଖାଉଛି ମୁଁ ସେହି ପଥରେ ଚାଲୁଛି । ସେ ଯାହା କରାଉଛି ମୁଁ ସେଇଆ କରୁଛି ଅର୍ଥାତ୍ ଆମେ ଜ୍ଞାନବୋଧ କରୁଛୁ ।

ଶିବରାତ୍ରି କର୍ମ ନିର୍ମୁଳନ ନିମନ୍ତେ ବା ମୋକ୍ଷପାଇଁ ରହିଛି ବୋଲି ଜାଣିବା ଉଚିତ୍ ସିନା, କର୍ମବନ୍ଧନରେ ପଡିବା ପାଇଁ ଆଚରିତ ହେବା ଉଚିତ୍

ନୁହେଁ । ଆଜିର କାଳରେ ଶିବରାତ୍ରିକୁ ଜାଗର ବୋଲି କହନ୍ତି । ଜାଗର ନାମରେ ରାତିସାରା ଚେଇଁ ରହିଥା'ନ୍ତି । ସେଦିନ ନଶୋଇ ଉଜାଗର ରହିବା ବା ଚେଇଁ ରହିବା ବୋଲି ସମସ୍ତେ ଜାଣନ୍ତି ସିନା, କାହିଁକି ଚେଇଁରହିବା ? ନଶୋଇ କ'ଣ ସାଧନ କରିବା ? ବୋଲି କାହାକୁ ଜଣା ନାହିଁ । ଆଜି ଶିବରାତ୍ରିରେ ନଶୋଇ ଚେଇଁ ରହିବା ଉଚିତ୍ ବୋଲି ଉଜାଗର ରହି ନାନା ଅସାମାଜିକ କାର୍ଯ୍ୟ ମଧ୍ୟ କରୁଛନ୍ତି । କେତେକ ସିନେମା, ସଂଗୀତରେ, ମଦପାନରେ ରାତ୍ରିଜାପନ କରୁଛନ୍ତି । କେତେକ ପ୍ରେମିକା ସହିତ କାଳଯାପନ କଲି ବୋଲି ଗର୍ବ ସହକାରେ କହୁଛନ୍ତି । ଆଜିର ଯୁବକଯୁବତୀମାନେ ଏଭଳି ସ୍ଥିତିରେ ଶିବରାତ୍ରି ପାଳନ କରୁଥିବା ବେଳେ, ବଡମାନେ ସେମାନଙ୍କୁ ମଧ୍ୟ ବାରଣ ନ କରି କିଛି ନ ଜାଣିବା ଭଳି ରହୁଛନ୍ତି । କେତେପାପ କଲେ କ'ଣ ହେଲା ଶିବରାତ୍ରିରେ ହଜାରେ ଟଙ୍କା ଖର୍ଚ୍ଚକରି ଅଭିଷେକ କରାଇଛି ମୋର ପାପ ରହିଲା କେଉଁଠି ବୋଲି କହୁଛନ୍ତି । ପାପ ପରିହାର ପାଇଁ ନାନା ପ୍ରକାରର ପୁଜା ଅଛି ବୋଲି ପଣ୍ଡିତମାନେ ମଧ୍ୟ କହୁଛନ୍ତି । ଏହା ଦ୍ୱାରା ମଣିଷ ଭିତରେ ପାପଭୀତି ରହୁନାହିଁ । ଟଙ୍କା ଖର୍ଚ୍ଚକରି ବଡପାପକୁ ମଧ୍ୟ ପୁଣ୍ୟ କରିହେବ ବୋଲି ଭାବୁଛନ୍ତି । ଏହା ଦ୍ୱାରା ଆଜି ଶିବରାତ୍ରି ଏକ ଅନୁଭବୀ ପର୍ବ ଭାବରେ ବଦଳିଯାଇଛି,ଏକ ସୁଖାନୁଭବ ପର୍ବ ଭଳି ହୋଇଗଲାଣି । ଶିବରାତ୍ରିର ଜାଗରଯାତରା କଥା ଆଜି କିଏ ବା ନଜାଣେ ! କିଏ କେଉଁ ମନୋଭାବର ସହିତ ରାତ୍ରିଯାପନ କରୁଛନ୍ତି ତାହା ଅଲଗା କହିବା ମଧ୍ୟ ଦରକାର ନାହିଁ । ଏହା ଏକ ମଜାନେବା ପର୍ବ ବୋଲି ସମସ୍ତେ ଭାବୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ପୂର୍ବ ତଥ୍ୟ ଅନୁଯାୟୀ ଏହି ପର୍ବ ଦିନରେ ବିତାଦିନର ଘଟଣାରାଜିକୁ ମନେପକାଇ, ବିଚାରକରି ମୁଁ କ'ଣ କରିଥିଲି ଆଉ କ'ଣ କରିବା ଉଚିତ୍ ବୋଲି ଭାବିବା ଉଚିତ୍ । କର୍ମକୁ ନିର୍ମୁଳ କରିବା ପାଇଁ ଜ୍ଞାନ କେଉଁଠାରେ ମିଳିବ ତାହା ଖୋଜିବା ଉଚିତ୍ । ନିଜେ ମାୟାଠରୁ ସତର୍କ ବା ଜାଗ୍ରତ ରହି ଅନ୍ୟମାନଙ୍କୁ ମଧ୍ୟ ଜାଗ୍ରତ କରାଇବା ଉଚିତ୍ ବୋଲି ଜ୍ଞାନୀମାନେ ଏହି ଶିବରାତ୍ରିକୁ **ଜାଗରରାତି** ବୋଲି କହିଥିଲେ ସିନା, ନଶୋଇ ଚେଇଁ ରହିବା ପାଇଁ କହିନଥିଲେ ।

ପଢାଲେଖା ଜାଣିନଥିବା ପାମର ଯଦି କାହାକୁ ଅନୁସରଣ କରି କିଛି କରୁଛି ତେବେ ତାହା ସ୍ୱୀକାର୍ଯ୍ୟ, କିନ୍ତୁ ବିଦ୍ୟାବନ୍ତ, ବିଜ୍ଞାନବନ୍ତମାନେ ଅନ୍ୟମାନଙ୍କୁ ଅନୁସରଣ କରି ଯଦି କରନ୍ତି, କାହିଁକି କରୁଛୁ ବୋଲି ଯଦି ବିଚାର ନ କରନ୍ତି, ତେବେ ସେମାନେ ଯେଉଁ ବିଶ୍ୱାସରେ କରୁଛନ୍ତି ତାହା ଅନ୍ଧବିଶ୍ୱାସ ହୋଇଥାଏ, ସେଥିରେ କୌଣସି ଅର୍ଥ ନଥାଏ । ଏହିଭଳି ଖାଲି ଶିବରାତ୍ରି କାହିଁକି ହିନ୍ଦୁ ସମାଜର ନାନା ପର୍ବପର୍ବାଣୀକୁ ବିଚାରହୀନ ଭାବରେ ବିବରଣୀ ନଜାଣି ଆଚରଣ କରିବା, ଅତି କମରେ କାହିଁକି କରୁଛୁ ବୋଲି ନଜାଣିବା ଦ୍ୱାରା ଆଜି ହେତୁବାଦୀମାନେ ପଚାରୁଥିବା ପ୍ରଶ୍ନର ଜବାବ ଆମ ହିନ୍ଦୁ ସମାଜରେ ନାହିଁ । ଏହା ଦ୍ୱାରା ହେତୁବାଦୀମାନେ ଏସବୁ ଅନ୍ଧବିଶ୍ୱାସ, ପରମାତ୍ମା କି ଦୈବ ବୋଲି କିଛି ଗୋଟାଏ ନାହିଁ ବୋଲି କାହିଁକି ନକହିବେ ? ଏହିଭଳି ଅନେକଲୋକ ସେମାନଙ୍କର ସଂଦେହର ସମାଧାନ ନପାଇ ଅନ୍ୟଧର୍ମକୁ ଚାଲିଯାଉଛନ୍ତି । ଆଉ କେତେକ ନାସ୍ତିକ ହୋଇଯାଉଛନ୍ତି । କେତେକ ପ୍ରଜା ବିଜ୍ଞାନ ବେଦୀକା ନାମରେ ଈଶ୍ୱର ନାହାନ୍ତି, ଭଗବଦ୍ଗୀତା ମିଛକଥା, ଯେଉଁମାନେ ଜ୍ଞାନ.. ଜ୍ଞାନ.. ହେଉଛନ୍ତି ସେମାନେସବୁ ଠକ ବୋଲି କହୁଛନ୍ତି । ଆମେ ପ୍ରକୃତ ଜ୍ଞାନ କହୁଛୁ, ତାହା ବୁଝିନପାରି ତୁମେ ହିନ୍ଦୁଧର୍ମର ବ୍ୟତୀରେକ ଜ୍ଞାନ କହୁଛ ବୋଲି ଆମଉପରେ କ୍ରୋଧିତ ହେଉଥିବା କେଇ ସଂସ୍ଥାମାନଙ୍କୁ ସେହି ହେତୁବାଦୀମାନେ, ବିଜ୍ଞାନବେଦୀକାର ଲୋକମାନେ କ'ଣ ଦେଖି ପାରିଲେ ନାହିଁ ? ଏବେ ବି ସମୟ ଅଛି ଆମେ ହିନ୍ଦୁବୋଲି ରାଜକୀୟରଙ୍ଗ ବୋଲି ନହୋଇ, ଜାଗ୍ରତ ରହି ଅଜ୍ଞାନରେ ରହିଥିବା ହିନ୍ଦୁମାନଙ୍କୁ ଜାଗ୍ରତ କରନ୍ତୁ ବୋଲି ସୂଚିତ କରୁଛୁ । ପ୍ରଥମେ ଆପଣ ଜ୍ଞାନ ଜାଣନ୍ତୁ! ତା'ପରେ ଅନ୍ୟମାନଙ୍କୁ କହନ୍ତୁ, ତେବେଯାଇ ଆମର ସୁଧାର ଆସିବ । ଆମ ସଂସ୍କୃତିର ପର୍ବ ଉନ୍ନତ ଢଙ୍ଗରେ ଆଚରିତ ହୋଇପାରିବ ।

*****

# ଶ୍ରୀରାମ ନବମୀ

ତ୍ରେତାଯୁଗରେ ଦଶରଥ ମହାରାଜଙ୍କ କୁମାର ହୋଇ ରାମ ଜନ୍ମ ହୋଇଥିଲେ । ଦଶରଥ କୁମାରଙ୍କୁ ସେଦିନ ଗ୍ରହାଙ୍କର ଅନୁସାରେ କିମ୍ବା ମହର୍ଷିମାନଙ୍କ କଥା ଅନୁସାରେ 'ରାମ' ନାମକ ଦୁଇ ଅକ୍ଷର ବିଶିଷ୍ଟ ନାମ ଦିଆଯାଇଥିଲା । ସେହି ନାମ ପୂର୍ବରୁ ସମ୍ମାନ ସୂଚକ ଅକ୍ଷର 'ଶ୍ରୀ' ଯୋଗକରି 'ଶ୍ରୀରାମ' ବୋଲି କିଛିଲୋକ କହିଥିଲେ । ଶ୍ରୀ ଏକ ସମ୍ମାନ ସୂଚକ ଅକ୍ଷର ସିନା, ଏହା ନାମର ଏକ ଅକ୍ଷର ନୁହେଁ । ରାମ ହିଁ ପ୍ରକୃତ ନାମ ବୋଲି ଜାଣିବା ଉଚିତ୍ । ରାମ ନାମଟି ଏକ ମହାନ ଅର୍ଥ ପ୍ରଦାନ କରୁଥିବା ନାମ । ସେଥିଲାଗି ଜ୍ଞାନ ଜାଣିଥିବା ଲୋକମାନେ କେବେ କେମିତି ରାମ ନାମକୁ ଭାବନା କରିବା ଉଚିତ୍ ବୋଲି କହୁଥିଲେ, ସେମାନେ କହିଥିବା ଅନୁସାରେ କେତେକ ବସିବା ବେଳେ, ଉଠିବା ବେଳେ ରାମ ନାମ ନେବା ଅଭ୍ୟାସରେ ପଡୁଥିଲେ । ପୂର୍ବେ ଏହି ରାମ ନାମକୁ ଅନେକ ଲୋକ କହିବା ଅଭ୍ୟାସ କରିଥିଲେ । ନବୀନ କାଳରେ ପାଠପଢା ଅଧିକ ହୋଇ, ବିଜ୍ଞାନ ବଢିଯାଇଥିବାରୁ କେହି ରାମ ନାମ ନେଉନାହାନ୍ତି କହିଲେ ଚଳିବ । ଯଦି କେହି କେହି ଜ୍ଞାନ ଜାଣିଥିବା ଲୋକେ କହୁଛନ୍ତି, ତେବେ ସେମାନେ ରାମ ନାମକୁ ଦୁଇ ଅକ୍ଷରରେ କହିଥା'ନ୍ତି ସିନା ଶ୍ରୀରାମ ବୋଲି ତିନି ଅକ୍ଷରରେ କହିନଥା'ନ୍ତି । ଉତ୍ତରଭାରତର ଲୋକେ ଆଜି ମଧ୍ୟ ପରିଚିତ ବ୍ୟକ୍ତି ଜଣେ ଜଣକୁ ଦେଖିଲେ ରାମ୍‌ରାମ୍ ବୋଲି କହିଥା'ନ୍ତି । ଜଣେ ଜଣକୁ ନମସ୍ତେ, ନମସ୍କାର କହିବା ବଦଳରେ ରାମ୍‌ରାମ୍ କହିବା ଏବେ ବି ଦେଖିପାରିବେ । ରାଜସ୍ଥାନ୍, ଗୁଜୁରାଟରେ ଏଭଳି ରାମ୍‌ରାମ୍ କହିବା ଅଭ୍ୟାସରେ ସମସ୍ତେ ଥାଆନ୍ତି । ପୂର୍ବରୁ ହିଁ ଆମ ବଡଲୋକମାନେ ଏହି ଉନ୍ନତ ପଦ୍ଧତିକୁ ତିଆରି କରି ଆମର ଅଭ୍ୟାସ କରାଇଛନ୍ତି । କାରଣ ! ରାମ ନାମର ମହିମା ସତରେ ସେହିଭଳି । କବୀର୍‌ଦାସ୍ ଇତ୍ୟାଦି ଜ୍ଞାନୀମାନେ ସବୁବେଳେ ରାମ ନାମକୁ ଭାବନା କରିଥିବା ଜଣାଯାଏ ।

ଆଜିର କାଳରେ କିଛି ହେତୁବାଦୀମାନେ ରାମ ନାମରେ କି ମହାନତା ଅଛି ବୋଲି ପ୍ରଶ୍ନ କରୁଛନ୍ତି । ରାମ ଦଶରଥଙ୍କ ପୁତ୍ର ଭାବରେ ଜନ୍ମ ନେଇ ସଂପତ୍ତି, ସାମ୍ରାଜ୍ୟ କଳହ କାରଣରୁ ବଣରେ ରହି ନାନା ଯାତନା ବରଣ କରିଥିଲେ । ସୀତାଙ୍କୁ ହରାଇ ଖୋଜି ନପାଇବା ବେଳେ ଅନେକ ଥର ରୋଦନ କରିଥିଲେ । ସାମାଜିକ ନ୍ୟାୟର ଆଚରଣ ମଧ୍ୟ କରି ନପାରି ଗର୍ଭିଣୀ ସ୍ତ୍ରୀକୁ ବଣରେ ଛାଡିଦେଇଥିଲେ । ଆମ ପିତା ବୋଲି ଜାଣିବା ଆଗରୁ ରାମଙ୍କର ନିଜ ପୁଅମାନେ ମଧ୍ୟ ରାମଙ୍କୁ ଘୋର ନିନ୍ଦା କରିଥିଲେ । ସ୍ୱାମୀ ହୋଇଥିବା ରାମ ନିଜର ସ୍ତ୍ରୀକୁ ପୁନର୍ବାର ଘରକୁ ଫେରାଇ ନେବାକୁ କହିଥିଲେ ମଧ୍ୟ ସେଥିପାଇଁ ସୀତା ରାଜି ହୋଇ ନଥିଲେ । ଏଭଳି ନିଜ ଜୀବନରେ ନାନା କଷ୍ଟକୁ ସମ୍ମୁଖୀନ କରିଥିବା ରାମ କେଉଁଥିରେ ମହାନ ହେଲେ ? ତାଙ୍କଠାରେ ନଥିବା ମହାନତା ତାଙ୍କ ନାମରେ କିପରି ଆସିଲା ? ବୋଲି କେତେକ ହେତୁବାଦୀମାନେ ପ୍ରଶ୍ନ କରୁଛନ୍ତି । ଜୀବନ କାଳରେ ମାତ୍ର ଗୋଟିଏ ବର୍ଷ ମଧ୍ୟ ମିଶି ଜୀବନ ବିତାଇ ନଥିବା ଲୋକେ କ'ଣ ଆଦର୍ଶ ଦମ୍ପତି ? ସୁଶୀଳା ସ୍ତ୍ରୀ ସୀତାଙ୍କୁ ସଂଦେହ କରି ବଣକୁ ପଠାଇଥିବା ପୁରୁଷ କିପରି ଆଦର୍ଶ ପୁରୁଷ ? କିପରି ମହାନ ? ଏଭଳି ଲୋକ କେବେ ବି ପୂଜନୀୟ ନୁହେଁ ବୋଲି ନାସ୍ତିକବାଦୀମାନେ ମଧ୍ୟ କହୁଛନ୍ତି । ତା'ଛଡା ଏଭଳି ରାମ ଅପେକ୍ଷା ଆମ ରାବଣ ମହାନ ବୋଲି ଦକ୍ଷିଣର ଦ୍ରାବୀଡମାନେ ମଧ୍ୟ କହୁଛନ୍ତି ।

ପ୍ରତ୍ୟେକ ମଣିଷ ଆଉ କୌଣସି ମଣିଷ ବାବଦରେ କହିବା ବେଳେ ତିନିଗୋଟି ଭାବ ଦେଖାଯାଏ । ଏହି ତିନିଗୋଟିକୁ ଭୌତିକ ଭାବ କୁହାଯାଏ । ଗୋଟିଏ ହେଲା ତଟସ୍ଥ ଭାବ, ଦ୍ୱିତୀୟଟି ହେଲା ବିମର୍ଶ ଭାବ, ତୃତୀୟଟି ହେଲା ବିଶ୍ୱସ୍ଥ ଭାବ । ଏହି ତିନିଭାବ ଅନୁସାରେ କୌଣସି ବ୍ୟକ୍ତି କୌଣସି ବ୍ୟକ୍ତି ଉପରେ ପ୍ରୟୋଗ କରି ସେ କେଉଁଭଳି ବୋଲି ଜାଣି ପାରିଥାଏ । ସେହିଭଳି ରାମଙ୍କୁ ହେଉ, କୃଷ୍ଣଙ୍କୁ ହେଉ ବିମର୍ଶ (ନିନ୍ଦା) କରୁଥିବା ଲୋକମାନେ

ଥାଆନ୍ତି, ବିଶ୍ୱାସ କରୁଥିବା ଲୋକମାନେ ମଧ୍ୟ ଥାଆନ୍ତି । ଆଉକିଛି ଲୋକ ବିମର୍ଶ କରନ୍ତି ନାହିଁ କି ବିଶ୍ୱାସ କରନ୍ତି ନାହିଁ, ତେଣୁ କିଛି ନକହି ତଟସ୍ଥ ଭାବରେ ରହିଥା'ନ୍ତି । ଯାହା ଭାବ ଯାହା ପାଇଁ ମହାନ ହେବା ସାଧାରଣ କଥା । ତେଣୁ ଆମ ଭାବ କାହାକୁ ପସନ୍ଦ ହୋଇପାରେ, ନହୋଇପାରେ । ତେଣୁ ମୁଁ ଭୌତିକ ପଦ୍ଧତିରେ ଥିବା ଏହି ତିନି ଭାବ ଅନୁସାରେ କିଛି ନକହି, ଏହି ତିନି ଭାବର ଅତୀତ ଭାବରେ ଥିବା ଆଧ୍ୟାତ୍ମିକ ଭାବ ଅନୁସାରେ କହିବି ବୋଲି ଭାବୁଛି । ମୁଁ ଏମିତି କାହିଁକି ଭାବୁଛି କି ! ଆଧ୍ୟାତ୍ମିକ ଭାବରେ ବିମର୍ଶ ନଥାଏ, ବିଶ୍ୱାସ ନଥାଏ କି ତଟସ୍ଥତା ନଥାଏ । ଆଧ୍ୟାତ୍ମିକ ଭାବ ସମସ୍ତଙ୍କ ପାଇଁ ସମାନ । ଏହି ଭାବ ସମସ୍ତଙ୍କ ସମ୍ବନ୍ଧୀୟ ହୋଇ, ସମସ୍ତଙ୍କଠାରେ ସମାନ ରହିବା ଦ୍ୱାରା କେବଳ ଶ୍ରଦ୍ଧାବଳ ଥିବା ଲୋକମାନେ ଆଧ୍ୟାତ୍ମିକ ଭାବକୁ ବୁଝିପାରନ୍ତି । ଯାହାର ଶ୍ରଦ୍ଧା ନଥାଏ ସେ କଦାପି ବୁଝିପାରେ ନାହିଁ । ଏବେ ଆମେ କହିବାକୁ ଯାଉଥିବା ଆଧ୍ୟାତ୍ମିକ ଭାବକୁ ପାଠକମାନେ ଶ୍ରଦ୍ଧା ସହକାରେ ଜାଣିବେ ବୋଲି ଉଦ୍ଦେଶ୍ୟ ନେଇ କହୁଛୁ । ଶ୍ରଦ୍ଧା ଲଗାଇ ଦେଖନ୍ତୁ ।

ଦଶରଥ ପୁତ୍ର ଶ୍ରୀରାମଙ୍କ ଉପରେ ବିଶ୍ୱାସ ଥିବା ରାମଭକ୍ତମାନଙ୍କୁ, ବିଶ୍ୱାସ ନଥିବା ହେତୁବାଦୀ, ନାସ୍ତିକବାଦୀମାନଙ୍କୁ ଜଣାନଥିବା ଏକ ରହସ୍ୟ ରହିଛି । ତାହା କଣନା ! ତ୍ରେତାଯୁଗର ଦଶରଥଙ୍କ ପୁତ୍ର ରାମଙ୍କ ଆଗରୁ କୃତ୍‌ଯୁଗରେ (ସତ୍ୟଯୁଗରେ) ଏହି **'ରାମ'** ନାମକ ଶବ୍ଦ ଥିଲା । ରାମଙ୍କ ଆଗରୁ ରାମ ନାମ ରହିବା କ'ଣ ଆଶ୍ଚର୍ଯ୍ୟ କଥା ନୁହେଁ ! ଏବେ ସେହି ଆଶ୍ଚର୍ଯ୍ୟ ବିଷୟ ବାବଦରେ ଜାଣିବା । ରାମ ନାମକ ଦୁଇ ଅକ୍ଷରର ଏହି ଶବ୍ଦକୁ ସତ୍ୟଯୁଗର ଜ୍ଞାନୀମାନେ ପ୍ରଜାମାନଙ୍କୁ ପରିଚିତ କରାଇଥିଲେ । ରାମ ଜନ୍ମ ହୋଇନଥିବା ସେ କାଳରେ 'ରାମ' ନାମକ ଦୁଇ ଅକ୍ଷରର ବିଶେଷ ଆଧ୍ୟାତ୍ମିକ ଅର୍ଥ ଥିଲା । ର କହିଲେ ବିନାଶର ସଂକେତ ବୋଲି ଆଗରୁ ଆମେ ଜାଣିଥିଲେ । 'ର' ହେଉ ବା 'ରା' ହେଉ ଦୁଇଟିଯାକ ଗୋଟିଏ ଅର୍ଥ ଦେଇଥାଏ ବୋଲି ଦଶରପର୍ବ ନାମକ ପୂର୍ବ ଅଧ୍ୟାୟରୁ ଜାଣିଥିଲେ ।

'ମ' କହିଲେ ମୁଁ ବା ମୋର ଭାବକୁ ବ୍ୟକ୍ତ କରିଥାଏ । 'ମମ' କହିଲେ ମୋର ବୋଲି ଜଣାଯାଏ, ତା'ଛଡା **ସୁବୋଧା** ଗ୍ରନ୍ଥରେ ମଧ୍ୟ ଏବାବଦରେ ବିବରଣୀ ଦିଆଯାଇଛି । ସେହି ଅନୁସାରେ ଦେଖିଲେ ରାମ ନାମରେ ମୁଁ ବିନାଶ ହେବି ବା ମୋର ବିନାଶ ହେଉ ବୋଲି ଆଧ୍ୟାତ୍ମିକ ଅର୍ଥ ଲୁଚିରହିଛି ବୋଲି ଜଣାଯାଏ, ଅର୍ଥାତ୍ ସବୁବେଳେ ମୁଁ ବୋଲି ଭାବୁଥିବା ଜୀବର ବିନାଶ ହୋଇଯାଉ ବୋଲି ଜୀବ ଭାବନା କରିବା ଏହି ନାମର ଅନ୍ତରାର୍ଥ । ଜୀବତ୍ୱ ବିନାଶ ହୋଇଗଲେ ଜୀବ ବ୍ରହ୍ମତ୍ୱ ପ୍ରାପ୍ତ ହୋଇଥାଏ । ବ୍ରହ୍ମତ୍ୱରେ ମିଶି ବ୍ରହ୍ମ (ପରମାତ୍ମା ବା ଈଶ୍ୱର) ହୋଇଯାଇଥାଏ ବା ପରମାତ୍ମାରେ ଲୀନ ହୋଇ ପରମାତ୍ମା ହୋଇଯାଇଥାଏ । ଜୀବଟିଏ ଜନ୍ମରହିତ କାମନା କରି, ପରମାତ୍ମାରେ ଲୀନହେବାକୁ ଚେଷ୍ଟା କରିବାବେଳେ ଯାହା କହିଥାଏ ତାହା ହିଁ ଏହି ରାମ ନାମକ ଶବ୍ଦ । ବ୍ରହ୍ମଜ୍ଞାନ ଅନୁସାରେ ପ୍ରତ୍ୟେକ ଜୀବ ଈଶ୍ୱରଙ୍କଠାରେ ମିଶିଯିବାକୁ ଏଇଭଳି ଚେଷ୍ଟା କରିବା ଉଚିତ୍ । ଜୀବ ଦିନେନାଦିନେ ଈଶ୍ୱର ବା ପରମାତ୍ମାଙ୍କଠାରେ ନିଶ୍ଚୟ ମିଳିତ ହେବ । ତାର ଜୀବତ୍ୱ ହଜି ଦିନେ ନିଶ୍ଚୟ ଈଶ୍ୱରତ୍ୱ ଆସିବ । ସେଥିଲାଗି ଭଗବଦ୍ଗୀତାରେ ଥିବା ପୁରୁଷୋତ୍ତମପ୍ରାପ୍ତି ଯୋଗରେ ଜୀବକୁ କ୍ଷର କୁହାଯାଇଛି । "ମୁଁ କ୍ଷର ବା ବିନାଶୀ" ଏହାକୁ ଜୀବ କେବେ ଭୂଲିଯିବା ଉଚିତ୍ ନୁହେଁ ବୋଲି ରାମ ନାମକ ଶବ୍ଦକୁ କଥା ସନ୍ଦର୍ଭରେ କିମ୍ବା ଆନନ୍ଦିତ ହେବା ସନ୍ଦର୍ଭରେ କହିବା, ଭାବିବା ଭଳି ଜ୍ଞାନୀମାନେ ଆମର ଅଭ୍ୟାସ କରାଇଥିଲେ । ରାମ ନାମକ ଦୁଇଅକ୍ଷର ଶବ୍ଦରେ କି ଭାବ ଥିଲା ପୂର୍ବେ ସମସ୍ତେ ଜାଣିଥିଲେ । ସତ୍ୟଯୁଗ କାଳରେ ରାମ ନାମକ ଶବ୍ଦ ଆଧ୍ୟାତ୍ମିକର ଆଦର୍ଶ ଥିଲା । ରାମ ନାମକ ଶବ୍ଦ ଦ୍ୱାରା ମୁଁ ବିନାଶଶୀଳ ଜୀବ ବୋଲି ସମସ୍ତେ ଭାବନା କରୁଥିଲେ । ଗୀତାରେ କୁହାଯାଇଥିବା କ୍ଷର ବା ବିନାଶୀ ଭାବକୁ 'ର' ନାମକ ଅକ୍ଷର ଦ୍ୱାରା, ମୁଁ ଭାବକୁ 'ମ' ନାମକ ଅକ୍ଷର ଦ୍ୱାରା ଚିହ୍ନିବାକୁ ହୋଇଥାଏ । ତେଣୁ ରାମ ନାମକ ଶବ୍ଦକୁ ପରମ ପବିତ୍ର ନାମ ବୋଲି ସେତେବେଳେ ଲୋକେ ଭାବୁଥିଲେ । ମହାନ ଅର୍ଥ ଥିବା ଏହି ରାମ ନାମଟି ଦଶରଥପୁତ୍ରଙ୍କୁ

ଦିଆଯାଇଥିଲା, ସେହିଦିନଠାରୁ ଲୋକମାନଙ୍କ ଭିତରୁ ରାମ ନାମର ମହିମା କମ୍ ହୋଇଆସିଲା । ଦଶରଥଙ୍କ ପୁତ୍ର ହିଁ ରାମ ବୋଲି ସମସ୍ତେ ଭାବିବସିଲେ, ସେହି ଭାବ ଆଜିର କାଳରେ ମଧ୍ୟ ସମସ୍ତଙ୍କଠାରେ ରହିଯାଇଛି ।

ରାମ ନାମଟି ଦଶରଥ ପୁତ୍ରଙ୍କର ବୋଲି ରାମଦାସ ଭାବିବା ବେଳେ, ରାମଦାସଙ୍କ ଅପେକ୍ଷା ବଡ ହୋଇଥିବା କବିରଦାସ୍ ରାମ ଦଶରଥଙ୍କ ପୁଅ ନୁହେଁ ବୋଲି ଭାବିଥିଲେ । ତେଣୁ କୌଣସି ଏକ ସନ୍ଦର୍ଭରେ ତାଙ୍କୁ ଦଶରଥ ରାମ ଦେଖା ଦେଇଥିଲେ ମଧ୍ୟ, ତୁ ମୋ ରାମ ନୁହଁ! ବୋଲି ହେୟ ଭାବରେ କହିଥିଲେ । ମୋ ଭାବରେ ଥିବା ରାମ ତୁ ନୁହେଁ ବୋଲି କବୀରଦାସ୍ କହିଥିବାରୁ ତାଙ୍କୁ ପୂର୍ବର ରାମ ନାମର ଆଧ୍ୟାତ୍ମିକ ଭାବ ଜଣାଥିଲା । ରାମଦାସଙ୍କୁ ଏ ବିଷୟ ଜଣାନଥିବାରୁ ସେ ରାମଙ୍କୁ ଦଶରଥଙ୍କ ପୁତ୍ର ଭାବି ଶ୍ରୀରାମ କହିଥିଲେ । ଖାଲି ରାମଦାସ କାହିଁକି ତ୍ରେତାଯୁଗରେ ଏଭଳି ଦଶରଥରାମଙ୍କୁ ପ୍ରକୃତ ରାମ ବୋଲି ଅନେକ ଲୋକ ଭାବିଥିଲେ । ସେହି ଭାବ ଥିବା ଲୋକମାନେ ଶ୍ରୀରାମଙ୍କ ଉପରେ ଭକ୍ତିରଖି ଶ୍ରୀରାମନବମୀ ପର୍ବ ପାଳନ କରୁଛନ୍ତି । ଶ୍ରୀରାମ ନବମୀକୁ ଆଜି ସାରା ଭାରତର ଲୋକେ ଆଚରଣରେ ଆଣିଛନ୍ତି । ଈଶ୍ୱରଙ୍କ ପାଖକୁ ଯିବାକୁ ହେଲେ ପ୍ରଥମ ପାହାଚ ହେଉଛି ଭକ୍ତି । ତେଣୁ ଶ୍ରୀରାମଙ୍କ ଉପରେ ଭକ୍ତି ରଖି ଶ୍ରୀରାମନବମୀ ପାଳନ କରିବା ଦ୍ୱାରା ଭକ୍ତିରେ ପରିପକ୍ୱ ହୋଇ ଶେଷରେ ରାମ ଶବ୍ଦର ଅର୍ଥ ଜାଣିବା ସୁଯୋଗ ରହିଛି; ତଥାପି ଯେଉଁ ଭକ୍ତି କରୁଛନ୍ତି ସେହି ଭକ୍ତି ଦ୍ୱାରା ଦିନେ ରାମ ଶବ୍ଦର ଅର୍ଥ ଜାଣିବାକୁ ସୁଯୋଗ ଥିବାରୁ ରାମ ନାମ ନେବାରେ କିଛି ଭୂଲ୍ ନାହିଁ । ରାମ ଏକ ଶରୀରରୂପ ନୁହେଁ ନାମକ ଭାବ ନିଜ ଭିତରେ ଆଣି ପାରିଲେ ଏହି ଉନ୍ନତ ସୁଯୋଗକୁ ଆପଣାର କରିହେବ । ତେଣୁ ଭକ୍ତିରେ ହେଉ କି କ୍ରୋଧ ସମୟରେ ହେଉ ରାମ ନାମ ନେବା କିଛି ମନ୍ଦକଥା ନୁହେଁ ।

ରାମ କୁହ କିମ୍ବା ସେହି ନାମକୁ ଓଲଟାଇ ମରା କୁହ ଦୁଇଟି ଶବ୍ଦର ଅର୍ଥ ଗୋଟିଏ । ତେଣୁ ନାରଦ ମହର୍ଷି ବାଲ୍ମିକୀଙ୍କୁ ପ୍ରଥମେ ମରା ନାମକ ଶବ୍ଦକୁ ମନ୍ତ୍ର ଭାବରେ ଉପଦେଶ ଦେଇଥିଲେ । ରାମଙ୍କ ଜନ୍ମ

ହେବା ଆଗରୁ ନାରଦମହର୍ଷି ଏହି ନାମର ଉପଦେଶ ବାଲ୍ମିକୀଙ୍କୁ ଦେଇଥିଲେ । ସେହି ମରା ନାମକ ଶବ୍ଦର ଉଚ୍ଚାରଣକରି ବାଲ୍ମିକୀ ଅନେକବର୍ଷ ତପସ୍ୟା କରିଥିଲେ । ଏହି ମରା ଶବ୍ଦକୁ ବାଲ୍ମିକୀ ଅନେକ ବର୍ଷକାଳ ଗୋଟିଏ ସ୍ଥାନରେ ବସି ଜପ କରିବା ଦ୍ୱାରା ସେ ବସିଥିବା ସ୍ଥାନଟି ତାଙ୍କ ସହିତ ହୁଙ୍କା ପାଲଟିଯାଇ ଥିଲା । ହୁଙ୍କାକୁ ବାଲ୍ମିକ କୁହାଯାଏ । ଅନେକ ବର୍ଷ ପରେ ସେ ହୁଙ୍କା ଭିତରୁ ବାହାରକୁ ଆସିଥିବାରୁ ତାଙ୍କୁ ବାଲ୍ମିକୀ କୁହାଯାଇଥିଲା । ବାଲ୍ମିକୀଙ୍କୁ ଯଦି ଆଦିକବି କୁହାଯାଇଛି ତେବେ ସେ କେତେ ଆଗରୁ ଥିଲେ ବିଚାର କରନ୍ତୁ । ରାମ ନାମକ ଶବ୍ଦର ମହିମାକୁ ଜାଣିଥିବା ବାଲ୍ମିକୀ ସେହି ନାମର ଇତିହାସ ଥିବା ରାମଙ୍କ ବିଷୟରେ ରାମାୟଣ ଲେଖି ପାରିଥିଲେ । ରାମାୟଣ ଲେଖାଯିବା ପୂର୍ବରୁ ମଧ୍ୟ ଅନେକ ଇତିହାସ କବିତା ରୂପରେ ଲେଖାଯାଇଥିଲା । ଯେହେତୁ ବାଲ୍ମିକୀଙ୍କୁ ଆଦିକବି କୁହାଯାଏ ସେହେତୁ ସେ ରାମ ଜନ୍ମ ହେବାର ବହୁକାଳରୁ ଥିଲେ ବୋଲି ସହଜରେ ଜାଣିହେଉଛି । ହଜାର ବର୍ଷ ବଞ୍ଚିଥିବା ବାଲ୍ମିକୀ ତାଙ୍କ ବୃଦ୍ଧାବ୍ୟରେ ରାମଙ୍କ ଇତିହାସକୁ ରାମାୟଣ ଭାବରେ ଲେଖିଥିଲେ ।

ତ୍ରେତାଯୁଗରୁ ପ୍ରଚଳିତ ହୋଇଥିବା ଶ୍ରୀରାମନବମୀ ପର୍ବ ଆଚରଣରେ ଆଣିବା ଦ୍ୱାରା, ରାମ ନାମ ନେବା ଦ୍ୱାରା, ଆଧ୍ୟାତ୍ମିକ ବୁଝାଯାଇ ପାରେ । ଜାଣିନଥିବା ଲୋକମାନଙ୍କ ପାଇଁ ଏହା ଏକ ଏକ ସୁଯୋଗ । ଏଥିରେ ରାମ ନାମର ଇତିହାସ ଜାଣିପାରିବା ସୁଯୋଗ ରହିଛି, ରାମ ନାମ ଅତି ପବିତ୍ର ବୋଲି ବୁଝିବା ସୁଯୋଗ ରହିଛି । ତେଣୁ ଆଜି ଯେଉଁମାନେ ଶ୍ରୀରାମନବମୀ ପର୍ବ ପାଳନ କରୁଛନ୍ତି ସେମାନେ ସେଦିନ ନୂଆ ବସ୍ତ୍ର ପିନ୍ଧି, ପିଠାପଣା ଖାଇବା ସହିତ ନୂଆ ଜ୍ଞାନ ଜାଣିବା ପାଇଁ ଚେଷ୍ଟା କରିବା ଉଚିତ୍ । ସେଦିନ ନାନା ନୈବେଦ୍ୟକୁ ପ୍ରସାଦ କରି ବାଣ୍ଟିବା ସହିତ ଆଧ୍ୟାତ୍ମିକ ଚର୍ଚ୍ଚା ଏବଂ ଯୋଗ ବାବଦରେ ପ୍ରବଚନ ଶୁଣିବା ଉଚିତ୍ । ଏହିଭଳି ବାହାରେ ଦଶରଥରାମଙ୍କ ଆରାଧନା କଲେ ମଧ୍ୟ ଭିତରେ ଥିବା ଆତ୍ମାରାମଙ୍କୁ ଜାଣିବାକୁ ଚେଷ୍ଟା

କରନ୍ତୁ । ଆଜିଠାରୁ ଉତ୍ତରାୟଣ କାଳରେ ଆସୁଥିବା ଶ୍ରୀରାମନବମୀକୁ ପାଳନକରି ଉପଯୁକ୍ତ ଜ୍ଞାନଫଳ ପାଆନ୍ତୁ ବୋଲି ଆଶାକରୁଛୁ ।

*****

# ଶ୍ରୀକୃଷ୍ଣାଷ୍ଟମୀ ବା ଜନ୍ମାଷ୍ଟମୀ

ଶ୍ରୀକୃଷ୍ଣ ଖ୍ରୀଷ୍ଟପୂର୍ବ ୩୨୨୮ ମସିହା, ଜୁଲାଇମାସ ୧୯ ତାରିଖ, ବହୁଳା ଅଷ୍ଟମୀର ବୃଷଭ ଲଗ୍ନରେ ଜନ୍ମ ହୋଇଥିଲେ । ସେହି ଅନୁସାରେ ସେ ଆଜିକୁ ୫୨୪୦ ବର୍ଷ ପୂର୍ବେ ଭୂପୃଷ୍ଠରେ ଜନ୍ମ ହୋଇଥିଲେ ବୋଲି ଜଣାଯାଉଛି । ବୁଝି ପାରିଲେ ଜଣାପଡେ ତାଙ୍କ ଜୀବନ ଏକ ମହାନ ଜ୍ଞାନସଂଦେଶ, ସେହି ଅନୁସାରେ ତାଙ୍କ ଜନ୍ମରେ ମଧ୍ୟ ନିଶ୍ଚୟ ମହାନ ଜ୍ଞାନସଂଦେଶ ଲୁଚି ରହିଛି ବୋଲି କହି ପାରିବା । ଶ୍ରୀକୃଷ୍ଣ ଜନ୍ମହେବା ବେଳେ ପ୍ରଥମେ ତାଙ୍କର ପାଦଯୁଗଳ ବାହାରକୁ ଆସିଥିଲା । ଏଇ କଥାଟିରେ ଏକ ବିଶେଷତା ରହିଥିବା ବେଳେ, ସେ ଜନ୍ମ ହୋଇଥିବା ଅଷ୍ଟମୀ ତିଥି ମଧ୍ୟ ଏକ ବିଶେଷତା ପ୍ରତିପାଦନ କରିଥାଏ । ଶ୍ରୀକୃଷ୍ଣ ଜନ୍ମାଷ୍ଟମୀର ବିଶେଷତା କ'ଣ ବୋଲି ବିଚାର କଲେ ତାହା ନିମ୍ନମତେ ରହିଛି । ସାଧାରଣତଃ କୌଣସି ଜ୍ଞାନ ଜଣାନଥିବା ଲୋକମାନେ **"ଅଷ୍ଟମୀ କଷ୍ଟ, ନବମୀ ନଷ୍ଟ"** କହି ଅଷ୍ଟମୀ ଏବଂ ନବମୀ ଦିନରେ କୌଣସି କାର୍ଯ୍ୟ କରି ନଥା'ନ୍ତି । କେତେକ କାର୍ଯ୍ୟ ଆରମ୍ଭକରିବା ଆଗରୁ ଏହି ଦୁଇ ତିଥିକୁ ଧ୍ୟାନଦେଇ କରିଥାନ୍ତି । ନବମୀ ନଷ୍ଟ, ଅଷ୍ଟମୀ କଷ୍ଟ କହିବାରେ ଆପଣଙ୍କଠାରେ କି ଭାବ ଜାଗ୍ରତ ହେଉଛି ? ବୋଲି କେତେକଙ୍କୁ ପଚାରିବା ବେଳେ, ଅଷ୍ଟମୀ ଦିନ କୌଣସି କାର୍ଯ୍ୟ ଆରମ୍ଭ କଲେ ସେ କାର୍ଯ୍ୟରେ ନାନା କଷ୍ଟ ସମ୍ମୁଖୀନ କରିବାକୁ ହୋଇଥାଏ । ସେହିଭଳି ନବମୀ ଦିନରେ ଆରମ୍ଭ କଲେ ସେ କାର୍ଯ୍ୟ ନଷ୍ଟଫଳ ପ୍ରଦାନ କରିଥାଏ ବୋଲି କହିଥା'ନ୍ତି । ଏଇଭଳି ସେମାନଙ୍କ କଥା ଅନୁସାରେ ଦେଖିଲେ ଜ୍ୟୋତିଷ୍ୟଶାସ୍ତ୍ର ଅନୁସାରେ ଏହା

ଭୂଲ୍ ହୋଇଥାଏ । କାରଣ ! ଜ୍ୟୋତିଷ୍ୟଶାସ୍ତ୍ରରେ ଏଭଳି କୌଣସି ନିୟମ ନାହିଁ; ତଥାପି ଏହି କଥାଟି ଆଜିର ନୁହେଁ, ବହୁ ପୂର୍ବ କାଳରୁ ପ୍ରଚଳିତ ରହିଛି । ପ୍ରାୟ ପଚାଶବର୍ଷ ପୂର୍ବେ ଏକଥା ଉପରେ ସମସ୍ତେ ଧ୍ୟାନ ଦେଇ କାର୍ଯ୍ୟ କରୁଥିଲେ । ଆଜିର ନବୀନ କାଳରେ ଏକଥା ଆଉ ଶୁଣାଯାଉ ନାହିଁ । ଆଜିର ପାଠପଢା ପିଲାମାନଙ୍କୁ ତିଥି କହିଲେ କ'ଣ ତାହା ମଧ୍ୟ ଜଣା ନାହିଁ; ତଥାପି ଆଜିର କାଳରେ କେଉଁ ଅଜଣା ପଲ୍ଲୀରେ ଆଜିଯାଏଁ ରହି "ଆରେ ଅଷ୍ଟମୀରେ କାହିଁକି କୁଆଡେ ଯାଉଛୁ" ବୋଲି କେହି କେହି କହୁଥିବା ଜଣାଯାଏ । ଏହି ଅନୁସାରେ ଅଷ୍ଟମୀ ନବମୀ ନାମକ ଦୁଇଗୋଟି ତିଥିରୁ ନବମୀ ତିଥିକୁ ମଧ୍ୟ ଲୋକେ ଭୂଲିଗଲେଣି । କେବଳ ଅଷ୍ଟମୀ ତିଥି ଏଯାବତ୍ ବଞ୍ଚି ରହିଥିବା ଜଣାଯାଏ । ପଲ୍ଲୀ ଅଂଚଳରେ କେଉଁଠି କେମିତି ଶୁଣାଯାଉଥିବା ଅଷ୍ଟମୀ ତିଥି ବାବଦରେ ମଧ୍ୟ ଆଉ ଦଶବର୍ଷ ପରେ ଶୁଣିବାକୁ ମିଳିବ ନାହିଁ ବୋଲି ବୁଝିହେଉଛି । ଅଷ୍ଟମୀ କଷ୍ଟ, ନବମୀ ନଷ୍ଟ ବୋଲି ଆମେ କହୁଥିବା କଥାଟିରେ ଆଜି କେବଳ ଅଷ୍ଟମୀ ତିଥି ରହିଛି ବୋଲି ଏକ ଆଧାର ବଳକା ରହିଯାଇଛି । କାଳଗମନରେ କେତେ କେଉଁ କଥା ଲୁଚିଗଲାଣି; ତଥାପି ଜ୍ଞାନର ମୂଲ୍ୟ ବଜାୟ ରହିବା ପାଇଁ କିଛି କଥା ଲୁଚି ନଯାଉ ଏହା ଆମର ଅଭିଳାଷା । ତେଣୁ ଅଷ୍ଟମୀ କଷ୍ଟ, ନବମୀ ନଷ୍ଟ ବୋଲି ବଡମାନେ କାହିଁକି କହୁଥିଲେ ? ତାହା କେବେଠାରୁ କହିବା ଆରମ୍ଭ କରିଥିଲେ ? ଟିକିଏ ଏହି ପ୍ରଶ୍ନର ସମାଧାନ ଖୋଜିବା ।

ଅଷ୍ଟମୀ କଷ୍ଟ, ନବମୀ ନଷ୍ଟ ନାମକ କଥାଟି ବା ରୂଢ଼ିଟି ଶ୍ରୀକୃଷ୍ଣ ଜନ୍ମହେବା ଆଗରୁ ନଥିଲା । ଶ୍ରୀକୃଷ୍ଣ ଜନ୍ମହେବାର ୯୦ବର୍ଷ ପରେ ଭଗବଦ୍ଗୀତା କହିଥିଲେ । ଭଗବଦ୍ଗୀତା କହିବା ପରେ ଶ୍ରୀକୃଷ୍ଣ ଜଣେ ମହାନ ବ୍ୟକ୍ତି ବୋଲି କେତେକ ଜାଣି ପାରିଥିଲେ । ସେତେବେଳଠାରୁ ଶ୍ରୀକୃଷ୍ଣଙ୍କର ଜନ୍ମଦିନକୁ ଗୋକୁଳରେ, ମଥୁରାରେ ପର୍ବଦିନ ଭାବରେ ପାଳନ କରାଯାଉଛି । ଭଗବଦ୍ଗୀତା ଯୁଦ୍ଧ ଭୂମିରେ କୁହାଯାଇଥିଲା । ମହାଭାରତ ଯୁଦ୍ଧ ଖ୍ରୀଷ୍ଟପୂର୍ବ ୩୧୩୮ ମସିହାରେ ହୋଇଥିଲା । ସେହି ଅନୁସାରେ ଭଗବଦ୍ଗୀତା ଜନ୍ମ ଆଜିକୁ ୫୧୪୮ ବର୍ଷ ତଳେ ହୋଇଥିଲା ।

ଭଗବଦ୍ଗୀତା ଜନ୍ମ ହେବା ପରେ କୃଷ୍ଣ ସାଧାରଣ ମଣିଷ ନୁହଁନ୍ତି ବୋଲି କେତେକ ଜ୍ଞାନୀମାନେ ଜାଣି ପାରିଥିଲେ ଏବଂ ସେହିମାନେ ହିଁ ଶ୍ରୀକୃଷ୍ଣ ଜୟନ୍ତି କରିବା ଆରମ୍ଭ କରିଥିଲେ, ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଏହିଭଳି ଆରମ୍ଭ ହୋଇଥିଲା । ସେହିଦିନଠାରୁ ଶ୍ରାବଣମାସ ବହୁଳାଷ୍ଟମୀ ଦିନକୁ ଲୋକେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଭାବରେ ପାଳନ କରିଆସୁଛନ୍ତି । ଦୈବଜ୍ଞାନ ଜଣାଥିବା ଲୋକମାନେ ଆରମ୍ଭ କରିଥିବା ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ କିଛିକାଳ ପରେ ସାରା ଦେଶରେ ବ୍ୟାପିଯାଇଥିଲା । ଶ୍ରୀକୃଷ୍ଣ ସଜୀବ ଥିବାବେଳେ କୃଷ୍ଣଜୟନ୍ତି ଶ୍ରୀକୃଷ୍ଣାଷ୍ଟମୀ ବା ଜନ୍ମାଷ୍ଟମୀ ପାଳନ ହୋଇଯାଇଥିଲା, ଅର୍ଥାତ୍ ଦ୍ୱାପର ଯୁଗରୁ ହିଁ ଶ୍ରୀକୃଷ୍ଣାଷ୍ଟମୀ ପର୍ବ ସୃଷ୍ଟି ହୋଇଥିଲା ।

ଶ୍ରୀକୃଷ୍ଣ ମୃତ୍ୟୁବରଣ କରିବାର ଦୁଇବର୍ଷ ପରେ କଳିଯୁଗ ଆରମ୍ଭ ହୋଇଥିଲା । କଳିଯୁଗ ପ୍ରାରମ୍ଭରେ ସାରା ଦେଶରେ ଶ୍ରୀକୃଷ୍ଣାଷ୍ଟମୀ ଏକ ମୁଖ୍ୟ ପର୍ବଦିନ ଭାବରେ ପ୍ରଚଳିତ ଥିଲା । ଏଭଳି ୫/୬ ଶହ ବର୍ଷ ପର୍ଯ୍ୟନ୍ତ ଶ୍ରୀକୃଷ୍ଣାଷ୍ଟମୀ ଉତ୍ସବ ବଡ ଆଡମ୍ବରପୂର୍ଣ୍ଣ ଭାବରେ ପାଳିତ ହୋଇଥିଲା । ମାୟା ପ୍ରଭାବରେ ଧିରେ ଧିରେ ଏହାକୁ କେହି କେହି ପାଳନ କରିବା ବନ୍ଦ କରିଦେଲେ । ଏଭଳି ୪/୫ ଶହ ବର୍ଷ ଭିତରେ ପ୍ରାୟ ଶତକଡା ୯୦ ଭାଗ ଲୋକେ ଶ୍ରୀକୃଷ୍ଣାଷ୍ଟମୀ କରିବା ବନ୍ଦ କରିଦେଲେ । ଶେଷରେ କେବଳ ଶତକଡା ପାଞ୍ଚଭାଗ ଲୋକେ ମଥୁରା, ଗୋକୁଳ ବା ନନ୍ଦଗାଆଁ ଅଞ୍ଚଳରେ ଏହି ଉତ୍ସବ ପାଳନ କରିବା, ତାହା ପୁନଶ୍ଚ କେବଳ ଗଉଡ (ଗୋପାଳକ) ମାନେ ପାଳନ କରିବା ନିୟମ ଭଳି ହୋଇଗଲା, ତାହା ଆଜିଯାଏଁ ରହି କେତେକ ଅଞ୍ଚଳରେ ଶ୍ରୀକୃଷ୍ଣ ପିଲାବେଳେ କରିଥିବା ଲବଣୀଚୋରିକୁ ଉତ୍ସବର ଏକ ଭାଗ କରି ଶ୍ରୀକୃଷ୍ଣଙ୍କୁ ମନେ ପକାଇବା ପାଇଁ ମଠିଆରେ ଲବଣୀ ରଖି, ତାକୁ ଶିକା ଭଳି ଉପରେ ବାନ୍ଧି, ସେଦିନ ଶ୍ରୀକୃଷ୍ଣ ଯେପରି ଖେଳିଥିଲେ ସେପରି ଖେଳୁଛନ୍ତି । ତା'ଛଡା ଶ୍ରୀକୃଷ୍ଣ କରିଥିବା ଆଉ କେତେକ କାର୍ଯ୍ୟକୁ ମଧ୍ୟ ଉତ୍ସବର ଏକ ଏକ ଭାଗ କରି ଉତ୍ସବ ପାଳିତ ହେଉଥିବା ଅଞ୍ଚଳରେ ଉତ୍ସାହର ସହିତ କରିଥା'ନ୍ତି । ଏଭଳି କଳିଯୁଗର ପ୍ରାରମ୍ଭରେ କେତେ ଆଡମ୍ବରରେ

ପାଳିତ ହେଉଥିବା ଶ୍ରୀକୃଷ୍ଣାଷ୍ଟମୀ ଆଜି ନାମକୁ ମାତ୍ର ରହିଯାଇଛି । ଏହି ପରିସ୍ଥିତି ଭବିଷ୍ୟତରେ ନ ଉପୁଜୁ ବୋଲି ସେଦିନର ବଡମାନେ ସମାଜରେ ଏକ ଉପାୟ କଳ୍ପନା କରିଥିଲେ । ସେହି ଉପାୟ ହେଉଛି **"ଅଷ୍ଟମୀ କଷ୍ଟ, ନବମୀ ନଷ୍ଟ"** । ଏହି ଉପାୟ ବାବଦରେ କେତେକଙ୍କୁ ବୋଧହୁଏ କିଛି ବୁଝାପଡୁନଥିବ । ତେବେ ସେଦିନର ବଡମାନେ କେଉଁ ଉଦ୍ଦେଶ୍ୟରେ ଏହି ରୂଢ଼ିକୁ ତିଆରି କରିଥିଲେ ତାହା ଅନୁଧ୍ୟାନ କରିବା ।

ପୂର୍ବେ ଶ୍ରୀକୃଷ୍ଣ ମଥୁରା ନଗରରେ ଅଷ୍ଟମୀ ତିଥିରେ ଜନ୍ମ ହୋଇଥିଲେ, ତା'ପରଦିନ ନନ୍ଦଗାଆଁରେ ଦେଖାଦେଲେ, ଅର୍ଥାତ୍ ଜନ୍ମ ହୋଇଥିବା ରାତିରେ ବସୁଦେବ ରହସ୍ୟ ଭାବରେ ତାଙ୍କୁ ମଥୁରା ନଗରରୁ ନେଇ କିଛିଦୂରରେ ଥିବା ନନ୍ଦଗାଆଁର ନନ୍ଦରାଜାଙ୍କ ଘରେ ପହଂଚାଇ ଦେଇଥିଲେ । ତେଣୁ ଦ୍ୱିତୀୟ ଦିନ ଅର୍ଥାତ୍ ରାତି ପାହି ସଖାଳ ହେଉ ହେଉ ଶ୍ରୀକୃଷ୍ଣଙ୍କୁ ନନ୍ଦଙ୍କ ରାଣୀ(ସ୍ତ୍ରୀ) ଯଶୋଦା ଜନ୍ମ ଦେଇଛନ୍ତି ବୋଲି ନନ୍ଦଗାଆଁର ଲୋକମାନେ ଜାଣିବାକୁ ପାଇଲେ । ତେଣୁ ଶ୍ରୀକୃଷ୍ଣ ଜନ୍ମ ହୋଇଥିବା ଅଷ୍ଟମୀ ତିଥିର ରାତି, ସଖାଳ ହେଉ ହେଉ ନବମୀ ତିଥି ହୋଇଯାଇଥିଲା । ନନ୍ଦଗାଆଁରେ ଶ୍ରୀକୃଷ୍ଣ ନବମୀ ତିଥିରେ ଦେଖା ଦେଇଥିବାରୁ ନନ୍ଦଗାଆଁର ଗୋପାଳମାନଙ୍କ ପାଇଁ ଶ୍ରୀକୃଷ୍ଣଙ୍କ ଜନ୍ମଦିନଟି ନବମୀଦିନ ହୋଇଥିଲା ସିନା ବାସ୍ତବରେ ସେ ମଥୁରାରେ ଅଷ୍ଟମୀ ତିଥିରେ ଜନ୍ମ ହୋଇଥିଲେ । ଶ୍ରୀକୃଷ୍ଣଙ୍କ ଜନ୍ମ ଅଷ୍ଟମୀ ଦିନ, ତେଣୁ ଆତ୍ମଜ୍ଞାନ ଜାଣିଥିବା ଲୋକମାନେ ଶ୍ରାବଣ ବହୁଳାଷ୍ଟମୀ (କୃଷ୍ଣ ପକ୍ଷ ଅଷ୍ଟମୀ) ଦିନକୁ "ଶ୍ରୀକୃଷ୍ଣାଷ୍ଟମୀ" ଭାବରେ ନେଇ ଉତ୍ସବ ପାଳନ କରୁଥିଲେ । ନନ୍ଦଗାଆଁର ଗୋପାଳମାନଙ୍କୁ ଶ୍ରୀକୃଷ୍ଣ ନବମୀ ତିଥିରେ ଦେଖା ଦେଇଥିବାରୁ ସେମାନେ ସେହି ନବମୀ ଦିନକୁ "ଗୋକୁଳାଷ୍ଟମୀ" ଭାବରେ ଉତ୍ସବ ପାଳନ କରୁଥିଲେ । ଗୋକୁଳର ଗୋପାଳମାନେ କୁଳସ୍ନେହଁରେ ସେମାନଙ୍କ ନାଆଁ ରହିବା ଭଳି ଗୋକୁଳାଷ୍ଟମୀ କହୁଥିଲେ । ଆଜି ମଧ୍ୟ ଶ୍ରୀକୃଷ୍ଣାଷ୍ଟମୀ, ଗୋକୁଳାଷ୍ଟମୀ ନାମରେ ଦୁଇଦିନ ଉତ୍ସବ ପାଳିତ

ହେଉଥିବା ଜଣାଯାଏ । ଅଷ୍ଟମୀ ଦିନକୁ ଜ୍ଞାନୀମାନେ ଶ୍ରୀକୃଷ୍ଣାଷ୍ଟମୀ ଭାବରେ, ନବମୀ ଦିନକୁ ଗୋକୁଳ ବଂଶଧର (ଗଉଡ)ମାନେ ବା ଆଜିର ଯାଦବମାନେ ଗୋକୁଳାଷ୍ଟମୀ ଭାବରେ ପାଳନ କରନ୍ତି ବୋଲି ଜାଣିବା ଉଚିତ୍ । ଶ୍ରୀକୃଷ୍ଣଙ୍କ ଜନ୍ମ ଅଷ୍ଟମୀ ତିଥିରେ ହୋଇଥିଲେ ମଧ୍ୟ କୃଷ୍ଣାଷ୍ଟମୀ, ଗୋକୁଳାଷ୍ଟମୀ ନାମକ ଦୁଇଟି ନାଆଁରେ ଅଷ୍ଟମୀ ଆଉ ନବମୀ ଦିନକୁ ଜନ୍ମାଷ୍ଟମୀ ଏବଂ ନନ୍ଦଉତ୍ସବ ଭାବରେ ପାଳନ କରାଯାଉଛି ।


ଶ୍ରୀକୃଷ୍ଣ ଜୟନ୍ତିକୁ ନବମୀ ଦିନ କଲେ ମଧ୍ୟ ତାର ନାଆଁ ଗୋକୁଳାଷ୍ଟମୀ (ନନ୍ଦ ଉତ୍ସବ) ହୋଇଥିବାରୁ ତାହା ମଧ୍ୟ ଅଷ୍ଟମୀ ତିଥିକୁ ସୂଚିତ କରୁଛି । ତେଣୁ ଶ୍ରୀକୃଷ୍ଣଙ୍କ ଜନ୍ମଉତ୍ସବ ଅଷ୍ଟମୀ ଆଉ ନବମୀ ନାମରେ ଦୁଇଦିନ ପାଳନ କରାଯାଉଥିବାରୁ ଆମେ ବଡ ଆନନ୍ଦିତ ହେବା ଉଚିତ୍ । ଏହି ଶୀକୃଷ୍ଣାଷ୍ଟମୀ, ଗୋକୁଳାଷ୍ଟମୀ ଉତ୍ସବ ଦୁଇଟି କଳିଯୁଗର ପ୍ରାରମ୍ଭରେ ବଡ ଆଡମ୍ବରରେ ପାଳିତ ହେଉଥିଲା । ସେହି ଦୁଇ ଦିନରେ କେହି କୌଣସି କାର୍ଯ୍ୟ କରୁ ନଥିଲେ କି କରାଉ ନଥିଲେ । ଯଦି କାହାର କିଛି କାର୍ଯ୍ୟ ରହୁଥିଲା ତେବେ ସେହି ଉତ୍ସବ ଦୁଇଟି ପାଇଁ ସେମାନେ ସେମାନଙ୍କର ସେହି କାର୍ଯ୍ୟକୁ ବନ୍ଦ କରି ଦେଉଥିଲେ, ସେଦିନ କାହାର କୌଣସି କାର୍ଯ୍ୟ କେଉଁ ଶୁଭ ମୁହୂର୍ତ୍ତରେ ଆସୁଥିଲେ ମଧ୍ୟ ତାହା ନ କରିବା ପାଇଁ, କେହି କୌଣସି କାର୍ଯ୍ୟ ନକରି ଉତ୍ସବରେ ଯୋଗଦେବା ପାଇଁ ବଡମାନେ ଏକ ଯୋଜନା ସୃଷ୍ଟି କରିଥିଲେ । କାର୍ଯ୍ୟ ବାରଣ ପାଇଁ ଭୟ ଦେଖାଇବାକୁ ଯାଇ ଅଷ୍ଟମୀ ତିଥିରେ କୌଣସି କାର୍ଯ୍ୟ କଲେ ସେହି କାର୍ଯ୍ୟ କଷ୍ଟଯୁକ୍ତ ହୋଇଥାଏ, ସଠିକ ଢଙ୍ଗରେ ହୋଇ ନଥାଏ ବୋଲି କହିଥିଲେ । ସେହିଭଳି ନବମୀ ତିଥିରେ କୌଣସି କାର୍ଯ୍ୟ କଲେ ତା'ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ପଡେ ବୋଲି ମଧ୍ୟ କହିଥିଲେ । ଶ୍ରୀକୃଷ୍ଣାଷ୍ଟମୀ, ଗୋକୁଳାଷ୍ଟମୀ ଉତ୍ସବ ଦୁଇଟି ସୂଚ୍ଚରୁ ସମ୍ପାଦିତ ହେଉ ବୋଲି, ସେଥିରେ ସମସ୍ତେ ଯୋଗଦେଇ ପାରିବା ସୁଯୋଗ ରହିବା ଭଳି, ତଦନୁଗୁଣ ଭୟ ଦେଖାଇ ସେହି ଦୁଇଦିନର କାର୍ଯ୍ୟକୁ ସେମାନେ ବାରଣ କରାଇଥିଲେ ।

ସେଥିଲାଗି ଅଷ୍ଟମୀ କଷ୍ଟ, ନବମୀ ନଷ୍ଟ ବୋଲି କହି ବଡମାନେ ଜନମଙ୍ଗଳ କାର୍ଯ୍ୟ କରିଥିଲେ, ସେମାନଙ୍କର ଉଦ୍ଦେଶ୍ୟ ଉନ୍ନତ ହେଲେ ମଧ୍ୟ ଅଷ୍ଟମୀ କଷ୍ଟ, ନବମୀ ନଷ୍ଟ କଥାଟି ଆଜି ଆଉ ଶୁଣିବାକୁ ମିଳୁ ନାହିଁ କି ଶ୍ରୀକୃଷ୍ଣାଷ୍ଟମୀ ସେତେ ପାଳନ ହେବାର ଦେଖାଯାଉ ନାହିଁ । ଏକ ହିସାବରେ କହିଲେ ପ୍ରାୟ ଶତକଡା ୯୦ଭାଗ ଲୋକେ ଶ୍ରୀକୃଷ୍ଣାଷ୍ଟମୀ ବା ଜନ୍ମାଷ୍ଟମୀ କେବେ ଆସୁଛି ମଧ୍ୟ ଜାଣୁ ନାହାନ୍ତି ।

ଆମେ ଶ୍ରୀକୃଷ୍ଣ ଜୟନ୍ତିକୁ ପର୍ବଦିନ ଭାବରେ ପାଳନ କରିବା, ନକରିବା କଥାକୁ ବାଦଦେଇ ଶ୍ରୀକୃଷ୍ଣ ଅଷ୍ଟମୀ ତିଥିରେ କାହିଁକି ଜନ୍ମ ହୋଇଥିଲେ ବୋଲି ଯଦି ବିଚାରକରିବା ତେବେ ତାହା କିପରି ଅଛି ନିମ୍ନମତେ ଦେଖନ୍ତୁ । ଅମାବାସ୍ୟାଠାରୁ ପୌର୍ଣ୍ଣମୀ (ପୂର୍ଣ୍ଣିମା) ପନ୍ଦରଦିନ, ସେହିଭଳି ପୂର୍ଣ୍ଣିମାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦରଦିନ ବୋଲି ସମସ୍ତେ ଜାଣନ୍ତି । ଶ୍ରୀକୃଷ୍ଣ ପୌର୍ଣ୍ଣମୀଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ଥିବା ପନ୍ଦରଦିନ ଭିତରେ ଯେଉଁ ଅଷ୍ଟମୀତିଥି ରହିଛି ସେହି ତିଥିରେ ଜନ୍ମ ହୋଇଥିଲେ । ସେହି ୧୫ ଦିନର ପ୍ରଥମ ଦିନଠାରୁ ସପ୍ତମୀଦିନ ପର୍ଯ୍ୟନ୍ତ ସାତଦିନ, ମଝିରେ ଅଷ୍ଟମୀ ଏବଂ ପରେ ନବମୀଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ସାତଦିନ ରହିଥାଏ । ଅର୍ଥାତ୍ ୭ + ୧ + ୭ = ୧୫ । ୧୫ କୁ ଦୁଇ ସମାନ ଭାଗ କଲେ ୭ ଦିନ ଏବଂ ୭ ଦିନ ହୋଇ ଭାଗଶେଷ ୧ ରହିଯାଏ । ସେହି ଏକ ଦିନକୁ ଅଷ୍ଟମୀ ଭାବରେ ଚିହ୍ନି, ଅଷ୍ଟମୀର ପୂର୍ବରୁ ସାତଦିନ ଏବଂ ଅଷ୍ଟମୀ ପରେ ସାତ ଦିନକୁ ଚିହ୍ନିବାକୁ ହେବ । ଏବେ ଏହି ମଝିରେ ଥିବା ଦିନଟି ଅଷ୍ଟମୀ । ସେହି ଅଷ୍ଟମୀ ତିଥିରେ ଶ୍ରୀକୃଷ୍ଣ ଜନ୍ମ ହେବାର ବିଶେଷତା କ'ଣ ଅଛି ଜାଣିବା ।

ଭଗବାନ ଶ୍ରୀକୃଷ୍ଣ ଜ୍ଞାନ ଏବଂ ଅଜ୍ଞାନର ସନ୍ଧିଭଳି । ଅଜ୍ଞାନରୁ ଜ୍ଞାନକୁ, ଜ୍ଞାନରୁ ଅଜ୍ଞାନକୁ ଯିବାପାଇଁ ସେ ହେଉଛନ୍ତି କେନ୍ଦ୍ରସ୍ଥଳ । ଜଗଦ୍ଗୁରୁ ଶ୍ରୀକୃଷ୍ଣ ତାଙ୍କ ଜୀବନରେ ବଂଚିଥିବା ପ୍ରଣାଳୀ ଏବଂ ଆଚରଣକୁ ଦେଖି ଜ୍ଞାନୀମାନଙ୍କ ସମେତ ଅନେକ କହନ୍ତି ଯେ, ସେ କହିଥିବା ସମଗ୍ର

ଗୀତା ଉନ୍ନତ, କିନ୍ତୁ ତାଙ୍କର ଆଚରଣ ଆମକୁ ପସନ୍ଦ ହେଉନାହିଁ । ଆଚରଣ ହିଁ ମୁଖ୍ୟକଥା, ଭିତରର ଗୁଣ ଅନୁସାରେ ତ କିଏ ଆଚରଣ କରିଥାଏ !, ତେଣୁ ସେ ଯାହା କହିଛନ୍ତି ସତ, ହେଲେ ତାଙ୍କର କାର୍ଯ୍ୟ ଅନୁସାରେ ତାଙ୍କୁ ଲକ୍ଷ୍ୟକଲେ ସେ କହିଥିବା ଜ୍ଞାନ ମଣିଷ ପାଇଁ ନିଷ୍ପ୍ରୟୋଜନ, ସେମାନଙ୍କ କଥାରୁ ଜଣାପଡେ ଯେ, ଶ୍ରୀକୃଷ୍ଣ କହିଥିବା ଜ୍ଞାନକୁ ସେମାନେ ବୁଝିପାରି ନାହାନ୍ତି, ତେଣୁ ସେମାନଙ୍କୁ ଶ୍ରୀକୃଷ୍ଣ କହିଥିବା ଜ୍ଞାନ ଅଲଗା ଅର୍ଥ ବୋଧ ହୋଇଥିବାରୁ ଶ୍ରୀକୃଷ୍ଣଙ୍କର ବିରୋଧି ସାଜିଥା'ନ୍ତି । ଶ୍ରୀକୃଷ୍ଣ ଜ୍ଞାନର କେନ୍ଦ୍ର ହୋଇଥିବା ବେଳେ, ସେମାନେ ଜ୍ଞାନକେନ୍ଦ୍ରରୁ ବିପରୀତ ଦିଗରେ ଯାଉଛନ୍ତି ବୋଲି ଜଣାଯାଉଛି । ସେହିଭଳି ଶ୍ରୀକୃଷ୍ଣଙ୍କୁ ଦେଖି ସେ **କହିଥିବା, ସେ କରିଥିବା ଏବଂ କରାଉଥିବା** କାର୍ଯ୍ୟ ସବୁ ଗୋଟିଏ ବୋଲି ଯେଉଁମାନେ ଜାଣିଥା'ନ୍ତି ସେମାନେ ଜ୍ଞାନମାର୍ଗରେ ଗତି କରିଥିବା ଜଣାପଡିଛି ଏବଂ ଜଣାଯାଉଛି । ଶ୍ରୀକୃଷ୍ଣଙ୍କୁ ଦେଖି ମଣିଷ ଥିବାସ୍ଥାନରୁ ଜ୍ଞାନଦିଗକୁ କିମ୍ବା ଅଜ୍ଞାନ ଦିଗକୁ ଯାଇଥାଏ ବୋଲି କୁହାଯାଇ ପାରେ । ତେଣୁ ଶ୍ରୀକୃଷ୍ଣ ଜ୍ଞାନ, ଅଜ୍ଞାନର ମଝିରେ ଅଛନ୍ତି ବୋଲି ସମସ୍ତେ ଜାଣିବା ଭଳି ଅଷ୍ଟମୀ ଦିନକୁ ବାଛି ଜନ୍ମ ହୋଇଥିଲେ । ତେବେ ଶ୍ରୀକୃଷ୍ଣ କୃଷ୍ଣପକ୍ଷର ଅଷ୍ଟମୀରେ କାହିଁକି ଜନ୍ମ ହୋଇଥିଲେ ? କୃଷ୍ଣପକ୍ଷ ନ ହୋଇ ଶୁକ୍ଳପକ୍ଷର ଅଷ୍ଟମୀରେ କାହିଁକି ଜନ୍ମହୋଇ ନଥିଲେ ? ବୋଲି ଏକ ସନ୍ଦେହ ଆସିଥାଏ । ତା'ର ସମାଧାନ ହେଉଛି !



ଜ୍ଞାନବୋଧନ କାର୍ଯ୍ୟକ୍ରମରେ ଚନ୍ଦ୍ରଙ୍କୁ ଜ୍ଞାନର ଚିହ୍ନ କୁହାଯାଇଥିବା ସନ୍ଦର୍ଭ ରହିଛି । ଗୀତାରେ ଯଦି ଯୋଗୀମାନଙ୍କର ଆଉ ଜନ୍ମ ଥାଏ ତେବେ ସେମାନେ ଜ୍ଞାନରେ ବିକଶିତ ହୋଇ ଜନ୍ମ ହୋଇଥା'ନ୍ତି, ଅର୍ଥାତ୍ ସେମାନେ ଚନ୍ଦ୍ର ତେଜଯୁକ୍ତ ହୋଇ ଜନ୍ମ ହୋଇଥା'ନ୍ତି ବୋଲି ଜ୍ଞାନ ବିକାଶକୁ ଚନ୍ଦ୍ରକିରଣ ସହିତ ତୁଳନା କରାଯାଇଛି । ସେହି ଅନୁସାରେ ଆଲୋକମୟ ପୌର୍ଣ୍ଣମୀକୁ ଜ୍ଞାନ ଭାବରେ ଏବଂ ଅନ୍ଧାରମୟ ଅମାବାସ୍ୟାକୁ ଅଜ୍ଞାନ ଭାବରେ ଆମେ ସହଜରେ ତୁଳନା କରିପାରିବା । ପରମାତ୍ମା ଜ୍ଞାନଯୁକ୍ତ ହୋଇ ଅଜ୍ଞାନଯୁକ୍ତ ପ୍ରପଞ୍ଚ (ଦୁନିଆ)କୁ ଆସି ଜନ୍ମ ହୋଇଥିଲେ, ତେଣୁ ସେ ଜ୍ଞାନର ଚିହ୍ନ ପୌର୍ଣ୍ଣମୀଠାରୁ ଅନ୍ଧାର ଧିରେ ଧିରେ ଆରମ୍ଭ ହୋଇ ଶେଷରେ ଅମାବାସ୍ୟା ଦିନଆଡକୁ ଗତିକରୁଥିବା ସମୟର କୃଷ୍ଣପକ୍ଷରେ ଜନ୍ମ ହୋଇଥିଲେ । ଏଭଳି ଜନ୍ମ ହେବା ଏପଟେ ଜ୍ଞାନୀ ସେପଟେ ଅଜ୍ଞାନୀ କାହାକୁ ବୁଝା ନପଡିବା ଭଳି, ଜ୍ଞାନ ଅଜ୍ଞାନ ସବୁ ମୋରିଠାରେ ଅଛି ବୋଲି ଜଣାଇଦେବା ପାଇଁ ମଝିରେ ଥିବା ଅଷ୍ଟମୀ ଦିନ ଜନ୍ମ ହୋଇଥିଲେ । **ମୁଁ ହେଉଛି ଜ୍ଞାନ ଅଜ୍ଞାନର ମାର୍ଗ, ମୁଁ ହିଁ ଦ୍ୱାର ବୋଲି ଏଥିରେ ରହସ୍ୟ ରହିଛି ।** ପୌର୍ଣ୍ଣମୀ ବିତିଯିବା ପରେ ଆଗକୁ ଅସୁଥିବା ଅଷ୍ଟମୀରେ ଜନ୍ମ ହୋଇଥିବାରୁ ଜ୍ଞାନ ପ୍ରକାଶମୟ ପରମଠାରୁ ଅଜ୍ଞାନ ଅନ୍ଧକାର ପ୍ରପଞ୍ଚକୁ ମୁଁ ଆସିଲି ବୋଲି ତାଙ୍କ ଜନ୍ମ ତିଥିର ରହସ୍ୟଟିଏ ରହିଛି । ଏହି ବିଶେଷ ଅର୍ଥଟି ହିଁ ତାଙ୍କ ଜନ୍ମଦିନ, ସେଥିଲାଗି ତାଙ୍କର ଜନ୍ମଦିନକୁ ମହାନ ପର୍ବଦିନ ଭାବି ଶ୍ରୀକୃଷ୍ଣାଷ୍ଟମୀ ନାମ ଦେଇ, ଆମେ ତାଙ୍କରି ପୂଜା କରୁଛୁ ।

ଯିଏ ସକଳ ଶକ୍ତିର ଆଧାର ହୋଇ ରହିଛି, ସକଳ ଦେବତାଗଣ ଯାହାକୁ ପରମାତ୍ମା କହି ପ୍ରଣିପାତ କରନ୍ତି, ଅଣୁ ଅଣୁରେ ବ୍ୟାପୀ କାହାର ଆଖିକୁ ଦେଖା ନଯାଇ ଯେଉଁଶକ୍ତି ରହିଛି, କ୍ଷଣକ୍ଷଣରେ କାଳ ହୋଇ, ସମସ୍ତଙ୍କର ଆୟୁ ହୋଇ, ଆରୋଗ୍ୟ, ଅନାରୋଗ୍ୟ, ମରଣ ହୋଇ ଯିଏ ରହିଛି, ସେହି ପରମାତ୍ମା ହିଁ ଶ୍ରୀକୃଷ୍ଣ ଭାବରେ ଜନ୍ମହୋଇ ମଣିଷ ଭଳି

ଅଭିନୟ କରୁଛନ୍ତି କହିଲେ କେହି ଏତେ ଶୀଘ୍ର ବିଶ୍ୱାସ କରି ପାରିବେ ? ବିଶ୍ୱାସ କରି ପାରିବେ ନାହିଁ । ଏତେବଡ ପରମାତ୍ମା କ'ଣ ଏତେ ସାଧରଣ ମଣିଷ ଭଳି ଜନ୍ମ ହେବେ ? ବୋଲି ପ୍ରଶ୍ନ ନଆସି ରହି ପାରିବ ନାହିଁ । ଏଠାରେ ଏକ ଛୋଟ ଉଦାହରଣଟିଏ କହିବାକୁ ଗଲେ । ସମୁଦ୍ର ସମସ୍ତ ଭୂ-ଭାଗକୁ ଛୁଇଁଛି । ସମୁଦ୍ର ଏତେ ବିଶାଳ ଯେ, ସେଥିରେ ରହୁଥିବା ଜୀବରାଶିଙ୍କ ସଂଖ୍ୟା ଏତିକି ବୋଲି କହିପାରିବା ମଧ୍ୟ ଅସମ୍ଭବ ହୋଇପଡିଛି । ସମୁଦ୍ର ନଥିଲେ ଭୂଭାଗ ରହିବା ଅସମ୍ଭବ ବୋଲି ମଧ୍ୟ କହନ୍ତି । ସେହି ବିଶାଳସମୁଦ୍ର ତୁମ ଘରେ, ତୁମ ଦେହରେ ଅଛି କହିଲେ କେହି ବିଶ୍ୱାସ କରି ପାରିବେ ? ପରମାତ୍ମା ଶ୍ରୀକୃଷ୍ଣ ହୋଇ ଆସିଛନ୍ତି କହିଲେ ଯେମିତି ବିଶ୍ୱାସ ହୁଏ ନାହିଁ, ସେମିତି ସମୁଦ୍ର ତୁମ ଘରେ ଅଛି କହିଲେ ବିଶ୍ୱାସ ହୁଏ ନାହିଁ । ଏତେ ବଡ ପରମାତ୍ମା ଏତେ ସାଧାରଣ ମଣିଷ ! ବୋଲି ଆମେ ଯେମିତି ବିଶ୍ୱାସ କରୁନାହେଁ, ସେମିତି ଏତେବଡ ସମୁଦ୍ର ଆମ ଘରେ ! ବୋଲି ବିଶ୍ୱାସ ହୁଏ ନାହିଁ । ହେଲେ ଟିକିଏ ବିଚାରକରି ଦେଖିଲେ ପରମାତ୍ମା ମଣିଷଠାରେ ଅଛନ୍ତି ତାହା ସତକଥା ଆଉ ସମୁଦ୍ର ମଧ୍ୟ ଆମ ଘରେ ଅଛି, ତାହା ମଧ୍ୟ ସତକଥା ବୋଲି ଜଣାଯାଏ । ଅସାଧ୍ୟ କିପରି ସୁସାଧ୍ୟ ହେଲା ବୋଲି ବିଚାର କରି ଦେଖିଲେ ତାହା କିପରି ଥାଏ ତଳେ ଦେଖନ୍ତୁ ।

ଜଳ ସମୁଦ୍ରରେ ରହିଥାଏ । ସମୁଦ୍ରସାରା ବ୍ୟାପିରହିଥିବା ଜଳର କିଛି ଧର୍ମ ଥାଏ । ସେହିଭଳି ସାରା ବିଶ୍ୱରେ ପରମାତ୍ମା ବ୍ୟାପିରହିଛନ୍ତି । ବିଶ୍ୱସାରା ବ୍ୟାପିରହିଥିବା ପରମାତ୍ମାଙ୍କର ମଧ୍ୟ କିଛି ଧର୍ମ ଥାଏ । ଅସଂଖ୍ୟ ଜଳବିନ୍ଦୁ ମିଶି ରହିଥାଏ ସମୁଦ୍ରରେ । ସେହିଭଳି ଅନେକ ଦୈବ ଅଂଶର ମିଶ୍ରଣ ହୋଇଥା'ନ୍ତି ପରମାତ୍ମା । ସମୁଦ୍ର ସାରା ବ୍ୟାପିରହିଥିବା ଜଳର ଯେଉଁ ଧର୍ମ ରହିଛି, ସେହି ଧର୍ମ ସମୁଦ୍ରଜଳର ଏକ ବିନ୍ଦୁରେ ମଧ୍ୟ ରହିଛି । ସେହଭଳି ସାରା ବିଶ୍ୱରେ ବ୍ୟାପିରହିଥିବା ଦୈବଙ୍କର ଯେଉଁ ଧର୍ମ ରହିଛି, ସେହି ଧର୍ମ ଏକ ଦୈବାଂଶର

ମଧ୍ୟ ରହିଛି । ସମୁଦ୍ରର ଅଖଣ୍ଡ ଜଳରେ ଯେଉଁ ଧର୍ମ ରହିଛି, ସେହି ଧର୍ମ ଖଣ୍ଡିତ ହୋଇଥିବା ଜଳବିନ୍ଦୁର ମଧ୍ୟ ରହିଛି ବୋଲି ଆମେ ଯେଉଁଭଳି କହି ପାରିବା, ସେହିଭଳି ବିଶ୍ୱର ଅଖଣ୍ଡ ପରମାତ୍ମାଙ୍କର ଯେଉଁ ଧର୍ମ ରହିଛି, ସେହି ଧର୍ମ ଖଣ୍ଡିତ ହୋଇ ଆସିଥିବା ଦୈବାଂଶର ମଧ୍ୟ ରହିଛି ବୋଲି କହି ପାରିବା । ଏଠାରେ ଧ୍ୟାନ ଦେବା ବିଷୟ ହେଉଛି ! ଅଖଣ୍ଡ ଭାବରେ ଥିବା ଜଳକୁ ସମୁଦ୍ର କହୁଛେ । ସମୁଦ୍ରରୁ ଖଣ୍ଡିତ ହୋଇ ବାହାରକୁ ଆସିଥିବା ଏକ ଜଳବିନ୍ଦୁକୁ ଜଳବିନ୍ଦୁ ବା ପାଣିଟୋପା କହୁଛେ । ସେହିଭଳି ଅଖଣ୍ଡ ଭାବରେ ସର୍ବତ୍ର ବ୍ୟାପିରହିଥିବା ଦୈବଶକ୍ତିକୁ ଆମେ "ପରମାତ୍ମା" କହୁଛୁ, ଅଖଣ୍ଡ ଦୈବଶକ୍ତିରୁ ବିଭାଜିତ ହୋଇ ଆସିଥିବା ଏକ ଅଂଶର ଦୈବଶକ୍ତିକୁ "ଭଗବାନ" କହୁଛୁ । ସମୁଦ୍ରଜଳ ଆଉ ଜଳବିନ୍ଦୁର ଧର୍ମ ଏକ ହେବା ଭଳି, ପରମାତ୍ମା ଆଉ ଭଗବାନଙ୍କର ଧର୍ମ ମଧ୍ୟ ଗୋଟିଏ । ପରମାତ୍ମାଙ୍କ ଧର୍ମ ପରମାତ୍ମାଙ୍କୁ ହିଁ ଜଣାଥାଏ, ପରମାତ୍ମା ହିଁ ମଣିଷକୁ ତାଙ୍କର ଧର୍ମ ଜଣାନ୍ତି । କାରଣ ! ପରମାତ୍ମାଙ୍କ ଧର୍ମ କେବଳ ପରମାତ୍ମାଙ୍କୁ ହିଁ ଜଣାଥାଏ । ତାଙ୍କର ଏଇ ଧର୍ମ ଅନୁସାରେ ଭଗବାନଙ୍କ ପାଇଁ ମଧ୍ୟ ଏହି ନିୟମ ଲାଗୁହେବ । ତେଣୁ ଭଗବାନଙ୍କୁ ଦୈବଧର୍ମ ଜଣାଥାଏ । ସେହିଭଳି ପରମାତ୍ମା ମାନବକୁ କହିବେ, ଅର୍ଥାତ୍ ଭଗବାନଙ୍କୁ ହିଁ କହିବାକୁ ହେବ । ଏହି ଉଦାହରଣ ଅନୁସାରେ ପରମାତ୍ମା ହିଁ ଭଗବାନହୋଇ ଆସିଥା'ନ୍ତି ବୋଲି କେହି ମଧ୍ୟ ବିଶ୍ୱାସ କରି ପାରିବେ । ପରମାତ୍ମା ଆଉ ଭଗବାନ ଉଭୟେ ଏକ ହେଲେ ମଧ୍ୟ ଥିବା ସ୍ଥିତି ଅନୁସାରେ ଅର୍ଥାତ୍ **ଅପରିମିତ ଭାବରେ ଥିବାବେଳେ ତାଙ୍କୁ ପରମାତ୍ମା, ପରିମିତ ହୋଇ ରହିବା ବେଳେ ସେ ଭଗବାନ** ବୋଲି ଆମେ କହୁଛୁ ।

ଅପରିମିତ ପରମାତ୍ମା, ପରିମିତ ଶରୀର ଭିତରକୁ, ଆକାର ନଥିବା ପରମାତ୍ମା ଆକାର ଥିବା ଶରୀର ଭିତରକୁ, ନାମ ନଥିବା ପରମାତ୍ମା ନାମ ଥିବା ଶରୀର ଭିତରକୁ, କୌଣସି କାର୍ଯ୍ୟ କରୁନଥିବା ପରମାତ୍ମା କାର୍ଯ୍ୟ

କରୁଥିବା ଶରୀର ଭିତରକୁ ଆସିବା ବେଳେ, ଆମେ ତାଙ୍କୁ ଭଗବାନ କହୁଛୁ, ସେହି ଦୈବଅଂଶ ଶରୀରଧାରୀ ହୋଇ ଶ୍ରୀକୃଷ୍ଣ ଭାବରେ ଆସିଥିଲେ, ସେ ହିଁ ଭଗବାନ ଶ୍ରୀକୃଷ୍ଣ । ଏତେବଡ ପରମାତ୍ମା ମାନବ ଆକାରର ହୋଇ ଜନ୍ମହେବା ବେଳେ ସେହି ଜନ୍ମ ଏକ ପବିତ୍ର ଜନ୍ମ, ଏକ ମହାନ ଜନ୍ମ ହୋଇଥାଏ । ତେଣୁ ଭଗବାନଙ୍କର ଜନ୍ମଦିନ ଭାବରେ ଆମେ ଏହାକୁ ଶ୍ରୀକୃଷ୍ଣାଷ୍ଟମୀ ବା ଜନ୍ମାଷ୍ଟମୀ ନାଆଁରେ ଉତ୍ସବ ପାଳନ କରୁଛୁ । ସେହି ଉତ୍ସବ ହିଁ କେତେକଙ୍କର ଶ୍ରୀକୃଷ୍ଣାଷ୍ଟମୀ ଆଉ କେତେକଙ୍କର ଗୋକୁଳାଷ୍ଟମୀ । କଳିଯୁଗ ଆରମ୍ଭରେ ସମସ୍ତେ କରୁଥିବା ଶ୍ରୀକୃଷ୍ଣାଷ୍ଟମୀ ଆଜି କେଉଁଠାରେ ମଧ୍ୟ ଦେଖିବାକୁ ମିଳୁନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ପରମାତ୍ମାଙ୍କର ବ୍ୟତିରେକ ହେଉଛି ମାୟା । ମାୟା ମାନବ ଭିତରେ ରହି ମାନବକୁ ପରମାତ୍ମା ଦିଗରେ ଯିବାକୁ ଦିଏ ନାହିଁ, ଏହି ପ୍ରଚେଷ୍ଟାରେ ମାୟା ନାନା ପ୍ରକାରର ଯୋଜନା ପ୍ରସ୍ତୁତି କରି ରଖିଥାଏ । ମାୟା କରୁଥିବା କାର୍ଯ୍ୟଗୁଡିକ ଭିତରୁ ଏହି ଶ୍ରୀକୃଷ୍ଣାଷ୍ଟମୀ ନ ରହିବା ଭଳି କରିବା ମଧ୍ୟ ମାୟାର ଏକ କାର୍ଯ୍ୟ । ସେଥିଲାଗି ପୂର୍ବର ବଡମାନେ କହିଥିବା "ଅଷ୍ଟମୀ କଷ୍ଟ, ନବମୀ ନଷ୍ଟ' ନାମକ ରୂଢ଼ିକୁ ମଧ୍ୟ ନିଖୋଜ କରିବାକୁ ବସିଛି, ବସିଛି ନୁହେଁ କରିସାରିଲାଣି କହିବା ଅତ୍ୟୁକ୍ତି ନୁହେଁ । ଶ୍ରୀକୃଷ୍ଣାଷ୍ଟମୀ କେବେ ଆସିଥାଏ ତାହା ମଧ୍ୟ ମଣିଷ ଭୂଲିଯିବା ଭଳି କରି ସାରିଲାଣି । ମାୟା ପ୍ରଭାବଦ୍ୱାରା ମଣିଷ ଭଗବାନଙ୍କୁ ମଧ୍ୟ ଚିହ୍ନି ପାରୁ ନାହିଁ । ମଣିଷ ଭଗବାନଙ୍କୁ ସାଧାରଣ ମଣିଷ ଭଳି ତୁଳନା କରୁଛି । ମାୟା ମଣିଷ ମୁଣ୍ଡରେ ଗୁଣରୂପରେ ରହି ମଣିଷକୁ ଦୈବମାର୍ଗରୁ ଦୂର କରାଉଛି । ମଣିଷକୁ ଦୈବମାର୍ଗରୁ ବିଚ୍ୟୁତ କରିବାକୁ ହେଲେ ମଣିଷ ଦୈବମାର୍ଗରେ ଗତି କରୁଛି ବୋଲି ସେ ନିଜେ ବିଶ୍ୱାସ କରିବା ଭଳି କରାଇବା ମାୟାର ଯୋଜନା । ସେହି ଯୋଜନାର ଅନ୍ତରାଳରେ ଶ୍ରୀକୃଷ୍ଣାଷ୍ଟମୀ ବଦଳରେ ଆଉ ଏକ ପର୍ବଦିନ ଆଣି ରଖିଛି । ସମସ୍ତଙ୍କ ଦୃଷ୍ଟି ସେହି ଦିଗରେ ଯିବା ଭଳି କରିଛି । ପରମାତ୍ମା ସ୍ୱୟଂ ଗୀତାରେ କହିଛନ୍ତି

ଯେ, "ମମ ମାୟା ଦୂରତ୍ୟୟା" ଅର୍ଥାତ୍ ମୋର ମାୟାକୁ ଜିତିବା ଦୁଃସାଧ୍ୟ, ତେଣୁ "ମାୟାର ବଳ ଅଧିକ" ହୋଇଥିବାରୁ ସେ ଶ୍ରୀକୃଷ୍ଣାଷ୍ଟମୀ ବଦଳରେ ନିଜର ପର୍ବ ଅର୍ଥାତ୍ ମାୟାପର୍ବ ଆଣି ସ୍ଥାପନ କରିଛି । ଆବାଳ, ବୃଦ୍ଧ, ବନୀତା ସମସ୍ତେ ସେହି ପର୍ବକୁ ବଡ ଉତ୍ସାହର ସହିତ ପାଳନ କରିବା ଭଳି କରିଛି ।

ପୂର୍ବେ ଶ୍ରୀକୃଷ୍ଣାଷ୍ଟମୀ ୧୧ଦିନିଆ ଉତ୍ସବଭାବରେ ପାଳନ କରାଯାଉଥିଲା । ଶ୍ରୀକୃଷ୍ଣାଷ୍ଟମୀ ଘର ଭିତରେ ପାଳନ କରାଯିବା ଉତ୍ସବ ନୁହେଁ । ପୂର୍ବେ ଏହି ପର୍ବରେ ଗାଆଁର ସମସ୍ତେ ଭାଗନେଇ ପାରିବା ଭଳି ସ୍ଥାନରେ କରାଯାଉଥିଲା, ସେହି ପର୍ବରେ କାମଧନ୍ଦା ଛାଡି ଆନନ୍ଦରେ ଶ୍ରୀକୃଷ୍ଣ ଖେଳିଥିବା ଖେଳମାନ ଖେଳୁଥିଲେ । ଗାଆଁର ପୁରୁଷ ଲୋକମାନେ ଗୋପାଳୁଣୀ ବେଶ ଧାରଣ କରି ଲବଣୀଚୋର ହୋଇ ଆସିବା ବେଳେ ସେମାନଙ୍କୁ ସ୍ତ୍ରୀ ଲୋକମାନେ କୁଲାରେ, ଛାଂଚୁଣିରେ ମାଡ ମାରୁଥିଲେ । ସ୍ତ୍ରୀ ବେଶର ଥିବା ପୁରୁଷମାନଙ୍କୁ ମାଡମାରିବା ମଧ୍ୟ ଏହି ଖେଳର ଏକ ଭାଗ ଥିଲା । ଗାଆଁର ଗଳୀରେ ଉପରେ ଛାମୁଣ୍ଡିଆ କରି, ଚନ୍ଦୁଆ ଟାଣି, ତଳକୁ ଖୁବ୍ ଜାକଜମକରେ ସଜାଇ, ଚନ୍ଦୁଆ ତଳେ ଶ୍ରୀକୃଷ୍ଣଙ୍କର ପ୍ରତିମା ରଖି, ଏଗାରଦିନ କାଳ ସେହି ପ୍ରତିମାକୁ ପୂଜା କରୁଥିଲେ, ସେଠାରେ ଅଭିନୟ ପୂର୍ବକ କୃଷ୍ଣଲୀଳା ପ୍ରଦର୍ଶନ କରୁଥିଲେ । ଦାଣ୍ଡିଆ ନାଚ ସହିତ ଲବଣୀଚୋରି ଖେଳ, ଶ୍ରୀକୃଷ୍ଣଙ୍କର ଅନ୍ୟାନ୍ୟ ପ୍ରିୟ ଖେଳ ଇତ୍ୟାଦି ଖେଳି ୧୧ଦିନ ପାଳୁଥିବା ଉତ୍ସବର ଆନନ୍ଦକୁ ଅନୁଭବ କରୁଥିଲେ । ଶେଷରେ ୧୧ତମ ଦିନ ଅର୍ଥାତ୍ ଚତୁର୍ଥୀ ଦିନ ପୂଜା କରାଯାଇଥିବା ଶ୍ରୀକୃଷ୍ଣ ପ୍ରତିମାକୁ ବିମାନରେ ବସାଇ ଗାଆଁରେ ବୁଲାଇ ଶେଷରେ ସେହି ପ୍ରତିମାକୁ ଘରେ ରଖି ଉତ୍ସବ ସମାପନ କରୁଥିଲେ । ଏହା ଜାଣିବା ଉଚିତ୍ ଯେ, ଆମଦେଶର ସର୍ବ ପ୍ରଥମ ସାମୁହିକ ଉତ୍ସବ ବା ଗାଆଁର ଗହଳିରେ କରାଯାଉଥିବା ଉତ୍ସବ ହେଉଛି ଶ୍ରୀକୃଷ୍ଣାଷ୍ଟମୀ ବା ଜନ୍ମାଷ୍ଟମୀ । ଶ୍ରୀକୃଷ୍ଣାଷ୍ଟମୀର ଆଗରୁ କୌଣସି ସାମୁହିକ ଉତ୍ସବ ବା ଘରେ ନହୋଇ ବାହାରେ ଗାଆଁ ଦାଣ୍ଡରେ କରାଯାଉଥିବା ଉତ୍ସବ

ନଥିଲା । ତାପରେ ମାୟାପ୍ରଭାବ ଦ୍ୱାରା ଗୋଟିଏ ଗୋଟିଏ ହୋଇ ଅନେକ ତିଆରି ହୋଇଥିଲା, ସେଗୁଡିକ ଭିତରୁ ପ୍ରଥମଟି ବିନାୟକ ଚତୁର୍ଥୀ (ଗଣେଶ ପୂଜା), ଦ୍ୱିତୀୟଟି ଦୂର୍ଗାଷ୍ଟମୀ (ଦୁର୍ଗା ପୂଜା), ତାପରେ ଅନେକ । ବିଶେଷକଥା ହେଉଛି ଶ୍ରୀକୃଷ୍ଣଙ୍କ ଉତ୍ସବ ଅଷ୍ଟମୀ ତିଥି ନାମରେ ଥିବାବେଳେ, ସେହିଭଳି ତିଥି ନାଆଁରେ ଗଣେଶ ଚତୁର୍ଥୀ, ଦୂର୍ଗାଷ୍ଟମୀ ଇତ୍ୟାଦି ପର୍ବଗୁଡିକ ତିଆରି ହୋଇଥିଲା ।

ଶ୍ରୀକୃଷ୍ଣାଷ୍ଟମୀ ବଦଳରେ ପ୍ରଥମେ ତିଆରି ହୋଇଥିବା ପର୍ବ ଗଣେଶ ଚତୁର୍ଥୀ ବା ବିନାୟକ ଚତୁର୍ଥୀ ହେବାବେଳେ ତା'ପରେ ଏହି ମଧ୍ୟକାଳୀନ ସମୟରେ ଦୂର୍ଗାଦେବୀଙ୍କ ଉତ୍ସବ ଦୂର୍ଗାଷ୍ଟମୀ ମଧ୍ୟ ତିଆରି ହୋଇଥିଲା । ଦୂର୍ଗାଦେବୀଙ୍କ ଉତ୍ସବ ପୂର୍ବକାଳରୁ ରହି ଭକ୍ତି ସହକାରେ ସ୍ୱଗୃହରେ ନଅ ଦିନ ଧରି ପାଳନ କରାଯାଉଥିଲା । ଦୂର୍ଗାଦେବୀଙ୍କୁ ସେହି ନଅ ଦିନରେ ନଅ ପ୍ରକାରର ଅଳଂକାରରେ ସଜାଇବା ଏକ ଜ୍ଞାନଦାୟକ ପର୍ବ ବୋଲି କହି ପାରିବା । ଏବେ ମଧ୍ୟ ସେହି ଦୂର୍ଗାଦେବୀଙ୍କର ପର୍ବ ଦଶରା (ଦଶହରା) ମଧ୍ୟ କିଛି ଜ୍ଞାନଦାୟକ ପର୍ବ ବୋଲି କହିପାରିବା, କିନ୍ତୁ ଗଣେଷ ଚତୁର୍ଥୀ କୌଣସି ଜ୍ଞାନ ନଥିବା ପୂଜା । ଆମ ସଂପ୍ରଦାୟର ହୋଇନଥିବା ଗଣେଷ ପୂଜା ଆମ ଭିତରକୁ କିପରି ଆସିଲା ? ବୋଲି ବିଚାରକଲେ, ତାହାର କିଛି ବିବରଣ ମିଳିଥାଏ । ଆମେ ଯେଉଁ ତିଥିଗୁଡିକୁ କହୁଛେ ସେହି ତିଥିଗୁଡିକରେ ପୂର୍ବେ ଇନ୍ଦୁଧର୍ମ ଜାଣିଥିବା ଲୋକମାନେ ଜ୍ୟୋତିଷ୍ୟଶାସ୍ତ୍ର ଅନୁସାରେ କାର୍ଯ୍ୟ କରୁଥିଲେ । ଜ୍ୟୋତିଷ୍ୟଶାସ୍ତ୍ରରୁ ସେହି ତିଥିଗୁଡିକ ନେଇ ଏକ ଏକ ତିଥିର ଏକ ଏକ ବିଷୟ ପ୍ରାବଲ୍ୟତାକୁ ଜୋଡି, ସେହି ତିଥିରେ, ସେହି ବିଷୟର ପ୍ରାଧାନ୍ୟତା ଅଧିକ ରହିଥାଏ ବୋଲି ଜଣାଇଥିଲେ । ତଦନୁଗୁଣ ଚତୁର୍ଥୀ ତିଥିରେ ସମାଜ ସମ୍ବନ୍ଧୀୟ ବିଷୟକୁ ପ୍ରାଧାନ୍ୟତା ଦେଇଥିଲେ । ସେହିଭଳି ସପ୍ତମୀ ଯୋଗପାଇଁ, ଅଷ୍ଟମୀ ମୋକ୍ଷପାଇଁ, ଦଶମୀ ଆଉ ଏକାଦଶୀ ତିଥିରେ ଭକ୍ତି ଆଉ ଜ୍ଞାନପାଇଁ, ଅମାବାସ୍ୟା ଆଉ ପୌର୍ଣ୍ଣମୀ ପରମାତ୍ମା

ସମ୍ବନ୍ଧୀୟ ବିଷୟ ଜାଣିବାପାଇଁ ପ୍ରାଧାନ୍ୟତା ଦେଇଥାଏ ବୋଲି ନିର୍ଣ୍ଣୟ କରିଥିଲେ । ତେଣୁ ଚତୁର୍ଥୀ ତିଥିରେ ଆସୁଥିବା ପର୍ବ ନାଗଲ ଚତୁର୍ଥୀ, ଗଣେଶ ଚତୁର୍ଥୀକୁ ସମାଜମଙ୍ଗଳ କାର୍ଯ୍ୟ ବାବଦରେ ବୋଧ କରିବା ପାଇଁ ନିର୍ଣ୍ଣୟ କରିଥିଲେ । ପ୍ରଥମେ ନାଗଲ ଚତୁର୍ଥୀ ବାବଦରେ କହିଲେ, ସେହି ଅନୁସାରେ ଗଣେଶ ଚତୁର୍ଥୀ ବାବଦରେ ବୁଝିହୁଏ । ଏବେ ଜ୍ଞାନ ଆଉ ମାୟାର ପ୍ରଭେଦ ଜାଣିବାକୁ ହେଲେ ପ୍ରଥମେ ଗଣେଶ ଚତୁର୍ଥୀ ବାବଦରେ କହିବାକୁ ପଡିବ । ଗଣେଶ ଚତୁର୍ଥୀ ବା ବିନାୟକ ଚତୁର୍ଥୀ ବାବଦରେ ଥିବା ସତ୍ୟକୁ କହିଲେ ମାୟାପ୍ରଭାବରେ ତାହା ଅନର୍ଥ ହୋଇଯିବା ଆଶଙ୍କା ରହିଛି । ତେଣୁ ଏହା ସମାଜ ମଙ୍ଗଳ ପାଇଁ କିପରି ନିର୍ଣ୍ଣୀତ ହୋଇଥିଲା ତାହା ବୁଝିବାକୁ ହେଲେ, ପ୍ରଥମେ ନାଗଲ ଚତୁର୍ଥୀ ବାବଦରେ କିଛି ଜାଣିବାକୁ ହେବ । ଏକଥା କହିବା ଆଗରୁ ଆଉଏକ କଥା କହିବାକୁ ହେବ ଯେ, ନାଗଲ ଚତୁର୍ଥୀ ପ୍ରଜାମଙ୍ଗଳ ପାଇଁ ସୃଷ୍ଟି ହୋଇଥିଲେ ହେଁ, ତାହା ସୃଷ୍ଟି କରିଥିବା ବଡମାନଙ୍କ ଯୋଜନା ବୃଥାହୋଇ ସେମାନଙ୍କ ପ୍ରଜାମଙ୍ଗଳ କାର୍ଯ୍ୟ ପ୍ରଜାମାନଙ୍କୁ ମିଳିପାରୁ ନାହିଁ । ଗଣେଶ ଚତୁର୍ଥୀ ବଡମାନେ ବିଚାର ପୂର୍ବକ ସମାଜରେ ରଖିଥିଲେ ମଧ୍ୟ ମଣିଷକୁ ତା'ର ଫଳ ମିଳିବା ଦୂରେ ଥାଉ, କୁଫଳ ପାଇବା ସାର ହୋଇଛି । ଏହି ଦୁଇଟି ଚତୁର୍ଥୀ ବାବଦରେ ଆମେ ନ ଜାଣିବା ପର୍ଯ୍ୟନ୍ତ ଶ୍ରୀକୃଷ୍ଣାଷ୍ଟମୀର ମୂଲ୍ୟ କ'ଣ ଜାଣି ପାରିବା ନାହିଁ ।

*****

# ନାଗଲ ଚତୁର୍ଥୀ

ନାଗଲ ଚତୁର୍ଥୀ ବାବଦରେ କହୁଛୁ ଶୁଣନ୍ତୁ । ନାଗଲ ଚତୁର୍ଥୀ ଏକ ପ୍ରଜାମଙ୍ଗଳ କାର୍ଯ୍ୟ ହୋଇଥିବାରୁ ତାହା ଆପଣଙ୍କର ନିଶ୍ଚୟ ମଙ୍ଗଳ ସାଧନ

କରିବ । ତେଣୁ ଶ୍ରଦ୍ଧା ପୂର୍ବକ ଧ୍ୟାନ ଦିଅନ୍ତୁ । ନାଗ ଏକ ସାପ, ଚତୁର୍ଥୀ କହିଲେ ଚାରି (୪) । ତେଣୁ ନାଗଲ ଚତୁର୍ଥୀ (ସମାଜ ମଙ୍ଗଳ ବିଶେଷତା) କହିଲେ ସାପଠାରୁ ସଂପୂର୍ଣ୍ଣ ରକ୍ଷା ପାଇବା ବୋଲି ବୁଝିହୁଏ । ବିପଦରୁ ରକ୍ଷାପାଇବାକୁ ଆମର ମଙ୍ଗଳ ସାଧନ ହେଲା ବୋଲି କହିପାରିବା, ତେଣୁ ଏହି ପର୍ବ ଦ୍ୱାରା ଆମର ମଙ୍ଗଳ ସାଧନ ହୋଇଥାଏ କହିଲେ ଅତ୍ୟୁକ୍ତି ହୁଏ ନାହିଁ । ଏହି ପ୍ରଜାମଙ୍ଗଳ କାର୍ଯ୍ୟ ଜ୍ୟୋତିଷ୍ୟଶାସ୍ତ୍ର ଅନୁସାରେ ଚତୁର୍ଥୀ ତିଥିରେ କରାଯାଏ ।। ଭୂପୃଷ୍ଠରେ ପ୍ରାୟ ୮୦ ଜାତିର ସାପ ରହିଛନ୍ତି । ସବୁ ଜାତିର ସାପଠାରେ ବିଷ ନଥାଏ । ମାତ୍ର ୧୫ ଜାତିର ସାପମାନଙ୍କଠାରେ ବିଷ ରହିଥାଏ, ସେମାନଙ୍କ ଭିତରୁ ନାଗସାପ ଅନ୍ୟତମ ।

ଅନ୍ୟ ଜାତିର ସାପ ଅପେକ୍ଷା ନାଗସାପର ବିଷରେ ମଣିଷ ଶୀଘ୍ର ମୃତ୍ୟୁବରଣ କରିବା ଆଶଂକା ରହିଛି । ତେଣୁ ପୂର୍ବର ବୈଦ୍ୟମାନେ ନାଗସାପର ବିଷ ହରଣ ଚିକିତ୍ସାକୁ ଜାଣିପାରିଲେ ଅନ୍ୟ ବିଷଧର ସାପମାନଙ୍କର ବିଷ ପ୍ରଭାବର ଚିକିତ୍ସା ଜାଣିବା ଭଳି ହୋଇଥାଏ ବୋଲି ଭାବୁଥିଲେ । ପୂର୍ବେ ପ୍ରକୃତି ସିଦ୍ଧ ଦ୍ରବ୍ୟ ଚେରମୂଳୀର ଚିକିତ୍ସା ହେଉଥିଲା । ସାପକାମୁଡାର ଚିକିତ୍ସା ପାଇଁ ଆବଶ୍ୟକ ଗଛକୁ ସବୁ ଗାଆଁରେ ଲଗାଇବା ଉଚିତ୍ ବୋଲି ବଡମାନେ କହୁଥିଲେ । ସେହି ଚେଷ୍ଟାରେ ସେମାନେ ଗାଆଁମାନଙ୍କରେ ଏକ ଲିମ୍ବଗଛ, ତା'ପାଖରେ ଗୋଟିଏ ଅଶ୍ୱତ୍ଥ ଗଛ ଲଗାଇବା ପାଇଁ କହୁଥିଲେ । ପୂର୍ବେ ପ୍ରାୟ ସବୁ ଗାଆଁରେ ଏଭଳି ଲିମ୍ବଗଛ ଆଉ ଅଶ୍ୱତ୍ଥ ଗଛ ଲଗାଇ ସେଠାରେ ଏକ ଚାନ୍ଦିନି (ଚଉତରା) ଗଢି ସମସ୍ତେ ବିଶ୍ରାମ ନେଇପାରିବା ଭଳି କରି ସେହି ଚାନ୍ଦିନି ପାଖରେ ଦୁଇଗଛର ମୂଳକୁ ଲାଗି ନାଗସାପର ପ୍ରତିମାଟିଏ ରଖୁଥିଲେ ।

ନାଗସାପ କାମୁଡିଲେ ସର୍ବପ୍ରଥମେ ମଣିଷର ଜିଭ ସ୍ୱାଦ ବାରିବା ଶକ୍ତି ହରାଇ ବସେ । ଜିଭ ଜଣାଉଥିବା ଛଅଗୋଟି ସ୍ୱାଦ ଭିତରୁ ସର୍ବପ୍ରଥମେ ପିତା ନାମକ ସ୍ୱାଦକୁ ମଣିଷ ବାରିପାରେ ନାହିଁ । ଏହିଭଳି ନାଗସାପ

କାମୁଡିବା ଦୁଃସ୍ଥିତି ଆସିଥିଲେ ପ୍ରଥମେ ବିଷ ଚଢିଛି କି ନାଇଁ ପରୀକ୍ଷା କରିବାପାଇଁ ପିତା ଲାଗୁଥିବା ଲିମ୍ବଗଛ ଆମର ଦରକାର ହୋଇଥାଏ । ସାପର ବିଷ ମୁଣ୍ଡରେ ଚଢିଥିଲେ ତାହା ସହଜରେ ବାହାର କରିହୁଏ । ତେଣୁ ପ୍ରଥମେ ବିଷ ମୁଣ୍ଡରେ ଚଢିଛି କି ନାଇଁ ଜାଣିବା ପାଇଁ ସାପ କାମୁଡିଥିବା ବ୍ୟକ୍ତିକୁ ଲିମ୍ବପତ୍ର ଖେବାଇବା ପାଇଁ ଦିଆଯାଏ । ଲିମ୍ବପତ୍ର ଦ୍ୱାରା ବିଷ ପ୍ରଭାବ ଜାଣି ପାରୁଥିବା ଲୋକମାନେ ସେହି ବିଷକୁ କାଢିବା ପାଇଁ ଅଶ୍ୱତ୍ଥ ଗଛର ପତ୍ରକୁ ବ୍ୟବହାର କରିଥା'ନ୍ତି । ଅଶ୍ୱତ୍ଥ ପତ୍ର ସାପବିଷକୁ ଟାଣିଥାଏ । ଅଶ୍ୱତ୍ଥ ପତ୍ରର ଡେଙ୍ଗ ବିଷ ଚଢିଥିବା ଲୋକର କାନ ଭିତରେ ରଖିଲେ, ମୁଣ୍ଡର ବିଷକୁ ଡେଙ୍ଗ ଟାଣିଥାଏ । ଏହିଭଳି ସାପବିଷ ଚଢିଥିବା ବ୍ୟକ୍ତି ଦୁଇ କିମ୍ବା ତିନିହଳ ପତ୍ରରେ ସମ୍ପୂର୍ଣ୍ଣ ବିଷମୁକ୍ତ ହୋଇପାରେ । ତା'ପରେ ଲିମ୍ବପତ୍ର ଚୋବାଇବାକୁ ଦିଆଯାଏ, ଯଦି ଲିମ୍ବପତ୍ର ପିତା ଲାଗିଲା ତେବେ ଆଉ ବିଷ ନାହିଁ ବୋଲି ହିସାବ କରାଯାଏ । ବିଷକୁ ଟାଣିପାରୁଥିବା ଅଶ୍ୱତ୍ଥ ପତ୍ର ସାପ ଫଣା ଭଳି ଦେଖାଯାଏ, ପତ୍ରର ଅଗ୍ରଭାଗ ସାପ ଲାଞ୍ଜ ଭଳି ଦେଖାଯାଏ । ଏହି ଅନୁସାରେ ପ୍ରତ୍ୟେକ ପତ୍ର ଗୋଟିଏ ସାପ ସହିତ ସମାନ, ସାପର ବିଷ ସାପ ଟାଣୁଛି ଅର୍ଥାତ୍ ଅଶ୍ୱତ୍ଥ ପତ୍ର ବିଷକୁ ହରଣ କରିଥାଏ ବୋଲି ଜାଣିବା ଉଚିତ୍ । ଏହି ଚିକିତ୍ସାକୁ ସମସ୍ତେ ଜାଣିବା ପାଇଁ ସବୁ ଗାଆଁରେ ଏହି ଦୁଇଟି ଗଛକୁ ଏକତ୍ର ଲଗାଉଥିଲେ । ଏହି ଗଛ ଦୁଇଟି ନାଗ ସାପର ବିଷକୁ ହରଣ କରିପାରେ ବୋଲି ସମସ୍ତେ ଜାଣିବା ପାଇଁ ସେହି ଗଛ ମୂଳରେ ନାଗସାପର ପ୍ରତିମାଟିଏ ରଖୁଥିଲେ । **ପ୍ରତ୍ୟେକ ପତ୍ର ଏକ ଔଷଧ** ବୋଲି ରଢିଟିଏ ମଧ୍ୟ ଅଛି । ଅଶ୍ୱତ୍ଥ ଏବଂ ଲିମ୍ବ ପତ୍ର କାହାର ଔଷଧ ବୋଲି ପ୍ରଶ୍ନକଲେ ତୁରନ୍ତ ସାପକାମୁଡା ବିଷ ପାଇଁ ବୋଲି ଜାଣିପାରିବା ଭଳି ଗଛ ମୂଳରେ ସାପର ବିଗ୍ରହ ରଖିବା ଉଚିତ୍ ଭାବି ତାହା ହିଁ କରିଥିଲେ । ଏଭଳି ସାପ ବିଷରୁ ଆମେ ମୁକୁଳି ପାରିବା ବୋଲି ବଡମାନେ ଏହି ବନ୍ଦୋବସ୍ତ କରି ଦେଖାଇଥିଲେ ।

ଆଜି ସେମାନଙ୍କ ଉଦ୍ଦେଶ୍ୟ କାଳଗର୍ଭରେ ଲୁଚିଗଲାଣି, କିନ୍ତୁ କେତେକ ପଲ୍ଲୀ ପ୍ରାନ୍ତରେ ଏହି ଗଛ ଦୁଇଟି ଏକତ୍ର ବଞ୍ଚିଥିବା ଦେଖିବାକୁ ମିଳେ । ବିଷର ପ୍ରତୀକ ଭାବରେ ସାପବିଗ୍ରହ ରହି ତା'ର ଔଷଧ ଭାବରେ ଲିମ୍ବ ଆଉ ଅଶ୍ୱତ୍‌ଥ ଗଛ ରହିଥିଲେ ମଧ୍ୟ ସେଦିନର ବଡଲୋକମାନଙ୍କ କଥା କାଳ ଗର୍ଭରେ ମିଶିଗଲାଣି । ସାପର ବିଗ୍ରହକୁ ନାଗଦେବତା ଆଉ ଲିମ୍ବ, ଅଶ୍ୱତ୍‌ଥ ଗଛକୁ ଲକ୍ଷ୍ମୀ ନାରାୟଣ କହି ସମସ୍ତେ ପୂଜା କରୁଛନ୍ତି । ନାଗଦେବତାର ଛାଇ ଆବଶ୍ୟକ, ସେଥିପାଇଁ ସେଠାରେ ଗଛ ରହିଛି ବୋଲି ଭାବୁଥିବା ଲୋକମାନେ ତାହାକୁ ଗଛମୂଳରୁ କାଢି କେତେକାଞ୍ଚଳରେ ମନ୍ଦିର ଗଢି ତା ଭିତରେ ଆଣି ରଖିଲେଣି । ସାପ ବାବଦରେ, ସାପର ବିଷ ବାବଦରେ, ଔଷଧବୃକ୍ଷ ବାବଦରେ ସମସ୍ତଙ୍କୁ କହିବାପାଇଁ ସେତେବେଳେ ଗଢାଯାଇଥିବା ଚର୍ଚ୍ଚାବେଦୀକା ନାଗଲ ଚତୁର୍ଥୀ ଅର୍ଥରେ ଶ୍ରାବଣ ଶୁକ୍ଳ ପକ୍ଷର ଚତୁର୍ଥୀ ତିଥିକୁ ନିର୍ଣ୍ଣୟ କରି ଗଢାଯାଇଥିଲା । ସେତେବେଳର ଏହି ସମାଜମଙ୍ଗଳ କାର୍ଯ୍ୟ କାଳଗର୍ଭରେ ଲୁଚି ଯାଇଛି । ନାଗସାପକୁ ଦେବତା କହି ପୂଜା କରାଯାଉଛି ସିନା, ଏହାର ପଛରେ ଲୁଚିରହିଥିବା ସତ୍ୟକଥା କାହାକୁ ଜଣା ନାହିଁ । ସେଥିଲାଗି ଆଜି ଲିମ୍ବ, ଅଶ୍ୱତ୍‌ଥ ଗଛ ଏକାଠି ରହିବା ଦେଖାଯାଏ ନାହିଁ । ଏହା ପ୍ରାଣ ନେଉଥିବା ସାପ ବୋଲି ସାପ ବିଗ୍ରହକୁ, ଏହା ପ୍ରାଣ ଦେଉଥିବା ଗଛ ବୋଲି ଲିମ୍ବ ଓ ଅଶ୍ୱତ୍‌ଥ ଗଛକୁ ସମସ୍ତେ ଜାଣିବା ଉଦ୍ଦେଶ୍ୟରେ ଜୋଜନାବଦ୍ଧ ଭାବରେ ବୈଦ୍ୟପଣ୍ଡିତମାନେ ସେଦିନ ରଖାଇଥିବା ବେଳେ, ପ୍ରାଣ ନେଉଥିବା ସାପବିଗ୍ରହ ଆଜି ଦେବତା ସ୍ଥାନକୁ ଚାଲିଗଲାଣି । ପ୍ରାଣ ଦେଉଥିବା ଔଷଧ ଗଛ ଆଜି ମଣିଷ ଦେଖି ପାରୁନଥିବା ଜାଗାରେ ରହିଛି । ବୈଦ୍ୟପଣ୍ଡିତମାନେ ପ୍ରଥମେ ରଖିଥିବା ଏହି ବିଷୟ ଆଜି ଭକ୍ତିର ପର୍ବ ହୋଇଯାଇଛି । ଆମ ହିତାକାଙ୍କ୍ଷୀମାନେ ଆମ ପାଇଁ ଏତେବଡ ଅମୋଘ ଔଷଧ ଦେଇଥିବାବେଳେ, ସେମାନଙ୍କ କଥାକୁ ଆମେ ଖାତର ନକରି ସେମାନଙ୍କ ଉଦ୍ଦେଶ୍ୟକୁ ସମାଧି କରିଦେଇଛେ । ବଡମାନେ ଆମକୁ

ଦେଇଥିବା ଫଳ ବାବଦରେ ଆମେ କହିବା ପରେ ଏବେ ମଧ୍ୟ ବୁଝିପାରୁ ନଥିବା ଲୋକମାନେ ସମାଜରେ ଅଛନ୍ତି । ପୂର୍ବେ ସମାଜ ମଙ୍ଗଳ କାର୍ଯ୍ୟରେ ନିଜର ଶ୍ରମଦାନ କରିଥିବା ଲୋକମାନଙ୍କ ଆଗରେ ଆମେ ଅଜସ୍ର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । ଆମକୁ ଏକଥା ଜଣାନଥିଲା ଅଲଗା କଥା, କିନ୍ତୁ ଆମେ ଜାଣିପାରିବା ପରେ ଏହା ଆମ ମଙ୍ଗଳପାଇଁ ଥିଲା ବୋଲି ଯଦି ଟିକିଏ ନଭାବିବା ତେବେ ଆଉକିଛି ଅଧିକ କହିବା ଆବଶ୍ୟକ ନାହିଁ । ଆଜି ଜଣାନଥିବା କଥାକୁ ଜଣାଉଥିବା ଲୋକ ହେଉ କି ସେତେବେଳେ ଜଣାଇଥିବା ଲୋକ ହେଉ, ଏଥିରୁ ସେମାନେ କି ଫଳ ଆଶା କରିଛନ୍ତି ? ଭାବନ୍ତୁ ତ ! ଏତିକି ଟିକିଏ ନଭାବି, ବିଚାର ନକରି ନାଗଦେବତାର ପୂଜାକୁ ଏମାନେ ବିରୋଧ କରୁଛନ୍ତି, ଏମାନେ ହିନ୍ଦୁ ନୁହନ୍ତି ବୋଲି କହିବା କେଉଁଭଳି କଥା ଆପଣ ବିଚାର କରନ୍ତୁ । ଏହିଭଳି କ'ଣ ଭଲ, କ'ଣ ମନ୍ଦ ବିଚାର ନକରି ନିସ୍ୱାର୍ଥ ଭାବରେ ସମାଜ ସେବାରେ ନିୟୋଜିତ ହେଉଥିବା ଲୋକମାନଙ୍କ ବିରୋଧରେ କହିବାଲୋକେ ଆଜି ସମାଜରେ ଅଛନ୍ତି । ଏହାକୁ ପାଠକରୁଥିବା ଆପଣ ସତ୍ୟାସତ୍ୟକୁ ଜାଣନ୍ତୁ ବୋଲି ଆଶାକରୁଛୁ ।

*****

# ବିନାୟକ ଚତୁର୍ଥୀ (ଗଣେଶ ପୂଜା)

ଏପର୍ଯ୍ୟନ୍ତ ନାଗଲ ଚତୁର୍ଥୀ ବାବଦରେ ଜାଣିଲେ । ଏବେ ବିନାୟକ ଚତୁର୍ଥୀ କୁହାଯାଉଥିବା ଗଣେଶପୂଜା ବିଷୟରେ ଜାଣିବା । ଏବିଷୟରେ ମଧ୍ୟ ଭୂଲ୍ ବୁଝିବା ଦୁର୍ଯୋଗ ରହିଛି । ତେଣୁ ପାଠକରୁଥିବା ପ୍ରତ୍ୟେକ ବିଷୟକୁ ସତର୍କତାର ସହିତ ଧ୍ୟାନ ଦିଅନ୍ତୁ ବୋଲି କହୁଛୁ । ଜଣେ ମଣିଷ ଉପଯୁକ୍ତ ମାର୍ଗରେ ପରିଚାଳିତ ହେବାକୁ ହେଲେ ଆଧ୍ୟାତ୍ମିକ ବିକାଶ, ବ୍ୟକ୍ତିତ୍ୱର ବିକାଶ ଏବଂ ସାମାଜିକ ବିକାଶ ଆବଶ୍ୟକ ବୋଲି ଜଣାଇଥିବା ବଡମାନେ ଏହି ତିନି ପଦ୍ଧତିକୁ ପର୍ବରୂପରେ ସମାଜକୁ ଆଣିଥିଲେ, ସବୁଠାରୁ ଅଧିକ

ଆଧ୍ୟାତ୍ମିକତାକୁ ପ୍ରାଧାନ୍ୟ ଦେଇଥିଲେ । ଏବେ ଆମେ କହିଥିବା, କହିବାକୁ ଥିବା ପର୍ବଗୁଡିକ ହିନ୍ଦୁଧର୍ମ (ଇନ୍ଦୁମତ) ରେ ରହିଥାଏ । ପୂର୍ବେ ହିନ୍ଦୁ ସଂସ୍କୃତି ଅତି ମହାନ ଥିଲା । ଆଜି ହିନ୍ଦୁ ସଂସ୍କୃତିକୁ ପରମତ ଭାବରେ, ପରମତକୁ ହିନ୍ଦୁ ସଂସ୍କୃତି ଭାବରେ ଭାବୁଥିବା ହିନ୍ଦୁମାନେ ତିଆରି ହେଲେଣି । ଆମ କଥା ଆପଣ ବିଶ୍ୱାସ କରି ନ ପାରନ୍ତି, ତେଣୁ କିଛି ପ୍ରତ୍ୟକ୍ଷ ପ୍ରମାଣ ଦେଖିଲେ ହୁଏତ ସତ ବୋଲି ବିଶ୍ୱାସ କରିବେ, ତେଣୁ ତାହା ଲେଖୁଛୁ । ଖ୍ରୀଷ୍ଟଶକାବ୍ଦ ୨୦୦୮, ଅଗଷ୍ଟ ମାସ, ଆଠ ତାରିଖ, ଆଠଟା, ଆଠମିନିଟ୍ ଏକ ଶୁଭ ମୂହୁର୍ତ୍ତ, ସେଥିଲାଗି ବର୍ଷ, ମାସ, ଦିନ, ମୂହୁର୍ତ୍ତ ଇତ୍ୟାଦି ସବୁ ଆଠ (୮) ସଂଖ୍ୟାରେ ପଡିଛି, ଅନେକ ଦେଶର ଲୋକେ ଏହାକୁ ଶୁଭଦିନ ଭାବରେ ହିସାବ କରିଛନ୍ତି, ନାନା ଶୁଭ କାର୍ଯ୍ୟ କରୁଛନ୍ତି, ସାରା ଦେଶରେ ଏହିଦିନ ଅନେକ ବିବାହ କରିବାକୁ ଯାଉଛନ୍ତି, ଚିନ୍‌ରେ ଏହିଦିନ ହିଁ ଅଲମ୍ପିକ୍ ଖେଳ ଆରମ୍ଭ ହେବାକୁ ଯାଉଛି ବୋଲି ଟି.ଭି.-୯ ଚ୍ୟାନେଲର କାର୍ଯ୍ୟକର୍ତ୍ତାମାନେ ଚର୍ଚ୍ଚାବେଦୀକା ସ୍ଥାପନକରି ସେଥିରେ ଜ୍ୟୋତିଷ୍ୟ ଶାସ୍ତ୍ର ପଣ୍ଡିତମାନଙ୍କୁ ଏବଂ ସଂଖ୍ୟାଶାସ୍ତ୍ର ପଣ୍ଡିତମାନଙ୍କୁ ଡାକି ସେମାନଙ୍କ କଥାବାର୍ତ୍ତାକୁ ଏଇ ୦୮-୦୮-୨୦୦୮ ତାରିଖ ଦିନ ସଖାଳ ୮: ୦୦ ବେଳେ ପ୍ରଚ୍ଚର କରିଛନ୍ତି । ଏହି ଚର୍ଚ୍ଚାର ଏକ ସଂନ୍ଦର୍ଭରେ ସେମାନେ କଳିଯୁଗର ଆୟୁ ୪,୩୨,୦୦୦ ବୋଲି ପ୍ରସ୍ତାବିତ କରିଛନ୍ତି । କଳିଯୁଗର ଏହି କାଳ ପରିମାଣରୁ କଳିଯୁଗ ସେଥିରୁ ମାତ୍ର ୨୦୦୦ ବର୍ଷ ବିତିଛି, ଆହୁରି ବିତିବାକୁ ଥିବା କାଳ ଅନେକ ଅଛି ବୋଲି ସେଠାରେ ବସିଥିବା ପଣ୍ଡିତମାନେ ମଧ୍ୟ ସ୍ୱୟଂ କହିଛନ୍ତି । ଏହି ବିଷୟ ପ୍ରସ୍ତାବିତ ହେଉଥିବା ସମୟରେ ପାଖରେ ଆଉଜଣେ ଜ୍ୟୋତିଷ୍ୟ ପଣ୍ଡିତ ଅଛନ୍ତି, ଟିଭି-୯ର କାର୍ଯ୍ୟକର୍ତ୍ତା ମଧ୍ୟ ଏକଥାକୁ ତଟସ୍ଥ ଭାବରେ ଶୁଣୁଛନ୍ତି, ଏକଥାକୁ କେହି ମଧ୍ୟ ଖଣ୍ଡନ ନକରି ରହିଛନ୍ତି । ସେଠାରେ ଥିବା ଦୁଇ ଜ୍ୟୋତିଷ୍ୟପଣ୍ଡିତ ଏବଂ ଟିଭି ଚ୍ୟାନେଲର କାର୍ଯ୍ୟକର୍ତ୍ତା ମଧ୍ୟ ହିନ୍ଦୁ! ତଥାପି କେହି ତୁଣ୍ଡ ଖୋଲୁନାହାନ୍ତି । ଏଠାରେ କଳିଯୁଗର କାଳପରିମାଣ

୪,୩୨,୦୦୦ ହେବାବେଳେ, ଦ୍ୱାପର ଯୁଗ ୮,୬୪,୦୦୦ବର୍ଷ ବିତି, କଳିଯୁଗ ଆରମ୍ଭ ହେବାର ୫୧୦୮ବର୍ଷ ମଧ୍ୟ ବିତି, ଏବେ ୫୧୦୯ବର୍ଷ ଚାଲିଛି । ଇଜ୍ରାଏଲ୍ ଦେଶରେ ଜନ୍ମ ହୋଇଥିବା ଯୀଶୁପ୍ରଭୂ ମୃତ୍ୟୁବରଣ କରିବା ପରେ ଖ୍ରୀଷ୍ଟଶକାବ୍ଦ ଆରମ୍ଭ ହୋଇ ୨୦୦୭ବର୍ଷ ବିତି ୨୦୦୮ ବର୍ଷର ୭ମାସ ବିତି ୮ମାସ ଚାଲିଲାଣି । ତେବେ ହିନ୍ଦୁ ଧର୍ମ ଅନୁସାରେ ଯୁଗର କାଳ ପରିମାଣ ୪,୩୨,୦୦୦ । ହେଲେ, ବିତିଛି ୫୧୦୮ ବର୍ଷ ଚାରିମାସ ! ଏଠାରେ ଖ୍ରୀଷ୍ଟଶକାବ୍ଦର କାଳକୁ ହିସାବ କରି କହିବା କ'ଣ ଦରକାର ଥିଲା, ଏହା କ'ଣ ଭୂଲ୍ ନୁହେଁ ? ବ୍ରାହ୍ମଣ ବୋଲି ପରିଚୟ ଦେଇ ତାଙ୍କ ନାଆଁ ଡେବିଡ୍ ବ୍ରସ୍ କହିବା ଭଳି, କଳିଯୁଗର ଆୟୁ ପରିମାଣକୁ ପରିଚୟ ଦେଇ, ଖ୍ରୀଷ୍ଟଶକାବ୍ଦର ଯେଉଁ କାଳ ବିତିଛି ତାହା କହିବା ହିନ୍ଦୁ ସଂସ୍କୃତିକୁ ଛାଡି ଖ୍ରୀଷ୍ଟସଂସ୍କୃତି ବାବଦରେ କହିବା ଭଳି ହୋଇଛି କି ନାହିଁ ! ସେଠାରେ ବସିଥିବା ତିନିଜଣଙ୍କୁ କ'ଣ ଖ୍ରୀଷ୍ଟସଂସ୍କୃତି ଦେଖାଗଲା ନାହିଁ !! ସେମାନେ ଯେଉଁ କଥାବାର୍ତ୍ତା ହେଉଛନ୍ତି କ'ଣ ତାହା ହିନ୍ଦୁ ସଂସ୍କୃତିର ?

ଏହିଭଳି ଆଉ ଏକ ପ୍ରତ୍ୟକ୍ଷ ସତ୍ୟକୁ କହୁଛୁ ଦେଖନ୍ତୁ । ତ୍ରେିତଶକାବ୍ଦ ୩୦, କଳିଯୁଗ ୫୧୦୯ ସର୍ବଧାରୀ ସମ୍ବତ୍ସର(୨୨), ଚୈତ୍ରମାସ(୧), ବସନ୍ତ ଋତୁ ବୋଲି ହିନ୍ଦୁସଂସ୍କୃତି ଅନୁସାରେ ଯୁଗାଦି ପର୍ବଠାରୁ ଆରମ୍ଭ ହୋଇଥିବା କ୍ୟାଲେଣ୍ଡର ଆମେ ତିଆରି କରି, ଜାନୁଆରୀ ମାସରୁ ଆରମ୍ଭ ହୋଇଥିବା କ୍ୟାଲେଣ୍ଡର ଆମ ଦେଶର ସଂସ୍କୃତି ନୁହେଁ, ତେଣୁ ଯୁଗାଦିରୁ ଆରମ୍ଭ ହେଉଥିବା ପ୍ରକୃତ ହିନ୍ଦୁ କ୍ୟାଲେଣ୍ଡରକୁ ତିଆରି କରି ଆମେ ମାଗଣା ବାଣ୍ଟିବାବେଳେ, ମହାନନ୍ଦିରେ ଏହା ପରଧର୍ମ ପ୍ରଚାର କହି ସେହି କ୍ୟାଲେଣ୍ଡରକୁ ଟିଭିରେ ଅତି ନିକଟରୁ ଦେଖାଇ, କ୍ରମାଗତ ଭାବରେ ତିନିଦିନ ପ୍ରସାର କରିଥିବା ଟିଭି-୯ର କାର୍ଯ୍ୟକର୍ତ୍ତାମାନଙ୍କୁ ଆମେ ଆଉ ଆମ କ୍ୟାଲେଣ୍ଡର ପରଧର୍ମର ବୋଲି କିପରି ଦେଖାଗଲା ? ସେମାନଙ୍କ ଆଗରେ ଖ୍ରୀଷ୍ଟଶକାବ୍ଦର ବିତିଥିବା ୨୦୦୦ବର୍ଷକୁ ଆଣି, ଏହା

ଆମ ଧର୍ମ ପ୍ରକାରରେ ବିତିଥିବା କଳିଯୁଗ ବୋଲି ଯେତେବେଳେ କହିଲେ, ସେତେବେଳେ ସେମାନଙ୍କୁ ଏଭଳି କହୁଥିବା ଲୋକମାନେ କ'ଣ ହିନ୍ଦୁଭଳି ଦେଖାଗଲେ ? ହିନ୍ଦୁଧର୍ମ ବାବଦରେ କହୁଥିବା ଲୋକକୁ ଖ୍ରୀଷ୍ଟିଆନ, ଖ୍ରୀଷ୍ଟଧର୍ମ ବାବଦରେ କହୁଥିବା ଲୋକମାନଙ୍କୁ ହିନ୍ଦ କହୁଥିବା ଟିଭି-୯ର ଲୋକମାନଙ୍କୁ କ'ଣ କହିବା ଆପଣମାନେ ବିଚାର କରନ୍ତୁ । ଟିଭି-୯ର କାର୍ଯ୍ୟକର୍ତ୍ତାମାନେ ଯୁଗାଦି ପର୍ବଠାରୁ ଆରମ୍ଭ ହେଉଥିବା ଆମ କ୍ୟାଲେଣ୍ଡରକୁ ପରଧର୍ମର କହି ପ୍ରଚାର କରି ଟିଭିରେ କ୍ଲୋଜପ୍‌ରେ ଦେଖାଇବା ବେଳେ, ସେଥିରେ କେତେ ବାସ୍ତବତା ଅଛି ବୋଲି ବିଚାର କରିବା ଆଗରୁ କିଛି ହିନ୍ଦୁମାନେ ନିଜର ହୋଇଥିବା (ଆମେ ତିଆରି କରିଥିବା) କ୍ୟାଲେଣ୍ଡରକୁ ଅନନ୍ତପୁର ଜିଲ୍ଲାର ଗୁନ୍ତକଲରେ ନିଆଁ ଲଗାଇ ପୋଡିଦେଲେ । ସମାଜର ଏଇଭଳି ମଙ୍ଗଳ କରୁଛନ୍ତି ଟିଭି-୯ର ଲୋକମାନେ ! ଏଭଳି ଅସତ୍ୟ ପ୍ରଚାର କରି ପ୍ରଜାମାନଙ୍କ ଭିତରେ ଉଦ୍ରେକତା ଆଣିବା କେତେଦୂର ଉଚିତ୍ ହୁଏ ? ଏସବୁ ଦେଖିଲେ ହିନ୍ଦୁମାନେ ହିଁ ହିନ୍ଦୁତ୍ୱକୁ ଚିହ୍ନିପାରୁ ନଥିବା ଅନ୍ଧ ହୋଇ ଅଛନ୍ତି କି ନାଇଁ ଆପଣମାନେ ବିଚାରକରନ୍ତୁ ।

ଆଉଏକ ବିଷୟ କହୁଛୁ ଦେଖନ୍ତୁ । ପାଞ୍ଜି, ନବଗ୍ରହ, ଜ୍ୟୋତିଷ୍ୟକୁ ପୂର୍ବରୁ ହିନ୍ଦୁମାନେ ଠାବ କରିଥିଲେ । ହିନ୍ଦୁମାନେ ହିଁ ଏହି ହିସାବ କରିଥା'ନ୍ତି । ହିନ୍ଦୁର କର୍ମସିଦ୍ଧାନ୍ତ ଅନୁସାରେ ଗ୍ରହାଚାର ଥାଏ ବୋଲି ଆଧାତ୍ମିକରେ କୁହାଯାଏ । ଏଭଳି ଖ୍ରୀଷ୍ଟଶକାବ୍ଦ ୨୦୦୮, ଅଗଷ୍ଟମାସ ଆଠ ତାରିଖଟି ହିନ୍ଦୁର ଶୁଭଦିନ କିପରି ହେଲା ? ଏହି ତିନି ଆଠ ଏକାବେଳେ ଏକା ସମୟରେ ପଡିବା ଦ୍ୱାରା ଖ୍ରୀଷ୍ଟିଆନମାନଙ୍କ ପାଇଁ ହୁଏତ ଭଲଦିନ ହୋଇପାରେ, ହିନ୍ଦୁମାନଙ୍କର ଶୁଭଦିନ କିପରି ହେଲା ? ଆମ ଜ୍ୟୋତିଷ୍ୟ ଅନୁସାରେ ସେ ଦିନର କୌଣସି ପ୍ରାମୁଖ୍ୟତା ନାହିଁ ! ତେବେ ଏଭଳି ଦିନକୁ ଶୁଭଦିନ କହି ଟିଭିରେ ଚର୍ଚ୍ଚାବେଦୀକା ସ୍ଥାପନ କରି ପ୍ରସାର କରିବା ଖ୍ରୀଷ୍ଟ ଶକାବ୍ଦ୨୦୦୮କୁ ମହାନ କହିବା

ଭଳି ନୁହେଁକି ? ହିନ୍ଦୁମାନଙ୍କ ପାଞ୍ଜି ଅନୁସାରେ ତାହା ୨୦୦୮ବର୍ଷ ନୁହେଁ, ଆଠମାସ ନୁହେଁ କି ଅଷ୍ଟମୀ ତିଥି ନୁହେଁ । ଏଭଳି ଖ୍ରୀଷ୍ଟ ଶକାବ୍ଦର ତିନି, ଆଠ ବାବଦରେ କହୁଥିବା ଲୋକେ ଯଦି ହିନ୍ଦୁ ହେଲେ, ଭଗବଦ୍ଗୀତା ଅନୁସାରେ ଜ୍ଞାନ କହି, ପ୍ରକୃତ ହିନ୍ଦୁ କ୍ୟାଲେଣ୍ଡର ପ୍ରଚାର କରୁଥିବା ଆମେ କ'ଣ ଅନ୍ୟ ଧର୍ମର ହେବୁ ? ଯେଉଁମାନେ ଆମ ଯୁଗାଦି ପର୍ବଠାରୁ ଆରମ୍ଭ ହୋଇଥିବା ହିନ୍ଦୁ କ୍ୟାଲେଣ୍ଡରକୁ ପୋଡିଛନ୍ତି, ଚିରିଛନ୍ତି, ଆମକୁ ଖ୍ରୀଷ୍ଟିଆନ କହିଛନ୍ତି, ଏସବୁ ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ କହିଛନ୍ତି ସେମାନେ ହେଉଛନ୍ତି ଟିଭି-୯ର ଲୋକମାନେ । ଯେଉଁମାନେ ଏପରି କହୁଛନ୍ତି ସେମାନଙ୍କ ଘରେ ଜାନୁଆରୀ ମାସରୁ ଆରମ୍ଭ ହୋଇଥିବା କ୍ୟାଲେଣ୍ଡରକୁ ସେମାନେ କିପରି ରଖିଛନ୍ତି ? କ'ଣ ଠିକ୍ ହୋଇଛି ? ଜାନୁଆରି ୧ ତାରିଖ ନୂଆବର୍ଷ ବୋଲି ଯେଉଁମାନେ ଖୁସି ହେଉଛନ୍ତି, ସେଦିନ ବାବଦରେ ଟିଭିରେ ଦେଖାଉଥିବା ଲୋକମାନେ କ'ଣ ପରଧର୍ମକୁ ଅନୁସରଣ କରୁଥିବା ଭଳି ହେଉନି ? ଏଇଭଳି ପଚାରି ଚାଲିଲେ ହିନ୍ଦୁଧର୍ମରେ ଦୈବଜ୍ଞାନ ଉଣାହୋଇ, ନିଜ ସଂସ୍କୃତିକୁ, ନିଜ ଜ୍ଞାନକୁ ଚିହ୍ନି ନପାରିବା ସ୍ଥିତିରେ ହିନ୍ଦୁମାନେ ଅଛନ୍ତି ବୋଲି ସ୍ପଷ୍ଟ ବୁଝିହେଉଛି । ଏହିଭଳି ସ୍ଥିତିରୁ ହିନ୍ଦୁମାନଙ୍କୁ ବାହାରକୁ ଆଣିବାକୁ, ହିନ୍ଦୁ ସଂସ୍କୃତିର ଦର୍ପଣ ହୋଇଥିବା ପର୍ବଗୁଡିକର ବିବରଣୀ ଆମେ କହି ଆସିଛୁ । ହିନ୍ଦୁମାନଙ୍କୁ ଆଧ୍ୟାତ୍ମିକ ନାମକ ଦର୍ପଣ ଦେଖାଇ ଆସୁଛୁ, ସେହି ନେପଥ୍ୟରେ ସାମାଜିକ ନ୍ୟାୟ ଏବଂ ନୀତିକୁ ଦେଖାଉଥିବା ଗଣେଶପୂଜାରେ ମଧ୍ୟ ଭକ୍ତିକୁ ବଢାଅ ବୋଲି କହୁଛୁ । ନାଗଲଚତୁର୍ଥୀ ସମାଜକୁ ଆରୋଗ୍ୟସୂତ୍ର ଶିକ୍ଷା ଦେଉଥିବା ସ୍ଥଳେ, ଗଣେଶପୂଜା ସମାଜରେ ସମାନଭାବରେ ରହିବା ଉଚିତ୍ ବୋଲି ଶିକ୍ଷା ଦେଉଛି । ତେଣୁ ଏବେ ସମାଜକୁ ମହାନ ସଂଦେଶ ଦେଉଥିବା ଗଣେଶପୂଜା ବାବଦରେ ଜାଣିବା ।

ଆମେ ସବୁବର୍ଷ ଅଗଷ୍ଟ, ସେପ୍ଟେମ୍ବର ମାସରେ ଆସୁଥିବା ଗଣେଶ ପୂଜାକୁ ବଡ ଉତ୍ସାହର ସହିତ ପାଳନ କରୁଛେ । ଆଜି ଇନ୍ଦୁ (ହିନ୍ଦୁ)ମାନଙ୍କର

ଅତି ପ୍ରିୟ ହୋଇଥିବା ଏହି ପର୍ବ ବାବଦରେ ଅନ୍ୟ ମତାବଲମ୍ବୀମାନଙ୍କର ବିମର୍ଶ ମଧ୍ୟ ଅନେକ ରହିଛି । ସେହିଭଳି କେତେଜଣ ବିମର୍ଶକ ଆମ ପାଖକୁ ଆଣି ଏହି ଗଣେଶଚତୁର୍ଥୀ ବାବଦରେ ଆମକୁ ପଚାରିଥିଲେ, ସେମାନେ ପଚାରିଥିବା ସେହି ପ୍ରଶ୍ନଗୁଡିକ ନିମ୍ନରେ ଅଛି ।

୧) ହିନ୍ଦୁମତରେ ବିଘ୍ନେଶ୍ୱର (ଗଣେଶ) ପୂଜା କରନ୍ତି । ବିଘ୍ନ କହିଲେ ବାଧା, ବ୍ୟାଘାତ ବା ପ୍ରତିବନ୍ଧକ । ବିଘ୍ନେଶ୍ୱର କହିଲେ ସେଗୁଡିକର ଅଧିପତି, ସେଗୁଡିକର ଅଧିପତିକୁ ଶତ୍ରୁ ଭାବି ଘୃଣା କରିବା ବଦଳରେ କାହିଁକି ଲୋକେ ପୂଜା କରୁଛନ୍ତି ? ଦୁଷ୍ଟ ବଳବାନକୁ ଭୟକରି ତା'କୁ ଘୃଣା କରିବା ବଦଳରେ ତା'ର ଗୁଣଗାନ କରିବା ଭଳି, ବିଘ୍ନେଶ୍ୱର ବିଘ୍ନର ଈଶ୍ୱର ବୋଲି ଭୟରେ ପୂଜା କରୁଛନ୍ତି ସିନା, ଭକ୍ତିରେ ପୂଜା କରୁ ନାହାନ୍ତି ବୋଲି ଲାଗୁଛି, ଏ ବାବଦରେ ଆପଣ କ'ଣ କହିବେ ।

୨) କେତେ ଭକ୍ତିରେ କେତେ ଧନ ଖର୍ଚ୍ଚ କରି ଅତି ସୁନ୍ଦରଭାବରେ ତିଆରି କରିଥିବା ବିଘ୍ନେଶ୍ୱର (ଗଣେଶ)ଙ୍କୁ ଅନନ୍ୟ ଭକ୍ତିରେ ପୂଜା କରି ଆଗରୁ ଦେଖାଇଥିବା ଭକ୍ତିକୁ ପାଣିରେ ପକାଇଲା ଭଳି ଗଣେଶକୁ ପାଣିରେ ଫିଙ୍ଗିଦେବା କ'ଣ ଉଚିତ୍ । ତୋ'କାମ ସରିଗଲା କହି ହାତ ଝାଡିଦେବାକୁ କ'ଣ ଭକ୍ତି କହନ୍ତି ?

୩) ଦଶଟଙ୍କା ଦେଇ ଦୈବଜ୍ଞାନ ଗ୍ରନ୍ଥଟିଏ କିଣିବାକୁ କୁଣ୍ଠାବୋଧ କରୁଥିବା ଲୋକମାନଙ୍କୁ ଆପଣ ଦେଖୁଥିବେ, ସେଭଳି ଲୋକମାନେ ହଜାର ହଜାର ଟଙ୍କା ଖର୍ଚ୍ଚକରି ଗଣେଶ ପ୍ରତିମା କିଣି, ଶେଷରେ ତା'କୁ ଭାଙ୍ଗି ପାଣିରେ ଫିଙ୍ଗିଦେଇ ସେମାନଙ୍କ ଟଙ୍କା ବୃଥା କରୁଛନ୍ତି । କେତେକ ଜବରଦସ୍ତି ପ୍ରତିମା କିଣାହେବ କହି ଅନ୍ୟମାନଙ୍କଠାରୁ ଟଙ୍କା ଆଦାୟ କରନ୍ତି, ଏଭଳି ଜବରଦସ୍ତ ଆଦାୟ କରିବା କ'ଣ ଜବରଦସ୍ତ ଭକ୍ତି ନୁହେଁ ?

୪) ଗୋଟିଏ ପ୍ରକାରର, ଗୋଟିଏ ପଦ୍ଧତିର ଅବୟବ ଯୁକ୍ତ ଆମେ ସମସ୍ତେ

ସେହି ଜଣେ ଈଶ୍ୱରଙ୍କ ସନ୍ତାନ ବୋଲି ଭୂଲିଯାଇ, ମତଦ୍ୱେଷ ବୃଦ୍ଧି ନାମକ ଅଧ୍ୟାୟରେ ବିନାୟକ ଚତୁର୍ଥୀକୁ ବ୍ୟବହାର କରୁଛନ୍ତି । ଜଣେ ଜ୍ଞାନପ୍ରାପ୍ତ ଯୋଗୀ ଭାବରେ ଆପଣ ଏ ବାବଦରେ କ'ଣ କହିବେ ?

ଏଭଳି ପ୍ରଶ୍ନମାନ ପଚାରିଥିବା ସେମାନଙ୍କୁ ଗଣେଶଚତୁର୍ଥୀ ବିଷୟ ଆମକୁ କହିବାକୁ ପଡିଲା । ସେମାନଙ୍କ ପ୍ରଶ୍ନର ସଠିକ ସମାଧାନ ଦେଇ ନ ପାରିଲେ ଗଣେଶପୂଜା ବାବଦରେ ସେମାନଙ୍କ ହୃଦୟରେ ଥିବା ଭାବକୁ ଦୂର କରି ପାରିବା ନାହିଁ । ତେଣୁ ବାସ୍ତବ କଥାକୁ କହିବାକୁ ପଡିଲା । ଯେତେବେଳେ ପ୍ରପଞ୍ଚର ଜନ୍ମହେଲା ସେତେବେଳେ କୌଣସି ମତ (ଧର୍ମ) ନଥିଲା । ଦେବତାମାନେ ନଥିଲେ, କିନ୍ତୁ ଦୈବ ବା ପରମାତ୍ମା କେହି ଜଣେ ଅଛି ବୋଲି ସମସ୍ତେ ଜାଣିଥିଲେ । କିଛି ଦିନ ପରେ ସେହି ବିଶ୍ୱାସ ମଧ୍ୟ ମଣିଷଠାରୁ ଲୋପ ପାଇବାକୁ ଲାଗିଲା । ସେହି ସମୟରେ ତତ୍ତ୍ୱବେତ୍ତା ହୋଇଥିବା ମହାତ୍ମାମାନେ ବିଚାର କରି, ଅଜ୍ଞାନର ବୀଜକୁ ସମାଜରୁ କାଢିଦେଇ, ଦୈବତ୍ୱ ବାବଦରେ ପ୍ରଚାର କରିବାକୁ ଭାବିଲେ । ପରମାତ୍ମାଙ୍କର ରୂପ ନାହିଁ, ତେଣୁ ମୁଖ, ଆଖି, ନାଶାଦି ନଥିବା ଏକ ଗୋଲାକାର ପଥରକୁ (ଲିଙ୍ଗକୁ) ଚିହ୍ନ ଭାବରେ ରଖି, ପରମାତ୍ମା ଏହିଭଳି ଅରୂପ ବୋଲି ବୋଧ କରିଥିଲେ । ତାଙ୍କର ନାଆଁ ନାହିଁ, ତେଣୁ ସେହି ପଥରକୁ (ଲିଙ୍ଗକୁ) ଈଶ୍ୱର ବୋଲି କହିଥିଲେ । ଏହିଭଳି ସର୍ବସ୍ୱର ଅଧିପତି ଜଣେ ରହିଛି, ସେ ହିଁ ପରମାତ୍ମା ବୋଲି ସେଦିନର ବଡମାନେ ରୂପହୀନ ପଥରକୁ ଚିହ୍ନାଇ ଦୈବତ୍ୱକୁ ପ୍ରଚାର କରିଥିଲେ ।

ଏଭଳି ଜ୍ଞାନଦୃଷ୍ଟିରୁ କାହିଁକି ସଙ୍ଘଦୃଷ୍ଟିରୁ ମଧ୍ୟ ମାନବକୁ ଉନ୍ନତ ଦିଗରେ ପରିଚାଳିତ କରିବାପାଇଁ ସେତେବେଳର ବଡମାନେ ନାନା କୃଷି କରିଥିଲେ । ଆମେ ଆଜି ଅନେକ **ରୂଢ଼ିବାକ୍ୟକୁ** ଆମ କଥା ପ୍ରସଂଗରେ ବ୍ୟବହାର କରୁଛେ । ଏହି **ରୂଢ଼ି ହେଉଛି ଏକ ତୁଳନା** । ଗୋଟିଏ କଥା କହିବାବେଳେ ସେହି କଥାର ଅନ୍ତରାଳରେ ଅସଲକଥା

ଲୁଚିରହିଥାଏ । ଉଦାହରଣସ୍ୱରୂପ କୌଣସି କଥାପ୍ରସଙ୍ଗରେ କହିବା ବେଳେ **"ଲେମ୍ବୁ ଅତି ଚିପୁଡ଼ିଲେ ପିତା"** ବୋଲି ଆମେ କହୁଛେ । ଏଠାରେ ଚାଲିଥିବା ପ୍ରସଙ୍ଗ ସହିତ ଲେମ୍ବୁର ସମ୍ପର୍କ ନାହିଁ, କିନ୍ତୁ କୁହାଯାଇଥିବା ଏହି ରୂଢ଼ିର ଅନ୍ତରାଳରେ ଅଛି ଯେ, ଯାହା ଅତ୍ୟଧିକ ହୋଇଯାଏ ତାହାର ଉପକାରିତା ହ୍ରାସ ପାଇଥାଏ । ସେଥିଲାଗି **ଅତି ସର୍ବତ୍ର ଗର୍ହିତମ୍** ବୋଲି ମଧ୍ୟ କହିଥାନ୍ତି । ସେହିଭଳି ଅତି ଲୋଭ, ଅତି କଷ୍ଟ, ଅତିବାଦ ମଧ୍ୟ ରହିଛି, ଅର୍ଥାତ୍ ଅତି ବା ଅତ୍ୟଧିକ ସନ୍ଦର୍ଭ ଆସିବା ବେଳେ ଏହି ଲେମ୍ବୁ ରୂଢ଼ିଟି କହିଥା'ନ୍ତି । କାରଣ ! ଲେମ୍ବୁକୁ ଅତି ଚିପୁଡ଼ିଲେ ପିତା, ଏହା ସତକଥା, ହେଲେ ସନ୍ଦର୍ଭ ଅନୁସାରେ ଲେମ୍ବୁକୁ ନବୁଝି ଆଲୋଚିତ ବିଷୟକୁ ବୁଝିବା ଉଚିତ୍ । ଏହି ସନ୍ଦର୍ଭରେ ଜଣେ ଅନ୍ୟଜଣକୁ ଅଧିକ ଗାଳି ଦେଉଥିବା ସତ୍ତ୍ୱେ, ଗାଳି ଶୁଣୁଥିବା ବ୍ୟକ୍ତି ଚୁପ୍ ରହିଛି ବୋଲି ଭାବିବା । ସେତେବେଳେ ଗାଳି ଦେଉଥିବା ବ୍ୟକ୍ତି ପାଖରେ ତା'ର ସାଥି (ଏକ୍ସ) ଅଛି ବୋଲି ଭାବିବା । ସେତେବେଳେ ସେହି ବ୍ୟକ୍ତି (ଏକ୍ସ) ତା'ର ସାଥିକୁ ସେତିକି ହେଉ, ଆଉ ଗାଳି ଦିଏନାହିଁ, "ଲେମ୍ବୁ ଅତି ଚିପୁଡ଼ିଲେ ପିତା" ବୋଲି କହିଥାଏ । ଏଠାରେ ଲେମ୍ବୁର କାର୍ଯ୍ୟ ନଥିଲେ ମଧ୍ୟ, ଲେମ୍ବୁ ସହିତ ତୁଳନା କରାଯାଇଛି । ଏହି ସନ୍ଦର୍ଭରେ ଲେମ୍ବୁ ହେଉଛି ଗାଳି, ଅତି ଚିପୁଡ଼ିବା ହେଉଛି ସେ ବ୍ୟକ୍ତି ଅବାରିତ ଭାବରେ ଅଧିକ ଗାଳିଦେବା, ପିତା କହିଲେ ଗାଳି ଶୁଣୁଥିବା ବ୍ୟକ୍ତି ତରଫରୁ କିଛି ପ୍ରତିଶୋଧ ଆସିପାରେ ବା ଗାଳି ଶୁଣୁଥିବା ବ୍ୟକ୍ତି ଅଧିକ ରାଗିଯାଇ କୌଣସି ଉଗ୍ର ପଦକ୍ଷେପ ନେଇ ପାରେ କିମ୍ବା ମାଡ ମାରିପାରେ । ଏହି ଉପଦ୍ରବରୁ ବଞ୍ଚାଇବା ଉଦ୍ଦେଶ୍ୟରେ ଲେମ୍ବୁ ଅତି ଚିପୁଡ଼ିଲେ ପିତା ବୋଲି କୁହାଯାଇଥାଏ । ଏହିଭଳି ସମାନ ସୂଚକ କୌଣସି ବାକ୍ୟକୁ ବା ଗୋଟିଏ ବାକ୍ୟ ନିଜର ଅର୍ଥ ହରାଇ ଅନ୍ୟ ଅର୍ଥ ପ୍ରକାଶ କଲେ ତାହାକୁ ରୂଢ଼ିବାକ୍ୟ କୁହାଯାଏ । ଏହି ନିୟମରେ ସମାଜରୁ ମନ୍ଦକୁ ଦୂର କରିବା ପାଇଁ ସେଦିନର ବଡମାନେ ସମାଜରେ ଦୃଶ୍ୟରୂପରେ ମଧ୍ୟ କିଛି ଦୃଶ୍ୟରୂଢ଼ିକୁ ରଖି ପ୍ରଜାମଙ୍ଗଳ କାର୍ଯ୍ୟ କରିଥିଲେ । ସମାଜରେ

ରହୁଥିବା ବଳହୀନ ମଣିଷକୁ ମୂଷା ସହିତ ତୁଳନା କରି, ହାତୀକୁ ବଳବାନ ଭାବରେ ଦେଖାଇ, ବଳବାନ ବଳହୀନ ଉପରେ ଅତ୍ୟାଚାର କରିବା କଥାକୁ **"ମୂଷା ପିଠିରେ ହାତୀ ସବାରୀ"** ନାମକ ରୂଢ଼ି କହୁଥିଲେ । ଏହା ଏକ ସଙ୍ଘବିଦ୍ରୋହ ଚର୍ଚ୍ଚା ହୋଇଥିବାରୁ ଏଭଳି କରିବା ଉଚିତ ନୁହେଁ ବୋଲି ଜଣାଇବା ପାଇଁ ଏକଥାକୁ ଖାଲି ତୁଣ୍ଡରେ ନ କହି ଦୃଶ୍ୟରୂପରେ ଆଖିକୁ ଦେଖାଯିବା ଭଳି, ଗୋଟିଏ ଛୋଟ ମୂଷା ରଖି, ତା'ଉପରେ ବଡ ହାତୀଟିଏ ବସିବା ଭଳି କରି, ଏହାକୁ ସମସ୍ତେ ଜାଣିପାରିବା ଉଦ୍ଦେଶ୍ୟରେ ଗାଆଁସାରା ବୁଲାଇ, ଶେଷରେ ଏହି ପଦ୍ଧତି ଉଚିତ ନୁହେଁ ଅର୍ଥରେ ସେହି ଦୃଶ୍ୟକୁ ବିନାଶ କରିଦେଉଥିଲେ । ସେଦିନ ମାଟିରେ ତିଆରି କରିଥିବା ମୂର୍ତ୍ତି ଯଦି ନିଆଁରେ ପୋଡିବେ, ତେବେ ତାହା ଆହୁରି ଦୃଢ଼ (ଟାଣ) ହୋଇଯିବ, କିନ୍ତୁ ପାଣିରେ ପକାଇଦେଲେ ଶୀଘ୍ର ମିଳାଇଯିବ ଭାବି ପାଣିରେ ପକାଇ ଦେଉଥିଲେ । ପାଣିରେ ପକାଇବା ଆଗରୁ ତାହା ପାଣିରେ କିପରି ଶୀଘ୍ର ନଷ୍ଟ ହେଉ ବା ମିଳାଇଯାଉ ବୋଲି ସେହି ମୂର୍ତ୍ତିର ହାତ, ଗୋଡ ଭାଙ୍ଗି ଦେଇ ସଂପୂର୍ଣ୍ଣ ପାଣିରେ ମିଶିଯିବା ଭଳି କରି ଦେଉଥିଲେ । ଏହା ଥିଲା ସେଦିନର ସଙ୍ଘସଂସ୍କରଣ ଆଚରଣ । ଏହି ଆଚରଣ ସବୁବର୍ଷ ହୋଇ ଆଜିଯାଏ ରହି ଆସିଛି, କିନ୍ତୁ ଏହାର ଅର୍ଥ କ'ଣ ଆଜି କାହାକୁ ଜଣା ନାହିଁ । ଜଣେ କରୁଛି ବୋଲି ଆଉଜଣେ କରୁଛି ସିନା, ତା'ର ଅର୍ଥ କ'ଣ ଅଛି ବୋଲି କେହି ବିଚାର କରୁନାହାନ୍ତି । ଗୋଟିଏ ମତର (ଧର୍ମର) ଲୋକମାନେ ସେଦିନ ସମାଜରେ ରଖିଥିବା ଆଚରଣରେ କେତେ ମହାନ ଭାବ ରଖିଥିଲେ ସେହି ମତର ଲୋକମାନଙ୍କୁ ଆଜି ଜଣା ନଥିବାବେଳେ, ଅନ୍ୟ ମତାବଲମ୍ବୀମାନେ ଏକଥାକୁ ବୁଝି ନ ପାରିବାରେ ଭୂଲ୍ ନାହିଁ, କିନ୍ତୁ ଆଚରଣର ପ୍ରକୃତ ଅର୍ଥ ଜାଣିଯିବା ବେଳେ ଆଉ ବିମର୍ଶ କରିବାରେ ବା କ'ଣ ଅଛି ! ସବୁ ମତର ଲୋକେ ନିଶ୍ଚୟ ବୁଝିପାରିବେ ।

ଆମେ ଆଗରୁ କହିଛୁ ଯେ, ପୂର୍ବେ କୌଣସି ମତ ନଥିଲା, କିନ୍ତୁ ପରମାତ୍ମା ବା ସୃଷ୍ଟିକର୍ତ୍ତା ସମସ୍ତଙ୍କ ପାଇଁ ଜଣେ ହୋଇ ଅଛନ୍ତି ବୋଲି ଭାବନା

ସମସ୍ତଙ୍କଠାରେ ରହିଥିଲା । ପରମାତ୍ମାଙ୍କର ରୂପ, ନାମ ନାହିଁ ବୋଲି ଚିହ୍ନିତ କରିବା ପାଇଁ ଈଶ୍ୱରଲିଂଗ ରଖିଥିଲେ; ତଥାପି କାଳକ୍ରମେ ଧର୍ମ ଅଧର୍ମରେ ପରିଣତ ହୁଏ । ତେଣୁ ଗୀତାବାକ୍ୟ ଅନୁସାରେ କିଛିକାଳ ପରେ ମାନବ ଭିତରେ ଅଜ୍ଞାନ ବଶତଃ ଏକତା ହଜିଯାଇ ଆମେ, ତମେ ଭାବ ଜାଗ୍ରତ ହେଲା, ସେମାନେ ଅଲଗା ଅଲଗା ହୋଇଗଲେ, ନିଜ ନିଜର ନାମ ବା ଚିହ୍ନକୁ ସ୍ୱତନ୍ତ୍ର ସ୍ୱତନ୍ତ୍ର କରିଦେଲେ, ଏମିତି ଦୁଇଟି ଦଳ ହୋଇ ଶୈବ ଆଉ ବୈଷ୍ଣବ ଭାବରେ ବଦଳିଗଲେ । ଆମେ ଶୈବ କହୁଥିବା ଲୋକମାନେ ସେମାନଙ୍କ ଶୈବସଂପ୍ରଦାୟକୁ ଉନ୍ନତ ଭାବରେ ଦର୍ଶାଇବା ପାଇଁ କିଛି ପୁରାଣ ଲେଖିବା ବେଳେ, ବୈଷ୍ଣବମାନେ ମଧ୍ୟ ସେଥିରୁ ବାଦ୍‌ଯାଇ ନଥିଲେ । ସେହିଭଳି ପୁରାଣଗୁଡିକ ଭିତରେ ଥିବା ଶୈବସଂପ୍ରଦାୟର "ଶିବପୁରାଣ" ଜନ୍ମ ହୋଇଥିଲା ।

**ଏଭଳି ଶୈବ ସଂପ୍ରଦାୟ ଆରମ୍ଭ ହେବାର ଦୁଇହଜାର ବର୍ଷ ଆଗରୁ ସମାଜରେ ପ୍ରଜାମଙ୍ଗଳ କାର୍ଯ୍ୟ କରିବା ପାଇଁ ମୂଷା ପିଠିରେ ହାତୀକୁ ବସାଇ ଗାଆଁ ବୁଲାଇ, ପାଣିରେ ଫିଙ୍ଗିବା ପଦ୍ଧତି ପ୍ରଚଳିତ ରହିଥିଲା** । ସେହି ଆଚରଣ ସମାଜରେ ହେଉ ହେଉ, ସେଦିନର ବଡମାନେ ମୃତ୍ୟୁବରଣ କରୁକରୁ, ସେମାନଙ୍କର ଉତ୍ତରାଧିକାରୀମାନେ ସେମାନେ କରିଥିବା ଆଚରଣକୁ ବଞ୍ଚାଇ ରଖୁରଖୁ, ଶେଷରେ ଏହି ଆଚରଣ କାହିଁକି କରୁଛେ ବୋଲି ଆଜି କାହାକୁ ଜଣା ନଥିବା ପରିସ୍ଥିତି ଆସି ପହଞ୍ଚିଗଲା । ଅର୍ଥ ଏଇଆ ବୋଲି ନ ଜାଣି କେତେଲୋକ ମିଶି ଆନନ୍ଦରେ ମୂଷା ପିଠିରେ ହାତୀକୁ ବସାଇ ଗାଆଁ ବୁଲାଉଛେ, କେତେ ଭକ୍ତିରେ ହାତିକୁ ମୁଣ୍ଡିଆ ମାରୁଛେ । ଏକଥା ଆଜି ନୁହେଁ ଶୈବ ସଂପ୍ରଦାୟ ଆରମ୍ଭ ହେବା ବେଳକୁ ଅନେକ ଲୋକ ବୁଝି ପାରିନଥିଲେ । ତେଣୁ ଶୈବମାନେ ଶିବ ପୁରାଣରେ ମୂଷା ଆଉ ହାତୀର ବିଶେଷତାକୁ ସ୍ଥାପନ କରାଇ, ହାତୀମୁଣ୍ଡ ଥିବା ଗଣେଶ ବା ବିନାୟକକୁ, ପାର୍ବତୀଙ୍କ ପୁଅ କରି, ଥିବା ଭକ୍ତିକୁ ଆଉ ଟିକିଏ ବଢାଇ

ଭଲକାମ କରିବା ଭଳି କରିଦେଲେ । ସେଦିନଠାରୁ ହାତିମୂର୍ତ୍ତି ଚାଲିଗଲା, ହାତିମୁଣ୍ଡିଆ ଗଣେଶମୂର୍ତ୍ତି ଆସିଗଲା । ମଣିଷର ଭକ୍ତି ବଢିବାକୁ ଲାଗିଲା, ଗଣେଶମୂର୍ତ୍ତି ଗଢିବା ଲୋକେ ସମାଜରେ ଅଧିକ ହୋଇ ପେଟପୋଷିଲେ । ଅଧିକ ଟଙ୍କା ଖର୍ଚ୍ଚକରି ଅଧିକ ଭକ୍ତି ଦେଖାଇବା ଲୋକେ ସମାଜରେ ଅଧିକ ହେଲେ ସିନା, ଶେଷରେ ଗଣେଶ ହାତରେ ଧରିଥିବା ଲଡ୍ଡୁକୁ ଛଡାଇ ନେଇ, ତା'ର ଆଖି ଫୁଟାଇ, ହାତ, ଗୋଡ ଭାଙ୍ଗି, ତାକୁ ଲଙ୍ଗଳା କରି, ପାଣିରେ ଫିଙ୍ଗିବା ଆଚରଣକୁ ଛାଡି ପାରିଲେ ନାହିଁ । ଏକଥା ଛାଡିପାରୁ ନଥିବା ଲୋକମାନେ ଗଣେଶ ବିସର୍ଜନ କହି, ମର୍ତ୍ତିକୁ ପାଣିରେ ପକାଇବା ଆରମ୍ଭ କଲେ ସିନା, ବିସର୍ଜନ କହିଲେ ବିଦାୟଦେବା ଏବଂ ନିମଗ୍ନ କହିଲେ ବୁଡାଇଦେବା ନବୁଝି କାହିଁକି ସେଭଳି ହାତଗୋଡ ଭାଙ୍ଗିବା ଆଚରଣ କରୁଛନ୍ତି ବୋଲି ବୁଝି ପାରିଲେ ନାହିଁ । ଅନ୍ୟମତର ଲୋକେ ଆମକୁ ପଚାରିଥିବା ପ୍ରଥମ ପ୍ରଶ୍ନରେ ବିଘ୍ନଦାୟକ ବିଘ୍ନେଶ୍ୱରଙ୍କୁ ଘୃଣା କରିବା ଉଚିତ୍ ସିନା କାହିଁକି ପୂଜା କରୁଛନ୍ତି ବୋଲି କହିଥିଲେ, ହେଲେ ତାଙ୍କୁ ଘୃଣା କରିବାକୁ, ସେ ବା ଆମର କ'ଣ କ୍ଷତି କରିଛନ୍ତି ! ତେଣୁ ତାଙ୍କୁ ଘୃଣା ବା ନିନ୍ଦାକରିବା ଆମର ଆବଶ୍ୟକ ନାହିଁ । ଯିଏ ଯାହା ଭକ୍ତିରେ ପୂଜାକଲେ କିଛିକଥା ନାହିଁ, ପୂଜା କରୁଥିବା ପାତ୍ରକୁ ଯେମିତି ପୂଜା କରିବା ସେମିତି ସମ୍ମାନ ଦେବା ଉଚିତ୍, ହାତଗୋଡ ଭାଙ୍ଗି ପାଣିକୁ ଫିଙ୍ଗିଦେବା ଠିକ୍ ନୁହେଁ । ସତକଥା କହିବାକୁ ଗଲେ ତାକୁ ନିନ୍ଦା କରିବା କିମ୍ବା ପୂଜା କରିବା କଥାକୁ ପଛରେ ରଖିଲେ ସମାଜର ଅନ୍ୟାୟକୁ ବହିର୍ଗତ କରିବା ପାଇଁ ଗାଆଁ ବୁଲାଇବା, ସେହିଭଳି ତାହାକୁ ବିନାଶ କରିବା ଉଚିତ୍ ଭାବି ପାଣିରେ ପକାଇ ବିନାଶ କରିବା ଏକ ସମାଜସଂସ୍କରଣ କ୍ରିୟା ବୋଲି ଜାଣିବା ଉଚିତ୍ ।

ସେମାନେ ପଚାରିଥିବା ଦ୍ୱିତୀୟ ପ୍ରଶ୍ନର ଜବାବ ଅନୁସାରେ ଲୋକମାନଙ୍କଠାରୁ ଜବରଦସ୍ତି ଟଙ୍କା ଅସୁଲ୍ କରିବା ଠିକ୍ ନୁହେଁ, ଏହା ଭକ୍ତିରେ ଜବରଦସ୍ତ ଭକ୍ତି ହୋଇଥାଏ ସିନା ମନସ୍ପୂର୍ବକ ଭକ୍ତି ନୁହେଁ ।

ଟଙ୍କା ଦେବାଲୋକ ଟଙ୍କା ମାଗୁଥିବା ଲୋକମାନଙ୍କୁ କାହିଁକି, ବିଘ୍ନେଶ୍ୱର ବୋଲାଉଥିବା ଗଣେଶକୁ ମଧ୍ୟ ଘୃଣା କରିବା ଭଳି ହୋଇଥାଏ । ଏହା ଠିକ୍ ନୁହେଁ ।

ପୁରାଣ ପ୍ରଭାବରେ ହାତୀ ଗଣେଶ ହୋଇଗଲା ସିନା, ପୂର୍ବର ଆଚରଣ ସେମିତି ରହିଯାଇଥିବାରୁ ଅନ୍ୟମତର ଲୋକମାନେ ବିମର୍ଶ କରିବାକୁ ସୁଯୋଗ ରହିଗଲା । ପୂର୍ବର ବଡମାନେ କରିଥିବା ଆଚରଣର ଅର୍ଥକୁ ନବୁଝି ଆମେ ଆମ ଇଚ୍ଛା ଅନୁସାରେ ଗଣେଶପୂଜା କଲେ । ଏପଟେ ଆମ ପାଠପଢୁଆ ପିଲାମାନେ, ସେପଟେ ପାଠ ପଢି ନଥିବା ଲୋକମାନେ ସମସ୍ତେ ବଡମାନଙ୍କର ଉଦ୍ଦେଶ୍ୟକୁ ସମାଧି ଦେଇ ଅର୍ଥରହିତ ବିନାୟକ ଚତୁର୍ଥୀ ବା ଗଣେଶପୂଜା କରୁଛନ୍ତି ।

ଏଠାରେ ମୁଖ୍ୟକଥା ହେଉଛି ! ଶ୍ରୀକୃଷ୍ଣ ଭଗବାନ ହେଲେ ମଧ୍ୟ, ଦୈବଅଂଶ କୃଷ୍ଣ ଭାବରେ ଭୂପୃଷ୍ଠକୁ ଆସି ଆମ ଜୀବନର ସାର ହୋଇଥିବା ଭଗବଦ୍ଗୀତା କହିଥିଲେ ମଧ୍ୟ, ଭଗବାନ କିମ୍ବା ଭଗବଦ୍ଗୀତା ମଣିଷକୁ ଦେଖାଗଲା ନାହିଁ, ଭଗବାନଙ୍କ ଜନ୍ମଦିନ ଉତ୍ସବ ଜନ୍ମାଷ୍ଟମୀ ଦେଖାଗଲା ନାହିଁ, ହେଲେ ଗଣେଶପୂଜା ଦେଖାଗଲା । ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ୧୧ ଦିନର ପର୍ବ ବୋଲି ଆଗରୁ କହିଥିଲେ । ତା'ଛଡା କହିଥିଲେ ଯେ, ସର୍ବପ୍ରଥମ ଗାଆଁ ଗହଳିର ପର୍ବ ହେଉଛି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବା ଶ୍ରୀକୃଷ୍ଣାଷ୍ଟମୀ । ମାୟା ପ୍ରଭାବ ଦ୍ୱାରା ଗୋଟିଏ ଦିନ କରାଯାଉଥିବା ବିନାୟକ ଚତୁର୍ଥୀ ଆଜି ୧୧ଦିନ ପାଳିତ ହେଉଛି ଆଉ ୧୧ଦିନଧରି ପାଳନ କରାଯାଉଥିବା ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମାତ୍ର ଗୋଟିଏ ଦିନକୁ ପରିମିତ ହୋଇଯାଇଛି । ତା'ଛଡା ଶ୍ରୀକୃଷ୍ଣାଷ୍ଟମୀର ଶେଷଦିନଟି ଭାଦ୍ରବମାସ ଶୁକ୍ଳପକ୍ଷ ଚତୁର୍ଥୀ ହୋଇଥାଏ । ଠିକ୍ ସେହିଦିନକୁ ବିନାୟକ ଚତୁର୍ଥୀ କହିବାରେ ଶ୍ରୀକୃଷ୍ଣାଷ୍ଟମୀର ଶେଷ ଦିନ ବା ୧୧ତମଦିନ ପାଇଁ ପ୍ରତିବନ୍ଧ ସାଜିଛି । ଏହିଭଳି ଶ୍ରୀକୃଷ୍ଣାଷ୍ଟମୀର ପ୍ରତିବନ୍ଧକ ଭାବରେ ବିନାୟକ ଚତୁର୍ଥୀ ବା ଗଣେଶପୂଜା ଆସିବା ଦ୍ୱାରା

ଇନ୍ଦୁ (ହିନ୍ଦୁ) ସଂସ୍କୃତିର ମୁଖ୍ୟ ଉତ୍ସବ ହୋଇଥିବା ଶ୍ରୀକୃଷ୍ଣାଷ୍ଟମୀ ଲୁଚିଯାଇ ବିନାୟକ ଚତୁର୍ଥୀ ମୁଣ୍ଡ ଟେକିଛି । ଶ୍ରୀକୃଷ୍ଣାଷ୍ଟମୀର ଶେଷଦିନରେ ବିନାୟକ ପୂଜା ବା ଗଣେଶପୂଜା ଆସୁଥିବାରୁ କେତେକ ଗଣେଶପୂଜାକୁ ଛାଡି ନ ପାରି ଶ୍ରୀକୃଷ୍ଣାଷ୍ଟମୀକୁ ଏକଦିନର ପର୍ବ କରି, ଶ୍ରାବଣ କୃଷ୍ଣପକ୍ଷ ଅଷ୍ଟମୀକୁ ଶ୍ରୀକୃଷ୍ଣାଷ୍ଟମୀ ଭାବରେ ପାଳନ କରୁଛନ୍ତି । ଏଭଳି କରିଆସିବା ଦ୍ୱାରା ଶେଷରେ ଆମେ ପୂର୍ବରୁ ରହିଥିବା ଆମର ମୁଖ୍ୟ ପର୍ବକୁ ଭୂଲିଯାଇଛେ । ଏମିତି ବର୍ଷକୁ ଦିନେ ମାତ୍ର ପୂଜାଭାବରେ ବଦଳିଥିବା ଶ୍ରୀକୃଷ୍ଣାଷ୍ଟମୀକୁ ଆମେ ସଂପୂର୍ଣ୍ଣ ଭୂଲିଯିବାକୁ ବସିଛେ କହିଲେ ଅତ୍ୟୁକ୍ତି ହୁଏ ନାହିଁ । ଆଜି କୃଷ୍ଣାଷ୍ଟମୀ କହିଲେ କ'ଣ କେହି କହି ପାରୁନାହେଁ । କେତେକ ଅଞ୍ଚଳରେ ଗଉଡଘରେ ବଢି ବଡହୋଇଥିବା କୃଷ୍ଣଙ୍କ ଜନ୍ମଦିନକୁ ଗଉଡମାନେ (ଯାଦବମାନେ) ମଧ୍ୟ ଭୂଲିଗଲେଣି । ସାକ୍ଷାତ୍ ପରମାତ୍ମା ଅବତାର ହୋଇ ଭଗବାନ ଭାବରେ ଆସିଥିବା ଦିନ ହେଉଛି ଶ୍ରୀକୃଷ୍ଣାଷ୍ଟମୀ । ଏହା ଜାଣି ପାରୁନାହେଁ ବୋଲି ପ୍ରତି ହିନ୍ଦୁ ଦୁଃଖ କରିବା ଉଚିତ୍ । ଦୈବତ୍ୱ ହୋଇ ନଥିବା ଏକ ସମାଜମଙ୍ଗଳ ବିଷୟ, ମାୟା ବଳ ଦ୍ୱାରା ଦୈବସ୍ଥାନକୁ ଆକ୍ରମଣ କରି ସମସ୍ତଙ୍କ ଦ୍ୱାରା ଆଚରିତ ହୋଇ, ସମସ୍ତଙ୍କର ଆଦର ପାଇପାରିଛି । ଏହିଭଳି ସମାଜରେ ଗଣେଶପୂଜା ସର୍ବସାଧାରଣ ପୂଜା ଭାବରେ, ୧୧ ଦିନର ପର୍ବ ଭାବରେ ବଦଳିଯିବା ଏବଂ ଶ୍ରୀକୃଷ୍ଣାଷ୍ଟମୀର ଆଦର ନ ରହିବା ଆମ ପାଇଁ ଅତି ବାଧାକର ବିଷୟ । କ'ଣ ଏହା ହିନ୍ଦୁ (ଇନ୍ଦୁ) ଭାବରେ ଆମେ ସମସ୍ତେ ଦୁଃଖ କରିବାର ବିଷୟ ନୁହେଁ ?

ଇନ୍ଦୁ (ହିନ୍ଦୁ) ଧର୍ମର ପୂର୍ବ ବୈଭବ ଫେରାଇ ଆଣିବାକୁ ହେଲେ, ଇନ୍ଦୁତ୍ୱ ସମସ୍ତଙ୍କର ଆମୋଦଯୋଗ୍ୟ ହେବାକୁ ହେଲେ, ସେଦିନର ଆଚରଣକୁ ମନେ ପକାଇବାକୁ ପଡିବ । ଯେତେ କହିଲେ ମଧ୍ୟ କେତେକ ମୁର୍ଖଙ୍କ ଭଳି ଯୁକ୍ତି କରି, ଗଣେଶପୂଜା ମଧ୍ୟ ହିନ୍ଦୁଧର୍ମର । ପାର୍ବତୀ, ଶିବଙ୍କଠାରୁ ଗଣେଶ ଜନ୍ମ ହୋଇଥିଲେ !, ବଡମାନେ ଯାହା କରିଛନ୍ତି ତାହା କେମିତି ଛାଡିବା ! !

ବୋଲି କହି ପାରନ୍ତି । ଆମେ ସବୁବେଳେ କହି ଆସୁଛୁ ଯେ, ଶାସ୍ତ୍ର ହିଁ ଆମର ଆଧାର ବା କଷଟିପଥର । ପାର୍ବତୀ, ଗଣେଶ ଭଗବଦ୍ଗୀତା ଜନ୍ମହେବା ଆଗରୁ ବ୍ୟାସରଚିତ ଏକ ପୁରାଣ କାହାଣୀରୁ ଆସିଛନ୍ତି । ଗଣେଶଜନ୍ମ ଅଶାସ୍ତ୍ରୀୟ, ପ୍ରକୃତିବିରୁଦ୍ଧ । ପିତାକୁ ଜଣା ନଥାଇ ପୁଅ ଜନ୍ମ ହୋଇଛି କିପରି ? ବୋଲି ଯଦି କିଏ ପଚାରେ ! କିମ୍ବା ପିତାର ସମ୍ପର୍କ ନଥାଇ ମାତା କିପରି ପୁଅ ଜନ୍ମକଲା ! ବୋଲି ଯଦି କିଏ ଆଶ୍ଚର୍ଯ୍ୟ ହୋଇ ପଚାରେ ସେଥିପାଇଁ ଆମେ ତାକୁ ସଠିକ ଶାସ୍ତ୍ରବଦ୍ଧ ଜବାବ ଦେଇପାରିବା ନାହିଁ । ଏଭଳି ଯଦି କିଏ ଜନ୍ମହେଲା ସେ ମାଆର ହେବ ସିନା, ବାପାର ହେବ ନାହିଁ । କହନ୍ତି ଯେ, ପାର୍ବତୀ ଗାଧୋଇବା ବେଳେ ତାଙ୍କ ଦେହର ମଇଳାକୁ ହଳଦୀ ଲଗାଇ ଛଡାଉଥିଲେ, ତାହା ସେ ପାଣିରେ ଧୋଇ ନଦେଇ ଏକାଠି କରି ସେଥିରେ ଏକ ମୂର୍ତ୍ତି ତିଆରି କରି, ତାକୁ ଜୀବନ ଦାନ କରିଥିଲେ, ସେ ତାଙ୍କ ପୁତ୍ର ହୋଇଥିଲା, ତାପରେ ଅନେକ କଥାଅଛି । "ଦିନେ ପାର୍ବତି କେଉଁ ଗୁମ୍ଫା ଭିତରେ ତପସ୍ୟା କରୁଥିବା ବେଳେ ତାଙ୍କ ପୁଅ ଗୁମ୍ଫାବାହାରେ ଜଗୁଆଳ ଥିଲା । ଶିବ ପାର୍ବତୀଙ୍କ ସହିତ ଦେଖାହେବାକୁ ଆସିବା ବେଳେ ସେ ତାଙ୍କୁ ଭିତରକୁ ଛାଡିଲା ନାହିଁ, ଶିବ କ୍ରୋଧିତ ହୋଇ, ସେ ପୁଅର ମୁଣ୍ଡକୁ ଗଣ୍ଡିରୁ ଅଲଗା କରିଦେଲେ । ଏକଥା ପାର୍ବତୀ ଜାଣି ଦୁଃଖ କରିବାରୁ ସ୍ତ୍ରୀଙ୍କ ଦୁଃଖ ସହି ନପାରି ଶେଷରେ ଶିବଙ୍କ ସମ୍ମତିରେ ଏକ ହାତୀମୁଣ୍ଡ ଆଣି ସେହି ମୁଣ୍ଡ ଅଲଗା ହୋଇଥିବା ଗଣ୍ଡିରେ ଜୋଡି ଦିଆଗଲା, ସେହି ଦିନଠାରୁ ସେ ହେଲା ଗଣେଶ" । ଏଭଳି କାହାଣୀଟି ଆହୁରି ବିସ୍ତୃତ ଭାବରେ ରହିଛି, ସେ ବାବଦରେ ଆମେ ଏତେ ଜାଣିବା ଏ ସନ୍ଦର୍ଭରେ ଆବଶ୍ୟକ ନାହିଁ । ଏଥିରେ କେତେ ଶାସ୍ତ୍ରୀୟତା ରହିଛି ତାହା ବିଚାରଣୀୟ । ଏହିଭଳି ମୁଣ୍ଡ ଅଲଗା ଶରୀର ଅଲଗା ଥିବା ନୃସିଂହ, ଗଣେଶ, ବରାହ, ମତ୍ସ୍ୟ, କୂର୍ମ ଇତ୍ୟାଦି କାହାଣୀ ସବୁ ପୁରାଣ ସିନା, ଶାସ୍ତ୍ରବଦ୍ଧ ଇତିହାସ ନୁହେଁ । କବି, ଲେଖକମାନେ ସୃଷ୍ଟି କରିଥିବା ଗପକୁ ଛାଡି ଆମେ ପ୍ରକୃତ ଇତିହାସ ହୋଇଥିବା ବିଷୟକୁ ସ୍ୱୀକାର

କରିବା ଉଚିତ୍ । ନାଗଲଚତୁର୍ଥୀର ଶାସ୍ତ୍ରବଦ୍ଧତା ଅଛି, ସେହିଭଳି ଗଣେଶ ପୂଜାର ମଧ୍ୟ ଶାସ୍ତ୍ରବଦ୍ଧତା ଅଛି । ଏ ଦୁଇଟି ସମାଜମଙ୍ଗଳ ପାଇଁ ରହିଛି, କିନ୍ତୁ ଶାସ୍ତ୍ରୀୟତାକୁ ଛାଡି ଏହାକୁ ଅଶାସ୍ତ୍ରୀୟ କହିପାରିବା ନାହିଁ ।

କେତେକ ହିନ୍ଦୁ (ଇନ୍ଦୁ)ମତର ରକ୍ଷା କରିବୁ, ହିନ୍ଦୁଧର୍ମକୁ ରକ୍ଷା କରିବୁ କହି ନାନା ସଂଘ ସ୍ଥାପନ କରି ସେମାନଙ୍କ ଆଧିପତ୍ୟ ବିସ୍ତାର କରିବା ନାଆଁରେ ହିନ୍ଦୁଧର୍ମକୁ ଭକ୍ଷଣ କରୁଛନ୍ତି, ସେମାନଙ୍କୁ ହିନ୍ଦୁଧର୍ମ କଅଣ, ତାହା କିପରି ମଧ୍ୟ ଜଣା ନାହିଁ, ସେଭଳି ସଂସ୍ଥାର ଲୋକେ ହିନ୍ଦୁଧର୍ମକୁ କିପରି ରକ୍ଷା କରିବେ ? ସେମାନେ ଅନ୍ୟମତଗୁଡିକ ଉପରେ ଯେଉଁଭଳି ଦୌର୍ଜନ୍ୟତା ସାବ୍ୟସ୍ତ କରୁଛନ୍ତି ତାହା ଦେଖିଲେ ବୋଧହୁଏ ଯେ, ହିନ୍ଦୁଧର୍ମ ଶାନ୍ତିସ୍ଥାପନ ପାଇଁ ନୁହେଁ, ଦୌର୍ଜନ୍ୟତା ପାଇଁ ରହିଛି । ଏଭଳି ଲୋକମାନଙ୍କୁ ଖାତର ନକରି ଇନ୍ଦୁଧର୍ମ ଅନୁସାରେ ଜ୍ଞାନ ଜାଣିଥିବା ଲୋକମାନେ ଆଚରଣ କରିବା ଉଚିତ୍ । ଭଗବଦ୍ଗୀତା ଜାଣିବା ପରେ ଅନେକ ପୁରାଣ ଲେଖିଥିବା ବ୍ୟାସ ମଧ୍ୟ ପଶ୍ଚତାପ କରିଥିଲେ । ତାହା ନ ଜାଣି ଆମେମାନେ ସେହି ପୁରାଣଗୁଡିକର ଆଧାରରେ ନାଗଲଚତୁର୍ଥୀ, ଗଣେଶପୂଜା ଇତ୍ୟାଦି ଆମ ଇଚ୍ଛା ଅନୁସାରେ କରୁଛେ । ଏଭଳି କରିବା ଦୈବଦ୍ରୋହ ହୋଇଥାଏ, ଇନ୍ଦୁଧର୍ମକୁ ନିନ୍ଦା କରିବା ଭଳି ହୋଇଥାଏ । ସେଥିଲାଗି ଏଭଳି ଅଧର୍ମ ପଦ୍ଧତିକୁ ଛାଡି ବାସ୍ତବ ଧର୍ମ ପଦ୍ଧତି ଅନୁସାରେ ଆମେ ଆଚରଣ କରିବା ଉଚିତ୍ । ସେହି ଚେଷ୍ଟାରେ ଜ୍ଞାନଦୃଷ୍ଟିରୁ ଅଶାସ୍ତ୍ରୀୟ ହୋଇଥିବା ଗଣେଶପୂଜା ବଦଳରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମଦିନ ହୋଇଥିବା ଶ୍ରୀକୃଷ୍ଣାଷ୍ଟମୀକୁ ପାଳନ କରିବା ଉଚିତ୍ ।

ଭୂପୃଷ୍ଠରେ ଅନେକଙ୍କୁ ଜଣା ନଥିବା ବିଷୟଟିଏ ରହିଛି । ତାହା ହେଉଛି ଦୈବି ପରିପାଳନ । ଏହି ଦୈବିପରିପାଳନରେ ମହାଭୂତମାନେ, ଭୂତମାନେ ଆଉ ଉପଭୂତମାନେ ପାତ୍ରଧାରୀ ହୋଇ ଥାଆନ୍ତି । ଦୈବ ବା ପରମାତ୍ମା କିଛି କରି ନଥା'ନ୍ତି ବୋଲି ଭଗବଦ୍ଗୀତା ଶାସ୍ତ୍ରବଦ୍ଧ

ଭାବରେ ଜଣାଇଛି । ତେଣୁ ଯାହା କରିଥା'ନ୍ତି ସେହି ୩ ପ୍ରକାରର ଭୂତମାନେ, ଭୂପୃଷ୍ଠରେ ଦୈବଦ୍ରୋହୀମାନଙ୍କ ଉପରେ ସେମାନଙ୍କର ଦୃଷ୍ଟି ରହିଥାଏ । ଦେବତା ଆରାଧନା ପାଇଁ, ଅଜ୍ଞାନ ବିବାହ କାର୍ଯ୍ୟରେ ଯାତାୟତ କରୁଥିବା ଲୋକମାନେ ନାନା ପ୍ରକାରର ଦୁର୍ଘଟଣାରେ ମୃତ୍ୟୁବରଣ କରିଥା'ନ୍ତି । ଏହି ଦୁର୍ଘଟଣାଗୁଡିକର କାରଣ ମଧ୍ୟ ଭୂତମାନେ (ଭୂତ କହିଲେ ଜୀବ, ଜୀବ ଖାଲି ୧୦ ଭାଗର ସ୍ଥୁଳ ରୂପରେ ନଥା'ନ୍ତି, ସୂକ୍ଷ୍ମ ଅର୍ଥାତ୍ ସ୍ଥୁଳ ଶରୀରରେ ନଥାଇ ୧୫ ଭାଗର ସୂକ୍ଷ୍ମ ଶରୀରରେ ଥାଆନ୍ତି) ବୋଲି କାହାକୁ ଜଣା ନଥାଏ । ସବୁବର୍ଷ ପାଳିତ ହେଉଥିବା ଗଣେଶ ଦେବତାର ବିଷର୍ଜନ ସମୟରେ ଅନେକ ଲୋକ ପ୍ରମାଦ ବଶତଃ ମୃତ୍ୟୁବରଣ କରିଥା'ନ୍ତି । ଦେଶବ୍ୟାପ୍ତ ଭାବରେ ଦେଖିଲେ ସେହି ସମୟରେ ଶହଶହ କିମ୍ବା ହଜାର ସଂଖ୍ୟାକ ଲୋକେ ମୃତ୍ୟୁବରଣ କରିଥା'ନ୍ତି । ଏହାର କାରଣ ପଛରେ ମଧ୍ୟ ଭୁତମାନଙ୍କର ହାତଅଛି ବୋଲି କେହି ଜାଣନ୍ତିନାହିଁ । ତେଣୁ ପଞ୍ଚଭୂତର ଇଚ୍ଛା ନଥିବା ଗଣେଶପୂଜାକୁ ଛାଡି ସେମାନଙ୍କର ପ୍ରିୟ ଶ୍ରୀକୃଷ୍ଣାଷ୍ଟମୀ ପାଳନ କରିବାକୁ ସମସ୍ତଙ୍କଠାରୁ ଆଗକୁ ଦୌଡି ଆସନ୍ତୁ । କାରଣ ଏହା ହିଁ ଭଗବାନ ଶ୍ରୀକୃଷ୍ଣଙ୍କର ଜନ୍ମଦିନ ଉତ୍ସବ ।

ଶ୍ରୀକୃଷ୍ଣାଷ୍ଟମୀରେ ଗଣେଶପୂଜା ଭଳି ଖର୍ଚ୍ଚ ନଥାଏ କି କୌଣସି ବିପଦ ନଥାଏ, ସବୁବର୍ଷ ପ୍ରତିମା କିଣିବାକୁ ପଡିନଥାଏ । ଘରେ ଥିବା ପ୍ରତିମାକୁ ଆଣି ଗାଆଁଦାଣ୍ଡରେ କରିଥିବା ଛାମୁଣ୍ଡିଆ ବା ଚାନ୍ଦୁଆ ତଳେ ରଖି ୧୧ ଦିନ ଉତ୍ସବ ପାଳନ କରି, ସେହି ପ୍ରତିମାକୁ ପୁଣି ନେଇ ଘରେ ରଖିବାକୁ ହୋଇଥାଏ । କୌଣସି ପରିସ୍ଥିତିରେ ମଧ୍ୟ ଶ୍ରୀକୃଷ୍ଣ ପ୍ରତିମାକୁ ବିଷର୍ଜନ କରିବା ଅନୁଚିତ । ଶେଷଦିନ ଗାଆଁ ବୁଲାଇବା ପରେ ଶ୍ରୀକୃଷ୍ଣ ପ୍ରତିମା ଆସିଥିବା ଘରକୁ ନେଇ ଯଥାସ୍ଥାନରେ ରଖିବା ଉଚିତ୍ । ଗଣେଶ ପୂଜାରେ ଚାନ୍ଦା ଆଦାୟ କରିଥା'ନ୍ତି, ସେଥିରେ ନାନା ଆଡମ୍ବର କରିଥା'ନ୍ତି । ଡାନ୍ସ ପ୍ରୋଗ୍ରାମ୍, ମେଲୋଡି ଇତ୍ୟାଦି କରି କୋଳାହଳ କରିଥା'ନ୍ତି, ସେହି

ଟଙ୍କାରେ ମଦ ନ ପିଇଲେ ଗଣେଶ ବିସର୍ଜନରେ ଡି.ଜେ ବଜାଇ ନାଚିବା ଅସମ୍ଭବ ହୋଇଥାଏ । ସେସବୁ ଦେଖିଲେ ଭକ୍ତି ଅପେକ୍ଷା ଗଣେଶ ପୂଜାରେ ଟଙ୍କାର ପ୍ରାଧାନ୍ୟତାକୁ ଜାଣିହୁଏ । ଟଙ୍କା ଦେଇପାରିବା କ୍ଷମତା ନଥିବା ଘରୁ ମଧ୍ୟ ଜବରଦସ୍ତ ଚାନ୍ଦା ଆଦାୟ କରାଯାଇଥାଏ । ଶ୍ରୀକୃଷ୍ଣାଷ୍ଟମୀରେ ଏତେ ଆୟୋଜନ ନ କରି ଖାଲି ବର୍ଷାରେ ନ ଭିଜିବା ଭଳି ଛାମୁଣ୍ଡିଆ କରି ବା ଚାନ୍ଦୁଆ ଟାଣି ତା'ତଳେ ପ୍ରତିମା ରଖି, ଦୀପଟିଏ ଜଳାଇ, ନଡିଆଟିଏ ଭାଙ୍ଗି, ତାର ଭାବକୁ ବୁଝି ଭକ୍ତିର ଆରାଧନା କରିଦେଲେ ଯଥେଷ୍ଟ ହୋଇଥାଏ । ଗଣେଶପୂଜା ଭଳି ସେ ସ୍ଥାନରେ ମାଇକ୍ ଲଗାଇ ସିନେମା ଗୀତ ବଜାଇବା, ନାନା ପ୍ରକାରର ନାଚଗୀତ କରିବା, ମେଲୋଡି କିମ୍ବା ଡାନ୍ସ ପ୍ରୋଗ୍ରାମ୍ କରିବା, କାଳକ୍ଷେପ ପାଇଁ ତାସ୍ କିମ୍ବା ଜୁଆ ଖେଳିବା ଉଚିତ ନୁହେଁ । ଏଭଳି ଶ୍ରୀକୃଷ୍ଣ ପ୍ରତିମା ଆଗରେ କରିବା ଘୋର ପାପ ହୋଇଥାଏ, ସେଠାରେ ୧୧ଦିନ ଧରି ଗୀତାପାଠ ହେବାର ଆୟୋଜନ କରିବା ଉଚିତ୍, ତା'ମଧ୍ୟ କୌଣସି ରେକର୍ଡ ଗୀତାପାଠ ନହେବା ଉଚିତ୍ । ଶୁଚିଶୁଭ୍ରତାକୁ ଟିକିଏ ଧ୍ୟାନ ଦେଇ ସକାଳେ ସଂଧ୍ୟାରେ କୌଣସି ବ୍ୟକ୍ତି ମଧ୍ୟ ଗୀତାପାଠ କରି ପାରିବେ, ଶୁଣୁଥିବା ଲୋକମାନେ ତାହା ଧ୍ୟାନ ସହକାରେ ଶୁଣିବା ଉଚିତ୍ । ଶ୍ରୀକୃଷ୍ଣଙ୍କ ପୂଜାରେ କୌଣସି ବେଦମନ୍ତ୍ର ପଢାଯିବା ଉଚିତ୍ ନୁହେଁ, ମନ୍ତ୍ରରହିତ ସାଧାରଣ ପୂଜା ହେବା ଉଚିତ୍ । କୌଣସି ନିଶାଦ୍ରବ୍ୟ ସେବନ କରିଥିବା ଲୋକେ ଶ୍ରୀକୃଷ୍ଣ ପ୍ରତିମା ଥିବା ପରିସରକୁ ଯିବା ଅନୁଚିତ୍ । କାରଣ ସେଠାରେ ଭୂତମାନଙ୍କର ଯାତାୟତ ନିଶ୍ଚୟ ରହିଥାଏ । ସେତେବେଳେ ତତ୍‌କ୍ଷଣାତ୍ କିଛି ନହେଲେ ମଧ୍ୟ ପରେ ଯେଉଁ ରୋଗ ହେବ ତାହା କୌଣସି ଡାକ୍ତର ମଧ୍ୟ ଭଲ କରିପାରିବେ ନାହିଁ । ଅନ୍ୟ ଦେବତା ଆରାଧନା କରୁଥିବା, ଦୈବଙ୍କୁ ନିନ୍ଦା କରୁଥିବା, ଲୋକମାନଙ୍କୁ ଭୂତମାନେ ନିଶ୍ଚୟ ଦଣ୍ଡ ଦେଇଥା'ନ୍ତି । ରୋଗ ମଧ୍ୟ ଏକ ଭୂତ । ଭୁତମାନେ ଭଗବାନଙ୍କ ଆରାଧକକୁ ସାହାଯ୍ୟ କରିଥା'ନ୍ତି । ଭଗବାନଙ୍କ ଆରାଧକର ଶରୀରରେ ଥିବା ରୋଗଭୂତ ମଧ୍ୟ ସେ ଶରୀରକୁ ଆଉ ପୀଡା ଦେଇନଥାଏ । ତା'ଛଡା ଆମେ ଦେଖୁଥିବା

ପ୍ରକୃତି ବୈପରିତ୍ୟ ମଧ୍ୟ ଦୈବି ପରିପାଳକ ହୋଇଥିବା ଭୂତମାନଙ୍କ ଦ୍ୱାରା ହୋଇଥାଏ । ଶ୍ରୀକୃଷ୍ଣାଷ୍ଟମୀ ଭକ୍ତି ଶ୍ରଦ୍ଧାର ସହିତ କଲେ ସେ ଅଞ୍ଚଳରେ ପ୍ରକୃତି ଦୁର୍ବିପାକ ମଧ୍ୟ ଦୂର ହୋଇଯାଇଥାଏ । ବର୍ଷା ମଧ୍ୟ ଏକ ଭୂତ ହୋଇଥିବାରୁ ଶ୍ରୀକୃଷ୍ଣାଷ୍ଟମୀ ହେଉଥିବା ଅଞ୍ଚଳରେ ଆବଶ୍ୟକ ଅନୁଯାୟୀ ବର୍ଷା ହୋଇଥାଏ । ଏହା ଛୋଟପିଲାଙ୍କୁ କୁହାଯାଉଥିବା ଗପ ନୁହେଁ କି କୌଣସି କବିତା ନୁହେଁ । ଆପଣ ବିଶ୍ୱାସ କରନ୍ତୁ ବା ନକରନ୍ତୁ ଏହା ହିଁ ନଗ୍ନସତ୍ୟ । ତ୍ରୈତସିଦ୍ଧାନ୍ତରେ ଏହାର ଶାସ୍ତ୍ରୀୟତା ରହିଛି । ଏହି ଭୂତମାନେ କିଏ ? ଦୈବି ପରିପାଳନା କଅଣ ? କାହାକୁ କାହିଁକି ଏ ବାବଦରେ ଜଣା ନାହିଁ ? ଏକଥା ସତ କି ମିଛ ? ସେସବୁ ଜାଣିବାକୁ ହେଲେ ଆମ ରଚନାର **ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟଣନା** ନାମକ ଗ୍ରନ୍ଥରେ ଲେଖାଯାଇଛି, ତାହା ପଢି ପାରନ୍ତି, ପଢିଥିବା ଲୋକକୁ ପଚାରି ବୁଝିପାରନ୍ତି ।

ଆପଣ ବୁଦ୍ଧିହୀନ ନୁହନ୍ତି । କିନ୍ତୁ ଆପଣଙ୍କଠାରେ ହେତୁବଦ୍ଧତା ନଥିବାରୁ, ସେହି ଅନୁସାରେ ଆଲୋଚନା କରି ନପାରି ବୁଦ୍ଧିହୀନ କରୁଥିବା ଆଚରଣ ଭଳି ଆଚରଣ କରୁଛନ୍ତି । ତାହା କିପରି ଦେଖନ୍ତୁ ! ଶ୍ରୀକୃଷ୍ଣଙ୍କର ଏକ ଇତିହାସ ରହିଛି, ସେ ଆମଭଳି ଜନ୍ମ ହୋଇଥିଲେ ବୋଲି ତାଙ୍କର ଜନ୍ମ ତାରିଖ ମଧ୍ୟ ଅଛି, ମୃତ୍ୟୁବରଣ କରିଥିବା ବର୍ଷର ମଧ୍ୟ ଇତିହାସ ଅଛି, କିନ୍ତୁ ଗଣେଶ ଜନ୍ମ ହୋଇନଥିଲେ, ତାଙ୍କର ଇତିହାସ ନାହିଁ, ତାଙ୍କ କଥା କେବଳ ପୁରାଣରେ କଳ୍ପନା କରାଯାଇଛି । ଅର୍ଥାତ୍ ମାୟା ଦ୍ୱାରା କଳ୍ପିତ ହୋଇ ସେ ଭଗବାନ ଭଳି ପୂଜା ହେଉଛି । ବାସ୍ତବରେ ବିନାୟକ, ବିଘ୍ନେଶ୍ୱର ବା ଗଣେଶ କୁହାଯାଉଥିବା ପାତ୍ର ସତରେ ଅଛି କି ନାହିଁ ? ବୋଲି କେହି ବିଚାର ନ କରି ସେ କଥାକୁ ଅନ୍ଧ ଭାବରେ ଗ୍ରହଣ କରିବା ଦ୍ୱାରା, ନାସ୍ତିକବାଦୀମାନେ, ହେତୁବାଦୀମାନେ ଗଣେଶ ଫଣେଶ କିଛି ନାହିଁ ବୋଲି କହିବା ଛଡା, ଶାସ୍ତ୍ରକୁ ଜଣାଇଥିବା ପରମାତ୍ମାଙ୍କୁ ମଧ୍ୟ ନାହାନ୍ତି, ସବୁ ମିଛକଥା ବୋଲି କହୁଛନ୍ତି । ବ୍ୟାସ ଅଜ୍ଞାନ ଦଶାରେ ଥିବା ବୟସରେ ପୁରାଣ ଲେଖିବା, ସେଥିରେ

ଗଣେଶ ପାତ୍ର ଚିତ୍ରଣ କରିବା ଘଟିଥିଲା । ପୁରାଣଗୁଡିକ କାଳକ୍ଷେପ ପାଇଁ ସିନା, କର୍ମକ୍ଷେପ ପାଇଁ ନୁହେଁ ବୋଲି ଜାଣିବା ଉଚିତ୍ । ଗଣେଶର ଜୀବନ ବାବଦରେ କିଛି ଜାଣି ନଥିବା ଲୋକମାନେ ଗଣେଶପୂଜା କରିବାରେ ସବୁଠାରୁ ଆଗରେ ରହିଥା'ନ୍ତି । ଭଗବାନ ଶ୍ରୀକୃଷ୍ଣ ପ୍ରତ୍ୟକ୍ଷ ଭାବରେ ଜ୍ଞାନ କହିଥିଲେ ମଧ୍ୟ କୌଣସି ଜ୍ଞାନ କହି ନଥିବା ଗଣେଶଙ୍କୁ ଲୋକେ ଜ୍ଞାନ ବା ବିଦ୍ୟାର ଦେବତା କହି ପୂଜା କରୁଛନ୍ତି । ମୁଁ ଆପଣମାନଙ୍କୁ ଆପଣଙ୍କ ମତ (ଧର୍ମ) ଛାଡି ଆଉ କେଉଁ ମତକୁ ଚାଲିଆସିବାକୁ ଡାକୁନାହିଁ । ଇନ୍ଦୁ (ହିନ୍ଦୁ) ପଥର ଔନ୍ନତ୍ୟତାକୁ ଜାଣି, ଇନ୍ଦୁଧର୍ମକୁ ଜଣାଇଥିବା ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ଚିହ୍ନି, ସବୁବର୍ଷ ଶ୍ରୀକୃଷ୍ଣାଷ୍ଟମୀ ପାଳନ କଲେ ଆପଣଙ୍କୁ ଅନୁଭବ କରିବାକୁ ଥିବା କର୍ମ ଜଳିଯିବ, ଦିନେ ଜୀବର ଲକ୍ଷ୍ୟ ହୋଇଥିବା ଆପଣଙ୍କର ମୋକ୍ଷ ହୋଇଯିବ ବୋଲି ଜଣାଉଛି ।

ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ଚିହ୍ନି ନପାରିବା ଦ୍ୱାରା ଆମେ ତାଙ୍କୁ ଖାତର କରିନାହେଁ । ତା'ଛଡା ଶ୍ରୀକୃଷ୍ଣଙ୍କୁ ଶୃଙ୍ଗାରପୁରୁଷ ଭାବରେ କବିମାନେ ବର୍ଣ୍ଣନା କରିବା ଦ୍ୱାରା, ଆମେ ତାଙ୍କୁ ସାଧାରଣ ମଣିଷ ଭାବିଛେ । ଭାଗବତ ପୁରାଣରେ ଶ୍ରୀକୃଷ୍ଣ ମଥୁରାକୁ ଯାଇ କଂସକୁ ମାରିବା ଆଗରୁ ଗୋପୀକାମାନଙ୍କ ସହିତ ବୁଲୁଥିଲେ, ସେମାନଙ୍କ ସହ ରତିକ୍ରୀଡା କରୁଥିଲେ, ବୋଲି ଲେଖାଯାଇଛି । ବ୍ୟାସ ସଂସ୍କୃତରେ କିଛି ଅଳ୍ପ ଲେଖିଯାଇଥିବା ବେଳେ ତାହା ଅନ୍ୟମାନେ ଅନୁବାଦ କରିବାବେଳେ ଅତି ଦାରୁଣ ଭାବରେ ଲେଖିଛନ୍ତି । ଶ୍ରୀକୃଷ୍ଣ ମଥୁରାକୁ ଯାଇ, ସେଠାରେ କଂସକୁ ମାରିବା ବେଳକୁ ତାଙ୍କୁ ମାତ୍ର ୧୧ବର୍ଷ ବୟସ ହୋଇଥିଲା । ୧୧ବର୍ଷରେ କେହି ମଧ୍ୟ ସ୍ତ୍ରୀମାନଙ୍କ ସହିତ ରତିକ୍ରୀଡା କରିପାରେ ? ଏକଥାକୁ ଦାରୁଣ କଥା କହିବାନି ତ ଆଉ କ'ଣ କହିବା ? ଏହିଭଳି ଶ୍ରୀକୃଷ୍ଣଙ୍କ ବାବଦରେ ଅନେକ ଭ୍ରାନ୍ତଧାରଣା ଥିବା ଲୋକମାନେ ପୁରାଣ, ଅନୁବାଦ ଇତ୍ୟାଦି ଲେଖିବା ଦ୍ୱାରା, ସେହି ଆଧାରରେ ମଣିଷକୁ ମାୟା ଘୋର ପ୍ରଭାବିତ କରି ଶ୍ରୀକୃଷ୍ଣଙ୍କୁ ସାଧାରଣ ମଣିଷ କରି

ସଜାଇଛି । ସେଥିଲାଗି ଶ୍ରୀକୃଷ୍ଣଙ୍କ ବାବଦରେ ଅନେକ ଲୋକ ଆଲୋଚନା କରିପାରି ନଥିଲେ କି କରିପାରୁ ନହାନ୍ତି । ୯୦ବର୍ଷ ବୟସରେ ଶ୍ରୀକୃଷ୍ଣ ଭଗବଦ୍ଗୀତା କହିବା ପରେ, ପୁରାଣଗୁଡିକ ଲେଖିଥିବା ବ୍ୟାସ ନିଜର ଭୂଲ୍ କଅଣ ଜାଣିପାରି, ପୁରାଣଗୁଡିକର ସଂପୂର୍ଣ୍ଣ ଓଲଟା ହୋଇଥିବା ଭଗବଦ୍ଗୀତାକୁ ସଂସ୍କୃତ ଶ୍ଲୋକ ରୂପରେ ଲେଖିଥିଲେ । ଏତେବଡ ବ୍ୟାସ ଦିନେ ନିଜର ଭୂଲ୍ ବୁଝିପାରି ଗୀତାରେ ଶ୍ରୀକୃଷ୍ଣ କହିଥିବା ଧର୍ମକୁ ଲେଖିଥିଲେ । ବେଦପଠନ, ତପସ୍ୟା, ଦାନ, ଯଜ୍ଞ ସବୁ ଧର୍ମ ନୁହେଁ ଅଧର୍ମ ବୋଲି ବ୍ୟାସ ନିଜେ ଲେଖିଥିବା ସଂସ୍କୃତ ଶ୍ଲୋକରେ "ବେଦେଷୁ ଯଜ୍ଞେଷୁ ତପସୁଚୈବ ଦାନେଷୁ ଯତ୍ପୁଣ୍ୟ ଫଳଂ ପ୍ରଦିଷ୍ଟମ୍ । ଇତ୍ୟେତି ତସ୍ୱର୍ବ ମିଦଂ ବିଦିତ୍ୱା ଯୋଗୀପରଂଧାମ ମୁପୈତି ଋଦ୍ୟମ୍" ଲେଖିଥିଲେ । ଏତେ ବଡବଡ କାର୍ଯ୍ୟସବୁ ଅଧର୍ମ ହେବାବେଳେ, ଆମେ କରୁଥିବା ଗଣେଶ ପୂଜା ମଧ୍ୟ ଅଧର୍ମ ହୋଇଥାଏ । ତେଣୁ ଆଜି ମଧ୍ୟ ସମୟ ଅଛି, ଏବେଠାରୁ ବାସ୍ତବ ବିଷୟକୁ ଜାଣି, ବିଶ୍ୱବ୍ୟାପୀ ସୃଷ୍ଟିକର୍ତ୍ତା ହୋଇଥିବା ପରମାତ୍ମା ଭଗବାନ ଶ୍ରୀକୃଷ୍ଣ ହୋଇ ଭୂପୃଷ୍ଠକୁ ଆସିଥିଲେ ବୋଲି ଚିହ୍ନି, ସେହି ପରମାତ୍ମା ଭଗବାନ ଭାବରେ ଗୀତା ଜ୍ଞାନ କହିଥିଲେ, ତାହା ହିଁ ଭଗବଦ୍ଗୀତା ବୋଲି ଜାଣି, ଶ୍ରୀକୃଷ୍ଣଙ୍କ ଆରାଧନା କରି ପରମାତ୍ମାଙ୍କ ପାଖକୁ ଯାତ୍ରା କରିବାର ଲାଭ ଉଠାଇବା ଉଚିତ୍ । ପରମାତ୍ମାଙ୍କ ପାଖକୁ ଯିବାକୁ ହେଲେ ତାଙ୍କର ଠିକଣା ଆମକୁ ଜଣାଥିବା ଦରକାର, କିନ୍ତୁ ତାହା ଜଣା ନାହିଁ । ସେହି ଠିକଣାକୁ ଯିଏ କହିଥା'ନ୍ତି ସେ ହିଁ ଭଗବାନ । ସେହି ଭଗବାନ ହିଁ ଶ୍ରୀକୃଷ୍ଣ । ତେଣୁ ଶ୍ରୀକୃଷ୍ଣ ସଶରୀର ଆମମାନଙ୍କ ଭିତରେ ଥିବା ସମୟରେ ସେ ଭଗବାନ ହେଲେ ମଧ୍ୟ ପରମାତ୍ମା ବୋଲି, ସେହିଭଳି ସେ ଆମମାନଙ୍କ ଭିତରେ ନଥିବାବେଳେ ପରମାତ୍ମା ହେଲେ ମଧ୍ୟ ଭଗବାନ କହିପାରିବା । ବୋଧହୁଏ ବୁଝି ପାରିଲେ ନାହିଁ ! ତେଣୁ ଆଉ ଥରେ ଶ୍ରଦ୍ଧାର ସହିତ ଶୁଣନ୍ତୁ । ଶ୍ରୀକୃଷ୍ଣ ଭୂପୃଷ୍ଠରେ ଥିବା ଦ୍ୱାପର ଯୁଗରେ ଭଗବାନ ହୋଇ ଜନ୍ମ ହୋଇଥିଲେ ମଧ୍ୟ ସେ ଥିଲେ ପରମାତ୍ମା । ଶ୍ରୀକୃଷ୍ଣ ଭୂପୃଷ୍ଠରେ ନଥିବା ଆଜିର କଳିଯୁଗରେ

ସେ ପରମାତ୍ମା ହେଲେ ମଧ୍ୟ ଭଗବାନ ବୋଲି ଆମେ ତାଙ୍କୁ କହି ପାରିବା । ଏହି ଭେଦକୁ ନଜାଣି ଆଜି ବଡ ବଡ ସ୍ୱାମିଜୀମାନେ, ବୋଧକମାନେ ଭଗବାନ ଆଉ ପରମାତ୍ମା ଭିତରେ କିଛି ତଫାତ ନାହିଁ ବୋଲି ଭାବ ନେଇ ରହିଥା'ନ୍ତି । ତେଣୁ ଆପଣ କିଏ ଭଗବାନ, କିଏ ପରମାତ୍ମା କହିବାବେଳେ ତାହା ଶାସ୍ତ୍ରବଦ୍ଧ ବିଚାର ପୂର୍ବକ ଜାଣି, କହିବା ସନ୍ଦର୍ଭରେ କହନ୍ତୁ ।

ଏପର୍ଯ୍ୟନ୍ତ ଶ୍ରୀକୃଷ୍ଣଙ୍କ ଉପରେ ଥିବା ଆମର ଅନ୍ଧବିଶ୍ୱାସକୁ ଦୂରକରି ଭଗବାନ ଶ୍ରୀକୃଷ୍ଣଙ୍କ ବାବଦରେ ଜାଣିବା । ଏପର୍ଯ୍ୟନ୍ତ ଭଗବାନ କହିଥିବା ଜ୍ଞାନ ଜାଣିନଥିବା ଆମେ ସେ ଜଣାଇଥିବା ସାରାଂଶ ବାବଦରେ ଜାଣିବା । ଶ୍ରୀକୃଷ୍ଣଙ୍କ ଉପରେ ଭକ୍ତି ଥିବା ଗୋପୀ, ଗୋପାଳୁଣୀମାନେ ସେଦିନ ନୁହେଁ ଆଜି ମଧ୍ୟ ଅଛନ୍ତି ବୋଲି ପ୍ରମାଣିତ କରିବା । ଶ୍ରୀକୃଷ୍ଣଙ୍କ ଉପରେ ଭକ୍ତିଭାବ ବଢାଇ ଥିବା ଅଜ୍ଞାନତାକୁ ଦୂର କରିବା । ଭୂପୃଷ୍ଠରେ ଶ୍ରୀକୃଷ୍ଣ ଭଗବାନ ବୋଲି ସମସ୍ତଙ୍କୁ ଜଣାଇବା । ସେହି ନେପଥ୍ୟରେ ଗଣେଶପୂଜାକୁ ଛାଡି, ଶ୍ରୀକୃଷ୍ଣାଷ୍ଟମୀ କରିବା, ସମସ୍ତଙ୍କ ଦ୍ୱାରା କରାଇବା । ହିନ୍ଦୁତ୍ୱ ଏକ ମତ ନୁହେଁ ପଥ ବୋଲି ସମସ୍ତଙ୍କୁ ଜଣାଇବା । ଭୂପୃଷ୍ଠର କେହିବି ହେଉ ଦିନେ ଏଇ ପଥରେ ଆସିବାକୁ ହେବ । ଅନ୍ୟ ମତରେ ଯିଏ ଆରାଧ୍ୟ ଅଛନ୍ତି ସେ ମଧ୍ୟ ଆମରି ଏହି ଶ୍ରୀକୃଷ୍ଣ ବୋଲି ସମସ୍ତଙ୍କୁ ଜଣାଇବା । ଅନ୍ୟମାନେ ବଦଳିବାକୁ ହେଲେ ପ୍ରଥମେ ଆମକୁ ବଦଳିବାକୁ ପଡିବ । ଆମେ ବଦଳିଲେ ଆମ ପଥକୁ ଅନ୍ୟମାନେ ଅନୁସରଣ କରିବେ, ତେଣୁ ସର୍ବପ୍ରଥମେ ଆମେ ବଦଳିବା ପାଇଁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀଠାରୁ ଚେଷ୍ଟା କରିବା ।

*****

## ପାରସ ପର୍ବ (କନୁମା) (ସଂକ୍ରାନ୍ତିର ପରଦିନ)

ଏହି ପାରସ ପର୍ବ ସତରେ ଏକ ପର୍ବ ନୁହେଁ । ପର୍ବ ହୋଇନଥିବା ଏହି ପର୍ବଟି ପ୍ରଜାମାନସରେ ପର୍ବ ଅପେକ୍ଷା ପ୍ରାମୁଖ୍ୟତା ବହନ କରି

ରହିଛି । ଏହାକୁ ଅନେକ ଅଞ୍ଚଳରେ ଅନେକ ନାମରେ କହନ୍ତି । ଏହାକୁ କେତେକାଞ୍ଚଳରେ କନୁମା ପର୍ବ କହନ୍ତି । ଏହା ଏକ ପର୍ବ ନହେଲେ ମଧ୍ୟ ଏଥିରେ ବୈଶେଷତା ରହିଛି । ତେଣୁ ଏହାକୁ ସମସ୍ତେ ପ୍ରତ୍ୟେକ ପର୍ବର ପରଦିନ ପାଳନ କରିଥା'ନ୍ତି । ଯୁଗାଦି ହେଉ, ସଂକ୍ରାନ୍ତି ହେଉ, ଦଶରା ହେଉ କେବଳ ଆର୍ଯ୍ୟ ବୈଶ୍ୟମାନଙ୍କ ବ୍ୟତୀତ ସମସ୍ତେ ପର୍ବଦିନଗୁଡିକର ପରଦିନ ଆଚରଣ କରିଥା'ନ୍ତି । ଏହି ଦିନ ସମସ୍ତେ ଅତି ଆନନ୍ଦରେ ମାଂସାହାର କରନ୍ତି । ଅନ୍ୟ ପର୍ବଗୁଡିକୁ ସ୍ତ୍ରୀ ଲୋକମାନେ ଆଶକ୍ତିର ସହିତ କରୁଥିବା ବେଳେ ଏହି ପର୍ବକୁ ପୁରୁଷମାନେ ଅଧିକ ଆଶକ୍ତିର ସହିତ କରିଥା'ନ୍ତି । ପର୍ବଦିନଗୁଡିକରେ ନଥିବା ଖୁସି ପାରସ ପର୍ବରେ ଦେଖାଇଥା'ନ୍ତି । ଏହି ପର୍ବ ପ୍ରଥମେ କିପରି ଆରମ୍ଭହେଲା ସେ ବାବଦରେ ଜାଣିବା ।

ମୁଖ୍ୟତଃ ପର୍ବଗୁଡିକୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ପର୍ବଗୁଡିକ ଯେତେବେଳେ ତିଆରି ହୋଇଥିଲା ସେତେବେଳେ ଏଭଳି ଦୁଇ ପ୍ରକାରର ପର୍ବ ନଥିଲା । ପର୍ବଗୁଡିକ ତିଆରିହେବାର କିଛିକାଳ ପରେ ମାୟାର ପ୍ରଭାବ ପର୍ବଗୁଡିକ ଉପରେ ପଡିବାରୁ, ଆଧ୍ୟାତ୍ମିକ ଅର୍ଥର ସହିତ ରହିଥିବା ପର୍ବଗୁଡିକ ବଦଳିଯାଇ ଦେବତାମାନଙ୍କର ପର୍ବ ହୋଇଯାଇଥିବାରୁ ପର୍ବଗୁଡିକୁ ଦୁଇପ୍ରକାରର କହିବାକୁ ପଡିଛି । ସେହି ଦୁଇ ପ୍ରକାରର ପର୍ବ ଭିତରୁ ଗୋଟିକୁ ମହା ଦେବତାମାନଙ୍କ ପର୍ବ କହିଲେ, ଆଉ ଗୋଟିକୁ କ୍ଷୁଦ୍ରଦେବତା ମାନଙ୍କ ପର୍ବ ବୋଲି କହିପାରିବା । ଏହା ପୂର୍ବରୁ ଆମେ ଆଲୋଚନା କରିଥିବା ପର୍ବଗୁଡିକ ମହାଦେବତାମାନଙ୍କର ପର୍ବ ହୋଇଥିବା ବେଳେ, ଗ୍ରାମଦେବତା ମାନଙ୍କର ପୂଜାକୁ କ୍ଷୁଦ୍ରଦେବତା ପର୍ବ କୁହାଯାଉଛି । କ୍ଷୁଦ୍ରଦେବତା କୁହାଯାଉଥିବା ଗ୍ରାମଦେବତାମାନଙ୍କର ପର୍ବ ଆରାଧନା ନାମରେ ଜନ୍ତୁବଳି ପ୍ରଥା ସହିତ ଆଚରିତ ହୋଇଥାଏ, ସେହି ଦେବତାମାନେ ମଧ୍ୟ ଜନ୍ତୁବଳି ଆଶା କରିଥା'ନ୍ତି । ବଳି ଦିଆଯାଇଥିବା ଜନ୍ତୁଗୁଡିକର ମାଂସକୁ ସମସ୍ତେ ଖାଉଥିବା ବିଷୟ ସମସ୍ତେ ଜାଣନ୍ତି । ବିତିଯାଇଥିବା ତିନି ଯୁଗରେ

ନଥିବା କ୍ଷୁଦ୍ରଦେବତା ମାନଙ୍କର ପୂଜା, ଜନ୍ତୁବଳି ଏଇ କଳିଯୁଗର ଆରମ୍ଭରୁ ସୃଷ୍ଟି ହୋଇଥିଲା । କ୍ଷୁଦ୍ରଦେବତାମାନଙ୍କର ପୂଜା ପ୍ରଥମେ କିପରି ଆରମ୍ଭ ହୋଇଥିଲା ସେ ବିଷୟରେ ମଧ୍ୟ ଟିକିଏ ଜାଣିବା ।

ବିଶ୍ୱ ଜନ୍ମର ସଂକେତ ଭାବରେ ସମସ୍ତେ ପ୍ରଥମେ ଯୁଗାଦି (ସୃଷ୍ଟିର ଆରମ୍ଭ ଦିବସ) ପର୍ବକୁ ପାଳନ କରୁଥିଲେ । ଯୁଗାଦି ପର୍ବ ଚୈତ୍ର ମାସରେ ପଡିଥାଏ ବୋଲି ସମସ୍ତେ ଜାଣନ୍ତି । ସତ୍ୟଯୁଗରେ ଜନସଂଖ୍ୟା ଖୁବ୍ କମ୍ ଥିଲା । ସେ କାଳରେ ଆଜି ଭଳି ସହର ନଥିଲା । ଯାତାୟାତର ସୁବିଧା ମଧ୍ୟ ନଥିଲା । କେଉଁଠି କେଉଁଠି ଛୋଟ ଛୋଟ ଗାଆଁ ଗଢିଉଠିଥିଲା । ଆଜି ଭଳି କଳ କାରଖାନା, ଚାକିରି ସେତେବେଳେ ନଥିଲା । ସମସ୍ତେ ଚାଷକାର୍ଯ୍ୟ କରି ବଞ୍ଚୁଥିଲେ । ଚାଷଭୂମି କମ୍ ଥିଲା, ଜଙ୍ଗଲ ଅଧିକ ଥିଲା । ଜଙ୍ଗଲ ଅଞ୍ଚଳରେ ସବୁପ୍ରକାରର ପଶୁପକ୍ଷୀ ରହୁଥିଲେ । ଖରାଦିନକୁ ଚାଷକାର୍ଯ୍ୟ ଶେଷ ହୋଇଯାଉଥିବା ବେଳେ ସମସ୍ତେ ଖାଲି ଥିବା ସମୟରେ ଏହି ଯୁଗାଦି ପର୍ବ ଆସୁଥିଲା । ଏହି ପର୍ବକୁ ସେତେବେଳେ ପାଳନ କରୁଥିବା ଲୋକମାନେ ପରଦିନ କାର୍ଯ୍ୟ ନଥିବାରୁ ସମସ୍ତେ ମିଶି ମଜାରେ ପାଖରେ ଥିବା ଜଙ୍ଗଲକୁ ପର୍ବପାଳନ ପର ରାତିରେ ଶିକାର କରିବା ପାଇଁ ଯାଉଥିଲେ, ସେହି ରାତିରେ ସମସ୍ତେ ମିଶି ଶିକାର କରୁଥିଲେ, ସେମାନଙ୍କୁ ଶିକାରରୁ ମିଳିଥିବା ହରିଣ, ସମ୍ବର, ବାର୍‌ହା, ଠେକୁଆ ଇତ୍ୟାଦିଙ୍କୁ ଆଣି ପରଦିନ ସକାଳେ କାଟି ମିଳୁଥିବା ମାଂସକୁ ସମସ୍ତେ ବାଣ୍ଟି ନେଇ ଘରେ ରୋଷେଇ କରି ଖାଉଥିଲେ । ସେଥିଲାଗି ଯୁଗାଦି ପର୍ବ ସରିବା ପରେ ପରଦିନଟିକୁ ଶୀକାର ପର୍ବ ବୋଲି ପ୍ରଥମେ କୁହାଯାଇଥିଲା । ଜନ୍ତୁଗୁଡିକ ମଣିଷକୁ ଦେଖି ପଳାଇ ଯାଉଥିବା ବେଳେ ପଛରେ ଗୋଡାଇ ଗୋଡାଇ ଶିକାର କରାଯାଉଥିବାରୁ ସେଦିନକୁ ଆଉଏକ ନାମରେ ମଧ୍ୟ କହୁଥିଲେ । ସେତେବେଳର ଭାଷାରେ ତାହା ପାରୁପେଟା ପର୍ବ ଥିଲା । ସେହି ନାଆଁ ପରେ ପରେ ପାରେଟା ପର୍ବ ନାମରେ କିଛିକାଳ ରହି, ଶେଷରେ ପାରସ ପର୍ବ ହୋଇଯାଇଛି ।

ପାରସପର୍ବ ନାଆଁଟି ଆଜି ରୟାଲସୀମା ଅଂଚଳରେ ଶୁଣାଯାଏ । କେତେକ ଏହାକୁ କନୁମା ପର୍ବ କହନ୍ତି । "ନଲମୁଲ କନୁମୁଲ' ନାମକ ତେଲୁଗୁ ଭାଷା ଅନୁସାରେ କନୁମା କହିଲେ ନଲମଲ ନାମକ ଅରଣ୍ୟରେ ଥିବା ପାହାଡ । ତେଣୁ କନୁମା କହିଲେ ପାହାଡ ବୋଲି ଜଣାଯାଏ । କେତେକ ଯୁଗାଦିପର୍ବର ପରଦିନ ପାଖରେ ଥିବା ଜଙ୍ଗଲ ଭିତରର ପାହାଡକୁ ଯାଇ ଶିକାର କରୁଥିବାରୁ ଏହି ପର୍ବକୁ କନୁମାପର୍ବ କହିଥିଲେ, ତାହା ହିଁ ଆଜି କୁହାଯାଉଛି । ଏହିଭଳି ଯୁଗାଦିର ପରଦିନଟି ପାରସ ପର୍ବରୁ ଆରମ୍ଭ ହୋଇ ଶେଷରେ ଆଜି ସବୁ ପର୍ବର ଶେଷରେ ପାଳିତ ହେଉଥିବା ଜଣାଯାଏ । ପୂର୍ବେ ଜଙ୍ଗଲକୁ ଯାଇ ଶିକାର କରିଆଣି ଖୁସିରେ ପର୍ବପାଳନ କରିବା ଭଳି କରୁଥିବା ବେଳେ, ଆଜି ଗାଆଁରେ ଜନ୍ତୁମାନଙ୍କୁ ବଢାଇ ସେଦିନ ସେଗୁଡିକୁ କାଟି ଖାଉଛନ୍ତି । ସେଦିନ ଭଳି ଆଜି ଜଙ୍ଗଲକୁ ଯିବାକୁ ପଡୁନାହିଁ କି ଜନ୍ତୁ ପଛରେ ଗୋଡାଇ ଶିକାର କରିବାକୁ ପଡୁନାହିଁ । ଟଙ୍କା ଥିଲେ କୌଣସି ଜନ୍ତୁର ମାଂସ ଆଜି ଦୁଆରକୁ ଆସିଯାଉଛି । ଏହିଭଳି ପ୍ରାୟ ଦ୍ୱାପରଯୁଗରୁ ଆରମ୍ଭ ହୋଇ ଏହି ଆଚରଣ ଥିବାବେଳେ, ସେଥିରୁ କଳିଯୁଗରେ ଆଉଏକ ବିଧାନ ଆରମ୍ଭ ହୋଇଛି ।

ସତ୍ୟଯୁଗରେ ନଥିବା ଦେବତାମାନେ ତ୍ରେତାଯୁଗରେ ମଣିଷ ଭିତରେ ସ୍ଥାନ ପାଇଥିଲେ । ଦ୍ୱାପର ଯୁଗର ଶେଷରେ ପର୍ବଗୁଡିକରେ ଥିବା ଆଧ୍ୟାତ୍ମିକ ହଜିଯାଇ, ପର୍ବ କହିଲେ ଦେବତାମାନଙ୍କର ପୂଜା ବୋଲି ସମସ୍ତେ ଭାବିବାକୁ ଲାଗିଲେ । ସେହିଦିନଠାରୁ ପ୍ରତ୍ୟେକ ପର୍ବରେ ଜଣେ ଜଣେ ଦେବତାର ଆରାଧନା କରାଯାଇ ଆସୁଛି । ଦଶହରା କହିଲେ ଦୂର୍ଗାଦେବୀର ପୂଜା, ଶିବରାତ୍ରି କହିଲେ ଶିବ ପାର୍ବତୀଙ୍କ ପୂଜା.. ଏଭଳି ଅନେକ ପର୍ବ ପାଳିତ ହେଉଛି । କଳିଯୁଗ ପ୍ରାରମ୍ଭରେ ଗ୍ରାମଦେବତୀମାନେ ନାନା ନାମରେ ନାନା ଅଞ୍ଚଳରେ ରହିସାରିଛନ୍ତି । ଏହିଭଳି ସମୟ ପୂର୍ବରୁ ଥିବା ପର୍ବଗୁଡିକ ମହାଦେବତା ପର୍ବ ଭାବରେ କୁହାଯାଇ ତା'ପରେ ନୂଆ ତିଆରି ହୋଇଥିବା

ପର୍ବଗୁଡିକ କ୍ଷୁଦ୍ରଦେବତା ପର୍ବ ଭାବରେ କୁହାଯାଉଛି । ଦ୍ୱାପର ଯୁଗର ଅନ୍ତକାଳରେ ଯୁଗାଦି, ଶିବରାତ୍ରି, ଦଶରା, ସଂକ୍ରାନ୍ତି ଇତ୍ୟାଦି ପର୍ବରେ ଏହି ପାରସ ପର୍ବ ମିଶି ରହିଥିଲା । କଳିଯୁଗର ଆରମ୍ଭକାଳକୁ ମାଂସପ୍ରିୟମାନେ ଅଧିକ ହୋଇ ମାଂସ ଭକ୍ଷଣକୁ ପ୍ରାଧାନ୍ୟ ଦେଇ ଅନେକ ପ୍ରକାରର ପର୍ବ ତିଆରି କରିବେ ବୋଲି ଭାବିଲେ । ସେହି ଉଦ୍ଦେଶ୍ୟରେ ଜନ୍ତୁବଳି ଥିବା ପର୍ବଗୁଡିଏ ମଧ୍ୟ ତିଆରି କରିଦେଲେ । ତାହା ହିଁ ଆଜିର କ୍ଷୁଦ୍ରଦେବତା ପୂଜା ବା ପର୍ବ । ସତ୍ୟଯୁଗରେ ଆଧ୍ୟାତ୍ମିକ ଅର୍ଥ ଥିବା ପର୍ବଗୁଡିଏ ସୃଷ୍ଟି ହୋଇଥିବା ସ୍ଥଳେ, ତ୍ରେତାଯୁଗରେ ବଦଳି ଆସି ଦେବତାମାନଙ୍କର ପର୍ବରେ ପରିଣତ ହୋଇ, ଦ୍ୱାପର ଯୁଗର ଅନ୍ତକାଳକୁ ପାରସପର୍ବ ସୃଷ୍ଟି ହେବା ସହିତ ପର୍ବର ଅର୍ଥ ଆଜି ବଦଳିଯାଇଛି । କଳିଯୁଗର ଆରମ୍ଭରେ ଗ୍ରାମଦେବତାମାନେ ଦେଖାଦେଇ ସେମାନଙ୍କ ପର୍ବରେ ମାଂସଭକ୍ଷଣ କରିବା ସହିତ ମଦ୍ୟପିଇବା କାର୍ଯ୍ୟ ମଧ୍ୟ କରିବାକୁ ପଛାଇଲେ ନାହିଁ । ପୂର୍ବେ ଆତ୍ମଜ୍ଞାନରୁ ଆରମ୍ଭ ହୋଇଥିବା ପର୍ବଗୁଡିକ ଆଜି ଅଜ୍ଞାନରେ ପରିଣତ ହୋଇଯାଇଛି । ସମସ୍ତେ ଯାହା କରୁଛନ୍ତି ଆମେ ବି ସେଇ ଭଳି କରିବା ଉଚିତ୍ ଭାବୁଥିବା ଲୋକମାନେ ସମସ୍ତେ କରୁଥିବା ଆଚରଣ କ'ଣ ?, ତାହା କାହିଁକି କରାଯାଏ ? କି ଲାଭ ଅଛି ବିଚାର କରୁନାହାନ୍ତି । ନାନା କ୍ଷେତ୍ରରେ ଆଜି ରହିଥିବା ମେଧାବୀମାନେ ମଧ୍ୟ ଏହି ଏକୈକ ଭକ୍ତି ବିଷୟରେ ଅନ୍ଧବିଶ୍ୱାସକୁ ଗ୍ରହଣ କରୁଛନ୍ତି । ଏମାନଙ୍କୁ ଦେଖି କିଛି ବୁଝିପାରୁନଥିବା ଲୋକମାନେ ସତରେ ଆଜି ଈଶ୍ୱର ନାହାନ୍ତି ବୋଲି ନିର୍ଣ୍ଣୟ ନେଇ ରହିଛନ୍ତି ।

ପ୍ରଥମେ ଆଧ୍ୟାତ୍ମିକରୁ ଆରମ୍ଭ ହୋଇଥିବା ପର୍ବଦିନଗୁଡିକ କାଳକ୍ରମେ ବଦଳି ଭକ୍ତିକୁ ଆସି, ଭକ୍ତିରୁ ମୂଢଭକ୍ତିରେ ପହଂଚି ଶେଷରେ ନାସ୍ତିକ୍ୱତ୍ୱକୁ ଛୁଇଁଲାଣି । ଘରେ ମୋ' ସ୍ତ୍ରୀ ସିନା କରୁଛି ମୋର ସେସବୁରେ ବିଶ୍ୱାସ ନାହିଁ ବୋଲି ଅନେକ ଲୋକ କହିଲେଣି । ମହାପର୍ବରୁ କ୍ଷୁଦ୍ରପର୍ବକୁ ଆସିଥିବା

ଲୋକେ ଏବେ ତାହା ଛାଡିବାକୁ ଇଚ୍ଛାକଲେ ମଧ୍ୟ ଗ୍ରାମଦେବତାମାନେ ସେମାନଙ୍କୁ ଛାଡୁ ନାହାନ୍ତି । ମାଫିଆ ସଂସ୍ଥାରେ ପ୍ରବେଶ କରିଥିବା ଲୋକେ ମଲାଯାଏଁ ସେହି ସଂସ୍ଥାରୁ ବାହାରକୁ ଆସି ପାରନ୍ତି ନାହିଁ । ସେମାନେ ସେଥିରୁ ମୁକୁଳିବାକୁ ଚେଷ୍ଟାକଲେ ମଧ୍ୟ ମାଫିଆ ସଂସ୍ଥାର ଲୋକମାନେ ସେମାନଙ୍କୁ ମୁକୁଳିବାକୁ ଦିଅନ୍ତି ନାହିଁ । ଜବରଦସ୍ତ୍ ଆସିବାକୁ ଚେଷ୍ଟାକଲେ ସଂସ୍ଥାରୁ ବିପଦ ଥାଏ । ସେହିଭଳି ଗ୍ରାମଦେବତାମାନଙ୍କ ଫାନ୍ଦରେ ଯେଉଁମାନେ ପଡିଛନ୍ତି ସେମାନେ ମୁକୁଳିବା ଏତେ ସହଜ ନୁହେଁ । ସେମାନଙ୍କ ପୂଜା ଛାଡି ବାହାରକୁ ଆସିବାକୁ ଚେଷ୍ଟାକଲେ ମଧ୍ୟ ସେମାନେ ଆସିବାକୁ ଦିଅନ୍ତି ନାହିଁ । ଏହିଭଳି ଗ୍ରାମଦେବତାମାନଙ୍କ କବଳରେ କବଳିତ ହେଉଥିବା ଅନେକ ଲୋକଙ୍କୁ ଆମେ ଦେଖିଛୁ । ସଂପୂର୍ଣ୍ଣ ପୋଲିସ୍ କଷ୍ଟଡିରେ ରହିଲେ ମାଫିଆ ସଂସ୍ଥା କିଛି କରି ନପାରିବା ଭଳି, ଆତ୍ମଜ୍ଞାନ ଜାଣିଥିବା ଲୋକମାନଙ୍କର କ୍ଷୁଦ୍ରଦେବତା କିଛି କରିପାରେ ନାହିଁ । ତେଣୁ କେହିବି ହୁଅନ୍ତୁ, କୌଣସି ଦେବତାର ଫାନ୍ଦରେ ପଡିଥାନ୍ତୁ, ଏବେଠାରୁ ଆତ୍ମଜ୍ଞାନ ଜାଣିବାକୁ ଚେଷ୍ଟା କରନ୍ତୁ । ଜ୍ଞାନଜାଣିବା ପରେ କ୍ଷୁଦ୍ରଦେବତାମାନଙ୍କ ପାଖରେ କରୁଥିବା ଭକ୍ତିକୁ ସହଜରେ ଛାଡିଦେଇ ପାରିବେ । ଆତ୍ମଜ୍ଞାନ ନଜାଣି କେହି ମଧ୍ୟ ସେମାନଙ୍କଠାରୁ ମୁକୁଳିପାରିବା ସହଜ ନୁହେଁ । ଯେଉଁମାନେ ଆତ୍ମଜ୍ଞାନ ଜାଣିନଥା'ନ୍ତି ସେମାନଙ୍କୁ ଗ୍ରାମଦେବତାମାନେ କାହିଁକି! ଛୋଟଛୋଟ ଗ୍ରହମାନେ (ଭୂତ, ପ୍ରେତ, ଚଣ୍ଡି, ଝମଣ୍ଡା ଇତ୍ୟାଦି) ମଧ୍ୟ ଅସୁବିଧାରେ ପକାଇ ପାରନ୍ତି, କିନ୍ତୁ ଯେଉଁମାନେ ଆତ୍ମଜ୍ଞାନ ଜାଣିଥା'ନ୍ତି ସେମାନଙ୍କୁ ଗ୍ରାମଦେବତା ହେଉ, ଗ୍ରହମାନେ ହୁଅନ୍ତୁ କି ଚଣ୍ଡି ଝମଣ୍ଡାଦି ହୁଅନ୍ତୁ ଦୂରରୁ ଦେଖି ଭୟକରନ୍ତି, ସମ୍ମାନ ଦିଅନ୍ତି, ଜ୍ଞାନୀ ପାଖରେ ବିନୟ ଭାବ ପ୍ରଦର୍ଶନ କରନ୍ତି । ତେଣୁ ପୂର୍ବେ ଆମ ପୂର୍ବଜମାନେ ଆମକୁ ଆତ୍ମଜ୍ଞାନ ଜଣାଇବା ଉଦ୍ଦେଶ୍ୟରେ ଆମ ମଝିରେ ନାନା ପର୍ବକୁ ରଖିଥିଲେ । ଏବେ ସବୁ ଜାଣି ଅଜ୍ଞାନତାକୁ ଛାଡି, ଅଜ୍ଞାନତାରେ କରିଥିବା ପର୍ବଗୁଡିକର ଆଚରଣରେ ପରିବର୍ତ୍ତନ ଆଣି,ଜ୍ଞାନସମ୍ପନ୍ନ ବାତାବରଣରେ ପର୍ବପାଳନ କରିବା ଉଚିତ୍ ।

ଆମ ଜୀବନରେ ଆତ୍ମଜ୍ଞାନକୁ ମୁଖ୍ୟକରି ଜୀବନ ବଞ୍ଚିବା ଉଚିତ୍ । ତେଣୁ ଆଜିଠାରୁ ଜ୍ଞାନ ଜାଣି ଜ୍ଞାନପଣ୍ଡିତଭାବରେ ତିଆରିହେବାକୁ ପ୍ରଯତ୍ନ କରିବା ।

*****

# ଦୀପାବଳୀ

ସର୍ବ ପ୍ରପଞ୍ଚରେ ଆଜିପର୍ଯ୍ୟନ୍ତ କାହା ଦ୍ୱାରା ଚିହ୍ନିତ ହୋଇ ନଥିବା, କେହି ଜାଣିନଥିବା,କେହି ଠାବ କରିନଥିବା ପାତ୍ର ହେଉଛନ୍ତି ପରମାତ୍ମା । ପରମାତ୍ମାଙ୍କୁ ଈଶ୍ୱର, କୁହାଯାଏ, ପରମେଶ୍ୱର କୁହାଯାଏ, ଅବ୍ୟକ୍ତ ମଧ୍ୟ କୁହାଯାଏ । ଅବ୍ୟକ୍ତ କହିଲେ ଯାହାଙ୍କୁ କେହି ବ୍ୟକ୍ତ କରିପାରେ ନାହିଁ । ତେଣୁ ସେ ସର୍ବଦା ଅନ୍ୱେଷିତ ହୋଇଥାନ୍ତି ସିନା, କାହାକୁ ମିଳନ୍ତି ନାହିଁ, ତାଙ୍କୁ ଦେଖିଥିବା, ତାଙ୍କ ସହିତ କଥା ହୋଇଥିବା, ତାଙ୍କ ନାଆଁ କ'ଣ ଜାଣିଥିବା, ସେ କେଉଁଠି ରହନ୍ତି, କ'ଣ କରନ୍ତି ଜାଣିଥିବା ପାତ୍ର କେହି ନାହାନ୍ତି । ଏଭଳି ପାତ୍ରପାଖରେ ଆମର ବା କଣକାର୍ଯ୍ୟ ବୋଲି ପ୍ରଶ୍ନ ମଧ୍ୟ କରିପାରିବା ନାହିଁ । ଭୂପୃଷ୍ଠରେ ନିବାସ କରୁଥିବା ପ୍ରତ୍ୟେକ ଜୀବରାଶି ପାଇଁ, ମଣିଷ ପାଇଁ ଶକ୍ତି ଆବଶ୍ୟକ । ଶରୀରରେ ଶ୍ୱାସ ନେବାପାଇଁ ଶକ୍ତି ଆବଶ୍ୟକ, ଆହାର ଜୀର୍ଣ୍ଣ ହେବା ପାଇଁ ଶକ୍ତି ଆବଶ୍ୟକ । ଶରୀରର ପ୍ରତ୍ୟେକ ସ୍ପନ୍ଦନପାଇଁ ଶକ୍ତି ଆବଶ୍ୟକ । ଶରୀରରେ ଯେଉଁଠି ଶକ୍ତି ନାହିଁ ସେଠାରେ ବ୍ୟାଧି ସୃଷ୍ଟି ହୋଇଥାଏ । ବ୍ୟାଧିଗ୍ରସ୍ତ ହେବାବେଳେ ସେଠାରେ ଶକ୍ତି ନଥାଏ, ମଣିଷ ବଳହୀନ ହୋଇଯାଏ ବୋଲି ସମସ୍ତେ ଜାଣିଥା'ନ୍ତି ।

ଶରୀରର କୌଣସି ଭାଗରୁ ବ୍ୟାଧି ନିବାରଣ ହେବାକୁ ହେଲେ ଶକ୍ତି ଆବଶ୍ୟକ । ଯେତେବେଳେ ଶକ୍ତି ଥାଏ ସେତେବେଳେ ବ୍ୟାଧି ନଥାଏ । ମଣିଷ ଶରୀରକୁ କେଉଁଠାରୁ ଶକ୍ତି ଆସେ ? ବୋଲି ପ୍ରଶ୍ନକରି ଦେଖିଲେ, ପ୍ରପଞ୍ଚର କୌଣସି ଜୀବରାଶି ହେଉ, ତା' ପାଇଁ ଶକ୍ତି ପ୍ରକୃତିରୁ ଆସିଥାଏ

ବୋଲି କହିପାରିବା । ତେବେ କ'ଣ ପ୍ରକୃତି ଶକ୍ତିର ନିଳୟ ? ବୋଲି ପୁଣି ପ୍ରଶ୍ନକଲେ, ସେ ଶକ୍ତି ପ୍ରକୃତିର ନୁହେଁ ବୋଲି ଜଣାଯାଏ । ପ୍ରତ୍ୟେକ ଜୀବରାଶିର ଶରୀର ପ୍ରକୃତିରୁ ତିଆରି, କିନ୍ତୁ ଶରୀରରେ ଥିବା ଶକ୍ତି ପ୍ରକୃତିର ନୁହେଁ । ଏଠାରେ ଉପରେ ଗୋଟିଏ ବାକ୍ୟରେ ଶକ୍ତି ପ୍ରକୃତିରୁ ଆସିଥାଏ କହି ମିନିଟିଏ ହୋଇନାହିଁ, କଥା ବଦଳାଇ ସେ ଶକ୍ତି ପ୍ରକୃତିର ନାହିଁ କିପରି କହୁଛନ୍ତି ? ବୋଲି କେହି ମଧ୍ୟ ପଚାରି ପାରେ । ସେଥିପାଇଁ ଆମ ଜବାବ କଣନା ! ଶକ୍ତି ପ୍ରକୃତିରୁ ଆସୁଛି ସତକଥା, ହେଲେ ତାହା ତାର ନୁହେଁ । ବାସ୍ତବରେ ଶକ୍ତି ପରମାତ୍ମାଙ୍କର (ଈଶ୍ୱରଙ୍କର) ଏଠାରେ ମୁଖ୍ୟତଃ ଧ୍ୟାନଦେବା ବିଷୟ ହେଉଛି ! ପରମାତ୍ମାଙ୍କର ଆଡ୍ରେସ୍ ନାହିଁ, ସେ କିଏ କେହି ଜାଣନ୍ତି ନାହିଁ । ଶକ୍ତି ତାଙ୍କର ହେଲେ ମଧ୍ୟ ଈଶ୍ୱର କାହାକୁ କେଉଁଠାରେ ଜଣାନପଡି ନିଜର ଶକ୍ତି ପ୍ରକୃତିକୁ ଦେଇଥା'ନ୍ତି, ସେହି ଶକ୍ତିକୁ ପ୍ରକୃତି ଜୀବ ଶରୀରରେ ଦେଇଥାଏ । ଈଶ୍ୱର ବା ପରମାତ୍ମା ନାହାନ୍ତି କହୁଥିବା ଲୋକମାନେ ଶକ୍ତି ପ୍ରକୃତିର ବୋଲି କହିଥା'ନ୍ତି । ଈଶ୍ୱର ଜୀବକୁ ଚିହ୍ନା ନପଡିବା ଯୋଜନାରେ ହିଁ ମଣିଷ ମଝିରେ ପ୍ରକୃତିକୁ ରଖିଛନ୍ତି, ସେ ନିଜେ କିଛି ନକରି ସବୁ ପ୍ରକୃତି ଦ୍ୱାରା କରାଇଥାନ୍ତି, ପ୍ରକୃତିର ପଛରେ ହିଁ ରହିଥାନ୍ତି ସେ । ସେଥିଲାଗି ସେ କାହାକୁ ଜଣାପଡନ୍ତି ନାହିଁ, ଯାହା ଜଣାଯାଇଥାଏ ତାହାସବୁ ପ୍ରକୃତି ।

ସର୍ବପ୍ରପଞ୍ଚ ଶକ୍ତି ଦ୍ୱାରା ଚାଲୁଛି, କିନ୍ତୁ ସେହି ଶକ୍ତି ପରମାତ୍ମାଙ୍କର ବୋଲି କାହାକୁ ଜଣାନାହିଁ । ଶକ୍ତି ସ୍ତ୍ରୀଲିଙ୍ଗ ହୋଇଥିବା ଦେବତାର (ପ୍ରକୃତିର) ଭାବିବା ଭଳି ଆମଠାରେ ଥିବାମାୟା ଆମକୁ ଭ୍ରମିତ କରାଇଥାଏ । ଈଶ୍ୱର ଶକ୍ତିବାନ, ତାଙ୍କୁ ପାଇଥାଏ ପ୍ରକୃତି (ଦେବତା) । ଦୈବ ଶବ୍ଦରୁ ହିଁ ଦେବତା ଶବ୍ଦ ଜନ୍ମହୋଇଛି । ସେହିଭଳି ପ୍ରକୃତି ପରମାତ୍ମାଙ୍କ ସଦୃଶ ଆଉଏକ ଜୋଡିଙ୍କୁ ଦେଖିବା । ଦୀପ ଜଳିଥାଏ ସମସ୍ତେ ଜାଣନ୍ତି । ଯାହା ଆଲୋକ ଦେଇଥାଏ ତାହା ଜଳିଥାଏ, ଏକଥା ମଧ୍ୟ ସମସ୍ତେ କହନ୍ତି । ଯାହା ଆଲୋକ ଦେଇଥାଏ ତାହା ପ୍ରକାଶିତ ହୋଇ, ସେହି ପ୍ରକାଶ ଦ୍ୱାରା

ଅନ୍ୟମାନଙ୍କୁ ଆଲୋକ ଦେଇଥାଏ । ଯେଉଁଠାରେ ଆଲୋକ ଅଛି ସେଠାରେ ଦୀପ ଅଛି ବୋଲି କହିପାରିବା । ଯାହା ଜଳୁଛି ଯଦି ତାହା ଦୀପ ହେଲା ତେବେ କାନ୍ତି (ଆଲୋକ) ପ୍ରଦାନ କରୁଥିବା ଛୋଟ ଗଛକୁ ମଧ୍ୟ ଦୀପ କହିପାରିବା । ଏହିଠାରେ କେତେକଙ୍କଠାରେ ଏକ ସଂଦେହ ଆସି ପଚାରିପାରନ୍ତି ଯେ, ଛୋଟ ଅଗ୍ନିକଣା ମଧ୍ୟ କିଛି ଆଲୋକ ଦେଇଥାଏ ! ତେବେ ଦୀପ ଆଲୋକ ଦେଇଥାଏ କଥାକୁ କଡରେ ରଖି, ଅଗ୍ନି କଣା ମଧ୍ୟ ଆଲୋକ ଦେଇଥାଏ ବୋଲି କାହିଁକି ନ କହିବା ? ଏଥିପାଇଁ ଆମ ସମାଧାନ ହେଉଛି ! ଦୀପ ହେଉ, ଅଗ୍ନିକଣା ହେଉ ଆମକୁ ଆଲୋକ ଦିଏ ସତ ! କିନ୍ତୁ ସେଠାରେ ଆମେ ସୂତ୍ର ଅନୁସାରେ କହିଛୁ କି ଯାହା ଜଳିଥାଏ ତାହା ଦୀପ । ଆଲୋକ ଦୀପର ବୋଲି କେହି ମଧ୍ୟ କହିବା ସାଧାରଣ କଥା । ପ୍ରକୃତିରୁ ଶକ୍ତି ମିଳିଥାଏ ବୋଲି ସମସ୍ତେ ଭାବିଲେ ମଧ୍ୟ, ବାସ୍ତବରେ ଶକ୍ତି ଈଶ୍ୱରଙ୍କଠାରୁ ମିଳିଥାଏ । ସେହିଭଳି ଆଲୋକ ଦୀପରୁ ଆସୁଥିଲେ ମଧ୍ୟ ତାହା ଦୀପର ନୁହେଁ । ଦୀପ ପଛରେ କାହାକୁ ଜଣାନଥିବା ଅଗ୍ନି ରହିଛି । ଅଗ୍ନି ଅଲଗା, ଜଳୁଥିବା ଦୀପ ମଧ୍ୟ ଅଲଗା । ଯାହା ଜଳୁଛି ତାହା ଦୀପ କିମ୍ବା ନିଆଁ କହିବା ଭଳି ଦୀପ ଜଳିବାର କାରଣ ହୋଇ ଯାହା ରହିଛି, ନିଆଁ ଜଳିବାର କାରଣ ହୋଇ ଯାହା ରହିଛି ତାହାକୁ ଅଗ୍ନି କହୁଛୁ । ହେଲେ ନିଆଁକୁ ଅଗ୍ନି କହନ୍ତି କହିଲେ ! ସୂତ୍ର ଅନୁସାରେ ତାହା ଆଲୋକ ଦେଇଥାଏ, ସେଥିଲାଗି ତାହା ଅଗ୍ନି ନୁହେଁ, ତାହାକୁ ଜଳୁଥିବା ଦୀପ କହି ପାରିବା । ଈଶ୍ୱର ସର୍ବତ୍ର ବ୍ୟାପୀରହିଛନ୍ତି, କିନ୍ତୁ ଶକ୍ତି ପ୍ରକୃତି ଦ୍ୱାରା ଆସୁଛି । ସେହିଭଳି ଅଗ୍ନି ସର୍ବତ୍ର ରହିଛି,କିନ୍ତୁ ଆଲୋକ ଦୀପରୁ କିମ୍ବା ଜଳୁଥିବା ନିଆଁରୁ ଆସୁଛି । କାନ୍ତିକିରଣ ଅଗ୍ନିର ହେଲେହେଁ, ତାହା ଦୀପ ଦ୍ୱାରା ଆସିଥାଏ । ଶକ୍ତି ଈଶ୍ୱରଙ୍କର ବୋଲି ଜାଣିଥିଲେ ମଧ୍ୟ, ସେ କାହାକୁ ଜଣାନପଡି ପ୍ରକୃତିକୁ ଯେପରି ନିଜର ଆଗରେ ଠିଆକରିଛନ୍ତି, ସେହିଭଳି ଆଲୋକ ଅଗ୍ନିର ବୋଲି ସମସ୍ତେ ଜାଣିଥିଲେ ମଧ୍ୟ, ଅଗ୍ନି ଦେଖା ନଯାଇ ତା'ର ଆଲୋକକୁ ଆଗରେ

ଠିଆକରିଛି । ଈଶ୍ୱରଙ୍କ ପ୍ରତିବନ୍ଧକ ଭାବରେ ପ୍ରକୃତି ରହିବା ଭଳି, ଅଗ୍ନିର ପ୍ରତିବନ୍ଧକ ଭାବରେ କିଛି ମଧ୍ୟ ରହିପାରେ । ତାହା ଛୋଟ ହୋଇଥିଲେ ଦୀପ ବୋଲି, ବଡ ହୋଇଥିଲେ ନିଆଁ ବୋଲି କହୁଛେ । ଅବ୍ୟକ୍ତ ଶବ୍ଦଟି ଈଶ୍ୱରଙ୍କ ପାଇଁ ସନ୍ଦର୍ଭ ଅନୁସାରେ ସବୁବେଳେ କହୁଥିଲେ ମଧ୍ୟ, ଯେମିତି ସେ କାହାକୁ ଜଣାପଡନ୍ତି ନାହିଁ, ସେହିଭଳି ଅଗ୍ନିକୁ ଆମେ ଦେଖୁଛୁ ଭାବିଲେ ମଧ୍ୟ, ଅଗ୍ନି ନାମକ ଶବ୍ଦ ଆମେ ସବୁବେଳେ ବ୍ୟବହାର କରୁଥିଲେ ମଧ୍ୟ, ବାସ୍ତବରେ ଅଗ୍ନି କ'ଣ କାହାକୁ ଜଣା ନାହିଁ । ଏପର୍ଯ୍ୟନ୍ତ ଈଶ୍ୱର କାହାକୁ ଜଣା ନପଡିବା ଭଳି, ଅଗ୍ନି ମଧ୍ୟ କ'ଣ ଏପର୍ଯ୍ୟନ୍ତ କାହାକୁ ଜଣା ନାହିଁ ।

ଈଶ୍ୱର ସମସ୍ତଙ୍କୁ ସୃଷ୍ଟି କରିଛନ୍ତି, ଶେଷରେ ସମସ୍ତଙ୍କୁ ବିନାଶ କରିଥା'ନ୍ତି କହିଲେ ମଧ୍ୟ, ଏକଥା ବାସ୍ତବ ହେଲେ ମଧ୍ୟ, ସେ କିଏ କାହାକୁ ଜଣା ନଥାଏ । ସମସ୍ତଙ୍କୁ ଜଣାପଡିବା ଭଳି ସମସ୍ତଙ୍କୁ ସୃଷ୍ଟି କରିଥାଏ ପ୍ରକୃତି, ସମସ୍ତଙ୍କୁ ବିନାଶ କରିଥାଏ ପ୍ରକୃତି । ସେହି ନିୟମରେ ଅଗ୍ନି ସବୁକିଛିକୁ ଜଳାଇ ଦେଇଥାଏ, ଆଲୋକ ମଧ୍ୟ ଦେଇଥାଏ ବୋଲି କେହି କହିଲେ ମଧ୍ୟ, ତା'କଥା ସତ୍ୟ ହୋଇଥିଲେ ମଧ୍ୟ, ସେ ଅଗ୍ନି ବାବଦରେ କାହାକୁ ଜଣାନଥାଏ ବୋଲି କହିପାରିବା । ଏଇଠାରେ କିଛିଲୋକ ଆଶ୍ଚର୍ଯ୍ୟ ହୋଇ, ଆମେ ଭୂଲ୍ ବୁଝିଛୁ ନା ଆପଣ ଆମକୁ ଭୂଲ୍ ବାଟରେ ନେଉଛନ୍ତି ? ବୋଲି ପଚାରି ପାରନ୍ତି । ଏଭଳି ପଚାରିବାରେ କିଛି ଭୂଲ୍ ନାହିଁ । ଏହି ପ୍ରଶ୍ନର ସମାଧାନରେ ଆମେ କହିବୁ ଯେ, ଏଭଳି ସନ୍ଦେହ ସମସ୍ତଙ୍କ ମୁଣ୍ଡରେ, ଆମ ମୁଣ୍ଡରେ ମଧ୍ୟ ଆସିଥାଏ । ସତକଥା କହିବାକୁ ମୁଁ ଈଶ୍ୱରଙ୍କ ବାବଦରେ ଅନେକ ସମାଚାର ଆପଣଙ୍କୁ ଯୋଗାଇ ଦେଉଥିଲେ ମଧ୍ୟ ସେ କିଏ ମୋତେ ମଧ୍ୟ ଜଣା ନାହିଁ । ସେହିଭଳି ଗୋଟିଏ ଶାସ୍ତ୍ରର ସୂତ୍ର ଅନୁସାରେ ନକହିଲେ କହୁଥିବା କଥାରେ ଯାହା ବିଶ୍ୱାସ ଆସିଥାଏ ତାହା ଅନ୍ଧ ବିଶ୍ୱାସ ହୋଇଥାଏ । ତା'ନକରି ଯାହା ଜଳୁଛି ତାହା ଦୀପ ନାମକ ସୂତ୍ର ଆଧାରରେ କହିଲେ, ମୁଁ ଏଯାଏଁ ଦୀପ ଦେଖିଛି ସିନା ସତରେ ତାର ଅଗ୍ନିକୁ ଦେଖି ନାହିଁ । ଦିନେ ମୁଁ ମଧ୍ୟ ଅଗ୍ନି

ଦେଖିଛି ବୋଲି, ସଂପୂର୍ଣ୍ଣ ନଜଳି ଲାଲ୍ ରଙ୍ଗର ଦେଖାଯାଉଥିବା କାଠିକୁ ଅଗ୍ନି ଭାବୁଥିଲି, କିନ୍ତୁ ଏବେ, ସେତେବେଳେ ମୋଠାରେ ଯେଉଁ ବିଶ୍ୱାସ ଆସିଥିଲା ତାହା ସତ୍ୟ ନୁହେଁ ଅନ୍ଧବିଶ୍ୱାସ ଥିଲା, ସତରେ ମୁଁ ଅଗ୍ନି ଦେଖିନଥିଲି ବୋଲି ଜାଣିପାରିଛି । ଏଭଳି ଅନେକ ବିଷୟ ଆମକୁ ଜଣାଅଛି ଭାବିଲେ ମଧ୍ୟ ତାହା ଆମକୁ ଜଣାନଥାଏ ବୋଲି ବୁଝିପାରିଲି ।

ଏଇଠାରେ କେତେକ ଏକ ପ୍ରଶ୍ନ ପଚାରିପାରନ୍ତି । ତାହା କ'ଣନା ! ପ୍ରକୃତି ଅଲଗା, ପରମାତ୍ମା ବା ଈଶ୍ୱର ଅଲଗା । ଯାହା ଦେଖାଯାଉଛି ତାହା ପ୍ରକୃତି, ପରମାତ୍ମା ଦେଖାଯାଆନ୍ତି ନାହିଁ ବୋଲି ଆପଣ ଆମକୁ ଅନେକ ଥର କହିଛନ୍ତି ! ଏବେ ପ୍ରକୃତିର ଏକ ଭାଗ ହୋଇଥିବା ଅଗ୍ନି ମଧ୍ୟ ଦେଖାଯାଏ ନାହିଁ କହୁଛନ୍ତି କେମିତି ? ଏହି ପ୍ରଶ୍ନର ସମାଧାନ ଆମ ତରଫରୁ କ'ଣନା ! ପରମାତ୍ମା (ଈଶ୍ୱର) ଦେଖାଯାଆନ୍ତି ନାହିଁ । ସେହିଭଳି ପ୍ରକୃତିର ଆକାଶ, ବାୟୁ, ଅଗ୍ନି ଏହି ତିନି ଭାଗ ମଧ୍ୟ ଆମକୁ ଦେଖାଯାଏ ନାହିଁ । ଆକାଶକୁ, ବାୟୁକୁ କେହି ଦେଖିନାହାନ୍ତି, ସେହିଭଳି ଅଗ୍ନିକୁ ମଧ୍ୟ କେହି ଦେଖି ନାହାନ୍ତି, କିନ୍ତୁ ସମସ୍ତେ ଆମେ ଅଗ୍ନି ଦେଖିଛୁ ଭାବୁଛନ୍ତି । ବାସ୍ତବରେ ଆକାଶ, ବାୟୁ, ଅଗ୍ନିକୁ କେହି ଦେଖିପାରନ୍ତି ନାହିଁ । ଆମକୁ ମାତ୍ର ଦୁଇଟି ପ୍ରକୃତିଭାଗ ଦେଖାଯାଉଛି । ତାହା ହେଉଛି ଜଳ ଆଉ ଭୂମି । ଏକଥା ସେତେବେଳେ କାହିଁକି କହିଲ ନାହିଁ ପଚାରିଲେ ! ଏବେ କହିବା କଥା ମୁଁ ସେତେବେଳେ କେମିତି କହିଥା'ନ୍ତି ? ଏବେ ଦରକାର ପଡୁଛି କହୁଛି, ସେଥିଲାଗି ସେତେବେଳେ କହିନଥିଲି । ଗଛରେ ନୂଆକରି ହୋଇଥିବା ପତ୍ରକୁ ସାଙ୍ଗେ ସାଙ୍ଗେ ଖାଇ ପାରିବା, କିନ୍ତୁ ସେଇ ଗଛର ନୂଆ କଷିଫଳକୁ ଖାଇ ପାରିବା ନାହିଁ । ସେହିଭଳି ଆଧ୍ୟାତ୍ମିକରେ କିଛି ବିଷୟକୁ ସାଙ୍ଗେ ସାଙ୍ଗେ କହିଲେ ବୁଝିହେବ, କିଛି ବିଷୟକୁ କିଛିକାଳ ପରେ କହିଲେ ବୁଝିହେବ । ଆକାଶ, ବାୟୁ ଦେଖାଯାଏ ନାହିଁ କହୁ କହୁ କେହି ମଧ୍ୟ ସାଙ୍ଗେ ସାଙ୍ଗେ ବୁଝିଯିବ । ହେଲେ ତା'ରି ସାଥିରେ ଅଗ୍ନି ମଧ୍ୟ

ଦେଖାଯାଏ ନାହିଁ କହିଦେଲେ ଏକଥା ମିଛ ଲାଗିବ, ସେଥିଲାଗି ଆମେ ମଧ୍ୟ ସେତେବେଳେ ନକହି ଏବେ କହୁଛୁ ।

ଆମକୁ ଜଣା ଅଛି ବୋଲି ଭାବୁଥିବା ଈଶ୍ୱରଙ୍କୁ ହେଉ କିମ୍ବା ଅଗ୍ନିକୁ ହେଉ କେହି ଦେଖି ନାହାନ୍ତି ବୋଲି ସ୍ୱୀକାର ନକରି ରହିହେବ ନାହିଁ । ପ୍ରଥମେ ଈଶ୍ୱରଙ୍କ ବିଷୟକୁ ସମସ୍ତେ ସ୍ୱୀକାର କଲେ ମଧ୍ୟ, ଅଗ୍ନି ବିଷୟକୁ ତୁରନ୍ତ ସ୍ୱୀକାର ନକରି କିଛି ସୂକ୍ଷ୍ମବୁଦ୍ଧିରେ ବିଚାରକଲେ ଶେଷରେ ସ୍ୱୀକାର କରିବାକୁ ପଡିଥାଏ । ଏଠାରେ ଈଶ୍ୱରଙ୍କ ବିଷୟ ପ୍ରଥମ ହୋଇଥିବା ବେଳେ, ଅଗ୍ନି ବିଷୟ ଦ୍ୱିତୀୟ ବିଷୟ ହୋଇ ରହିଛି । ଏଭଳି ଆଉ ଗୋଟିଏ ବିଷୟ ମଧ୍ୟ ଅଛି । ଏହି ତୃତୀୟ ବିଷୟରେ ମଧ୍ୟ ସମସ୍ତେ ଭୁଲ୍ ବୁଝିଛନ୍ତି ବୋଲି କହିପାରିବା । ପ୍ରଥମେ ଈଶ୍ୱରଙ୍କ ବିଷୟରେ ଆମେ ତାଙ୍କୁ ଦେଖିନାହେଁ ବୋଲି କେହି ମଧ୍ୟ ସହଜରେ ସ୍ୱୀକାର କରିପାରିବା । ଦ୍ୱିତୀୟରେ ଅଗ୍ନି ବିଷୟକୁ ସ୍ୱୀକାର କରିବାକୁ କିଛି ସମୟ ଲାଗିବ । ଏବେ ତୃତୀୟ ବିଷୟ ବୁଝିବାକୁ ଅତି..ଅତି.. ଅତି.. ..କଷ୍ଟ ହେବ ବୋଲି କହିପାରିବା । ସେହି ତୃତୀୟ ବିଷୟ କ'ଣ ଏବେ ଦେଖିବା ।

ସୁଖ, ଆନନ୍ଦ ନାମକ ଦୁଇଟି ଶବ୍ଦ ସନ୍ତୋଷ ସମ୍ବନ୍ଧୀୟ ଏକାର୍ଥ ଶବ୍ଦ, କିନ୍ତୁ କହିପାରିବା ସୁଖ ଅଲଗା, ଆନନ୍ଦ ଅଲଗା । ଇନ୍ଦ୍ରିୟଗୁଡିକ ଦ୍ୱାରା ମିଳିଥାଏ ସୁଖ, ମନୋଭାବ ଦ୍ୱାରା ମିଳେ ଆନନ୍ଦ । ଜିଭ ଦ୍ୱାରା କିଛି ଆହାର ଖାଇ କେତେ ସୁଖ ଅନୁଭବ କଲେ ମଧ୍ୟ, ନାକରେ କିଛି ସୁବାସନା ଗ୍ରହଣ କରି ସୁଖ ଅନୁଭବ କଲେ ମଧ୍ୟ, ଆଖିରେ ଗୋଟିଏ ସୁନ୍ଦର ଦୃଶ୍ୟକୁ ଦେଖି ସୁଖ ଅନୁଭବ କଲେ ମଧ୍ୟ ତା ଆଖିରେ ଠୋପାଏ ଲୁହ ଦେଖିବାକୁ ମିଳି ନଥାଏ । ହେଲେ ମନୋଭାବରେ ଅନୁଭବରେ ଆସୁଥିବା ଆନନ୍ଦକୁ ଅନୁଭବ (ପାଇବା) ବେଳେ କାହାର ମଧ୍ୟ ଆଖିରୁ ଲୁହ ଝରିଯାଏ । ଏଇ ଅନୁସାରେ ମନର ଆନନ୍ଦ ଅଲଗା, ଇନ୍ଦ୍ରିୟଗୁଡିକର ସୁଖ

ଅଲଗା ବୋଲି ଜଣାପଡୁଛି । ମଣିଷ ତା'ର ପାଞ୍ଚ ଇନ୍ଦ୍ରିୟ ଦ୍ୱାରା କେତେ ସୁଖ ଅନୁଭବ କଲେ ମଧ୍ୟ ଆଖିରେ ଆନନ୍ଦାଶ୍ରୁ ଆସିନଥାଏ । ସେହିଭଳି ମଣିଷ ତା'ର ଇନ୍ଦ୍ରିୟଗୁଡିକ ଦ୍ୱାରା ଜ୍ଞାନବିଷୟ ଶୁଣିବା ବେଳେ କିମ୍ବା ପଢିବା ବେଳେ ତା'ର ମନୋଭାବରେ ଆନନ୍ଦ ଆସିବା ବେଳେ ଆଖିରୁ ଆନନ୍ଦାଶ୍ରୁ ଝରିଥାଏ । ସିନେମା ଦେଖିବା ବେଳେ କିଛି ଦୁଃଖଦ ବିଷୟ ଆସିଲେ ଦେଖୁଥିବା ଲୋକର ଆଖିରେ ଲୁହ ଆସିଥାଏ । ଏହିଭଳି ମନୋଭାବକୁ ପାଇବା ବେଳେ ଆନନ୍ଦରେ ହେଉ କିମ୍ବା ଦୁଃଖରେ ହେଉ ମଣିଷ ଆଖିରୁ ଲୁହ ଝରିଥାଏ, କିନ୍ତୁ ଇନ୍ଦ୍ରିୟର ଦୁଃଖସୁଖରେ କାହା ଆଖିରୁ ଲୁହ ଝରିନଥାଏ । ଯେତେବେଳେ ମନୋଭାବ ଗ୍ରହଣ କରିଥାଏ ସେତେବେଳେ ଦୁଃଖରେ ହେଉ, ସୁଖରେ ହେଉ ଆଖିରୁ ଲୁହ ଝରିଥାଏ ।

ଏପର୍ଯ୍ୟନ୍ତ ଆଲୋଚିତ ବିଷୟ ବାବଦରେ ସମସ୍ତେ ଜାଣନ୍ତି । ଇନ୍ଦ୍ରିୟର ଦୁଃଖସୁଖ, ମନୋଭାବର ଆନନ୍ଦ ଦୁଃଖ ସମସ୍ତଙ୍କର ଅନୁଭବ ହୋଇଥାଏ, କିନ୍ତୁ ଇନ୍ଦ୍ରିୟଗୁଡିକର ସୁଖ ଆଉ ମନୋଭାବର ଆନନ୍ଦ ଭିତରେ କଣ ପାର୍ଥକ୍ୟ ରହିଛି କାହାକୁ ଜଣା ନଥାଏ ବୋଲି କହି ପାରିବା । ସୁଖ ଏବଂ ଦୁଃଖ ଦୁଇଟିଯାକ ଅନୁଭବ । ହେଲେ ପାଣିମିଶା କ୍ଷୀର, ସ୍ୱଚ୍ଛ କ୍ଷୀର କହିବା ଭଳି ସୁଖ ଆଉ ଆନନ୍ଦ ଭିତରେ ଟିକିଏ ଭିନ୍ନତା ଥାଏ । ଏଇଠାରେ ଗୋଟିଏ ସ୍ୱତନ୍ତ୍ର ବିଷୟ ରହିଛି । ଭୌତିକ ଭାବରୁ ମିଳୁଥିବା ଆନନ୍ଦ ଅପେକ୍ଷା ଅନେକ ଗୁଣରେ ମିଳୁଥିବା ଆନନ୍ଦ ଆଉ ଗୋଟିଏ ଅଛି । ଏହି ସ୍ୱତନ୍ତ୍ର ଆନନ୍ଦ କେବଳ ଜ୍ଞାନ ବିଷୟରୁ ମିଳିଥାଏ । ଜଣେ ଭୌତିକ (ପାର୍ଥୀବ) ଆନନ୍ଦକୁ କେତେ ଅନୁଭବ କରିଥିଲେ ମଧ୍ୟ, ଯଦି ଥରେ ଆତ୍ମାନନ୍ଦ ଭାବ ପାଇବ, ସେ ଆନନ୍ଦ କ'ଣ, ତାହା କେତେ ମହାନ ସେତେବେଳେ ଜାଣିପାରିବ । ଆତ୍ମା ଆନନ୍ଦର ସୀମା ନଥାଏ । ମଣିଷ ଆତ୍ମାନନ୍ଦ ଅନୁଭବ କରୁଥିବା ପର୍ଯ୍ୟନ୍ତ ତା' ଆଖିରୁ ସେମିତି ଲୁହ ଝରୁଥିବ । ଏହିଭଳି ଆନନ୍ଦକୁ ମଣିଷ ତା ଜୀବନରେ ପାଇବା ସାଧାରଣ

କଥା ନୁହେଁ । ଭୌତିକ ବିଷୟରୁ ଆନନ୍ଦ ଭାବ ପାଉଥିଲେ ମଧ୍ୟ, ଭୌତିକ ଆନନ୍ଦ ଅପେକ୍ଷା ଆତ୍ମା ଆନନ୍ଦରେ ଅନେକ ଭିନ୍ନତା ଥାଏ । ଆତ୍ମାନନ୍ଦ ପାଇବାବେଳେ ଜୀବନରେ ଏହି ଅନୁଭବ ମୁଁ କେବେ ପାଇ ନଥିଲି ବୋଲି ଜାଣିପାରେ, ଅକୁହା ତୃପ୍ତି ପାଇଥାଏ । ଏଇଭଳି ଥିବା ଆନନ୍ଦକୁ କୋଟି କୋଟି ଟଙ୍କା ବିନିମୟରେ ମଧ୍ୟ ପାଇପାରିବା ନାହିଁ । ତାହା କ'ଣ ଯିଏ ଅନୁଭବ କରିଥାଏ କେବଳ ତାକୁ ହିଁ ଜଣାଥାଏ ।

ଏଭଳି ଆନନ୍ଦ ତ ଆମକୁ କେତେବେଳେ କେଉଁଠି ମିଳିନାହିଁ ବୋଲି କେହି କହିଲେ, ତାହା କେବଳ ଆତ୍ମଜ୍ଞାନରୁ ମିଳିବ ବୋଲି କହି ପାରିବା । ଏହି କଥା ନେପଥ୍ୟରୁ କେହି ଆଉଏକ ପ୍ରଶ୍ନ ପଚାରି ପାରନ୍ତି । ତାହା ହେଉଛି ! ଆମେ ଅନେକ ଆଧ୍ୟାତ୍ମିକ ଗ୍ରନ୍ଥ ପଢିଛୁ । ଅନେକ ଆଧ୍ୟାତ୍ମିକ ପ୍ରବଚନ ଶୁଣିଛୁ । ନାନା ତୀର୍ଥସ୍ଥାନ ଭ୍ରମଣ କରିଛୁ, ବାବାମାନଙ୍କର, ମହର୍ଷିମାନଙ୍କର ସେବା କରିଛୁ । ଏହା ଦ୍ୱାରା ଆମକୁ କିଛି ଜ୍ଞାନ ଜଣା ଅଛି ବୋଲି ଭାବିବା ପରେ ଆପଣ କହୁଥିବା ଭଳି ଆନନ୍ଦ ତ କାହିଁ କେଉଁଠି ଆମକୁ ମିଳି ନାହିଁ ? ବୋଲି ପଚାରି ପାରନ୍ତି । ତା'ର ସମାଧାନରେ ମୁଁ ପାଣି କଥା କହିଥିବା ବେଳେ ଆପଣ ତେଲରେ ବୁଡିଛନ୍ତି ବୋଲି କହିପାରିବି । ଅନେକ ଲୋକ ବଡ କୁଣ୍ଡରେ ଥିବା ତେଲକୁ ଦେଖି, ସେଥିରେ ପଥରଟିଏ ପକାଇ, ତା'ର ଚହଲିବା ସ୍ଥିତିକୁ ବା ସେଥିରେ ସୃଷ୍ଟି ହେଉଥିବା ତରଙ୍ଗକୁ ଦେଖି ପାଣିରେ ଏଭଳି ତରଙ୍ଗ ସୃଷ୍ଟି ହୋଇଥାଏ ଭାବି ସେଥିରେ ବୁଡି ଭିଜିଛନ୍ତି, ସେମାନେ ଭିଜିଛନ୍ତି ସିନା ସେମାନଙ୍କ ଦେହକୁ ପାଣି ଭିଜାଇ ନାହିଁ, ତେଲ ଭିଜାଇଛି । ତେଣୁ ଆପଣ ପଢିଥିବା ଗ୍ରନ୍ଥ ଆଧ୍ୟାତ୍ମିକ ଗ୍ରନ୍ଥ କି ନୁହେଁ ଦେଖନ୍ତୁ । ସେହିଭଳି ଆପଣ ଯାହା ଶୁଣିଛନ୍ତି ତାହା ଜ୍ଞାନବିଷୟ କି ନୁହେଁ ପରିଶୀଳନ କରନ୍ତୁ । ଆପଣ ଯେଉଁମାନଙ୍କର ସେବା କରିଛନ୍ତି ସେମାନେ ଜ୍ଞାନୀ କି ଜ୍ଞାନୀ ବେଶରେ ଥିବା ଲୋକ ଭଳରେ ଦେଖନ୍ତୁ । ଯଦି ଆତ୍ମାନନ୍ଦ ପାଇନାହାନ୍ତି ତେବେ ତାହା ଆତ୍ମଜ୍ଞାନ ନୁହେଁ ବୋଲି ଜାଣନ୍ତୁ ।

ପ୍ରକୃତ ଆତ୍ମଜ୍ଞାନ ବା ଦୈବଜ୍ଞାନର ଅନ୍ୱେଷଣ କରନ୍ତୁ । ଆପଣ ଶ୍ରଦ୍ଧାର ସହିତ ଖୋଜିଲେ ନିଶ୍ଚୟ ଆତ୍ମଜ୍ଞାନ ପାଇବେ, ଏଥିରେ ସଂଦେହ ନାହିଁ । ଆତ୍ମଜ୍ଞାନ ପାଇଗଲେ ନିଶ୍ଚୟ ଆତ୍ମାନନ୍ଦ ପାଇବେ । ତାହାହିଁ ସବୁଠାରୁ ବଡ ଆନନ୍ଦ, ତାହାକୁ ହିଁ ବ୍ରହ୍ମାନନ୍ଦ କୁହାଯାଏ ।

ଏବେ ଅସଲ ବିଷୟ ଉପରକୁ ଯିବା । ମଣିଷ ସବୁଠାରୁ ବଡ ଆନନ୍ଦ ପାଇବାକୁ  ହେଲେ ଆତ୍ମଜ୍ଞାନ ଜାଣିବା ଦରକାର । ଆତ୍ମଜ୍ଞାନ ଜାଣିବାକୁ ହେଲେ ଗୁରୁ କହୁଥିବା ବେଳେ ଜାଣିପାରିବା । ଆତ୍ମଜ୍ଞାନ  (ଦୈବଜ୍ଞାନ) ଗୁରୁଙ୍କ  ଦ୍ୱାରା  ମିଳିଥାଏ । ଭୌତିକ  ଜଗତରେ ଗୁରୁଙ୍କୁ ଖୋଜିବା ବଡ କଷ୍ଟକର କାର୍ଯ୍ୟ ନୁହେଁ ।  ନାନା ପ୍ରକାରର ଗୁରୁ ନାନା ପ୍ରକାରର ନାମରେ ରହିଥା'ନ୍ତି, ସେମାନଙ୍କ ଭିତରେ କଷାୟବସ୍ତ୍ର ପିନ୍ଧିଥିବା  ଲୋକମାନଙ୍କଠାରୁ ଦିଗମ୍ବରମାନଙ୍କ ପର୍ଯ୍ୟନ୍ତ, ନିଶ, ଦାଢି, କେଶ ବଢାଇ ବୁଲୁଥିବା ଲୋକମାନଙ୍କଠାରୁ ଆରମ୍ଭକରି ଲଣ୍ଡାହୋଇ ବୁଲୁଥିବା  ସନ୍ନ୍ୟାସୀମାନଙ୍କ ପର୍ଯ୍ୟନ୍ତ, ଆଦି ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭକରି ଅଚଳ  ସିଦ୍ଧାନ୍ତିମାନଙ୍କ ପର୍ଯ୍ୟନ୍ତ, କାନରେ ମନ୍ତ୍ର ଫୁଙ୍କୁଥିବା କର୍ଣ୍ଣଗୁରୁଙ୍କଠାରୁ ଆରମ୍ଭ କରି  ନାକ ଉପରେ ଧ୍ୟାନ ଦେଖାଇ ପାରୁଥିବା ମହର୍ଷିମାନଙ୍କ ପର୍ଯ୍ୟନ୍ତ ଗୁରୁମାନେ ଅଛନ୍ତି । ଏତେ  ପ୍ରକାରର ଗୁରୁମାନଙ୍କ  ଭିତରୁ କୌଣସି ଜଣେ ଗୁରୁଙ୍କୁ  ଆଶ୍ରୟକରି  ଆତ୍ମଜ୍ଞାନ ଜାଣିପାରିଲେ ଆତ୍ମାନନ୍ଦ ମିଳିଥାଏ ବୋଲି ଅନେକଲୋକ ଭାବିପାରନ୍ତି, କିନ୍ତୁ ଆମେ କ'ଣ କହୁଛୁ କି! ଗୁରୁ ନାମ ନେଇ ରହିଥିବା ଅନେକ ଲୋକ ଅଛନ୍ତି । ଗୁରୁଙ୍କ ଦ୍ୱାରା ଜ୍ଞାନ, ଜ୍ଞାନ ଦ୍ୱାରା ଆନନ୍ଦ ମିଳିବ ବୋଲି ମଧ୍ୟ କହିଛୁ । ଏମାନଙ୍କ ଭିତରୁ ଯିଏ ଭଲ ବୋଧ କରୁଛନ୍ତି ତାଙ୍କୁ, ନଚେତ ଯାହାର ବଡ ନାଆଁ ଅଛି ତାଙ୍କୁ ଗୁରୁ କହି ଆଶ୍ରୟ କଲେ ଚଳିବ ।   ପାଣି ଭାବି ତେଲକୁଣ୍ଡରେ ଡେଇଁ ଦେହରେ ତେଲର ଅଠା ଲଗାଇବା ଭଳି, ଆପଣ ଯାହାକୁ ଗୁରୁ ଭାବିଛନ୍ତି ସେ ବ୍ୟକ୍ତି ଗୁରୁ କି ଗୁରୁ ନୁହେଁ ପ୍ରଥମେ ଦେଖିବାରେ ଅଛି । ସୂତ୍ର ଅନୁସାରେ ଗୁରୁଙ୍କ ଦ୍ୱାରା ଜ୍ଞାନ

ମିଳିବ । ତେଣୁ ଗୁରୁଙ୍କ ବିଷୟରେ ସତର୍କତା ଅବଲମ୍ବନ କରିବା ଉଚିତ୍ । ଗୁରୁଙ୍କ ବିଷୟରେ ବା କ'ଣ ସତର୍କତା ଅବଲମ୍ବନ କରିବା ! ଗୁରୁ ତ ଗୁରୁ !! ଯେଉଁ ଗୁରୁ କହନ୍ତୁ କ'ଣ ଜ୍ଞାନ କହିବେନି !!! ବୋଲି ଯଦି କିଛିଲୋକ ଭାବନ୍ତି, ତେବେ ଯାହା ଜଳୁଛି ତାହା ହିଁ ଅଗ୍ନି ଭାବିବା ଭଳି ହେବ । ଅଗ୍ନି ବିଷୟରେ ଭୂଲ୍ ବୁଝି ଆମେ ଅଗ୍ନିକୁ ଦେଖିଛୁ ଭାବିବା ଭଳି ଆମେ ଗୁରୁଙ୍କୁ ଦେଖିଛୁ, ଆମର ଗୁରୁ ଅଛନ୍ତି ବୋଲି ଅନେକ ଭାବିଥା'ନ୍ତି । ବାସ୍ତବରେ ଈଶ୍ୱର, ଅଗ୍ନି କାହାକୁ ଜଣା ନପଡିବା ଭଳି, ଗୁରୁ ମଧ୍ୟ କାହାକୁ ଜଣାପଡନ୍ତି ନାହିଁ । ଗୁରୁଙ୍କୁ ଜାଣିପାରିବା ନାହିଁ ବୋଲି କିପରି କହୁଛନ୍ତି ? ଆମ ଗାଆଁରେ ଚାରିଜଣ ଗୁରୁ ଅଛନ୍ତି । ପାଖ ଗାଆଁରେ ଦଶଜଣ ଗୁରୁ ଅଛନ୍ତି ବୋଲି କିଛିଲୋକ କହିପାରନ୍ତି ।

ଜ୍ଞାନ ଯେତେଯେ ବୋଧକଲେ ମଧ୍ୟ ସେ ସମସ୍ତଙ୍କୁ ବୋଧକ କହିପାରିବା ସିନା ଗୁରୁ କହିପାରିବା ନାହିଁ । ଆଜି ଭୂପୃଷ୍ଠରେ କିଏ କ'ଣ ବୋଧକଲେ ମଧ୍ୟ ତା'କୁ ସମସ୍ତେ ଗୁରୁ କହୁଛନ୍ତି । ହେଲେ ସେ କହୁଥିବା କଥା ଆଗରୁ କୁହାଯାଇଛି ବୋଲି, ଯେଉଁ କଥା ଅଛି ସେହି କଥାକୁ କହୁଥିବା ପାତ୍ର ବୋଧକ ହୋଇପାରେ ସିନା, ଗୁରୁ ନୁହେଁ ବୋଲି ଜାଣିବା ଉଚିତ୍ । ଗୁରୁ ଜଣେ ସ୍ୱତନ୍ତ୍ର ପାତ୍ର । ଅମୁକ ବ୍ୟକ୍ତି ଜଣେ ଗୁରୁ ବୋଲି ଚିହ୍ନି ପାରିବା ନାହିଁ । ଜ୍ଞାନ ଯାହା ଦ୍ୱାରା କୁହାଗଲେ ମଧ୍ୟ ସର୍ବପ୍ରଥମେ ଗୁରୁଙ୍କଠାରୁ ଆସିଥାଏ । ଶକ୍ତି ଈଶ୍ୱରଙ୍କର ହେଲେ ମଧ୍ୟ ପ୍ରକୃତିଠାରୁ ଆସିବା ଭଳି, ଆଲୋକ ଅଗ୍ନିର ହେଲେ ମଧ୍ୟ ଦୀପରୁ ଆସିବା ଭଳି, ଜ୍ଞାନ ଗୁରୁଙ୍କର ହେଲେ ମଧ୍ୟ ବୋଧକମାନଙ୍କ ଦ୍ୱାରା କୁହାଯାଇଥାଏ । ସେଥିଲାଗି ଯିଏ ବୋଧ କରୁଛି ସେ ଗୁରୁ ନୁହେଁ ବୋଲି କହୁଛୁ । ଏଇ ହିସାବ ଅନୁସାରେ ଗୁରୁଙ୍କୁ ଚିହ୍ନିବା ମଣିଷ ପକ୍ଷେ ସହଜ ନୁହେଁ । ଗୁରୁ କ୍ୱଚିତ୍ ଭୂପୃଷ୍ଠରେ ମଣିଷଭାବରେ ଆସି ବୋଧ କରିଥା'ନ୍ତି । ଗୁରୁ ଭାବରେ ଆସିଥିବା ମଣିଷକୁ ଚିହ୍ନିବା ସମ୍ଭବ ନୁହେଁ । ଯିଏ ବୋଧ କରୁଛି ସେ ବୋଧକ ନାମକ ସୂତ୍ର ଅନୁସାରେ, ଗୁରୁ

ବୋଧ କରୁଥିବା ବେଳେ ତାଙ୍କୁ ମଧ୍ୟ ବୋଧକ ଭାବରେ ହିସାବ କରିପାରିବା । ସେଥିଲାଗି ଗୁରୁଙ୍କୁ ଭୁପୃଷ୍ଠରେ କେହି ଚିହ୍ନିପାରନ୍ତି ନାହିଁ । ଈଶ୍ୱରଙ୍କ ଜ୍ଞାନ ଗୁରୁଙ୍କ ବ୍ୟତୀତ ଅନ୍ୟ କାହାକୁ ଜଣାନଥାଏ ନାମକ ସୂତ୍ର ମଧ୍ୟ ରହିଛି । ଆଉ ଏକ ସୂତ୍ର ଅନୁସାରେ ଐଶ୍ୱରୀୟ ଜ୍ଞାନ କେବଳ ଈଶ୍ୱରଙ୍କୁ ଜଣା ଥାଏ । ଦୈବ ବା ଈଶ୍ୱର ଏବଂ ଗୁରୁ ଉଭୟ ଜଣେ ବୋଲି ଜାଣିପାରିବା ବେଳେ ଏହି ସୂତ୍ର ଦୁଇଟି କାର୍ଯ୍ୟକରିବ । ଈଶ୍ୱର କେବେ ମଧ୍ୟ ଜଣାପଡନ୍ତି ନାହିଁ । ଗୁରୁଙ୍କୁ ଜାଣିଗଲେ ଈଶ୍ୱରଙ୍କୁ ଜାଣିଯିବା ଭଳି ହୋଇଥାଏ । ସେଥିଲାଗି ଗୁରୁ କାହାକୁ ଜଣାପଡନ୍ତି ନାହିଁ, ଈଶ୍ୱର କାହାକୁ ଜଣାପଡନ୍ତି ନାହିଁ । ଏହି ବିଷୟ ଗୁରୁ ନାମକ ଗ୍ରନ୍ଥରେ ଆଗରୁ ଜଣାଇଛୁ । ଭୂପୃଷ୍ଠରେ ଯଦି କେହି ମୁଁ ଗୁରୁ ବୋଲି କହେ, ବାସ୍ତବରେ ସେ ଗୁରୁ ନୁହେଁ ବୋଧକ । ଏପର୍ଯ୍ୟନ୍ତ ଶକ୍ତି, ଆଲୋକ, ଆନନ୍ଦ କିପରି ମିଳେ ଜାଣିଲେ ।

**୧ - ପରମାତ୍ମା ⟶ ପ୍ରକୃତି ⟶ ଶକ୍ତି × ନଥିଲେ ବ୍ୟାଧି**

**୨ - ଅଗ୍ନି ⟶ ଦୀପ ⟶ ଆଲୋକ × ନଥିଲେ ଅନ୍ଧାର**

**୩ - ଗୁରୁ ⟶ ଜ୍ଞାନ ⟶ ଆନନ୍ଦ × ନଥିଲେ ଦୁଃଖ**

ପୂର୍ବେ ତିନି ଯୁଗରେ ଜଣାପଡିଥିବା ଏହି ତିନି ନିୟମ କଳିଯୁଗ ପ୍ରାରମ୍ଭରେ ଅଜଣା ରହିଯାଇଛି । ଏହି ବିଷୟ ଏଭଳି ଜଣାନଯିବା ଦ୍ୱାରା ଆତ୍ମଜ୍ଞାନରେ ଗ୍ଲାନି ଆସିପାରେ ନାମକ ଉଦ୍ଦେଶ୍ୟରେ ଈଶ୍ୱର ଏବଂ ଗୁରୁ କିଏ ବୋଲି ସମସ୍ତେ ଜାଣି ପାରିବା ଭଳି, ସେହିଭଳି ପ୍ରକୃତି ଏବଂ ଦୈବଜ୍ଞାନକୁ ସମସ୍ତେ ଜାଣି ପାରିବା ଭଳି, ଶକ୍ତି ଆଉ ଆନନ୍ଦ କେଉଁଠାରୁ ଆସିଥାଏ ସମସ୍ତେ ବୁଝିପାରିବା ଭଳି, ଉଦାହରଣ ଭାବରେ ଦୀପଟିଏ ଜାଳି ଦେଖାଇଥିଲେ । ଏହି ବିଷୟ ଜାଣି ପାରିବା ପାଇଁ ସ୍ୱତନ୍ତ୍ର ଭାବରେ ଗୋଟିଏ ବର୍ଷର ଏକ ସ୍ୱତନ୍ତ୍ର ଦିନକୁ ବାଛି, ସେଦିନ ଘରେ ଏବଂ ଘରର ବାହାରେ ଗୋଟିଏ ଗୋଟିଏ ଦୀପ ଜାଳି ତା'ର ବିବରଣ ଜଣାଇଥିଲେ । ସେହି ବିଷୟ

ଜାଣିବା ପରେ ଜାଣିଥିବା ଲୋକମାନେ ନିଜ ନିଜର ଘରେ ଗୋଟିଏ ଦୀପ, ଘରର ବାହାରେ ଗୋଟିଏ ଦୀପ ଜାଳି ପରସ୍ପରକୁ ଦୀପର ଜ୍ଞାନ ବାବଦରେ କହିଥିଲେ । ମଣିଷଠାରୁ ଅଜ୍ଞାନ ଦୂର କରି ଜ୍ଞାନୋଦୟ ହେବା ପାଇଁ ଏହି ପ୍ରକ୍ରିୟାର ସାମର୍ଥ୍ୟ ଥିବାରୁ, ତାହାକୁ ଏକ ପର୍ବ ଭାବରେ ସମାଜରେ ସବୁଦିନ ପାଇଁ ରଖିଥିଲେ । ଅଜ୍ଞାନ ଅନ୍ଧାରର ସଂକେତ, ଜ୍ଞାନ ଆଲୋକର ସଂକେତ, ତେଣୁ ଅନ୍ଧାର ରାତି ହୋଇଥିବା ଅମାବାସ୍ୟା ରାତିରେ ଦୀପ ଜଳାଇ ଏହି ପର୍ବ ପାଳନ କରାଯାଇଥାଏ । ପ୍ରତ୍ୟେକ ବର୍ଷ ଆଶ୍ୱୀନମାସରେ ଆସୁଥିବା ଅମାବାସ୍ୟା ଦିନ ଏହି ପ୍ରକ୍ରିୟାକୁ ଦୀପାବଳୀ ନାମରେ ଆଚରଣ କରାଯାଉଛି ।

ମଣିଷର ଶରୀର ଭିତରେ, ଶରୀର ବାହାରେ ମଧ୍ୟ ଜ୍ଞାନ ଜାଣୁ ବୋଲି ଉଦ୍ଦେଶ୍ୟ ନେଇ, ଶରୀରକୁ ଆମେ ନିବାସ କରୁଥିବା ଗୃହ ଭାବରେ ତୁଳନା କରି, ଘର ଭିତରେ ଦୀପଟିଏ, ଘର ବାହାରେ ଦୀପଟିଏ ଜାଳିବା ପାଇଁ ପୂର୍ବଜମାନେ ବତାଇଥିଲେ । ଜ୍ଞାନର ଉଦ୍ଦେଶ୍ୟକୁ ଜଣାଉଥିବା ରୀତି ଏକ ପର୍ବର ରୂପ ନେଇଥିବାରୁ ପୂର୍ବଜମାନେ ଶିଖାଇଥିବା ଆଚରଣ ଅନୁସାରେ ସମସ୍ତେ ଘର ଭିତରେ ଗୋଟିଏ ଦୀପ, ଘର ବାହାରେ ଗୋଟିଏ ଦୀପ ଜଳାଇଥିଲେ । ଆଜି ସେମାନଙ୍କର ଭାବ ହଜିଯାଇ ଘରକୁ ଅଳଂକୃତ କରିବା ଅଭ୍ୟାସରେ ସମସ୍ତେ ପଡିଯାଇଛନ୍ତି । ଦୀପ ଦ୍ୱାରା ଆଲୋକ ମିଳିଥାଏ, ସେହି ଆଲୋକ ଅଗ୍ନିରୁ ଆସିଥାଏ, ଦୀପ ଜଳିବାର କାରଣ ଅଗ୍ନି, ଅଗ୍ନି ଦୀପର କାରଣ ହୋଇ କାହାକୁ ଜଣାନପଡିବା ଭଳି ରହିଛି, ସେହିଭଳି ଶକ୍ତିର କାରଣ ଈଶ୍ୱରଙ୍କୁ, ଜ୍ଞାନର କାରଣ ଗୁରୁଙ୍କୁ କେହି ଜାଣି ପାରନ୍ତି ନାହିଁ, ଗୋଟିଏ ଦିଗରେ ଗୁରୁଙ୍କୁ, ଅନ୍ୟ ଦିଗରେ ଈଶ୍ୱରଙ୍କୁ ଜଣାଇବା ଉଦ୍ଦେଶ୍ୟରେ ଏହି ଦୀପାବଳୀ ପର୍ବ ଅଛି ବୋଲି କେହି ଜାଣିପାରୁ ନାହାନ୍ତି । ଦୀପ ଦ୍ୱାରା ଆଲୋକ ଆସି ଅନ୍ଧାର ଦୂର ହେବା ଭଳି, ଜ୍ଞାନ ଦ୍ୱାରା ଆନନ୍ଦ ଲାଭ ହୋଇ ଦୁଃଖ ଦୂର ହୋଇଥାଏ । ଏହି ବିଷୟ ସମସ୍ତେ ଜାଣିବା

ଉଦ୍ଦେଶ୍ୟରେ ପୂର୍ବେ ଦୀପାବଳୀ ପର୍ବ ପାଳନ କରାଯାଉଥିଲା ବୋଲି ଭୂଲନ୍ତୁ ନାହିଁ । ହେଲେ ଆଜି ନାଗଲଚତୁର୍ଥୀ, ଗଣେଶଚତୁର୍ଥୀ ବଦଳିଯାଇଥିବା ଭଳି, ଦୀପାବଳୀ ଅମାବାସ୍ୟା ମଧ୍ୟ ପୁରାଣର କଥାଭାବରେ ବଦଳିଯାଇ, ଏହାକୁ ନରକାସୁରର ସଂହାର ଦିନ ଭାବରେ କୁହାଯାଉଛି । ପୂର୍ବେ ଶାନ୍ତିତଃ ଜ୍ଞାନ ଭାବ ନେଇ କରାଯାଉଥିବା ଦୀପାବଳୀ ନରକାଚତୁର୍ଦ୍ଦଶୀ ହୋଇ, ବାଣ ଶବ୍ଦରେ ଆଜି ଶାନ୍ତି ନାହିଁ କି ଜ୍ଞାନଭାବ ନାହିଁ । ଏବେବି ଆମ ପାଖରେ ସମୟ ଅଛି । ଆଜିହିଁ ଶପଥ ନେଇ ଏଭଳି ବିପଜ୍ଜନକ ବାଣ ଫୁଟାଇବା ଛାଡି ଶାନ୍ତଚିତ୍ତରେ, ଅର୍ଥସହିତ ଥିବା ଆଚରଣ କରି ଦୀପାବଳୀ ପର୍ବକୁ ପାଳନ କରିବା ।

*****

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋ 'ର ମାତା କିଏ ତୋତେ ଜଣାପଡିଗଲେ ତୋ'ର ପିତାଙ୍କୁ ଜାଣି ପାରିବୁ, ତୋ'ର ପିତା କିଏ ତୋତେ ଜଣାପଡିଗଲେ ତୋ'ର ଲକ୍ଷ୍ୟ କ'ଣ ଜାଣି ପାରିବୁ ।**

